ଟ.: ୨୪

# ଆମରି ସତ୍ୟ

# AMARI SATYA

ଦ୍ୱାଦଶ ବର୍ଷ, ପଞ୍ଚମ ସଂଖ୍ୟା
ମାସିକ, ନଭେମ୍ବର-୨୦୨୧, ପୃଷ୍ଠା ସଂଖ୍ୟା ୫୨

RNI Regn. No. - ODI/ODI/2010/350521
Postal Regd. No. : PURI-33/2019-21



# ୬୭ ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର




CELEBRATING THE BEST IN MOTION PICTURE
NFA
NATIONAL FILM AWARDS







ପ୍ରତିଷ୍ଠାତା
ଡ. ପ୍ରମୋଦ ଚନ୍ଦ୍ର ଦାଶ
୯୪୩୭୨୮୧୬୫୫

ସଂପାଦକ
ଡ. ପ୍ରସନ୍ନ କୁମାର ଜେନା
୯୮୬୧୦୧୬୩୪୯

ସହଯୋଗୀ ସମ୍ପାଦକଶ୍ରୀ
ସତ୍ୟବାଦୀ ବଳିଆରସିଂହ
୯୨୩୭୦୮୯୫୦୯

ସହ ସମ୍ପାଦକ
ଶ୍ରୀ ତ୍ରିଲୋଚନ ମହାପାତ୍ର
୯୯୩୮୯୯୪୮୨୨ଶ୍ରୀ
ସତ୍ୟନାରାୟଣ ସାମନ୍ତରାୟ
୯୪୩୮୭୩୪୮୧୬
ଡ. ଅଜୟ କୁମାର ସ୍ୱାଇଁ
୯୪୩୭୨୮୧୪୮୨
ଡ. ଭବାନୀ ଶଙ୍କର ଦାଶ
୯୪୩୭୧୩୧୯୯୬

ସଂଯୋଜକ
ଡ. ନିରଞ୍ଜନ ମହାନ୍ତି
୯୪୩୭୧୬୦୩୫୫
ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ
୯୨୩୮୫୯୨୨୭୭

ପରିଚାଳନା ସଂଯୋଜକ
ଶ୍ରୀ ସର୍ବେଶ୍ୱର ମହାପାତ୍ର
୯୯୩୮୪୪୨୪୨୮
ଶ୍ରୀ ସମରଜିତ୍ ପଟ୍ଟନାୟକ
୯୮୬୧୧୨୧୨୦୫
ଶ୍ରୀ ବିଭୁପ୍ରସାଦ ହରିଚନ୍ଦନ
୭୦୭୭୯୮୩୮୪୦
ଡ. ପ୍ରେମଚାନ୍ଦ ମହାନ୍ତି
୯୪୩୭୧୨୭୮୨୦
ଡ. ରଶ୍ମିରଞ୍ଜନ ନାଥ
୯୯୮୬୧୪୭୭୧୯୫

ପ୍ରଚ୍ଛଦ ଓ ଅଙ୍ଗସଜ୍ଜା
ଶ୍ରୀ ରାଜୀବ ରଥ
୭୫୦୪୬୬୯୭୯୨
ଶ୍ରୀ ପ୍ରୀତମ୍ ବଳୀୟାରସିଂହ
୯୯୩୭୫୮୧୩୧୮


# ଆମରି ସତ୍ୟ

# AMARI SATYA


ଭିନ୍ନସ୍ୱାଦର ମାସିକ ପତ୍ରିକା...

ଦ୍ୱାଦଶ ବର୍ଷ - ପଞ୍ଚମ ସଂଖ୍ୟା - ନଭେମ୍ବର, ୨୦୨୧



**ଯୋଗାଯୋଗ:**
**'ଆମରିସତ୍ୟ'**
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର କାର୍ଯ୍ୟାଳୟ-**
**ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମହାପାତ୍ର**
ନିର୍ଦ୍ଦେଶକ,ଆମରିସତ୍ୟ
ଏମ-୫/୨୩,ଆଚାର୍ଯ୍ୟ ବିହାର
ଭୁବନେଶ୍ୱର-୧୩ ଓଡ଼ିଶା
ଫୋନ୍ ନଂ:୯୪୩୮୪୧୬୩୪୭

**ଜଟଣୀ କାର୍ଯ୍ୟାଳୟ -**
**ଶ୍ରୀଯୁକ୍ତ ପଦ୍ମନାଭ ପାଣିଗ୍ରାହୀ**
ବନମାଳୀ କଲୋନୀ,ଜଟଣୀ
ଫୋନ୍ ନଂ:୯୩୩୮୨୨୧୩୭୪


**ଗ୍ରାହକମାନଙ୍କ ପାଇଁ ସୂଚନା**

| | |
|---|---|
| ୧. ପ୍ରତି ଖଣ୍ଡ ଦେୟ | ଟ.୨୫/- |
| ୨. ବାର୍ଷିକ ଦେୟ | ଟ.୨୫୦/- |
| ୩. ୨ବାର୍ଷିକ ଦେୟ | ଟ.୪୫୦/- |
| ୪. ୩ ବାର୍ଷିକଦେୟ | ଟ.୬୫୦/- |
| ୫. ଆଜୀବନ ସଦସ୍ୟ | ଟ.୩୦୦୦/- |

(ଆଜୀବନ ସଦସ୍ୟତା ୧୪ ବର୍ଷ ପାଇଁ )


ପରାମର୍ଶଦାତା ମଣ୍ଡଳୀ
**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପ୍ରାକ୍ତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ
**ଡ. ନାରାୟଣ ରାଓ**
ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
**ଡ. ଅଭୟ କୁମାର ନାୟକ**
କୁଳସଚିବ, ନାଇଜର, ଭୁବନେଶ୍ୱର
**ଡ.ଶରଚ୍ଚନ୍ଦ୍ର ମହାପାତ୍ର**
ପ୍ରାକ୍ତନ ଅଧକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ
**ଡ. ବସନ୍ତ କିଶୋର ସାହୁ**
ଶିଶୁ ସାହିତ୍ୟିକ, ବାଲିଚନ୍ଦ୍ରପୁର
**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା।
**ଶ୍ରୀ ଅନୀଲ କୁମାର ଶତପଥୀ**
ବରିଷ୍ଠ ଆଇନଜୀବୀ ଓ ସମାଜସେବୀ, ଭୁବନେଶ୍ୱର।
**ଡ. ବିଷ୍ଣୁ ଚରଣ ସାହୁ**
ଶିକ୍ଷାବିତ୍ ଓ ସମାଜସେବୀ, ଭୁବନେଶ୍ୱର୍।
**ଡ. ଗୌରୀଶଙ୍କର ପ୍ରହରାଜ**
ଶିକ୍ଷାବିତ୍,ଭୁବନେଶ୍ୱର
**ଶ୍ରୀ ଜବାହରଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା
**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା


ଦେୟ ମନି ଅର୍ଡର, ଡ୍ରାଫଟ୍ କିମ୍ବା ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ପଠାଇବାକୁ ଅନୁରୋଧ। ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ, ଖୋର୍ଦ୍ଧା ଆକାଉଣ୍ଟ ନମ୍ବର ୩୧୦୩୩୯୭୪୨୨୬ | IFSC-SBIN0012027, MICR-752002151


'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ।



**AMARISATYA :** AGENCY FOR MANAGEMENT, ADVOCACY, RESEARCH, IMPLEMENTATION, SERVICES AND TRAINING ON YOUTH AFFAIRS.
website: www.amarisatya.in I Email:amarisatya@gmail.com I amarisatya@rediffmail.com

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସକାଳ ବନ୍ଦନା : ସଂଜ ପ୍ରାର୍ଥନା | ରମେଶ ମଙ୍ଗରାଜ | ୦୨ |
| ୨. | ସମ୍ପାଦକୀୟ | | ୦୩ |
| ୩. | ହିତ ବାଣୀ | | ୦୪ |
| ୪. | ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର | ଆଶିଷ କୁମାର ରାୟ | ୦୫ |
| ୫. | ବିଜ୍ଞାନ ବିଚିତ୍ରା | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୦୭ |
| ୬. | ଆମେ ଶ୍ରାଦ୍ଧ କିପରି କରିବା | ଇଂ. ଯଜ୍ଞ ପ୍ରକାଶ ଦାସ | ୦୯ |
| ୭. | ଅହଂ | ଡଃ.ନାମଯଜ୍ଞ ମିଶ୍ର | ୧୦ |
| ୮. | ବଡ ମଣିଷଙ୍କ ଜୀବନ କଥା (୬) | ଶ୍ରୀ ରବୀନ୍ଦ୍ରନାଥ ପ୍ରଧାନ | ୧୧ |
| ୯. | ଭାଷା ସଂଗମ | | ୧୩ |
| ୧୦. | ଗୋଟେ ସ୍ତ୍ରୀର ସ୍ୱପ୍ନ | ରମାକାନ୍ତ ଦାସ | ୧୪ |
| ୧୧. | ଜୀବନ ଏକ ପରୀକ୍ଷା | ଶରଚ୍ଚନ୍ଦ୍ର ମହାପାତ୍ର | ୧୬ |
| ୧୨. | ଧୂମକେତୁର ଜନ୍ମସ୍ଥାନ | ହିମାଂଶୁ ଶେଖର ଫତେସିଂହ | ୧୮ |
| ୧୩. | ମହାପ୍ରଳୟର ପରଦିନ | ସତ୍ୟନାରାୟଣ (ସତ୍ୟକଣ୍ଠ) | ୧୯ |
| ୧୪. | ପବିତ୍ର ଫଳ ନଡ଼ିଆ | ଗୋବିନ୍ଦ ଚନ୍ଦ୍ର ମହାରଣା | ୨୦ |
| ୧୫. | ସହରିଆଙ୍କ ସ୍ୱାସ୍ଥ୍ୟ ସମସ୍ୟା | ଡକ୍ଟର ମୁରାରି ମୋହନ ଦାଶ | ୨୧ |
| ୧୬. | ଅସହାୟ କୁନିପରୀ | ଡଃ ସ୍ମିତା ମିଶ୍ର | ୨୨ |
| ୧୭. | ପାରିବୁ ନାହିଁରେ ଉଡ଼ି | ସଚ୍ଚି ମହାନ୍ତି | ୨୨ |
| ୧୮. | ସମୁଦ୍ର ଜଳରେ ମାଙ୍କଡ଼ ଓ କୁକୁର | ଅଧ୍ୟାପକ ମନୋଜ ମହାପାତ୍ର | ୨୩ |
| ୧୯. | କିସ କଥା – ବ୍ୟାଙ୍କ୍ କଥା | ଘନ ବିହାରୀ ମହାରଣା | ୨୪ |
| ୨୦. | ଜନ୍ମ ଭୂମିଜୟ ଗୀତ | ବାବାଜୀ ଚରଣ ଜେନା | ୨୫ |
| ୨୧. | ବଡ଼ଙ୍କ ପିଲାଦିନ କଥା କଥାର... | ଯଜ୍ଞଦତ୍ତ ସାମନ୍ତରାୟ | ୨୬ |
| ୨୨. | କଲେ ସିନା ଜାଣିବ ! | ପ୍ରାଧ୍ୟାପକ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର | ୨୮ |
| ୨୩. | ପୂର୍ଣ୍ଣର ମନ୍ଦାକିନୀ | ରଶ୍ମିତା ନାୟକ | ୨୯ |
| ୨୪. | ବରଷା ଭାବନା | ଚପଳା ପଣ୍ଡା | ୨୯ |
| ୨୫. | ଆଦିବାସୀ | ହୃଷୀକେଶ ଜାଲି | ୨୯ |
| ୨୬. | ଅନ୍ଧ ଦୁନିଆ | ଅକ୍ଷୟ ମହାନ୍ତି | ୩୦ |
| ୨୭. | ବନ୍ଦେ ଦେବୀ ମହାଲକ୍ଷ୍ମୀ | ସୌମ୍ୟେନ୍ଦ୍ର ମିଶ୍ର | ୩୦ |
| ୨୮. | ହେ କରୁଣାମୟୀ ଗୋ ମାଆ... | ବାସୁଦେବ ସିଂ | ୩୧ |
| ୨୯. | ଫୁଲ ବଉଳ ବେଣୀ | ବାସନ୍ତୀ ଦେଇ | ୩୧ |
| ୩୦. | ଗୋ ବରଷା ରାଣୀ | ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ | ୩୨ |
| ୩୧. | ଫେରିଯାଅ ବର୍ଷା | ସୁମତି ଦେଇ | ୩୨ |
| ୩୨. | ହେ ଠାକୁରେ ! ସବୁକିଛି.. | ଶାନ୍ତନୁ କୁମାର ଷଡ଼ଙ୍ଗୀ | ୩୩ |
| ୩୩. | ସ୍ୱନାମଧନ୍ୟ, ଶହୀଦ୍ ସୁଖଦେବ | ଶ୍ରୀ ବ୍ରଜ କିଶୋର ଦାସ | ୩୩ |
| ୩୪. | ଉତ୍ତମ ଗୃହିଣୀ | ପଦ୍ମନାଭ ପାଣିଗ୍ରାହୀ | ୩୪ |
| ୩୫. | ଆକବରଙ୍କ ଆହ୍ୱାନ | ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୩୫ |
| ୩୬. | ସ୍ୱଭାବ | ଅଜୟ କୁମାର ସାହୁ | ୩୮ |
| ୩୭. | ଆସ ମଣିଷ ହେବା | ତ୍ରିଲୋଚନ ମହାପାତ୍ର | ୩୯ |
| ୩୮. | ସମ୍ବାଦ ବିଚିତ୍ରା | | ୪୦ |
| ୩୯. | ସାଧାରଣ ଜ୍ଞାନ | | ୪୧-୪୮ |




## ସକାଳ ବନ୍ଦନା : ସଂଜ ପ୍ରାର୍ଥନା

(୬୧)



**ରମେଶ ମଙ୍ଗରାଜ**

ମନ କଥା ତମେ ଜାଣ ଜଗନ୍ନାଥ
ମନୁଆ ଠାକୁର ମୋର
କେଉଁ କଥା ଅବା ଅଜଣା ତମକୁ
ଆହେ କାଳିଆ ଠାକୁର ॥୦॥
ଲଗାମ ନଥିବା ଘୋଡା ଏଇମନ
ସହଜେ ଦିଏନା ଧରା
ଘଡିକେ କରଇ ଓଲଟ ପାଲଟ
ଧରାକୁ ମଣଇ ସରା
ପାଞ୍ଚମନ ସହ ପଚିଶ ପ୍ରକୃତି
କବଳରୁ ରକ୍ଷାକର ॥୧॥
ମନକଥା ତମେ....
ମନ ଆୟତରେ ରହୁନାହିଁ ବୋଲି
ଦେଇଛି ତମରି ହାତେ
ତୁମେ ହିଁ ଭରସା ଆହେ ଚକାଡୋଳା
ଶରଣ ମୁଁ ପାଦ ଗତେ
ଉଡନ୍ତା ମନକୁ ବାନ୍ଧିନେଇ ପ୍ରଭୁ
ଗଜତୁ ଉଦ୍ଧାର କର ॥୨॥
ମନକଥା ତମେ....

**କବି ଓ କବିତା ଭବନ**
**ମହୁଲ, ଅଙ୍ଗାରପଡ଼ା,**
**ମୋ - ୯୧୭୮୬୨୬୨୮୦**



ଯେ କାମନାକୁ ବିନାଶ କରି ମନକୁ ଜିତିଯାଇଛି ଏବଂ ଶାନ୍ତି ଲାଭକରିଛି ତା'ପାଇଁ ସର୍ବତ୍ର ସୁଖ ବିଦ୍ୟମାନ।



# ସମ୍ପାଦକୀୟ....

ଶିକ୍ଷାୟତନଗୁଡ଼ିକ ଦୀର୍ଘଦିନ ବନ୍ଦ ହୋଇଯିବା ପରେ ବିଦ୍ୟାଳୟ ଶିକ୍ଷାବ୍ୟବସ୍ଥାରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା । ଛାତ୍ରଛାତ୍ରୀମାନେ ପ୍ରତ୍ୟକ୍ଷ ଶିକ୍ଷାଦାନରୁ ବଂଚିତ ହୋଇ ଅନ୍‌ଲାଇନ୍ ଶିକ୍ଷା ଉପରେ ନିର୍ଭର କରି ଶିକ୍ଷାର୍ଜ୍ଜନ ଶତପ୍ରତିଶତ ସଫଳ ହୋଇଥିବା କହିବା ବାହୁଲ୍ୟ ହେବ । ବିଭିନ୍ନ କାରଣରୁ ଏହା ସମସ୍ତଙ୍କ ପାଇଁ ସହଜଲବ୍ଧ ନଥିଲା ।

ତତ୍କାଳୀନ କରୋନାର କରୁଣ ଆଘାତ ଛାତ୍ରଛାତ୍ରୀ ତଥା ଅଭିଭାବକଙ୍କ ମାନସିକ ଅବସ୍ଥାକୁ ଦୋହଲାଇ ଦେଇଥିଲା । ସେ ସମୟରେ ଶିକ୍ଷାର୍ଜନ ଲାଗି ଛାତ୍ରଛାତ୍ରୀଙ୍କର ଆଗ୍ରହ ପ୍ରାୟତଃ ନଥିଲା କହିଲେ ଚଳେ । ଅପହଞ୍ଚଇଲାକାର ବହୁ ଛାତ୍ରଛାତ୍ରୀ ମୋବାଇଲ ଧରି ଦୂରପାହାଡ, ଉଚ୍ଚ ବୃକ୍ଷ ଉପରେ ବସି ଶିକ୍ଷାଲାଭପାଇଁ ବିକଳ ପ୍ରଚେଷ୍ଟା କରୁଥିଲେ ।

କରୋନାର ତାଡ଼ନା କମିବା ଫଳରେ ଉଚ୍ଚଶ୍ରେଣୀରେ ପାଠପଢ଼ା ଆରମ୍ଭ ହୋଇଛି । ଛାତ୍ରଛାତ୍ରୀ ସେମାନଙ୍କ ସହପାଠୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ପ୍ରତ୍ୟକ୍ଷ ସଂପର୍କରେ ଆସିଥିବା ଫଳରେ ସେମାନେ ଶାନ୍ତି ଓ ସନ୍ତୋଷ ଲାଭ କରିଛନ୍ତି ଏବଂ ଶିକ୍ଷାୟତନଗୁଡ଼ିକ ହସିଉଠିଛି । ଏପ୍ରକାର ସଂପର୍କର ଡ଼ୋରିରେ ବାଂଧିହୋଇ ଛାତ୍ରଛାତ୍ରୀଙ୍କ ମନରେ ଶିକ୍ଷାଲାଭପାଇଁ ଆଶାର ସୃଷ୍ଟି ହୋଇଛି ଓ ପ୍ରତିଯୋଗିତାମୂଳକ ମନୋବୃତ୍ତିର ପୁନରୁତ୍‌ଥାନ ହୋଇପାରିଛି ।

କରୋନାର ଏବେର ସ୍ୱାଭାବିକ ସ୍ଥିତିରେ ଶିକ୍ଷାର୍ଥୀ, ଶିକ୍ଷକ ଓ ପିତାମାତା ବେପରୁଆ ନହୋଇ ମାକ୍ସ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା ଏବଂ ପରିଷ୍କାର ପରିଚ୍ଛନ୍ନ ରହିବା ଉପରେ ସଚେତନ ରହିବା ଉଚିତ୍ ।

ଶିଶୁ ଆମର ଭବିଷ୍ୟତ । ଶିକ୍ଷା ମାଧମରେ ତା'ର ସର୍ବାଙ୍ଗୀଣ ଉନ୍ନତି, ସ୍ୱାସ୍ଥ୍ୟର ଯତ୍ନ ନେବାପାଇଁ ସଚେତନତା ଅତ୍ୟନ୍ତ ଜରୁରୀ ।

ଡ. ପ୍ରସନ୍ନ କୁମାର ଜେନା



ଯେତେ ପାରିବ ଚୁପ୍ ରୁହ ଏବଂ ଆବଶ୍ୟକ ପଡ଼ିଲେ ସେତିକି କୁହ ଯେତିକିରେ କାମଚଳିବ ।

# ହିତ ବାଣୀ



## ଗୀତା

ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ସ୍ତଥୈବ ଭଜ୍ୟାମ୍ୟହମ୍
ମମ ବର୍ତ୍ମାନୁ ବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ (ଗୀତା-୪/୧୧)

ହେ, ପାର୍ଥ ଯେଉଁମାନେ ଆମ୍ଭକୁ ଯେଉଁ ଭାବରେ ଉପାସନା କରନ୍ତି,ଆମ୍ଭେ ତାଙ୍କୁ ସେହି ଭାବରେ ଅନୁଗ୍ରହ କରିଥାଉ । କାରଣ ମନୁଷ୍ୟମାନେ ଯେ କୌଣସି ପଥ ଅନୁସରଣ କରନ୍ତୁ, ଆମ୍ଭ ମାର୍ଗକୁ ହିଁ ଅନୁସରଣ କରନ୍ତି ।


## ହିତୋପଦେଶ

**ମାତା ଶତ୍ରୁ ପିତା ବେରୀ ଯେନ ବାଲୋ ନ ପାଠିତଃ**
**ନ ଶୋଭତେ ସଭାମଧ୍ୟେ ହଂସମଧ୍ୟେ ବକୋ ଯଥା ।।**

ପିଲାଙ୍କୁ ପାଠ ପଢାଉ ନଥିବା ମାତା ଏବଂ ପିତା ତା'ର ଶତ୍ରୁ ଅଟନ୍ତି । ହଂସମାନଙ୍କ ମଧ୍ୟରେ ବଗ ଭଳି ସେହି ପୁତ୍ର ସଭାରେ ଶୋଭା ପାଏ ନାହିଁ ।

## ଭାଗବତ ବାଣୀ

ମନୁଷ୍ୟ ମଧ୍ୟେ ସାଧୁ ପ୍ରାଣୀ । ମରଣ କାଳେ ତାହା ଜାଣି ।।
ସ୍ୱଧର୍ମେ ଯାର ନିଷ୍ଠା ଥିବ । ସେ ପର ନିନ୍ଦା ନ କରିବ ।।



## ଚାଣକ୍ୟ ଶ୍ଳୋକ

**ଧର୍ମାର୍ଥ କାମ ମୋକ୍ଷାଣାଂ ଯ ସ୍ୟୈ କୋଃପି ନବିଦ୍ୟତେ**
**ଅଜାଗଳ ସ୍ତନସ୍ୟୈବ ତସ୍ୟ ଜନ୍ମ ନିରର୍ଥକମ୍ ।**

ଧର୍ମ,ଅର୍ଥ,କାମ,ମୋକ୍ଷ - ଏହି ଚାରିଗୋଟି ଚତୁର୍ବର୍ଗ ।
ଯେଉଁ ବ୍ୟକ୍ତିର ଏଥିରୁ ଯାହାର ଗୋଟିଏ ନଥାଏ, ତାର ଜନ୍ମ ନିରର୍ଥକ ଯାହା ଛେଳିର ଗଳସ୍ତନ ସଦୃଶ ଯାହା ଛେଳିର କୌଣସି କାମରେ ଆସି ନଥାଏ ।

## ଢଗଢମାଳି

ଅଫୁଲା ବାଉଁଶ
ଫୁଲୁ କାହିଁକି
ଆଉ ଫୁଲିବାକୁ
ଦିନ କାହିଁକି -

## କୁହତ ଦେଖି

ନଈକି ନଯାଇ ନଈପାଣି ଖାଏ
ପଡି ରହିଥାଏ ଢିପରେ
ଲାଙ୍ଗୁଡ ଧଇଲେ କାମୁଡି ଉଠଇ
ଦୁଇଆଖି ତାର ବେକରେ

ଉତ୍ତର - ସଣ୍ଢୁଆସି




ଦୟା, ନମ୍ରତା, ଦୀନତା, କ୍ଷମାଶୀଳ ଏବଂ ସନ୍ତୋଷ ଏହି ଛଅଗୁଣକୁ ଧାରଣକରି ଯେ ଭଗବାନଙ୍କର ଶରଣ ନିଏ, ସେ ନିଶ୍ଚୟ ମୋକ୍ଷ ଲାଭକରେ ।

# ‘ଧ୍ୟାନଚାନ୍ଦ ଖେଳରତ୍ନ’ ପୁରସ୍କାର



**ଆଶିଷ କୁମାର ରାୟ**



ଖେଳରତ୍ନ ପୁରସ୍କାର ହେଉଛି ଆମ ଦେଶରେ କ୍ରୀଡ଼ା କ୍ଷେତ୍ରରେ ପ୍ରଦାନ କରାଯାଉଥିବା ସର୍ବୋଚ୍ଚ ସମ୍ମାନ। ଏହି ପୁରସ୍କାର ପ୍ରଦାନର ପରମ୍ପରା ଆରମ୍ଭ ହୋଇଥିଲା ୧୯୯୨ରୁ।

ସେ ସମୟରୁ ହିଁ ଏହା ‘ରାଜୀବ ଗାନ୍ଧୀ ଖେଳରତ୍ନ ସମ୍ମାନ’ ଭାବେ ପରିଚିତ ଥିଲା। ଭାରତର ମହାନତମ ଚେସ୍ ତାରକା ବିଶ୍ୱନାଥନ ଆନନ୍ଦ ଥିଲେ ଏହି ପୁରସ୍କାରର ପ୍ରଥମ ବିଜେତା। ଏହାପରଠାରୁ କେତେକ ବ୍ୟତିକ୍ରମକୁ ଛାଡ଼ି ପ୍ରତିବର୍ଷ ଦେଶର ପ୍ରମୁଖ ଖେଳାଳିମାନଙ୍କୁ ଏହି ପୁରସ୍କାର ପ୍ରଦାନର ପରମ୍ପରା ଜାରି ରହିଆସିଛି। ପରବର୍ତ୍ତୀ ବର୍ଷମାନଙ୍କରେ ବିଲିୟାର୍ଡସ୍ ଖେଳାଳି ଗୀତ ସେଠୀ, ଭାରୋତ୍ତୋଳିକା କର୍ଣ୍ଣମ ମାଲେଶ୍ୱରୀ ଓ ଏନ. କୁଞ୍ଜୁରାନୀ ଦେବୀ, ଟେନିସ ତାରକା ଲିଆଣ୍ଡର ପେସ୍, କ୍ରିକେଟ ତାରକା ସଚିନ ତେନ୍ଦୁଲକର ଓ ମହେନ୍ଦ୍ର ସିଂହ ଧୋନୀ, ମହିଳା ଆଥ୍‌ଲେଟ୍ ଅଞ୍ଜୁ ବବି ଜର୍ଜ, ହକି ତାରକା ଧନରାଜ ପିଲ୍ଲେ, ବ୍ୟାଡମିଣ୍ଟନ ତାରକା ପୁଲ୍ଲେଲା ଗୋପୀଚାନ୍ଦ, ଶୁଟିଂ ଖେଳର ତାରକା ଅଭିନବ ବିନ୍ଦ୍ରା, ରାଜ୍ୟବର୍ଦ୍ଧନ ସିଂହ ରାଠୋର ଆଦି ଅନେକ ଖେଳାଳି ଦେଶର ଏହି ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ଲାଭ କରିଛନ୍ତି।

ତେବେ କିଛିଦିନ ପୂର୍ବେ ପୁରସ୍କାରର ନାମ ପରିବର୍ତ୍ତନ କରାଯାଇ ଏହାକୁ ‘ମେଜର୍ ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର’ କରିଦିଆଯାଇଛି। କେବଳ ସେତିକି ନୁହେଁ ବର୍ଷ-୨୦୨୧ ପାଇଁ ୧୨ଜଣ କୃତୀ କ୍ରୀଡ଼ାବିତଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇ ଏ ଦିଗରେ ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରାଯାଇଛି। କ୍ରୀଡ଼ାଜଗତରେ ଦେଶର ଗୌରବ ବୃଦ୍ଧି କରିବା ସହିତ ଏ ବର୍ଷ ମେଜର୍ ‘ଧ୍ୟାନଚାନ୍ଦ ଖେଳରତ୍ନ ସମ୍ମାନ’ ହାସଲ କରିଥିବା ଏହି ତାରକା ଖେଳାଳିମାନେ ହେଲେ - ନୀରଜ ଚୋପ୍ରା, ରବି କୁମାର ଦହିୟା, ଲଭଲିନା ବରଗୋହାଇଁ, ପି.ଆର. ଶ୍ରୀଜେଶ, ମନପ୍ରୀତ ସିଂହ, ଅବନୀ ଲେଖାରା, ସୁମିତ ଅନ୍ତିଲ୍, ପ୍ରମୋଦ ଭଗତ, କ୍ରିଷ୍ଣା ନାଗର, ମନୀଷ ନରୱାଲ, ମିତାଲୀ ରାଜ ଓ ସୁନିଲ ଛେତ୍ରୀ। ଏମାନଙ୍କ ମଧ୍ୟରୁ ପ୍ରଥମ ପାଞ୍ଚଜଣ ତାରକାଙ୍କୁ ଟୋକିଓ ଅଲିମ୍ପିକ୍‌ରେ ସେମାନଙ୍କର ଚମତ୍କାର ପ୍ରଦର୍ଶନ ଯୋଗୁଁ ଖେଳରତ୍ନ ପୁରସ୍କାର ମିଳିଥିବା ବେଳେ ପରବର୍ତ୍ତୀ ପାଞ୍ଚଜଣଙ୍କୁ ପାରା ଅଲିମ୍ପିକ୍‌ରେ ସ୍ୱର୍ଣ୍ଣିମ ସଫଳତାର ସ୍ୱୀକୃତି ସ୍ୱରୂପ ଅନୁରୂପ ସମ୍ମାନ ମିଳିଛି। ଏମାନଙ୍କ ବ୍ୟତୀତ ମହିଳା କ୍ରିକେଟ ତାରକା ମିତାଲୀ ରାଜ ଓ ଫୁଟବଲ ତାରକା ସୁନିଲ ଛେତ୍ରୀଙ୍କୁ ମଧ୍ୟ ସେମାନଙ୍କ କୃତିତ୍ୱର ସମ୍ମାନ ମିଳିଛି।

କେତୋଟି ଅବସରକୁ ବାଦଦେଲେ ପ୍ରତିବର୍ଷ ଖେଳରତ୍ନ ସମ୍ମାନ ଜଣେ ବା ଦୁଇଜଣ କ୍ରୀଡ଼ାବିତଙ୍କୁ ପ୍ରଦାନ କରାଯାଉଥିଲା। ତେବେ ୨୦୦୯ରେ ତିନିଜଣ ଖେଳାଳି, ଯଥା- ମହିଳା ବକ୍ସିଂର ବିଶ୍ୱ ଚାମ୍ପିଆନ ଏମ.ସି. ମେରୀକମ ତଥା ବେଜିଂ ଅଲିମ୍ପିକ୍‌ର ବ୍ରୋଞ୍ଜ ପଦକ ବିଜେତା ବିଜେନ୍ଦର ସିଂହ ଓ ସୁଶୀଲ କୁମାରଙ୍କୁ ଏହା ପ୍ରଦାନ କରାଯାଇଥିଲା। ସେହିଭଳି ୨୦୧୬ରେ ବ୍ୟାଡମିଣ୍ଟନ ତାରକା ପି. ଭି. ସିନ୍ଧୁ, ମହିଳା କୁସ୍ତି ତାରକା ସାକ୍ଷୀ ମଲ୍ଲିକ, ଜିମନାଷ୍ଟ ଦୀପା କର୍ମକାର ତଥା ପିସ୍ତଲ ଶୁଟର୍ ଜିତୁ ରାୟ, ଏହିଭଳି ଚାରିଜଣ ତାରକାଙ୍କୁ ମିଳିଥିଲା ଖେଳରତ୍ନ ପୁରସ୍କାର। ତେବେ ଗତବର୍ଷ ୫ଜଣଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବା ଫଳରେ ସେହି ରେକର୍ଡ ଭଙ୍ଗ ହେଲା। ଗତବର୍ଷ ଖେଳରତ୍ନ ସମ୍ମାନ ହାସଲ କରିଥିବା କ୍ରୀଡ଼ାବିତମାନେ ହେଲେ - କ୍ରିକେଟ ତାରକା ରୋହିତ ଶର୍ମା, ମହିଳା ହକି ଦଳର ଅଧିନାୟିକା ରାନୀ ରାମପାଲ, ମହିଳା କୁସ୍ତିବିଦ୍ ବିନେଶ ଫୋଗାଟ୍, ମହିଳା ଟେବୁଲ ଟେନିସ ଖେଳାଳି ମୋନିକା ବାତ୍ରା ଓ ଦିବ୍ୟାଙ୍ଗ ଆଥ୍‌ଲେଟ୍ ମରିୟପ୍ପନ୍ ଥାଙ୍ଗାଭେଲୁ।

ଗତବର୍ଷ ପୁରସ୍କାର ରାଶିର ପରିମାଣ ୨୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା ପରେ ଏବର୍ଷ ପୁରସ୍କାରର ନାମ ପରିବର୍ତ୍ତନ ସହିତ ଏକାସାଙ୍ଗେ ଦେଶର ୧୨ଜଣ ପ୍ରସିଦ୍ଧ କ୍ରୀଡ଼ା ତାରକାଙ୍କୁ ‘ମେଜର୍ ଧ୍ୟାନଚାନ୍ଦ ଖେଳରତ୍ନ ସମ୍ମାନ’

ପ୍ରଦାନ କରାଯିବା ନିଶ୍ଚିତ ଭାବେ ଏକ ଉଲ୍ଲେଖନୀୟ ପଦକ୍ଷେପ। ଏହି ୧୨ଜଣ ତାରକାଙ୍କ ସୂଚୀରେ ସର୍ବପ୍ରଥମେ ଯାହାଙ୍କର ନାମ ରହିଛି, ସେ ହେଉଛନ୍ତି ନୀରଜ ଚୋପ୍ରା। ଟୋକିଓ ଅଲିମ୍ପିକ୍‌ର ଜାଭଲିନ୍ ଥ୍ରୋ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତି ଦେଶର କୋଣ ଅନୁକୋଣରେ ପରିଚିତ ହୋଇସାରିଥିବା ନୀରଜଙ୍କୁ ଏଥର ଖେଳରତ୍ନ ପୁରସ୍କାର ମିଳିବାଟା ନିଶ୍ଚିତ ଥିଲା। ଅଲିମ୍ପିକ୍‌ରେ ଏହା ଥିଲା ଭାରତର ଦ୍ୱିତୀୟ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ। ଏଥିସହିତ ୧୨୧ବର୍ଷ ପରେ ଅଲିମ୍ପିକ୍ ଆଥଲେଟିକ୍ସ ପ୍ରତିଯୋଗିତାରେ ନୀରଜ ଭାରତ ପାଇଁ ପଦକ ଜିତିବାର ଗୌରବ ମଧ୍ୟ ହାସଲ କରିଥିଲେ।



ଏ ବର୍ଷ ଖେଳାଯାଇଥିବା ଟୋକିଓ ଅଲିମ୍ପିକ୍‌ରେ ରୌପ୍ୟ ପଦକ ଜିଣିଥିବା କୁସ୍ତିବୀର ରବି କୁମାର ଦହିୟା ଏବଂ ବ୍ରୋଞ୍ଜ ପଦକ ଲାଭ କରିଥିବା ମହିଳା ବକ୍ସର ଲଭଲିନା ବରଗୋହାଇଁଙ୍କୁ ମଧ୍ୟ ନିଜ ନିଜ ସଫଳତାର ପୁରସ୍କାର ସ୍ୱରୂପ 'ଧ୍ୟାନଚାନ୍ଦ ଖେଳରତ୍ନ ସମ୍ମାନ' ମିଳିଛି। ରବି ଦହିୟା ଫ୍ରି-ଷ୍ଟାଇଲ୍ କୁସ୍ତିର ୫୭ କି.ଗ୍ରା. ବିଭାଗର ଫାଇନାଲକୁ ଉନ୍ନୀତ ହୋଇ ଅଲିମ୍ପିକ୍‌ରେ ଦେଶ ପାଇଁ ରୌପ୍ୟ ପଦକ ହାସଲ କରିଥିବା ବେଳେ ଲଭଲିନା ମହିଳା ବକ୍ସିଂର ୬୯ କି.ଗ୍ରା. ୱେଲଟରୱେଟ୍ ବିଭାଗର ସେମି ଫାଇନାଲରେ ପହଞ୍ଚି ବ୍ରୋଞ୍ଜ ପଦକ ନିଶ୍ଚିତ କରିଥିଲେ। ଟୋକିଓ ଅଲିମ୍ପିକ୍‌ର ମହିଳା ଭାରୋତ୍ତୋଳନରେ ରୌପ୍ୟ ତଥା ମହିଳା ବ୍ୟାଡମିଣ୍ଟନରେ ବ୍ରୋଞ୍ଜ ଜିତିଥିବା ଦୁଇ ତାରକା ମୀରାବାଈ ଚାନୁ ଓ ପି.ଭି. ସିନ୍ଧୁ ପୂର୍ବରୁ ଖେଳରତ୍ନ ପୁରସ୍କାର ହାସଲ କରିନେଇଥିବା ଦୃଷ୍ଟିରୁ ଏଥର ସେମାନଙ୍କ ନାମ ବିଚାରକୁ ନିଆଯାଇନାହିଁ। ତେବେ ଦୀର୍ଘ ୪୧ବର୍ଷ ପରେ ଅଲିମ୍ପିକ୍ ହକିରେ ପଦକ ହାସଲ କରିଥିବା ଦଳର ଦୁଇ ପ୍ରମୁଖ ସଦସ୍ୟ ପି.ଆର. ଶ୍ରୀଜେଶ ତଥା ମନପ୍ରୀତ ସିଂହଙ୍କୁ ମଧ୍ୟ ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ନିମନ୍ତେ ଚୟନ କରାଯିବା ଏକ ସଠିକ ପଦକ୍ଷେପ ନିଶ୍ଚୟ। ଶ୍ରୀଜେଶ ଭାରତୀୟ ହକି ଦଳର ଗୋଲରକ୍ଷକ ଭାବେ ପ୍ରତିପକ୍ଷର ଅନେକ ଆକ୍ରମଣକୁ ବ୍ୟର୍ଥ କରି ଦେଶପାଇଁ ବିଜୟ ଆଣିଦେଇଥିବା ବେଳେ ଏ ସମସ୍ତ ବିଜୟରେ ଅଧିନାୟକ ମନପ୍ରୀତ ସିଂହଙ୍କ ଭୂମିକା ମଧ୍ୟ କିଛି କମ ନୁହେଁ।

ନିକଟରେ ଟୋକିଓରେ ଆୟୋଜିତ ପାରା ଅଲିମ୍ପିକ୍ ପ୍ରତିଯୋଗିତାରେ ଭାରତକୁ ମିଳିଥିଲା ଏହାର ଶ୍ରେଷ୍ଠ ସଫଳତା ଏବଂ ଆମ ଦେଶର ଦିବ୍ୟାଙ୍ଗ କ୍ରୀଡ଼ାବିତମାନେ ସେଠାରେ ୫ଟି ସ୍ୱର୍ଣ୍ଣ ପଦକ ଜିଣି ନେଇଥିଲେ। ପାରା ଅଲିମ୍ପିକ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ୫ଜଣଯାକ ଦିବ୍ୟାଙ୍ଗ ତାରକାଙ୍କୁ ଭାରତ ସରକାରଙ୍କ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ 'ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାରରେ' ସମ୍ମାନିତ କରାଯାଇଛି। ହ୍ୱିଲ୍‌ଚେୟାର ସାହାଯ୍ୟରେ ଚଳପ୍ରଚଳ ହେଉଥିବା ଅବନୀ ଲେଖାରା ଟୋକିଓଠାରେ ମହିଳା ରାଇଫଲ୍ ଶୁଟିଂରେ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ପଦକ ଜିତିଥିବା ବେଳେ ପୁରୁଷ ପିସ୍ତଲ୍ ଶୁଟିଂରେ ମନୀଷ ନରୱାଲ୍ ଜିଣିଛନ୍ତି ସ୍ୱର୍ଣ୍ଣ ପଦକ। ଖେଳରତ୍ନ ପୁରସ୍କାର ପାଇଥିବା ଏହି ଦୁଇ ଦିବ୍ୟାଙ୍ଗ ଶୁଟର ଅବନୀ ଓ ମନୀଷଙ୍କ ବୟସ ହେଉଛି ମାତ୍ର ୧୯ବର୍ଷ। ସେହିଭଳି ଭାରତର ଭିନ୍ନକ୍ଷମ ଆଥଲେଟ୍ ସୁମିତ ଅନ୍ତିଲ୍ ଟୋକିଓ ପାରା ଅଲିମ୍ପିକ୍‌ର ପୁରୁଷ ଏଫ୍-୬୪ ବିଭାଗ ଜାଭଲିନ୍ ଥ୍ରୋରେ ବିଶ୍ୱ ରେକର୍ଡ ସ୍ଥାପନ ସହିତ ସ୍ୱର୍ଣ୍ଣ ପଦକ ଜିତି ଏବେ ଖେଳରତ୍ନ ପୁରସ୍କାରର ଅଧିକାରୀ ହୋଇଛନ୍ତି।

ଟୋକିଓ ପାରା ଅଲିମ୍ପିକ୍-୨୦୨୧ର ବ୍ୟାଡମିଣ୍ଟନ୍ ପ୍ରତିଯୋଗିତାରେ ଭାରତର ଦୁଇଜଣ ଖେଳାଳି ସ୍ୱର୍ଣ୍ଣପଦକର ଅଧିକାରୀ ହୋଇଥିଲେ। ଏସ.ଏଲ.-୩ ବିଭାଗରେ ପ୍ରମୋଦ ଭଗତ ଏବଂ ବାମନମାନଙ୍କ ପାଇଁ ଉଦ୍ଦିଷ୍ଟ ଏସ.ଏଚ.-୬ ବିଭାଗରେ କ୍ରିଷ୍ଣା ନାଗରଙ୍କୁ ମିଳିଥିଲା ଏହି ଅବିସ୍ମରଣୀୟ ସଫଳତା। ଏହି ଦୁଇ ଦିବ୍ୟାଙ୍ଗ ତାରକାଙ୍କୁ ମଧ୍ୟ ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପ୍ରଦାନ ପୂର୍ବକ ସେମାନଙ୍କ ପ୍ରତିଭାକୁ ସମ୍ମାନିତ କରାଯାଇଛି। ଖେଳରତ୍ନ ଭଳି ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ପ୍ରାପ୍ତ କରିବା ଦିଗରେ ପ୍ରମୋଦ ଭଗତ ମଧ୍ୟ ଓଡ଼ିଶାର ପ୍ରଥମ ଖେଳାଳି ହେବାର ଗୌରବ ହାସଲ କରିଛନ୍ତି।

ପରିଶେଷରେ ଆସନ୍ତୁ ନଜର ପକାଇବା ଏଥର ଖେଳରତ୍ନ ସମ୍ମାନ ପ୍ରାପ୍ତ କରିଥିବା ଦେଶର ଅନ୍ୟ ଦୁଇଜଣ ପ୍ରସିଦ୍ଧ ତାରକାଙ୍କ ଉପରେ। ଜଣେ ହେଉଛନ୍ତି ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟିକା ମିତାଲୀ ରାଜ ଓ ଅନ୍ୟଜଣେ ହେଉଛନ୍ତି ଭାରତୀୟ ପୁରୁଷ ଫୁଟବଲ ଦଳର ଅଧିନାୟକ ସୁନୀଲ ଛେତ୍ରୀ। ଆନ୍ତର୍ଜାତିକ ସ୍ତରରେ ଦୀର୍ଘ ୨୨ବର୍ଷ ଧରି ସକ୍ରିୟ ରହିଥିବା ମିତାଲୀ ରାଜ କ୍ରିକେଟର ତିନିଟିଯାକ ଶୈଳୀକୁ ମିଶାଇ ମୋଟ ଦଶ ହଜାରରୁ ଉର୍ଦ୍ଧ୍ୱ ରନ କରିବା ଦିଗରେ ସମର୍ଥ ହୋଇଛନ୍ତି। ମିତାଲୀଙ୍କ ନେତୃତ୍ୱରେ ଭାରତ ମହିଳା ବିଶ୍ୱକପ୍‌ରେ ରନର୍ସ ଅପ୍ ମଧ୍ୟ ହୋଇପାରିଛି। ସେହିଭଳି ସୁନୀଲ ଛେତ୍ରୀ ମଧ୍ୟ ୨୦୦୫ରୁ ଏପର୍ଯ୍ୟନ୍ତ ଦେଶପାଇଁ ୧୨୫ଟି ଆନ୍ତର୍ଜାତିକ ମ୍ୟାଚ ଖେଳି ସର୍ବାଧିକ ୮୦ଟି ଗୋଲ ସ୍କୋର କରିଛନ୍ତି। ଏହି ନିକଟରେ ତାଙ୍କରି ନେତୃତ୍ୱରେ ଭାରତ ସାଫ୍ କପ୍‌ରେ ଚାମ୍ପିଆନ୍ ହୋଇପାରିଛି। ଖେଳରତ୍ନ ଭଳି ଭାରତର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ହାସଲ କରିବା ଦିଗରେ ସୁନୀଲ ଛେତ୍ରୀ ପ୍ରଥମ ଫୁଟବଲ ତାରକା ହେବାର ଗୌରବ ଲାଭ କରିଥିବା ବେଳେ ସଚିନ ତେନ୍ଦୁଲକର, ମହେନ୍ଦ୍ର ସିଂହ ଧୋନୀ, ବିରାଟ କୋହଲୀ ଓ ରୋହିତ ଶର୍ମାଙ୍କ ପଛକୁ ମିତାଲୀ ରାଜ ହେଉଛନ୍ତି ପଞ୍ଚମ କ୍ରିକେଟର।


ମୋ-୯୪୩୭୬୨୭୫୧୪

# ବିଜ୍ଞାନ ବିଚିତ୍ର

ଡକ୍ଟର ପ୍ରେମଚାନ୍ଦ ମହାନ୍ତି



**ଏକ ଶଲ୍ୟ ଚିକିତ୍ସା ପାଇଁ ଶିଶୁଟିର ହୃତପିଣ୍ଡକୁ ୧୫ ଘଂଟାପାଇଁ ବନ୍ଦ କରି ଦିଆଗଲା:**




ଲଣ୍ଡନର ଏକ ଡାକ୍ତରଖାନାକୁ ୯ ମାସର ଏକ ଶିଶୁ ଚିକିତ୍ସାପାଇଁ ଆସିଥିଲା ଯାହାର ହୃତପିଣ୍ଡରେ ଏକ ବଡ ଛିଦ୍ର ଥିଲା ଏବଂ ଅପରେସନ ନିହାତି ଜରୁରୀ ହେତୁ ହୃତପିଣ୍ଡକୁ ଦୀର୍ଘ ୧୫ ଘଂଟାପାଇଁ ବନ୍ଦ ରଖିବାକୁ ଦରକାର ପଡିଲା। ଏହି ଶିଶୁଟିର ନାମ ଥିଲା ନାଥନ୍ ବାଇର୍ନ। ପ୍ରଥମେ ଡାକ୍ତର ଅପରେସନକୁ ୭ ଘଂଟା ଲାଗିପାରେ ବୋଲି କହିଥିଲେ କିନ୍ତୁ ଅବସ୍ଥା ଜଟିଳ ହେବାରୁ ଏହାକୁ ୧୫ ଘଂଟା ଲାଗିଗଲା। ଏହି ସମୟ ମଧ୍ୟରେ ଶିଶୁଟିକୁ ଏକ ଲାଇଫ୍ ସପୋର୍ଟିଙ୍ଗ୍ ଡିଭାଇସ୍ ସହ ସଂଯୁକ୍ତ କରି ରଖାହୋଇଥିଲା। ଶିଶୁଟିର ଏହି ଅବସ୍ଥାକୁ Tetralogy of fallot ବୋଲି କୁହାଯାଏ। ଏଥିଯୋଗୁ ପଲମୋନାରୀ ଆର୍ଟେରିର ଆକାର କମି କମି ଯାଏ। ଆଶ୍ଚର୍ଯ୍ୟର କଥା ଏହି ୧୫ ଘଂଟା ଧରି ହୃତପିଣ୍ଡ ଓ ଫୁସଫୁସ୍ ବନ୍ଦ ଥିଲେ ହେଁ ଏକ ଯନ୍ତ୍ର ସାହାଯ୍ୟରେ ଶରୀରର ବିଭିନ୍ନ ଅଙ୍ଗକୁ ରକ୍ତ ସଂଚାଳନ ଅବ୍ୟାହତ ରଖାଯାଇଥିଲା। ଟିକିଏ ସୁସ୍ଥ ହେଲାପରେ ଏକ ସାଂଘାତିକ ସଂକ୍ରମଣ ଯୋଗୁଁ ଏହି ଶିଶୁଟିକୁ ୧୦ ଦିନଧରି ଖାଇବାକୁ ଦିଆଯାଇ ନ ଥିଲା ତଥାପି ଶିଶୁଟି ସୁସ୍ଥ ହୋଇ କିଛିଦିନ ପରେ ଘରକୁ ଫେରିଲା । ସେଥିପାଇଁ କଥାରେ ଅଛି ରଖେ ହରି ତ ମାରେ କିଏ ?

**ଥାଲକୁଡି ପ୍ରକୃତିର ଏକ ଅନବଦ୍ୟ ଦାନ**; -ଏହାର ବୈଜ୍ଞାନିକ ନାମ Centella asiatica ଯାହା ବାଲିଆ କିମ୍ବା ଦୋରସା ମାଟିରେ ଝଙ୍କାଳିଆ ବୁଦା ଆକାରରେ ବଢିଥାଏ। ଅଳିଆଗଦା, ନଦୀପଠା, ସନ୍ତସନ୍ତିଆ ଜାଗାରେ ଏହା ବଢିଥାଏ। ଭାରତ, ଚୀନ୍ ଓ ମାଲେସିଆରେ ଏହା ବହୁଳ ପରିମାଣରେ ଦେଖିବାକୁ ମିଳିଥାଏ। ଏହାକୁ ଓଡିଆରେ ଥାଲକୁଡି, ତେଲୁଗୁରେ ସାରସ୍ୱତକା, ତାମିଲରେ ଭଲ୍ଲାରାଇ,ଆସାମୀରେ ମଣିମୁର୍ନି, ମଣିପୁରୀ ଭାଷାରେ ପେରୁକ୍ ଓ ସଂସ୍କୃତରେ ମଣ୍ଡୁକପର୍ଣି ବୋଲି କୁହାଯାଏ।ଏହାକୁ ବିଭିନ୍ନ ବ୍ୟକ୍ତି ଶାଗ, ଚଟନି, ତରକାରି ଓ ଚା ଆକାରରେ ଖାଇଥାନ୍ତି। ଏହାର ପତ୍ରକୁ ବାଟି ଚିନି ଓ ଲେମ୍ବୁ ମିଶାଇ ସର୍ବତ ଆକାରରେ ବି ପାନ କରାଯାଇପାରେ।ଏଥିରେ ରହିଥିବା ଫାଇଟୋକେମିକାଲ୍ସ ଯଥା asiaticoside, madecassoside & polyphenols ଯୋଗୁ ଏହା ଏକ ଆଂଟିଅକ୍ସିଡେଂଟ ଭଳି କାର୍ଯ୍ୟ କରେ। ଏହାକୁ ପୁରାତନକାଳରେ ଯୋଗୀଋଷିମାନେ ସ୍ମୃତିଶକ୍ତି ବୃଦ୍ଧି ,ମସ୍ତିଷ୍କର ବାମ ଓ ଡାହାଣଭାଗର ସନ୍ତୁଳନ ବଜାୟ ରଖିବାପାଇଁ ବ୍ୟବହାର କରୁଥିଲେ।ଏହି ପତ୍ରରୁ ମିଳୁଥିବା ଆସିଆଟିକୋସାଇଡ୍ ନାମକ ଗ୍ଲାଇକୋସାଇଡକୁ ଯକ୍ଷ୍ମା ଓ କୁଷ୍ଠ ରୋଗ ନିଦାନରେ ବ୍ୟବହାର କରାଯାଏ। ଚୀନ ଦେଶରେ ଏହାକୁ ଅବସାଦ ଏବଂ ମାନସିକ ଚାପ ହ୍ରାସ କରିବାକୁ ଏକ ବ୍ରେନ୍ ଟନିକ ରୂପେ ଗ୍ରହଣ କରାଯାଏ। ସେମାନଙ୍କ ମତରେ ଏଥିରେ ରହିଥିବା ଅଣୁପୋଷକ ବୃଦ୍ଧାବସ୍ଥାରେ ମଧ୍ୟ ସକ୍ରିୟ କରି ରଖେ। ଏହାର ପତ୍ରକୁ ବାଟି ପ୍ରଲେପ ଆକାରରେ ବାତ, ଗୋଦର ଗୋଡ ଓ ହାଇଡ୍ରୋସିଲ୍‌ର ଉପଶମପାଇଁ ବ୍ୟବହୃତ ହୁଏ। ଅଦା,ଗୋଲମରିଚ ସହ ଏହାର ରସକୁ ଥଣ୍ଡା , କାଶ , ଶ୍ୱାସ , ବୃକକ୍ ଜନିତ ସମସ୍ୟା , ପେଟରୋଗ ଓ ଡ୍ରପ୍ସି ଭଳି ରୋଗର ଚିକିତ୍ସାରେ ଲଗାଯାଏ। ଏହା ରକ୍ତରେ ଶର୍କରା ଏବଂ କୋଲେଷ୍ଟେରଲର ମାତ୍ରା ବୃଦ୍ଧି କରୁଥିବାହେତୁ ମଧୁମେହ, ରକ୍ତଚାପ ରୋଗୀ ଏବଂ ଗର୍ଭବତୀ ନାରୀଙ୍କୁ ଦେବାକୁ ବାରଣ କରାଯାଇଛି।



**ଧବଳକୁଷ୍ଠ ଭୋଗୁଥିବା ରୋଗୀଙ୍କ ପାଇଁ ଏକ ସୁଖବର**; -ଜଣେ ସାଧାରଣ ମଣିଷର ଦେହର ରଙ୍ଗ ଧୀରେ ଧୀରେ ଧଳା ପଡିଯିବା ପ୍ରକ୍ରିୟାକୁ ଭିଟିଲିଗୋ ବା ଧବଳକୁଷ୍ଠ ବୋଲି କୁହାଯାଏ। ଚର୍ମରୁ ମେଲାନିନ୍ ନାମକ କଣିକା ଲୋପ ପାଇଯିବାଯୋଗୁଁ ଏପରି ହୋଇଥାଏ। ୟାଲ୍ ସ୍କୁଲ ଅଫ ମେଡିସିନର ଡାକ୍ତରମାନେ ଏହାର ଏକ ନିଦାନକୁ ଜାଣିପାରିଛନ୍ତି। ନିଜ ହାତ, ମୁହଁ , ଦେହ ଆଦି ଧଳା ପଡିଯାଇଥିବା ଏକ ୫୩ ବର୍ଷୀୟ ରୋଗୀକୁ ସେମାନେ ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍ ପାଇଁ ଦିଆଯାଉଥିବା ଟୋଫାସିଟିନିବ୍ ନାମକ ଔଷଧ ଦେଲେ। ୨ ମାସ ପରେ ରୋଗୀଜଣକ ଲକ୍ଷ୍ୟକଲେ ତାଙ୍କ ଶରୀରର ଧଳା ପଡିଯାଇଥିବା ଅଂଶରୁ କିଛି ଅଂଶ ତାର ପୂର୍ବାବସ୍ଥାକୁ ଫେରି ଆସିଛି। ୫

ମାସପରେ କିଛିଟା ଜାଗାକୁ ଛାଡିଦେଲେ ସମ୍ପୂର୍ଣ୍ଣ ଶରୀରର ରଙ୍ଗ ପୂର୍ବପରି ହୋଇଯାଇଛି। ଖୁସିର ଖବର ଏହିକି ଯେ ଏହି ଔଷଧର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ।

**ମୃତ ସାଗର**; -କୌଣସି ଜୀବଜନ୍ତୁ ଅମ୍ଳଜାନ ବିନା ଜୀବନଧାରଣ କରିବା ଅସମ୍ଭବ। ସମୁଦ୍ରରେ ବାସ କରୁଥିବା ଜଳଚରଜୀବ ମଧ୍ୟ ଜଳରେ ଦ୍ରବୀଭୂତ ଅମ୍ଳଜାନ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଧୀରେ ଧୀରେ ଜଳ ପ୍ରଦୂଷିତ ହେଉଥିବା ହେତୁ ଏଥିରେ ଦ୍ରବୀଭୁତ ଅକ୍ସିଜେନ୍‌ର ସ୍ତର କମି କମି ଯାଉଛି ଯାହା ଫଳରେ ଏହା ଜୀବଜନ୍ତୁଙ୍କ ବାସୋପଯୋଗୀ ହୋଇ ପାରୁନାହିଁ। କେବଳ ସେତିକି ନୁହଁ ଏହାଦ୍ୱାରା ଆମ ଜୈବ ବିବିଧତାର ସନ୍ତୁଳନ ମଧ୍ୟ ନଷ୍ଟ ହେଉଛି। ଦିନ ଥିଲା ଆରବ ମହାସାଗରର ଜଳରାଶି ଶୀତ ଦିନରେ ଏକ ମାଇକ୍ରୋପ୍ଲାଙ୍କଟନ୍ ନକ୍ଟିଲ୍ୟୁକା ସିଂଟିଲାନ୍‌ର ଉପସ୍ଥିତି ଯୋଗୁଁ ପୂରା ସବୁଜ ରଙ୍ଗ ଧାରଣ କରେ। ଏହା ଆକାଶରୁ ମଧ୍ୟ ଦୃଶ୍ୟମାନ ହୋଇଥାଏ କିନ୍ତୁ ବିଗତ ୪୦ ବର୍ଷ ମଧ୍ୟରେ ଏକବିରାଟ ପରିବର୍ତ୍ତନ ଘଟି ଏହି ସାମୁଦ୍ରିକ ଜୀବ ଓ ଉଦ୍ଭିଦଙ୍କ ସଂଖ୍ୟା ପ୍ରାୟ ଅଧାକୁ ହ୍ରାସ ପାଇଲାଣି। ଏହାର କାରଣ ହେଲା ବିଭିନ୍ନ କଳକାରଖାନା ଓ ଚାଷଜମିରୁ କ୍ରମାଗତଭାବେ ଅଶୋଧିତ ଜଳରାଶିକୁ ସମୁଦ୍ର ବକ୍ଷକୁ ନିର୍ବିକାରରେ ଛଡାଯିବା। ଏହାର ପୋଷକତତ୍ୱକୁ ଗ୍ରହଣ କରି ଆଲୋକ ସଂଶ୍ଲେଷଣ ଯୋଗ୍ୟ ପ୍ଲାଙ୍କଟନ୍ ସବୁ ନିଜ ବଂଶ ବିସ୍ତାର କରି ଚାଲନ୍ତି। ଏମାନଙ୍କ ମୃତ୍ୟୁ ପରେ ତାଙ୍କୁ ବିଘଟିତ କରୁଥିବା ଅଣୁଜୀବଙ୍କ ସଂଖ୍ୟା ବଢିଚାଲେ। ଏହି ବୀଜାଣୁମାନେ ପରୋକ୍ଷରେ ଜଳରେ ଦ୍ରବୀଭୁତ ଅମ୍ଳଜାନକୁ ଶୋଷିନେଇ ଏହି ଜଳଭଣ୍ଡାରକୁ ଜୀବଜଗତ ଶୂନ୍ୟ କରିଦିଅନ୍ତି। ଏହାକୁ ମୃତ ସାଗର କୁହାଯାଏ। ଏଠିକାର ଜୀବଜନ୍ତୁ ସେହି ସ୍ଥାନ ଛାଡି ପଳାନ୍ତି କିମ୍ବା ସେଠି ମରିଯାଆନ୍ତି। ଆଜି ସାରା ପୃଥିବୀରେ ୪୦୦ ଟି ଏପରି ସ୍ଥାନ ଚିହ୍ନଟ ହେଲାଣି। ଏହି ଅଂଚଳମାନଙ୍କୁ ଅକ୍‌ସିଜେନ ମିନିମମ୍ ଜୋନ୍ ବା ଓଏମ୍ ଜେଡ୍ ବୋଲି କୁହାଯାଏ। ପୃଥିବୀରେ ଓଏମ୍ ଜେଡ୍ ଭାବେ ଆରବ ମହାସାଗରର ୨ ମିଲିଅନ୍ ବର୍ଗ କିମି ଅଂଚଳ ସାରା ପୃଥିବୀରେ ୧ମ ସ୍ଥାନ ଅଧିକାର କରିଛି। ଏହା ମୁଖ୍ୟତଃ ଜନବହୁଳ କରାଚି ଓ ମୁମ୍ବାଇରୁ ନିର୍ଗତ ବର୍ଜ୍ୟ ଜଳ ଯୋଗୁଁ ପ୍ରଦୂଷିତ ହୋଇଛି। ସେପ୍ଟେମ୍ବର ଅକ୍ଟୋବର ମାସରେ ଏଠାକାର ଜଳ ସଲଫାଇଡ୍ ଯୁକ୍ତ ହୋଇଯାଏ, ଯାହାର ମୁଖ୍ୟ ଉତ୍ସ ରାସାୟନିକ ସାର ଅଟେ। ଏହି କ୍ରମରେ ୨ୟ ସ୍ଥାନ ଅଧିକାର କରିଛି ଆମେରିକାର ଦକ୍ଷିଣରେ ଥିବା ମେକ୍ସିକୋ ଉପସାଗର। ଏହା ପ୍ରାୟ ୧୪,୨୦୦ ବର୍ଗ କିମି ଅଂଚଳକୁ ଘେରି ରହିଛି। ବର୍ଷର ଅଧିକାଂଶ ସମୟ ଏଠାରେ ମାଛ ଓ ଜଳଚର ଜୀବ ମରି ପଡିଥିବା ଦେଖାଯାଉଛି। କିନ୍ତୁ ଆମେରିକାର ପୂର୍ବପଟେ ଥିବା ଚେସାପିକ୍ ଉପସାଗରକୁ ଏକ ମିଳିତ ପ୍ରଚେଷ୍ଟାରେ ତାର ପୂର୍ବାବସ୍ଥାକୁ ଫେରାଇଆଣିବା ଯୋଜନା ଫଳବତୀ ହୋଇଛି। ଏଠାକାର ଅମ୍ଳଜାନ୍ ସ୍ତରକୁ ୧୦% ବଢାଯାଇ ପାରିଛି। ଅବଶ୍ୟ ଏପରି ଅଂଚଳ ସୃଷ୍ଟିରେ ଆଉ କେତେକ କାରଣ ଯଥା ପବନର ବେଗ , ଗତି ବର୍ଷା, ଝଡ ତୋଫାନ୍ ଘୂର୍ଣ୍ଣିବାତ୍ୟା ଆଦି ମଧ୍ୟ ସମ ପରିମାଣରେ ଦାୟୀ ଅଟନ୍ତି। ଅବଶ୍ୟ ଏଥିଯୋଗୁଁ ସୃଷ୍ଟ ଅଂଚଳର ସୀମା ଛୋଟ ଅଟେ। କିନ୍ତୁ ଆଉ କେତେକ କାରଣ ଯେପରିକି ଜଳବାୟୁ ପରିବର୍ତ୍ତନ, ସମୁଦ୍ର ପତନର ବୃଦ୍ଧି, ସମୁଦ୍ର ଜଳ ଅମ୍ଳୀୟ ହୋଇଯିବା ଏହି ଚିନ୍ତାକୁ ଆହୁରି ବଢାଇ ଦେଉଛି। ଏହାର ସମ୍ଭାବ୍ୟ ନିରାକରଣର ଉପାୟଗୁଡିକ ହେଲା ସୋପାନ ଚାଷକୁ ପ୍ରୋତ୍ସାହିତ କରିବା, ପ୍ରତ୍ୟେକ ଜଳଉତ୍ସର ଚତୁଃପାର୍ଶ୍ୱକୁ ସବୁଜ ବନାନୀରେ ଘେରିବା ଓ ଜଳବକ୍ଷକୁ ସାର ଓ ରାସାୟନିକ ବର୍ଜ୍ୟବସ୍ତୁ ପରିତ୍ୟାଗର ପରିମାଣକୁ କମ୍ କରିବା ଆଦି।



**ବିବର୍ତ୍ତନବାଦର ଷଷ୍ଠ ସୋପାନ**;-ପୃଥିବୀ କେବେ ସୃଷ୍ଟି ହେଲା କେହି ଜାଣି ନାହାନ୍ତି। ତେବେ କାଳର କରାଳ ସ୍ରୋତରେ କେତେ ଜୀବ ଆସିଛନ୍ତି ଏବଂ ତା ମଧ୍ୟରୁ କେତେ ଚାଲି ଯାଇଛନ୍ତି ତାହା କେବଳ ଇତିହାସର ବିଷୟ ହୋଇ ରହିଯାଇଛି। ଆମେରିକା ଓ ମେକ୍ସିକୋର କେତେଜଣ ବୈଜ୍ଞାନିକ ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ, ଜଙ୍ଗଲ କ୍ଷୟ, ଜୀବଜନ୍ତୁଙ୍କ ବାସସ୍ଥାନ ନଷ୍ଟ ଆଦି କାରଣ ଦର୍ଶାଇ ଜୀବଜଗତର ବିଲୁପ୍ତିକୁ ୬ ଟି ସ୍ତରରେ ବିଭକ୍ତ କରି ଏହାର ନାମକରଣ କରିଛନ୍ତି। ସେମାନଙ୍କ ଅନୁସାରେ ୪୪୦ ମିଲିଅନ୍ ବର୍ଷତଳେ ଓର୍ଡୋଭିସିଆନ୍-ସିଲୁରିଆନ ବିଲୁପ୍ତିରେ ପ୍ରଥମେ ସାମୁଦ୍ରିକ ଜୀବ ଯଥା ତାରକାମାଛ, ସ୍କୁଇଡ୍, ବ୍ରାକିଓପଡ୍ ଓ ଟ୍ରାଇଓବାଇଟ୍‌ଙ୍କ ବିଲୁପ୍ତି ଘଟିଥିଲା। ୩୫୯ ମିଲିଅନ୍ ବର୍ଷତଳେ ଲେଟ ଡିଭୋନିଆନ୍ ବିଲୁପ୍ତିରେ କୋରାଲ୍ ରିଫ୍ ଇକୋ ସିଷ୍ଟମର ବିଲୟ ଘଟି ପ୍ଲାକୋଡର୍ମ ନାମକ ମାଛ ଲୁପ୍ତ ହୋଇଗଲେ। ୩ୟ ସ୍ତରର ବିଲୁପ୍ତି ୨୫୨ ମିଲିଅନ୍ ବର୍ଷତଳେ ଏଣ୍ଡ୍ ପର୍ମିଆନ୍ ବିଲୁପ୍ତି ନାମରେ ବିଶାଳକାୟ ସମୁଦ୍ର ବିଛା, ସ୍ତନ୍ୟପାୟୀ ସରିସୃପ ଓ ଟ୍ରାଇଓବାଇଟସ୍‌ମାନଙ୍କୁ ପୃଥିବୀରୁ ମୂଳପୋଛ କରିଦେଲା। ୪ର୍ଥ ସ୍ତରର ବିଲୁପ୍ତି ୨୦୧ ମିଲିଅନ୍ ବର୍ଷତଳେ ଏଣ୍ଡ୍ ଟ୍ରିଆସିକ୍ ବିଲୁପ୍ତି ନାମରେ ଇଲ୍ ପରି କନୋଡଂଟ୍ସ ଓ ଅନେକ ପ୍ରକାର ଡାଇନୋସରଙ୍କୁ ପୃଥିବୀ ପୃଷ୍ଠରୁ ଅପସାରିତ କରିନେଲା। ଏଣ୍ଡ କ୍ରିଟାସିଅସ୍ ବିଲୁପ୍ତି ନାମରେ ୬୫ ମିଲିଅନ୍ ବର୍ଷପୂର୍ବେ ଡାଇନୋସର, ମୋସାସର୍ସ ଓ କେତେକ ଗେଣ୍ଡା, ଶାମୁକା ଜାତିର ପ୍ରାଣୀ ପୃଥିବୀରୁ ବିଦାୟ ନେଇଗଲେ। ଏବେ ଆମେ ଆସି ପହଂଚିଛୁ ୬ଷ୍ଠ ବିଲୁପ୍ତି ହଲୋସିନ୍‌ର ଦ୍ୱାରଦେଶରେ। ଏବେ କାହାର ପାଳି ଆସୁଛି ତାର ପ୍ରୟାସ କଲାବେଳକୁ ଦେଖାଗଲା ଯେ ଏ ପର୍ଯ୍ୟନ୍ତ ଥାଇଲାସିନ ନାମକ ସ୍ତନ୍ୟପାୟୀ, କୋଷ୍ଟାରିକା ଗୋଲଷ୍ଟେନ୍ ଟୋଡ, ଯାଙ୍ଗଜେ ନାମକ ଡଲଫିନ୍ ଓ ପେସେଞ୍ଜର ପିଜିଅନ୍ ନାମକ ପାରା ବିଲୁପ୍ତ ହୋଇ ସାରିଲେଣି । ତେବେ ପ୍ରଶ୍ନ ଉଠୁଛି ଏହାର ପର ପାଳି ମଣିଷର ନୁହେଁ ତ ?

ବିଭାଗୀୟ ମୁଖ୍ୟ( ରସାୟନ ବିଜ୍ଞାନ )
ଏନ୍ ଏ ସି ମହାବିଦ୍ୟାଳୟ ,
ବୁର୍ଲା ମୋ -୯୪୩୭୧୨୭୮୨୦



ବାସନାକୁ ଦମନ କଲେ ହିଁ ହୃଦୟରେ ଅଖଣ୍ଡ ଶାନ୍ତି ମିଳିପାରିବ, ବାସନା ଆଦେଶରେ ଚାଲିଲେ ନୁହେଁ।

# ଆମେ ଶ୍ରାଦ୍ଧ କିପରି କରିବା



ଇଂ. ଯଜ୍ଞ ପ୍ରକାଶ ଦାସ

ଜଣେ ବ୍ୟକ୍ତି ମୃତ୍ୟୁ ବରଣ କଲେ ତାଙ୍କ ପରିବାର, ବନ୍ଧୁ ବାନ୍ଧବ ଦୁଃଖରେ ଭାଙ୍ଗି ପଡ଼ନ୍ତି। ସାଇପଡ଼ିଶା ଓ ସାଙ୍ଗସାଥୀ ଦୁଃଖ ପ୍ରକାଶ କରନ୍ତି। ଅନେକ ବ୍ୟକ୍ତିଙ୍କ ମୃତ୍ୟୁରେ ଶୋକସଭା ହୁଏ। ଶୋକସନ୍ତପ୍ତ ପରିବାର ତଥା ସମାଜସେବୀମାନେ ଶବଦାହ କରି ଅସ୍ଥିସଂଗ୍ରହ କରନ୍ତି। ପୁରୋହିତ ଶ୍ରାଦ୍ଧ କ୍ରିୟା ସଂପାଦନ କରିବା ପରେ ଶ୍ରାଦ୍ଧ ଭୋଜି ଦିଆଯାଏ। ସଂବନ୍ଧୀମାନଙ୍କୁ ଲୁଗାପଟା ଓ ବ୍ରାହ୍ମଣମାନଙ୍କୁ ଦାନ ଦିଆଯାଏ। ପୁତ୍ରମାନେ ଗୟା ବା ଆଲାହାବାଦ ଯାଇ ଅସ୍ଥି ବିସର୍ଜନ କରନ୍ତି। ଏହି ପ୍ରକ୍ରିୟାକୁ 'ଶ୍ରାଦ୍ଧ' କୁହାଯାଏ।

ଏହି 'ଶ୍ରାଦ୍ଧ'ସଂବନ୍ଧରେ ଅନେକଙ୍କ ମନରେ ପ୍ରଶ୍ନ ଉଠେ 'ଶ୍ରାଦ୍ଧ'ର ଅର୍ଥ କଣ? 'ତର୍ପଣ'ର ଅର୍ଥ କଣ? ମନୁଷ୍ୟର ମୃତ୍ୟୁପରେ ତାଙ୍କ ସହିତ ସଂପର୍କ ରଖିବା ସମ୍ଭବ କି? 'ଶ୍ରାଦ୍ଧ' କାହିଁକି କରାଯାଏ? 'ଶ୍ରାଦ୍ଧ'ନ କଲେ ମୃତ ଆତ୍ମା ଅତୃପ୍ତ ରହେ କି? ଜଣଙ୍କ ଘରେ ମୃତ୍ୟୁ ହେଲେ ସେମାନଙ୍କ ପରିବାରବର୍ଗ କାହିଁକି ଅଶୁଦ୍ଧ ହୁଅନ୍ତି?

ଅନେକ ବ୍ୟକ୍ତିଙ୍କ ଧାରଣା ଯେ 'ଶ୍ରାଦ୍ଧ' ବିଷୟ ବେଦରେ ବର୍ଣ୍ଣିତ ହୋଇଛି। କିନ୍ତୁ ଋଗ୍ବେଦରେ କୌଣସି ସ୍ଥଳରେ 'ଶ୍ରାଦ୍ଧ'ଶବ୍ଦ ନାହିଁ। ଆଜିକାଲି ଯେଉଁ 'ଶ୍ରାଦ୍ଧ'ବ୍ୟବସ୍ଥା ପ୍ରଚଳିତ ଅଛି, ତାହା ବୈଦିକ ଯୁଗରେ ନଥିଲା। ବେଦ କହିଛନ୍ତି – 'ଭସ୍ମାନ୍ତଂ ଶରୀରମ୍'-ଅର୍ଥାତ୍ ଅନ୍ତ୍ୟେଷ୍ଟି ସଂସ୍କାର ସମୟରେ ମୃତ ଶରୀର ଭସ୍ମ ହୁଏ ଓ ପଂଚଭୂତରେ ଲୀନ ହୁଏ। ଏହାପରେ ଜୀବାତ୍ମା ସହିତ ସଂପର୍କ ରଖିବା ସମ୍ଭବପର ନୁହେଁ। ଜନ୍ମମୃତ୍ୟୁର ଚକ୍ରରେ ଜୀବାତ୍ମା ଅନ୍ୟ ଏକ ଦେହ ଧାରଣ କରେ। ଆତ୍ମୀୟମାନଙ୍କ ସହ ମୋହ ଥିବାରୁ ଆମେ ଭାବୁ ଯେ ମୃତବ୍ୟକ୍ତିଙ୍କ ପ୍ରେତାତ୍ମା ଆମ ପାଖେ ପାଖେ ଅଛନ୍ତି। ଆମେ ଭୁଲିଯାଉ ଯେ ଏହି ଜନ୍ମର ପିତାମାତା, ପୁତ୍ରକନ୍ୟା, ବନ୍ଧୁବାନ୍ଧବ, ଧନସଂପତ୍ତି, ପଦପଦବୀ-କେବଳ ଏହି ଜନ୍ମପାଇଁ ପ୍ରଯୁଜ୍ୟ। ଆତ୍ମା ଦେହତ୍ୟାଗ କରି ଚାଲିଗଲାପରେ ଏହି ପାର୍ଥିବ ସଂବନ୍ଧ ତୁଟିଯାଏ। ନିଜ କର୍ମଫଳ ଅନୁସାରେ ଆତ୍ମା ନୂତନ ଦେହ ଧାରଣ କରେ। ନୂଆ ଜନ୍ମରେ ନୂତନ ବାପାମାଆ, ବନ୍ଧୁବାନ୍ଧବ ମିଳନ୍ତି ଓ ଏକ ନୂଆ ସାଂସାରିକ ବନ୍ଧନ ଆରମ୍ଭ ହୁଏ। ପୁରୁଣା ଜନ୍ମର ବନ୍ଧୁବାନ୍ଧବ, ଧନସଂପଦ ସହିତ କୌଣସି ସଂବନ୍ଧ ରହେନାହିଁ। ଯଦି କୌଣସି ବ୍ୟକ୍ତି ନିଜ ପୂର୍ବଜନ୍ମର କୋଠାବାଡ଼ି ହାସଲ କରିବାକୁ ଚେଷ୍ଟାକରେ,ତେବେ ପୂର୍ବଜନ୍ମର ପୁତ୍ରକନ୍ୟା ତାଙ୍କୁ 'ପର' ଭାବି ଘଉଡ଼ାଇ ଦିଅନ୍ତି। ଏଠାରେ ଆମେ ମନେ ରଖିବା ଉଚିତ ଯେ ଆତ୍ମାର ସମ୍ବନ୍ଧ କେବଳ ପରମାତ୍ମାଙ୍କ ସହ ଅତୁଟ ରହେ। ପରମପିତା ପରମେଶ୍ୱର ହିଁ ଆମ ଜନ୍ମଜନ୍ମାନ୍ତରର ସଖା। ଈଶ୍ୱର ଦୟାଳୁ ହୋଇଥିବାରୁ ଆମର ଆତ୍ମବିକାଶ ପାଇଁ ପ୍ରତିଜନ୍ମରେ ଆମକୁ ଅପୂର୍ବ ସୁଯୋଗ ଦିଅନ୍ତି।

'ଶ୍ରାଦ୍ଧ'ଅର୍ଥ ଶ୍ରଦ୍ଧା କରିବା। 'ତର୍ପଣ'ର ଅର୍ଥ ତୃପ୍ତ କରିବା। ବେଦରେ 'ପିତୃପୁରୁଷ'ଙ୍କୁ ସେବା ଦ୍ୱାରା ତୃପ୍ତ କରିବା ପାଇଁ ଅନେକ ସ୍ଥଳରେ କୁହାଯାଇଛି। 'ପିତୃପୁରୁଷ'ର ଅର୍ଥ ଜୀବିତ ପିତାମାତା ଓ ଗୁରୁଜନ। ସେମାନଙ୍କର ସେବା କରିବାକୁ 'ପିତୃଯଜ୍ଞ' କୁହାଯାଏ। କିନ୍ତୁ ଆଜିକାଲି 'ପିତୃପୁରୁଷ'ଓ 'ପିତୃଯଜ୍ଞ'କହିଲେ ପ୍ରେତାତ୍ମା ବା ମୃତ ଆତ୍ମୀୟ ସ୍ୱଜନଙ୍କ ବିଷୟ ବୁଝାଯାଉଛି। ସେମାନଙ୍କୁ ପିଣ୍ଡଦାନ କରିବାକୁ 'ପିତୃଶ୍ରାଦ୍ଧ' କୁହାଯାଉଛି।ଯର୍ଜୁବେଦ (୧୯,୩୬) ରେ ଜୀବିତ ଗୁରୁଜନମାନଙ୍କୁ ସମ୍ବୋଧନ କରି କୁହାଯାଇଛି- 'ହେ! ପିତୃଜନ! ଆପଣ ଆମେ ଦେଉଥିବା ଅନ୍ନଜଳ ସ୍ୱୀକାର କରନ୍ତୁ ଓ ଆମକୁ ଅମୃତ ଉପଦେଶ ଦିଅନ୍ତୁ'। ଋଗ୍ବେଦ (୧,୮୯,୯) ରେ ଲେଖା ଅଛି- 'ହେ ପ୍ରଭୋ! ଆମ ପୁତ୍ରମାନେ ପିତୃପୁରୁଷ ଅର୍ଥାତ୍ ବୃଦ୍ଧ ହେବା ପର୍ଯ୍ୟନ୍ତ ଜୀବିତ ରହନ୍ତୁ।' ଅଥର୍ବବେଦ (୧୨,୨,୨୦)ରେ ନୂଆବୋହୂକୁ ଉପଦେଶ ଦିଆଯାଇଛି – 'ହେ ବଧୂ! ପିତୃପୁରୁଷ ବା ଗୁରୁଜନଙ୍କୁ ନମସ୍କାର କର'। ପ୍ରଚଳିତ ଶ୍ରାଦ୍ଧପ୍ରଥା ବେଦସମ୍ମତ ନୁହେଁ। ଏହା ଗରୁଡ଼ ପୁରାଣରୁ ଉଦ୍ଧୃତ। ଆଜି ସମାଜରେ ବୃଦ୍ଧ ବୃଦ୍ଧା ବା ପିତୃପୁରୁଷଗଣ ଅତି ଅବହେଳିତ ଅବସ୍ଥାରେ ଜୀବନ ଯାପନ କରୁଛନ୍ତି। ସେମାନଙ୍କୁ ଶ୍ରଦ୍ଧାର ସହ ଭୋଜନ ଓ ବସ୍ତ୍ରଦେବା, ସେମାନେ ରୋଗଗ୍ରସ୍ତ ହେଲେ ସେବାଶୁଶ୍ରୂଷା କରିବା ହେଉଛି ଆମ ପାଇଁ 'ଶ୍ରାଦ୍ଧ'ଓ 'ତର୍ପଣ'। ସେମାନଙ୍କ ପାଇଁ ଆମର ଧନ, ସମୟ ଓ ସ୍ନେହ ଦାନ କରିବା 'ପିତୃଯଜ୍ଞ'। ଜୀବିତ ପିତୃପୁରୁଷମାନଙ୍କୁ ଅବହେଳା କରି 'ଶ୍ରାଦ୍ଧ' ପୂଜା କରିବା, 'ଶ୍ରାଦ୍ଧ ଭୋଜି'ଦେବା ବା 'ପିଣ୍ଡଦାନ' କରିବା ଦ୍ୱାରା କୌଣସି ଫଳ ମିଳେ ନାହିଁ। ମୃତ ଆତ୍ମା ଅନ୍ୟ ଏକ ସ୍ଥାନରେ ଜନ୍ମ ଗ୍ରହଣ କରିବା ପରେ ତାହା ସହିତ କୌଣସି ସଂପର୍କ ନଥିବାରୁ 'ତୃପ୍ତି' ବା 'ଅତୃପ୍ତି'ର ପ୍ରଶ୍ନ ଉଠେନାହିଁ। ମୃତ ଆତ୍ମାକୁ 'ପିଣ୍ଡଦାନ' ଦେବା ବିଷୟ ଅଯୌକ୍ତିକ-କାରଣ ଆମକୁ ଆମ ପୂର୍ବ ଜନ୍ମର ସନ୍ତାନ ଦେଉଥିବା 'ପିଣ୍ଡ' କେବେହେଲେ ମିଳେନାହିଁ। ଏହା ଯଦି ସତ୍ୟ,ତେବେ ଆମେ ଆମ ପୂର୍ବ ପୁରୁଷଙ୍କୁ ଦେଉଥିବା ପିଣ୍ଡ ସେମାନଙ୍କ ପାଖରେ ପହଞ୍ଚିବ ବୋଲି କିପରି ବିଶ୍ୱାସ କରିବା? ଆତ୍ମୀୟ ସ୍ୱଜନଙ୍କ ମୃତ୍ୟୁ ହେଲେ ପରିବାରର ସଦସ୍ୟମାନେ ଶୋକ ପ୍ରକାଶ କରି କ୍ଷୌର କର୍ମ କରନ୍ତି ନାହିଁ। 'କେଶ' ସହିତ ଶୁଦ୍ଧତା ବା ପବିତ୍ରତାର କୌଣସି ସଂପର୍କନାହିଁ। ଦଶରଥଙ୍କ ମୃତ୍ୟୁପରେ ତାଙ୍କ ପୁତ୍ରମାନେ ଓ ମହାଭାରତ ଯୁଦ୍ଧପରେ ପାଣ୍ଡବମାନେ କ୍ଷୌର ନହୋଇ କିଛିଦିନ ରହିବାର ଉଲ୍ଲେଖ ନାହିଁ। ମୃତ ଶରୀର ଭସ୍ମହେବା ପରେ ଶୋକ ପ୍ରକାଶ କରିବାର ଅର୍ଥ 'ଅଶୁଦ୍ଧତା' ନୁହେଁ।

ବୃଦ୍ଧବୃଦ୍ଧାଙ୍କୁ ଉପେକ୍ଷା କରି ସେମାନଙ୍କ ମୃତ୍ୟୁପରେ ପିଣ୍ଡଦାନ କରିବା ଦ୍ୱାରା ଲୋକମାନେ 'ପିତୃପୁରୁଷ' ସନ୍ତୁଷ୍ଟ ହେଲେ ବୋଲି ଭାବୁଛନ୍ତି। ଜୀବିତ ପିତୃପୁରୁଷଙ୍କୁ ଭରଣ ପୋଷଣ କରିବା ତଥା ସେବା କରିବା ଦ୍ୱାରା ସେମାନଙ୍କୁ ଯେଉଁ ସନ୍ତୋଷ ମିଳେ, ତାହା ହିଁ ଆମର ପୁଣ୍ୟଫଳ।

ମୋ-୮୮୯୫୫୦୦୪୫୪



ବାସ୍ତବିକ ଆନନ୍ଦ ତାହାକୁ ମିଳେ, ଯାହାର ଅନ୍ତଃକରଣ ଶୁଦ୍ଧ ଏବଂ ପବିତ୍ର।

# ଅହଂ

**ଡଃ.ନାମଯଜ୍ଞ ମିଶ୍ର**

ଶ୍ରଦ୍ଧାକର ଯୌବନ ସମୟରେ ଘରଦ୍ୱାର ଛାଡ଼ି ଜଣେ ସାଧୁଙ୍କ ଆଶ୍ରମକୁ ଚାଲିଗଲେ। ତାଙ୍କର ଏକମାତ୍ର ଇଚ୍ଛା ସେ ତପସ୍ୟା କରି ଜଣେ ସିଦ୍ଧ ପୁରୁଷ ହେବେ। ସେ ସାଧୁଙ୍କଠାରୁ ଦୀକ୍ଷା ଗ୍ରହଣକରି ନିକାଞ୍ଚନରେ ତପସ୍ୟା କରିବାକୁ ଘୋର ଅରଣ୍ୟ ମଧ୍ୟକୁ ଚାଲିଗଲେ ଓ ଅନେକ ଦିନ ଧରି କଠୋର ତପସ୍ୟା କଲେ। ଦିନେ ତପସ୍ୟାରୁ ଉଠି ଦେଖିଲେ ଏକ ବ୍ୟାଘ୍ର ତାଙ୍କୁ ମାରିବାକୁ ତାଙ୍କ ଉପରକୁ ଲମ୍ଫ ଦେଉଛି। ସେ ତୀବ୍ର ନୟନରେ ତାକୁ ଅନାଇବା ମାତ୍ରକେ ବ୍ୟାଘ୍ରଟି ଧମ୍ କରି ତଳେ ପଡ଼ି ପାଉଁଶ ହୋଇଗଲା। ଏବେ ତାଙ୍କର ଧାରଣା ହୋଇଗଲା ଯେ, ସେ ତପସ୍ୟାରେ ସିଦ୍ଧିଲାଭ କରିଛନ୍ତି। ବର୍ତ୍ତମାନ ସେ ଜଣେ ସିଦ୍ଧ ପୁରୁଷ। ଏହାପରେ ସେ ଗୁରୁଙ୍କ ଆଶ୍ରମକୁ ଫେରିଲେ। ଗୁରୁଙ୍କ ସହ ବସି ତପସ୍ୟା ବିଷୟରେ କଥାବାର୍ତ୍ତା ହେଉଥିବା ବେଳେ ଗୁରୁ ଶ୍ରଦ୍ଧାକରଙ୍କୁ, ବର୍ତ୍ତମାନ ହବନ ସମୟ ତେଣୁ ଯାଅ। କିଛି ସମିଧ ନେଇଆସ ବୋଲି କହିଲେ। ଶ୍ରଦ୍ଧାକର ଗୁରୁଙ୍କର ଏହି ଆଦେଶକୁ ଅଶ୍ରଦ୍ଧା ଜଣାଇ ଉତ୍ତର ଦେଲେ, "ଗୁରୁଦେବ! ସିଦ୍ଧପୁରୁଷ କୌଣସି ନିୟତ କର୍ମ କରନ୍ତି ନାହିଁ, ଏଣୁ ଆପଣ ସମିଧ ଆଣିବାକୁ ଅନ୍ୟ କାହାକୁ କୁହନ୍ତୁ!" ଗୁରୁ ଶ୍ରଦ୍ଧାକରଙ୍କର 'ଅହଂ' କୁ ବୁଝିପାରିଲେ ଓ ତାଙ୍କୁ କହିଲେ, "ହଉ, ଏକାମ ନକଲେ ନକର କିନ୍ତୁ ଗୋଟିଏ କାମ ଅବଶ୍ୟ କର, ଏଇ ପାଖରେ ଜୈତ୍ର ବନରେ ଜଣେ ଚମତ୍କାର ସିଦ୍ଧଯୋଗୀ ବୁଦ୍ଧଦେବ ଅବସ୍ଥାନ କରିଛନ୍ତି। ଶହ ଶହ ଶିଷ୍ୟ ତାଙ୍କ ସହ ଅଛନ୍ତି। ରାଜା ମହାରାଜାମାନେ ତାଙ୍କର ପଦବନ୍ଦନା କରିଥାନ୍ତି। ତାଙ୍କୁ ଥରେ ଯାଇ ଅବଶ୍ୟ ସାକ୍ଷାତ କର।"

ଶ୍ରଦ୍ଧାକର ଯାଇ ବୁଦ୍ଧଦେବଙ୍କୁ ସାକ୍ଷାତ କଲେ। ସେ ଜଣେ ସିଦ୍ଧଯୋଗୀ ଓ ତପସ୍ୟା ବିଷୟରେ ତାଙ୍କ ସହ କିଛି ଆଲୋଚନା କରିବାକୁ ଚାହାଁନ୍ତି ବୋଲି ତାହାଙ୍କୁ କହିଲେ। ସେତେବେଳେ ବୁଦ୍ଧଦେବ ଭିକ୍ଷା କରିବାକୁ ବାହାରିଥାନ୍ତି। ସେ ଶ୍ରଦ୍ଧାକରଙ୍କୁ ମୁଁ ଭିକ୍ଷାଟନରୁ ଫେରିବା ପରେ କଥା ହେବା କହି ଚାଲିଗଲେ। ବୁଦ୍ଧଦେବ ଭିକ୍ଷାଟନରୁ ଫେରି ସ୍ନାନ ଶୌଚ ହୋଇ ସନ୍ଧ୍ୟାବେଳେ ଶିଷ୍ୟମାନଙ୍କ ଗହଣରେ ବସିଥିବା ବେଳେ ଶ୍ରଦ୍ଧାକର ତାଙ୍କୁ ପୁଣି ସାକ୍ଷାତ କଲେ। ବୁଦ୍ଧଦେବ ତାଙ୍କୁ ଅତି ଆଦରରେ ବସାଇଲେ। ଶ୍ରଦ୍ଧାକର ତାଙ୍କୁ ପ୍ରଶ୍ନକଲେ, "ମାହାମାନ୍ୟ! ଆପଣ ନିଜେ ଜଣେ ସିଦ୍ଧ ତପସ୍ୱୀ। ଆପଣଙ୍କର ଶହ ଶହ ଶିଷ୍ୟ ଥାଉ ଥାଉ ଆପଣ ନିଜେ ଭିକ୍ଷାଟନରେ ଯାଉଛନ୍ତି କାହିଁକି??" ବୁଦ୍ଧଦେବ ସ୍ମିତହାସ୍ୟ ଖେଳାଇ ଉତ୍ତର ଦେଲେ, " ଆମର ଏ ସଂଘାରାମରେ ତିନିଶହରୁ ଅଧିକ ଶ୍ରମଣ (ସନ୍ନ୍ୟାସୀ) ଅଛନ୍ତି। ଆନନ୍ଦ, ଶୀଳଭଦ୍ର, ରାହୁଳ ଆଦି ଅନେକ ସିଦ୍ଧ ସାଧକ ଅଛନ୍ତି। ଆମେ ସମସ୍ତେ ସଂସାରତ୍ୟାଗୀ ହେଲେ ହେଁ ଏ ଆଶ୍ରମର ସଫେଇ, କାଷ୍ଠ ସଂଗ୍ରହ, ରନ୍ଧାବଢ଼ା କାର୍ଯ୍ୟ ଇତ୍ୟାଦି ସମସ୍ତେ ଦଳଦଳ ହୋଇ କରିଥାଉଁ। ଆମ ମଧ୍ୟରେ ଗୁରୁ - ଶିଷ୍ୟ, ଉଚ୍ଚ - ନୀଚ, ଉତ୍କର୍ଷ - ଅପର୍କଷ, ଭେଦଭାବ ନଥାଏ। ସମସ୍ତେ ସମସ୍ତଙ୍କୁ ସମାନ ବୋଲି ଭାବିଥାଉ। ସମସ୍ତେ ଭିକ୍ଷାଟନରେ ଯାଇଥାଉ। ଯେ ଯାହା ପାଉ ସମସ୍ତେ ଠୁଳ କରି ଉଦର ଭରଣ କରିଥାଉ। ସିଦ୍ଧ ସାଧକ ହେଉ କି ରାଜା ମହାରାଜା ହେଉ, କିମ୍ବା ଯେକୌଣସି ଉଚ୍ଚ ପଦାଧିକାରୀ ହେଉ ସମସ୍ତେ ଶାରିରୀକ ପରିଶ୍ରମ କରିବା ଉଚିତ୍। ନିୟତ କର୍ମ କରିବା ଉଚିତ୍ ଅନ୍ୟଥା ଏ ଶରୀର ଦୁର୍ବଳ ଓ ରୋଗଗ୍ରସ୍ତ ହୋଇ କ୍ଷୟ ହୋଇଯିବ। ଶରୀର ଦୁର୍ବଳ ହେଲେ ବା କ୍ଷୟ ହୋଇଗଲେ ଆପଣ କାହାକୁ ନେଇ ସାଧନା, ତପସ୍ୟା ବା ଧର୍ମକର୍ମ କରିପାରିବେ। ତେଣୁ କର୍ମ କରିବାରେ ଅହଂ ନରହିବା ବିଧେୟ।"

ବୁଦ୍ଧଦେବ ଶ୍ରଦ୍ଧାକରଙ୍କୁ ବୁଝାଉଥିବା ସମୟରେ ତାଙ୍କର ପ୍ରିୟ ଶିଷ୍ୟ ଆନନ୍ଦ ସେ ପାଖରେ ଥିଲେ। ସେ ଶ୍ରଦ୍ଧାକରଙ୍କୁ ଚାହିଁ କହିଲେ, "ମହାଶୟ! ଆପଣ ଜଣେ ସିଦ୍ଧ ପୁରୁଷ। ଆପଣଙ୍କ ନୟନାଗ୍ନିରେ ବ୍ୟାଘ୍ର ପୋଡି ପାଉଁଶ ହୋଇଗଲା। ଆପଣ ଏଇ ତଳେ ପଡ଼ିଥିବା କୁଟାଟିକୁ ଭସ୍ମ କରିପାରିବେ କି??" ଏହା ଶୁଣି ଶ୍ରଦ୍ଧାକର ତାଙ୍କର ସକଳ ଯୋଗଶକ୍ତି ଲଗାଇ ଆନନ୍ଦ ଇସାରା କରିଥିବା କୁଟାଟି ଉପରେ ନୟନାଗ୍ନି ନିକ୍ଷେପ କଲେ କିନ୍ତୁ କୁଟାଟି ନପୋଡ଼ି ସେହିପରି ରହିଲା। ନିରାଶରେ ଶ୍ରଦ୍ଧାକର ବିଚଳିତ ହୋଇପଡ଼ିଲେ। ସେ ଅନୁଭବ କଲେ ଯେ ତାଙ୍କର କଷ୍ଟୋପାର୍ଜିତ ସିଦ୍ଧି ଆଉ ତାଙ୍କ ପାଖରେ ନାହିଁ । ସେ କାନ୍ଦି କାନ୍ଦି ବୁଦ୍ଧଦେବଙ୍କ ଚରଣ ତଳେ ପଡ଼ିଯାଇ କହିଲେ, "ପ୍ରଭୁ! ମତେ ବାଟ ଦେଖାନ୍ତୁ। ମୋର ସିଦ୍ଧି ମୁଁ କିପରି ଫେରିପାଇବି??" - ବୁଦ୍ଧଦେବ ତାଙ୍କୁ ତଳୁ ଉଠାଇ କହିଲେ, " ତୁମର କାମିନୀ କାଞ୍ଚନ ଲୋଭମୋହ ନାହିଁ।" କିନ୍ତୁ, ଅହଂ ଅଛି। ଏଇ ଅହଂ ହିଁ ସର୍ବସିଦ୍ଧିର ବାଧକ। ଅହଂ ତ୍ୟାଗ କର। ସମସ୍ତଙ୍କୁ ସମାନ ମନେକର। ଆଉ ମନେରଖ କର୍ମ ତ୍ୟାଗ ନିୟତ କାର୍ଯ୍ୟ ତ୍ୟାଗକୁ ବୁଝାଏନାହିଁ। କର୍ମଫଳ ଆସକ୍ତିର ତ୍ୟାଗକୁ ବୁଝାଏ। ଯାଅ, ତୁମ ଗୁରୁଙ୍କର ଶରାଣାପନ୍ନ ହୋଇ ତାଙ୍କ ନିର୍ଦ୍ଦେଶରେ ଅହଂ ଶୂନ୍ୟ ହୋଇ କାର୍ଯ୍ୟକର। ଅଚିରେ ତୁମର ସିଦ୍ଧି ଫେରିପାଇବ ।"

ଶ୍ରଦ୍ଧାକର ଫେରିଯାଇ ନିଜ ଗୁରୁଙ୍କ ଶରଣାପନ୍ନ ହେଲେ ଓ ତାଙ୍କ ନିର୍ଦ୍ଦେଶରେ ସେବାକାର୍ଯ୍ୟ କରି ଆପଣାର ସିଦ୍ଧି ଫେରିପାଇଲେ। ତାଙ୍କ ମନରୁ ଅହଂଭାବ ଦୂରେଇ ଯାଇଥିଲା ଓ ପରସେବା କାର୍ଯ୍ୟକରି ଆତ୍ମବତ୍ ସର୍ବ ଭୂତେଷୁ ଭବଃ ଅର୍ଥାତ ସବୁପ୍ରାଣୀ ନିଜଭଳି ଭାବ ଉଦୟ ହୋଇସାରିଥିଲା।

**ବରପାଲିପଡ଼ା, ବଲାଙ୍ଗିର**



ଘର ତିଆରି କରାଯାଏ ରହିବାପାଇଁ, ଦେଖିବାପାଇଁ ନୁହେଁ। ତେଣୁ ରହିବା ଦିଗଟି ପ୍ରତି ପ୍ରଥମେ ଦୃଷ୍ଟିଦିଅ ।

# ବଡ ମଣିଷଙ୍କ ଜୀବନ କଥା (୬)
# ନାଟୁଆ ପିଲା ଦିନେ ଇଙ୍ଗ ମଣିଷ ହେଲା



ଶ୍ରୀ ରବୀନ୍ଦ୍ରନାଥ ପ୍ରଧାନ

ଗୋଦାବରୀଶ କଟକ ରେଭେନ୍ସା କଲେଜରେ ପାଠ ପଢୁଥାନ୍ତି । ଥରେ ବିହାର - ଓଡ଼ିଶା କୃଷି ବିଭାଗ ଡିରେକ୍ଟର କୃଷିଶାସ୍ତ୍ରରେ ଉଚ୍ଚଶିକ୍ଷା ନିମନ୍ତେ ସରକାରୀ ବୃତ୍ତିରେ ବିଲାତ ପଠାଇବା ପାଇଁ ଛାତ୍ର ବାଛିବା ନିମନ୍ତେ କଟକ ଆସିଥାନ୍ତି । ସେ କଲେଜରେ ଛାତ୍ରମାନଙ୍କୁ ପରୀକ୍ଷା କରିବାବେଳେ ଗୋଦାବରୀଶଙ୍କୁ ବାଛିଲେ ।

ବେ ସାହେବ କହିଲେ, "ଗୋଦାବରୀଶ ! ଆମେ ତୁମରି ଭଳି ମେଧାବୀ ଯୁବକ ଚାହୁଁଥିଲୁ । ତୁମେ ହିଁ କୃଷି ଗବେଷଣା କ୍ଷେତ୍ରରେ ଉପଯୁକ୍ତ ଛାତ୍ର । ସୁତରାଂ କୃଷି ସମ୍ବନ୍ଧରେ ଅଧିକ ଶିକ୍ଷାଲାଭ ପାଇଁ ସରକାରୀ ବୃତ୍ତିରେ ବିଲାତ ଯିବ । ସେଠାରୁ ଫେରିଲେ, ତୁମେ ଓଡ଼ିଶାରେ ସରକାରୀ ଡିରେକ୍ଟର ପଦରେ ନିଯୁକ୍ତି ପାଇ ମୋଟା ଅଙ୍କର ଦରମା ବି ପାଇବ ।"

ଏବେ ଗୋଦାବରୀଶଙ୍କର ବିଲାତ ଯିବାକୁ ମନ ହେଲା । ଏହାର କାରଣଟି ହେଲା -

**ଚାକିରି କରିବା ଲୋଭ ନଥିଲା**
**ବିଲାତ ଯିବାକୁ ମନ ବଳିଲା**
**ଦେଖିବାକୁ ନୂଆ ଦେଶ,**
**ହେଲେ ଯିବାଲାଗି ବାଧା ଉପୁଜିଲା**
**ନଥିଲା ଗୁରୁ ଆଦେଶ ।।**

ଗୋପବନ୍ଧୁଙ୍କ ବିନା ପରାମର୍ଶରେ ଗୋଦାବରୀଶ କିଛି କରୁନଥିଲେ । କାରଣ ସେ ତାଙ୍କୁ ଗୁରୁ ରୂପେ ଗ୍ରହଣ କରି ନେଇଥିଲେ । ସୁତରାଂ ସେ ଗୋପବନ୍ଧୁଙ୍କଠାରୁ ପରାମର୍ଶ ଲୋଡି ଏ ସମ୍ବନ୍ଧରେ ଚିଠି ଲେଖିଲେ ।

କିଛିଦିନର ଅପେକ୍ଷା ପରେ ଗୋଦାବରୀଶ ଚିଠି ପାଇଲେ । ସେ ଚିଠିରେ ଗୋପବନ୍ଧୁ ଲେଖିଥିଲେ, "ଗୋଦାବରୀଶ ! ତୁମେ ବ୍ରାହ୍ମଣ ଘରେ ଜନ୍ମିଥିଲ, କ'ଣ ପାଠପଢ଼ି ଜମି ଚଷିବାକୁ ? ତୁମେ ପରା ଆଗରୁ ଜନସେବା ବୃତ୍ତି ଗ୍ରହଣ କରିସାରିଛ ?" ବାସ୍, ଏତିକିରେ ଗୋଦାବରୀଶ ସଂପୂର୍ଣ୍ଣ ବଦଳିଗଲେ । ସେ ଉଚ୍ଚ ଚାକିରି ଆଶା ଓ ବିଦେଶ ଭ୍ରମଣ ନିଶା ଭୁଲିଗଲେ । ପୂର୍ବଭଳି ଜନସେବା ସହିତ ପାଠପଢ଼ାରେ ମନଦେଲେ ।

## ଗୋଦାବରୀଶଙ୍କର କଲିକତାରେ ପାଠପଢ଼ା :-

ଗୋଦାବରୀଶଙ୍କୁ ଅଭାବ ଅନଟନ ଆଦୌ ଛାଡୁନଥାଏ । ତାଙ୍କ ପାଖକୁ ଖୁବ୍ ବଡ଼ ବଡ଼ ସୁଯୋଗ ଆସୁଥିଲେ ବି ସେସବୁକୁ ହାତଛଡ଼ା କରିଦେଉଥାନ୍ତି । ଗୁରୁଙ୍କ କଥାରେ ସବୁବେଳେ ଚାଲିଥାନ୍ତି । ଯେତେବେଳେ ବି.ଏ. ପାସ୍ କରିଗଲେ, ତା'ପରେ କ'ଣ କରିବାକୁ ହେବ କିଛି ଠିକ୍ କରିନପାରି ଗୋପବନ୍ଧୁଙ୍କ ପରାମର୍ଶ ଲୋଡ଼ିଲେ ।

ଅର୍ଥନୀତିରେ ଏମ୍.ଏ. ପଢ଼ିବାକୁ ଗୋପବନ୍ଧୁ ପ୍ରବର୍ତ୍ତାଇଲେ । ଠିକ୍ ଏତିକିବେଳେ ସରକାରଙ୍କଠାରୁ ତିରିଶ ଟଙ୍କା ବୃତ୍ତିପାଇ ଆଇନ ପଢ଼ିବାକୁ ଚିଠି ଖଣ୍ଡେ ବି ପାଇଗଲେ । ଶେଷରେ ଦୁଇଟିଯାକ ପାଠ ପଢ଼ିବାପାଇଁ ଠିକ୍ ହେଲା ।

ଯେଉଁଦିନ ଗୋଦାବରୀଶ ବାଣପୁରରୁ କଲିକତା ଅଭିମୁଖେ ବାହାରିଲେ, ସେଦିନ ବାଣପୁରେ ଆନନ୍ଦ ଉଲ୍ଲାସର ଢ଼େଉ ଖେଳିଯାଉଥାଏ । ଆଜି ବାଣପୁରର ପ୍ରଥମ ପୁଅ ଉଚ୍ଚଶିକ୍ଷା ଲାଭ ପାଇଁ ସୁଦୂର କଲିକତା ଯାଉଛି । ସୁତରାଂ ହଜାର ହଜାର ଲୋକଙ୍କୁ ନେଇ ବିରାଟ ଶୋଭାଯାତ୍ରା ବାହାରିଛି ବାଲୁଗାଁ ରେଲଷ୍ଟେସନ ଅଭିମୁଖେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବାପାଇଁ ।

**ସୁତରାଂ - କଲିକତା ଯାଇ ପଠିବେ ପାଠ**
**ବାହାରିବା ଦିନ ଗୋଦାବରୀଶ**
**ହଜାର ହଜାର ଲୋକ,**
**ରୁଣ୍ଡ ହୋଇଲେଣି ବାଲୁଗାଁ ଠାରେ**
**ରେଳଗାଡ଼ି ଛାଡ଼େ ଡାକ ।**

## ଅନ୍ୟାୟର ପ୍ରତିବାଦ :-

ଗୋଦାବରୀଶ କଲିକତାରେ ପହଞ୍ଚିଗଲେ । ବୃତ୍ତି ପାଇ ଯେଉଁଠି ପିଲାମାନେ ରହୁଥିଲେ,ସେ ସେଇଠି ଯାଇ ରହିଲେ । ସେଠାରେ ଅନେକ ବଙ୍ଗାଳୀ ପିଲା ପଢୁଥିଲେ । ସେମାନଙ୍କ ତୁଳନାରେ ଓଡ଼ିଆ ପିଲାଙ୍କ ସଂଖ୍ୟା ବହୁତ କମ୍ ଥିଲା । ଗୋଦାବରୀଶ ଦେଖିଲେ ବଙ୍ଗାଳୀ ପିଲାମାନେ ଅଯଥାରେ ଓଡ଼ିଆ ପିଲାଙ୍କୁ ହଇରାଣ ହରକତ କରୁଛନ୍ତି । ଓଡ଼ିଆ ପିଲାମାନେ ବାଧ ହୋଇ ସବୁ ସହିଯାଉଛନ୍ତି । ଭୟରେ ତୁଣ୍ଡ ଖୋଲୁନାହାନ୍ତି । ଏସବୁ ଦେଖି ଗୋଦାବରୀଶ ଜମା ସହିପାରିଲେ ନାହିଁ । ଓଡ଼ିଆଜାତିର ମର୍ଯ୍ୟାଦା ରଖିବାପାଇଁ ସାହସର ସହିତ ଏଭଳି ଅନ୍ୟାୟ ଅନୀତିର ଦୃଢ଼ ପ୍ରତିବାଦ କଲେ ।

ଏବେ ଶୁଣ ପରର ଘଟଣା -

**ଓଡ଼ିଆ ପିଲାଙ୍କୁ ବଙ୍ଗାଳୀ ପିଲେ**
**ହଇରାଣ କରୁଥିବା ଦେଖିଲେ**
**ଯେତେବେଳେ ଗୋଦାବରୀଶ**



ଧନବାନ୍ ହୋଇ ମଧ୍ୟ ଯାହାର ଧନଇଚ୍ଛା ଦୂର ହୋଇନାହିଁ, ତାକୁ ମୁଁ ସର୍ବଦା ଦରିଦ୍ର ବୋଲି ଭାବେ ।

**ଅନ୍ୟାୟର ଦୃଢ଼ ପ୍ରତିବାଦ କଲେ**
**ଦେଖାଇ ତାଙ୍କ ପୌରୁଷ ।**

ବଙ୍ଗାଳୀ ପିଲାମାନେ ସିନା ନିଜ ରାଜ୍ୟ ଓ ସଂଖ୍ୟାଧିକ କାରଣରୁ ଅନ୍ୟାୟ ଆଚରଣ ଦେଖାଉଥିଲେ, କିନ୍ତୁ ଗୋଦାବରୀଶଙ୍କ ଦୃଢ଼ ପ୍ରତିବାଦ ଆଗରେ ନୀରବ ରହିଗଲେ । ଏଣିକି ସେମାନେ ଓଡ଼ିଆପିଲାଙ୍କୁ କଥା କହିବାକୁ ଡରିଲେ । ଆଉ ହଇରାଣ କଲେନାହିଁ ।

ଏଣିକି କଲିକତାରେ ଗୋଦାବରୀଶଙ୍କ ପ୍ରାଧାନ୍ୟ ଦିନକୁ ଦିନ ବଢ଼ି ବଢ଼ି ଚାଲିଲା । ଓଡ଼ିଆଜାତିପାଇଁ ତାଙ୍କର ଲଢ଼େଇ ଚାଲୁ ରହିଲା ।

ଠିକ୍ ସେହି ସମୟର କଥା । ମୟୂରଭଂଜର ମହାରାଜା ରାମଚନ୍ଦ୍ର ଦେବ ପାଶ୍ଚାତ୍ୟ ଦେଶ ଭ୍ରମଣରୁ ଫେରିଲେ । ଏହା ଥିଲା ଆମ ଓଡ଼ିଶାପାଇଁ ଗର୍ବ ଓ ଗୌରବର ବିଷୟ । ସେ ଯେତେବେଳେ କଲିକତାରେ ପହଞ୍ଚିଗଲେ, ସେଠାରେ ତାଙ୍କୁ ସମ୍ବର୍ଦ୍ଧିତ କରିବାପାଇଁ ଗୋଦାବରୀଶ ଲାଗିପଡ଼ିଲେ । ଏକ ବିରାଟ ସଭାର ଆୟୋଜନ କରିଦେଲେ । ସେହି ସଭାରେ କଲିକତାରେ ରହୁଥିବା ଓଡ଼ିଶାର ଜାତିପ୍ରାଣ ମଧୁସୂଦନ ଦାସ ସଭାପତିତ୍ୱ କରିଥିଲେ । ବହୁ ମାନଗଣ୍ୟ ଲୋକ ବି ଯୋଗ ଦେଇଥିଲେ । ସେଦିନ ସଭାରେ ଓଡ଼ିଆମାନଙ୍କ ବକ୍ତୃତା ଏବଂ ଆୟୋଜନ ଗୋଦାବରୀଶଙ୍କର ସଂଗଠନ କାର୍ଯ୍ୟକୁ ଦେଖି ବଙ୍ଗାଳୀମାନେ ବିସ୍ମିତ ହୋଇଯାଇଥିଲେ ।

## କଲିକତାରେ ହିନ୍ଦୁ ସମାଜ ଗଠନ :-

ଗୋଦାବରୀଶ କଲିକତାରେ ଏମ୍.ଏ ସାଙ୍ଗକୁ ଓକିଲାତି ପଢୁଥାନ୍ତି । ଏକାବେଖଳେ ଦି'ଦି'ଟା ପାଠ ପଢ଼ିବାକୁ ସମୟ ନିଅଣ୍ଟ ଥିଲା । ତଥାପି ସେ କଲିକତାରେ ଥାଇ ଓଡ଼ିଶା କଥା ଚିନ୍ତା କରୁଥିଲେ ।

ଏବେ ଶୁଣ ତାଙ୍କର ମହତ ଚିନ୍ତା କ'ଣ ଥିଲା :-

**କୁସଂସ୍କାର ଅନ୍ଧବିଶ୍ୱାସ ଯେତେ**
**ସମାଜୁ ହଟାଇ ଦେବାକୁ ଚିନ୍ତେ**
**ଯୁବକ ଗୋଦାବରୀଶ,**
**କଲିକତାରୁ ଏ କାମ ଆରମ୍ଭିଲେ**
**ରଖି ମହତ ଉଦ୍ଦେଶ୍ୟ ।**

ସେତେବେଳେ ଆମ ସମାଜରେ ଜାତିଭେଦ ପ୍ରଥା ଉଗ୍ର ରୂପ ଧାରଣ କରିଥିଲା । ତା'ଛଡ଼ା ଅନେକ କୁସଂସ୍କାର ମଧ୍ୟ ସମାଜର ଘୋର କ୍ଷତି ଘଟାଉଥିଲା । ଗୋଦାବରୀଶ ଚିନ୍ତା କଲେ ଏହି କୁସଂସ୍କାରକୁ ବଦଳାଇ ଦେଲେ ବିଶେଷ କିଛି ଅସୁବିଧା ହେବନାହିଁ । ବରଂ ଚଳଣିରେ ସୁଧାର ଆସିଲେ ସମାଜରେ ବିଶେଷକରି ଦଳିତ ଓ ଗରିବ ଲୋକଙ୍କର ବହୁତ ଲାଭ ହେବ । ଏପରିକି ମାନବ ସମାଜ ମୋଟାମୋଟି ଲାଭବାନ ହୋଇପାରିବ ।

ସୁତରାଂ ଗୋଦାବରୀଶ ହିନ୍ଦୁ ସମାଜ ନାମରେ କଲିକତାରେ ଏକ ଅନୁଷ୍ଠାନ ଗଢ଼ିଲେ । ଅଧିକାଂଶ ଓଡ଼ିଆ ଛାତ୍ର ଏହାର ସଭ୍ୟ ରହିଲେ । ହିନ୍ଦୁ ସମାଜର ପ୍ରଥମ ବୈଠକରେ ନିଷ୍ପତ୍ତି ନିଆଗଲା ଯେ, ଯାହା ସେମାନେ ଅନ୍ୟମାନଙ୍କୁ ପାଳିବାକୁ କହିବେ, ତାକୁ ପ୍ରଥମେ ନିଜେ ନିଜେ ପାଳନ କରିବାକୁ ହେବ ।

ଯଦି ଏଭଳି ହୁଏ କ'ଣ ହେବ ନା -

**ସମାଜକୁ ଯେଉଁ ବାରତା ଦେବେ**
**ତାକୁ ଯଦି ଆମେ ନିଜେ ପାଳିବା**
**ଗ୍ରହଣୀୟ ନିଶ୍ଚେ ହେବ**
**ତେଣୁ ସଭ୍ୟମାନେ ପାଳିଲେ ସେସବୁ**
**ମନେ ରଖି ଏହି ଭାବ ।**

ଏବେ ହିନ୍ଦୁ ସମାଜ ଅନୁଷ୍ଠାନର ସଭ୍ୟମାନେ ଖାଇବା - ପିଇବା କ୍ଷେତ୍ରରେ ଜାତିଭେଦ ମାନିଲେ ନାହିଁ । ଦାଢ଼ି କାଟିଦେଇ ମୁହଁରେ କେବଳ ନିଶ ରଖିଲେ, ଯାହା ବ୍ରାହ୍ମଣ ସମାଜରୁ କୁସଂସ୍କାର ହଟେଇବାରେ ସହାୟକ ହେଲା । ତା'ଛଡ଼ା ସେମାନେ ପଇତା ପିନ୍ଧିଲେ ନାହିଁ ।

ସମାଜର ଦଳିତ ଲୋକମାନଙ୍କୁ ସାହାଯ୍ୟ କରିବା ଏହି ଅନୁଷ୍ଠାନର ମୂଳଲକ୍ଷ୍ୟ ଥିଲା । ସମାଜକୁ ଦୁର୍ନୀତି ଓ କୁସଂସ୍କାରରୁ କିପରି ଦୂର କରାଯାଇପାରିବ, ସେ ବିଷୟରେ ଏହି ଅନୁଷ୍ଠାନରେ ସର୍ବଦା ଆଲୋଚନା କରାଯାଉଥିଲା । ସେତେବେଳେ ମଧୁସୂଦନ ଦାସ କଲିକତାରେ ଓକିଲାତି କରୁଥାନ୍ତି । ତାଙ୍କଦ୍ୱାରା ଗୋଦାବରୀଶ ଅନୁଷ୍ଠାନର କାର୍ଯ୍ୟଧାରା ନିରୂପଣ କରୁଥାନ୍ତି । ସୁତରାଂ ମଧୁବାବୁ ଥିଲେ ଏହି ଅନୁଷ୍ଠାନର ପରାମର୍ଶଦାତା ।

ବାଣପୁରରେ ମାଇନର ସ୍କୁଲ ପ୍ରତିଷ୍ଠା :-

ଗୋଦାବରୀଶ ଗୋଟିଏ ସ୍ଥାନରେ ବାନ୍ଧି ହୋଇ ବସିବା ଲୋକ ନଥିଲେ । ସେ କଲିକତାରେ ଥାଇ ଏମ୍.ଏ. ଆଇନ୍ ପାଠ ପଢ଼ି ଶେଷ କରିଦେଲେ । ସେ ଥରେ ଗାଁ'କୁ ବୁଲି ଆସିଥାନ୍ତି । ଦେଖିଲେ ବାଣପୁର ସ୍କୁଲରେ ଏପର୍ଯ୍ୟନ୍ତ ମାଇନର ସ୍କୁଲଟିଏ ବି ନାହିଁ । ଆଗରୁ ଯେଉଁ ଭୀମପୁର ମଧ୍ୟଭର୍ଣ୍ଣା କୁଲାର ସ୍କୁଲରେ ଗୋଦାବରୀଶ ପାଠ ପଢୁଥିଲେ, ସେ ସ୍କୁଲଟି ମଧ୍ୟ ୧୯୧୧ ରୁ ଭାଙ୍ଗିଯାଇଛି । ସୁତରାଂ ଗୋଦାବରୀଶ ୧୯୧୪ ରେ ବାଣପୁରଠାରେ ଆଉଥରେ ନୂଆକରି ମାଇନର ସ୍କୁଲ ପ୍ରତିଷ୍ଠା କଲେ । ଭୁବନେଶ୍ୱରର ରଘୁନାଥ ମହାପାତ୍ର ଏହାର ପ୍ରଧାନ ଶିକ୍ଷକ ରହିଲେ ଏବଂ ବାଣପୁରର ଲିଙ୍ଗରାଜ ପଟ୍ଟଯୋଷୀସଂପାଦକ ରହିଲେ ।

## ଗୋଦାବରୀଶ ତୁମେ କ'ଣ ଓଡ଼ିଶାର ଲକ୍ଷ ଲକ୍ଷ ମୂକ ବଧିରଙ୍କ କଥା ଭୁଲିଗଲ :-

ଗୋଦାବରୀଶଙ୍କର କଲିକତାରେ ପାଠପଢ଼ା ଶେଷ ହେଲା ସିନା କିନ୍ତୁ ସେ କଲିକତା ଛାଡ଼ିପାରୁନାହାନ୍ତି କି ବାଣପୁରକୁ ଭୁଲିପାରୁନାହାନ୍ତି । ସେ କଲିକତାରେ ତାଙ୍କ ହାତଗଢ଼ା ଅନୁଷ୍ଠାନ କଥା ବୁଝିବେ ନା ଜନ୍ମମାଟି ବାଣପୁରର ଉନ୍ନତି କଥା ଚିନ୍ତା କରିବେ ? ସୁତରାଂ ଗୋଦାବରୀଶଙ୍କର କଲିକତାରୁ ବାଣପୁର ଓ ବାଣପୁରରୁ କଲିକତା ଯାତ୍ରା ଚାଲିଥାଏ ।



ଯେ ପର୍ଯ୍ୟନ୍ତ ହୃଦୟରେ ବିକାର ଅଛି, ଭୟ ଅଛି ଏବଂ ଅବିଶ୍ୱାସ ଅଛି, ସେ ପର୍ଯ୍ୟନ୍ତ ଶ୍ରଦ୍ଧା ଓ ଭକ୍ତି ଦୃଢ଼ ହୋଇପାରିବନାହିଁ ।

ଏକଦା କଲିକତାରେ ଏମିତି ଏକ ଘଟଣା ଘଟିଲା, ଯେଉଁଥିରେ ଗୋଦାବରୀଶ ଖୁବ୍ ଚିନ୍ତିତ ହୋଇପଡ଼ିଲେ। ସେ କ'ଣ କରିବେ କିଛି ନିଷ୍ପତ୍ତି ନେଇପାରିଲେ ନାହିଁ ।

ସେତେବେଳେ କଲିକତାରେ ଥିବା ମୂକ ବଧିର ବିଦ୍ୟାଳୟ ପାଇଁ ଶିକ୍ଷକ ଆବଶ୍ୟକ ହେଉଥାଏ। ଶିକ୍ଷକତା କରିବା ପୂର୍ବରୁ ସରକାରୀ ବୃତ୍ତିରେ ବିଲାତରୁ ଅଧିକ ଜ୍ଞାନ କୌଶଳ ଅର୍ଜନ ପାଇଁ ତାଲିମ ସକାଶେ ଗୋଦାବରୀଶଙ୍କୁ ମନୋନୀତ କରାଯାଇଥିଲା। ଯେଉଁ ଗୋଦାବରୀଶଙ୍କ ପରିବାର ଓଳିଏ ଖାଇଲେ ଓଳିଏ ଉପବାସ ରହୁଥିଲେ, ଆଉ ଯାହାଙ୍କର ପିନ୍ଧିବାପାଇଁ ଖଣ୍ଡିଏରୁ ଦି'ଖଣ୍ଡ ଲୁଗା ନଥିଲା, ତାଙ୍କର ଦୁର୍ଦ୍ଦଶା କହିଲେ ନସରେ।

ତଥାପି :-

**ଅନଟନ ଅସୁବିଧା ଭିତର**
**ଏମ୍.ଏ. ଓକିଲାତି ପାଠ ପଢ଼ିଲେ**
**ଅସରନ୍ତି କଷ୍ଟ ସହି**
**ସୁବର୍ଣ୍ଣ ସୁଯୋଗ ମିଳିଗଲା ବୋଲି ଏବେ**
**କଥାରେ ହେବନି କହି ।**

ଏବେ ଗୋଦାବରୀଶ ବିଲାତରେ ତାଲିମ ନେଇ କଲିକତାରେ ମୂକ ବଧିର ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ହେଲେ। ଇଏ କ'ଣ ଛୋଟିଆ କଥା ।

ସେତେବେଳେ ସମୁଦ୍ର ପାର ହୋଇ ବିଦେଶ ଗଲେ ଜାତି ଚାଲିଯାଏ ବୋଲି ଅନ୍ଧବିଶ୍ୱାସ ଥିଲା। ତଥାପି ଗୋଦାବରୀଶ ସକଳ ସାମାଜିକ ବାଧାବନ୍ଧନକୁ ପାଦରେ ଠେଲିଦେଇ ଯିବାକୁ ବାହାରିଲେ। ମାତ୍ର ଅସଲ କଥାଟି ତାଙ୍କର ହଠାତ୍ ମନେପଡ଼ିଗଲା। ସେ ଯାହାଙ୍କୁ ଜୀବନର ଗୁରୁ ଆସନରେ ବସାଇଛନ୍ତି, ଯାହାଙ୍କ କଥାରେ ଏପର୍ଯ୍ୟନ୍ତ ଚାଲିଆସିଛନ୍ତି, ତାଙ୍କୁ ପଚାରିନାହାନ୍ତି। ପୁଣି ମନେପକାଇଲେ ବି.ଏ. ପାଠପଢ଼ା ବେଳର କଥାକୁ, ତାଙ୍କର ଗୁରୁ ଗୋପବନ୍ଧୁ କ'ଣ କହିଥିଲେ।

ଏବେ ଶୁଣ ତା'ପରର କଥା କ'ଣ ହେଲା -

**ଦେଶର ମଙ୍ଗଳ କରି କାମନା**
**ବିଲାତ ଯିବାକୁ କରିଲେ ମନା**
**ଏବେ କଅଣ କେଜାଣି**
**କହିବେ ଭାବିକି ଲେଖିଦେଲେ ଚିଠି**
**ଶୁଣିଲେ ନିରାଶବାଣୀ ।**

ଚିଠିର ଉତ୍ତର ଆସିଲା, "ଗୋଦାବରୀଶ, ତୁମେ କଲିକତାରୁ ଫେରିଲା ପରେ କଲିକତାର ମୂକ -ବଧିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେବ। ଏଣେ ଓଡ଼ିଶାର ଲକ୍ଷ ଲକ୍ଷ ମୂକ, ବଧିରଙ୍କ କଥା କ'ଣ ଭୁଲିଗଲ ? ଏଠାରେ ଏମାନଙ୍କ କଥା ବୁଝିବ କିଏ ? ?"

ବାସ୍, ଗୋପବନ୍ଧୁଙ୍କର ଏଇ କେଇପଦ କଥାରେ କ୍ଷଣିକ ମଧ୍ୟରେ ସବୁ ଯେମିତି ଓଲଟ ପାଲଟ ହୋଇଗଲା। ବିଲାତ ଯିବାକଥା ବନ୍ଦ ହେଲା। ସେ କଲିକତାରୁ ପୁରୀ ରେଳ ଯୋଗେ ତୁରନ୍ତ ଫେରିଆସିଲେ। ସାକ୍ଷୀଗୋପାଳ ଷ୍ଟେସନରେ ଓହ୍ଲାଇ ସତ୍ୟବାଦୀଠାରେ ପହଞ୍ଚିଲେ। ସେଠାକାର ବନବିଦ୍ୟାଳୟରେ ମଣିଷଗଢ଼ା କାରଖାନା ଚାଲିଥାଏ।

ସୁତରାଂ ଗୋଦାବରୀଶଙ୍କ ଜୀବନକୁ ଅନୁଧ୍ୟାନ କଲେ ଜଣାଯାଏ -

**ଲୋଡ଼ିନଥିଲା ସେ ସୁଖ ଜୀବନେ**
**ସେବା କରିବାକୁ ଦରିଦ୍ର ଜନେ**
**ମନରେ ନେଲା ନିଷ୍ପତ୍ତି,**
**ବୁଝିଥିଲା ସିଏ ସେବାରେ କେବଳ**
**ମଣିଷପଣିଆ ଅଛି ।।**

ମୋ କଥାଟି ସରିଲା। ଫୁଲଗଛଟି ମରିଲା। ଆଉ ପୁଣି କ୍ରମଶଃ...... ଆରଥରକୁ ରହିଲା........ ।

**ଖମାର ସାହି, ବାଣପୁର, ଖୋରଧା**
**ପିନ୍ - ୭୫୨୦୩୧**
**ମୋ - ୯୭୭୮୫୬୦୭୪୫**

## ଭାଷା ସଂଗମ

ଦେଶରେ ଦୈନନ୍ଦିନ ବ୍ୟବହୃତ ହେଉଥିବା ସାଧାରଣ କଥାଗୁଡିକୁ ଏଣିକି ୨୨ଟି ଆଂଚଳିକ ଭାଷାରେ ସ୍କୁଲଛାତ୍ରଛାତ୍ରୀମାନେ ଶିଖିପାରିବେ । ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଏକ ଭାରତ ଶ୍ରେଷ୍ଠ ଭାରତଅନ୍ତର୍ଗତ ଭାଷା ସଂଗମ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି ।

ଶୁଭାରମ୍ଭ ହୋଇଥିବା ଭାଷା ସଂଗମ ; ଭାଷାର ଏକତା ମାଧ୍ୟମରେ ବିବିଧ ଭାଷାକୁ ପ୍ରୋତ୍ସାହନ ପ୍ରଦାନ କରିବ। ଭାଷା ସଂଗ୍ରାମ ମୋବାଇଲ ଆପରେ ଦେଶରେ ପ୍ରତିଦିନ ବ୍ୟବହୃତ ୧୦୦ଟି ସାଧାରଣ ବାକ୍ୟ ଗୁଡିକୁ ୨୨ଟି ଆଂଚଳିକ ଭାଷାରେ ଉପଲବ୍ଧ କରାଯାଇଛି ।

ଏତଦବ୍ୟତିତ ଏକ ଭାରତ ଶ୍ରେଷ୍ଠ ଭାରତ ମୋବାଇଲ କୁଇଜ ଗେମ୍ ଆପର ବ୍ୟବହାର କରି ଛାତ୍ରଛାତ୍ରୀମାନେ ବିଭିନ୍ନ ରାଜ୍ୟର ସମୃଦ୍ଧ ସଂସ୍କୃତି, ଦେଶର ବୀର ସଂଗ୍ରାମୀ, ଐତିହ୍ୟ, ପରମ୍ପରା, ପର୍ଯ୍ୟଟନ ସ୍ଥଳି, ଭାଷା, ଭୁଗୋଳ, ଇତିହାସକୁ ଅଧିକ ଜାଣିପାରିବେ। ଭାରତୀୟ ଭାଷାକୁ ପ୍ରୋତ୍ସାହନ ଦେବା ଜାତୀୟ ଶିକ୍ଷା ନୀତି ୨୦୨୦ର ମୂଳ ଉଦ୍ଦେଶ୍ୟ। ଆଗାମୀ ଦିନରେ ଭାଷାକୁ କ୍ରେଡ଼ିଟ୍ ଅର୍ନିଂ ବ୍ୟବସ୍ଥାରେ ଏକତ୍ରିତ କରାଯିବ। ଦେଶ ସ୍ୱାଧୀନତାର ୭୫ ବର୍ଷ ଉପଲକ୍ଷେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଅଛି।



ଯେ ପର୍ଯ୍ୟନ୍ତ ଇଚ୍ଛା ଅଛି, ସେ ପର୍ଯ୍ୟନ୍ତ ଦୁଃଖ ଅଛି। ଇଚ୍ଛା ଗଲା ତ ଦୁଃଖ ମଧ ଗଲା।

# ଗୋଟେ ସ୍ତ୍ରୀର ସ୍ୱପ୍ନ

**ରମାକାନ୍ତ ଦାସ**

ଗୋବିନ୍ଦପୁର ଗ୍ରାମରେ ମାଳତୀ ଦେବୀ ଓ ତାଙ୍କର ପୁଅ ମନୋଜ ବାସ କରୁଥିଲେ। ମାଳତୀ ଦେବୀଙ୍କ ବୟସ ଦିନକୁ ଦିନ ବଢୁଥିବାରୁ ସେ ଘରକାମ କରିବାରେ ଅକ୍ଷମ ହେଉଥିଲେ। ମନୋଜ ସବୁଦିନ କ୍ଷେତରେ କାମ କରେ। ଗୋଟେ ଦିନ ମାଳତୀ ଦେବୀ ଯାଇ ତାଙ୍କ ପଡ଼ିଶା ଘରେ ରହୁଥିବା ଜଣେ ସ୍ତ୍ରୀ ଲୋକଙ୍କୁ କହିଲେ – "ରଙ୍ଗବତୀ, ତୋ ନଜରର କିଏ ଭଲ ଝିଅ ଅଛନ୍ତି.... ? ? ଯଦି ଅଛନ୍ତି ତ କହ। ମୁଁ ମୋ ପୁଅର ବାହାଘର କରିବାକୁ ଚାହୁଁଛି। କେତେଦିନ ଆଉ ଏକୁଟିଆ ପରିଶ୍ରମ କରୁଥିବି।" ମାଳତୀ ଦେବୀଙ୍କ କଥା ଶୁଣିସାରି ସେ ସ୍ତ୍ରୀ ଲୋକ ଜଣକ କହିଲେ – ହଁ ହଁ ଆମର ବନ୍ଧୁବାନ୍ଧବରେ ଜଣେ ଝିଅ ଅଛି। ଦେଖିବାକୁ ଭାରି ସୁନ୍ଦରୀ। ରୂପରେ, ଗୁଣରେ ତା'ସହ କେହିବି ସମାନ ହେବେନି। ଯଦି ତମେ କହିବ ମୁଁ ତାଙ୍କ ଘରେ ପ୍ରସ୍ତାବ ପକେଇବି। ଏକଥା ଶୁଣି ସାଙ୍ଗେ ସାଙ୍ଗେ ମାଳତୀ ଦେବୀ ଦେବୀ ହଁ କହିଲେ ଓ ଘରକୁ ଆସିଲେ।

କିଛି ସମୟ ପରେ ମନୋଜ ଘରକୁ ଫେରିଲା। ମାଳତୀ ମନୋଜକୁ ଖାଇବାକୁ ଦେଲେ। ଖାଇବା ସମୟରେ ମନୋଜ କହିଲା, 'ମା' ତୁ ଆଉ କେତେଦିନ ଏତେ ପରିଶ୍ରମ କରିବୁ। ମୁଁ ଏସବୁ ଦେଖିପାରୁନି। କାଲିଠୁ ୨ଟି ଚାକର ରଖିବା। ତୁ ସବୁଦିନ ଆରାମ କରିବୁ ଆଉ ସେମାନେ ଘରକାମ କରିବେ।' ଏକଥା ଶୁଣି ମାଳତୀ ଦେବୀ ହସିଦେଇ କହିଲେ, 'ନାଇଁରେ ବାପା ଚାକରର କିଛି ଆବଶ୍ୟକତା ନାହିଁ। ମୁଁ ତୋ ପାଇଁ ଗୋଟେ ଝିଅ ଦେଖିଛି, କାଲି ସକାଳେ ଆମେ ଯାଇ ସେ ଝିଅକୁ ଦେଖିକି ଆସିବା। ଯଦି ତୋର ପସନ୍ଦ ହୁଏ ତ କିଛିଦିନ ମଧ୍ୟରେ ତୋ'ର ବାହାଘର କରିଦେବି। ମତେ ଆଉ ଏତେବି କଷ୍ଟ କରିବାକୁ ପଡ଼ିବନି।'

ତା'ପରଦିନ ମାଳତୀ ଦେବୀ, ମନୋଜ ଓ ସେ ସ୍ତ୍ରୀ ଜଣକ ପହଞ୍ଚିଲେ ଯାଇ ରାମବାବୁଙ୍କ ଘରେ। ଏମିତି କିଛି କଥା ହେବା ଭିତରେ ମାଳତୀ ଦେବୀ କହିଲେ, ଆଉ କ'ଣ ଡ଼େରି କରୁଛନ୍ତି ଝିଅକୁ ଡାକନ୍ତୁ ଝିଅକୁ ଦେଖି ଆମେମାନେ ଚାଲିଯିବୁ।

ଝିଅଟି ଆସି ମାଳତୀ ଦେବୀଙ୍କ ସାମ୍ନାରେ ବସିଲା। ମାଳତୀ ଦେବୀ ପଚାରିଲେ – ମା'ରେ ତୋ ନା କଣ ?

ଝିଅଟି ଉତ୍ତର ଦେଲା – ମୋ ନାଁ ମିକି ।

ତା'ପରେ ମାଳତୀ ଦେବୀ ପଚାରିଲେ – ମା' ତତେ କ'ଣ କରିବାକୁ ଭଲଲାଗେ ?

ଝିଅଟି ଚୁପ୍ ହୋଇଗଲା ଓ ଝିଅର ମା ସାଙ୍ଗେ ସାଙ୍ଗେ କହିଲେ ତାକୁ ଘର କାମ କରିବାକୁ ଭଲ ଲାଗେ। ରୋଷେଇ ଏମିତି କରେ ଯେ, ତମେ ହାତ ଚାଟି ଭାତ ଖାଇଦେବ।

ତା'ପରେ ମାଳତୀ ଦେବୀଙ୍କ ଲକ୍ଷ୍ୟ ପଡ଼ିଲା ଥାକ ହୋଇ ରହିଥିବା ବହିଗୁଡ଼ିକ ଉପରେ। ସାଙ୍ଗେ ସାଙ୍ଗେ ମାଳତୀ ଦେବୀ ପଚାରିଲେ – ମା, ତୋତେ ପଢ଼ାପଢ଼ି କରିବାକୁ ଭଲଲାଗେ ? ଚୁପ୍ ନରହି ସାଙ୍ଗେ ସାଙ୍ଗେ ମୋ ପ୍ରଶ୍ନର ଉତ୍ତର ଦେ ମୁଁ ତୋ ମାଆପରି। ମିକି କିଛି କହିବା ପୂର୍ବରୁ ମିକିର ମା କହିଲେ, 'ନା ନା, ଆପଣ ସେମିତି ଭାବନ୍ତୁନି, ସେ ଏମିତି ଘରକାମ କରିସାରିଲା ପରେ  ମନ ହାଲକା କରିବାପାଇଁ ପଢେ।' ଏକଥା ଶୁଣି ମାଳତୀ ଦେବୀ କହିଲେ 'ମୁଁ ଆପଣଙ୍କୁ ପଚାରିନି। ମା'ରେ, ନଡ଼ରି ମତେ ମନ ଖୋଲି ସବୁ କହ।' ସାଙ୍ଗେ ସାଙ୍ଗେ ମିକି ଉତ୍ତର ଦେଲା, "ହଁ! ମୋତେ ପଢ଼ାପଢ଼ି କରିବା ବହୁତ ପସନ୍ଦ.....। ମୋର ସ୍ୱପ୍ନ ଅଛିକି ମୁଁ ଜଣେ ଆଇ.ଏ.ଏସ୍. ଅଫିସର ହେବି ବୋଲି"। ଏକଥା ଶୁଣି ମିକିର ମାଆ ଭାବୁଥାନ୍ତି ସବୁବେଳେ ଏଇ ପଢ଼ାପଢି କଥା କହୁଛି ବୋଲି ବହୁତ ଥର ପୁଅ ଘରବାଲା ମନା କରିଦେଲେଣି। ଏଥର ବି ସେଇଆ ହେଲା ଓ ଭଲଘର ପ୍ରସ୍ତାବ ହାତଛଡ଼ା ହେଇଯିବ। ଏ ଝିଅ ବି ନା! ମିକିର କଥା ଶୁଣି ମାଳତୀ ଦେବୀ ସାଙ୍ଗେ ସାଙ୍ଗେ ହସିଦେଇ କହିଲେ – ମା', ମୁଁ ତୋର ସବୁ ସ୍ୱପ୍ନ ସାକାର କରିବି ଓ ତତେ ପଢ଼େଇବି। ଏକଥା ଶୁଣି ମିକି ଓ ତା'ର ବାପା ମା ବହୁତ ଖୁସି ହୋଇଗଲେ ଏବଂ କହିଲେ, 'ଯଦି ଝିଅ ଆମର ବାହାଘର ପରେ ପାଠ ପଢ଼ିବ ତ ଘରର ସବୁକାମ କିଏ କରିବ ?' ମାଳତୀ ଦେବୀ କହିଲେ, 'ମୋତେ କଷ୍ଟ ହେଲେ ବି ମୁଁ ଘରକାମ କରିବି, ହେଲେ ମୁଁ ମୋ ବୋହୂର ସ୍ୱପ୍ନକୁ ସାକାର କରିବି।' ଏକଥା କହିସାରି ସମସ୍ତେ ଘରକୁ ଫେରିଲେ।

କିଛିଦିନ ପରେ ମନୋଜ ଓ ମିକିର ବାହାଘର ସରିଗଲା ଏବଂ ମିକି ଆଗପରି କଲେଜ ଗଲା ପଢ଼ିବାପାଇଁ। ଏସବୁ କଥା ଦେଖି ମାଳତୀ ଦେବୀଙ୍କ ଗାଆଁଲୋକ ସହିପାରୁନଥିଲେ। ଏମିତି ବହୁତ କଥା କହୁଥିଲେ। ଦିନକର କଥା, ମିକି କଲେଜ ଯାଉଥାଏ ଓ ମନୋଜ ଟ୍ରାକ୍ଟରରେ ଘରକୁ ଫେରୁଥାଏ। ଘର ପାଖରେ ଥିବା ପୋଖରୀରୁ ପାଣି ଆଣି ଫେରୁଥାନ୍ତି ୩ଜଣ ସ୍ତ୍ରୀ ଲୋକ। ମନୋଜକୁ ଡାକି ସାଙ୍ଗେ ସାଙ୍ଗେ କହିଲେ, 'ନିଜେ ତ ଆଜିଯାଏଁ ସ୍କୁଲରୁ କଲେଜଯାଏଁ ଯାଇପାରିଲୁନି, ହେଲେ ତୋ ସ୍ତ୍ରୀ ଯିଏ ଘରକାମ କରିବାକଥା ସେ ପୁଣି ଯାଉଛି ପାଠ ପଢ଼ିବାକୁ!! କ'ଣ ନା ଅଫିସର ହେବ। ସ୍ୱାମୀ ତ ମୂର୍ଖ ହେଲେ ସ୍ତ୍ରୀ କୁ ଦେଖ।' ଏମିତି ବହୁତ କଥା କହିଲେ।

ମନୋଜ ରାଗିଯାଇ ସାଙ୍ଗେ ସାଙ୍ଗେ ଘରକୁ ଫେରି ଜୋର୍‌ରେ ଚିତ୍କାର କରି କହିଲା – ମା' ମା' କୋଉଠି ଅଛୁ ? ମନୋଜର ଡାକ ଶୁଣି ମାଳତୀ ଦେବୀ କହିଲେ ,କ'ଣ ହୋଇଛି ତୋର ? ଏତେ ଜୋର୍‌ରେ କ'ଣ ପାଇଁ ଡାକୁଛୁ ଆଉ ରାଗୁଛୁ କ'ଣ ପାଇଁ। ମନୋଜ କହିଲା, 'ଆଜିଠୁ ମିକିର ପାଠପଢ଼ା ବନ୍ଦ ଓ ସେ ଏବେ ଘରୁ ବାହାରକୁ ଯିବନି।' ମାଳତୀ ଦେବୀ କହିଲେ, 'କ'ଣ ହୋଇଛି ତୋର ? ତୁ କ'ଣ ପାଇଁ ଏମିତି କଥା କହୁଛୁ।' ମନୋଜ କହିଲା 'ସେ ପଢ଼ିବାକୁ ଯିବାରୁ ମୋତେ ଗାଁ'ର ଲୋକମାନେ ବହୁତ କଥା କହୁଛନ୍ତି।' ମାଳତୀ ଦେବୀ କହିଲେ, 'ଆରେ ବାପା ,ସମସ୍ତଙ୍କର ଗୁଣ ସମସ୍ତେ କହିବେ, ହେଲେ କେହି ବୁଝିବେନି ଗୋଟେ ଝିଅର ମନକୁ। ମୋ ଜୀବନରେ ବି ଏମିତି କିଛି ଘଟିଥିଲା। ମୁଁ ବି ଚାହୁଁଥିଲି ମୋର ବାହାଘର ପରେ ପଢ଼ିବାପାଇଁ । ହେଲେ ତୋ ବାପା କି ଜେଜେ'ମା କେହି ରାଜିହେଲେନି। ମୋ ସ୍ୱପ୍ନ ସ୍ୱପ୍ନ ହୋଇ ରହିଗଲା। ମୁଁ ଚାହୁଁନି ମୋ ସହ ଯାହା ହେଲା ମୋ ବୋହୂ ସହ ହେଉ ବୋଲି। ତାକୁ ଯେତେଦିନ ଯାଏଁ ପଢ଼ିବାର ଅଛି ସେ ପଢୁ। ଘରର ସବୁକାମ ମୁଁ କରିବି। ତୁ କାହା କଥା ଶୁଣନା। ଯିଏ ଯାହା କହୁଛନ୍ତି ଚୁପଚାପ ସହିଯା।'

ମିକି କଲେଜରୁ କ୍ଲାସ ସାରି ଘରକୁ ଫେରିଲା। ସନ୍ଧ୍ୟାବେଳେ ଘରେ ବସି ପଢୁଥାଏ ମିକି। ପଡ଼ିଶାଘରର କିଛି ସ୍ତ୍ରୀ ଲୋକ ଆସିଥିଲେ ବୁଲିବାକୁ ମାଳତୀ ଦେବୀଙ୍କ ଘରକୁ। ମିକିକୁ ପାଠ ପଢ଼ିବାର ଦେଖି କହିଲେ, 'ଯେଉଁ ସମୟରେ ଏ ବସି ରୁଟି କରିବା କଥା ସେ ସମୟରେ ବସି ପାଠ ପଢୁଛି। ଶାଶୂକୁ ପାଠପଢ଼ା ବାହାନାରେ ସବୁକାମ କରଉଛି। ଏମିତି ବୋହୂ ଭାଗ୍ୟରେ ଥିଲେ ମିଳେ।' ଏମିତି ବହୁତ କଥା କହିଲେ ଓ ସେମାନଙ୍କର କଥା ଶୁଣି ମିକି ବହୁତ କାନ୍ଦିଲା। ସାଙ୍ଗେ ସାଙ୍ଗେ ମାଳତୀ ଦେବୀ ଆସି କହିଲେ, 'ତମର କ'ଣ ଅଛି ଯଦି ମୋ ବୋହୂ ମୋତେ କାମ କରେଇଲା। ଶୁଣ ସମସ୍ତେ, ଯଦି ମୋ ବୋହୂକୁ ଆଉ କିଏ କଣ କୁହ ମୋ'ଠୁ ଖରାପ କେହିବି ହେବେନି।' ମାଳତୀ ଦେବୀଙ୍କ କଥା ଶୁଣି ସମସ୍ତେ ପଳେଇଲେ। ମିକି କାନ୍ଦିକି ମାଳତୀ ଦେବୀଙ୍କୁ କହିଲା, 'ନାଇଁ ମା! ମୁଁ ଆଉ ପଢ଼ିବିନି। ମୁଁ ଚାହେଁନି ମୋ ପାଇଁ ତମ ଘରର ଇଜ୍ଜତ ତଳେ ପଡୁ। ତମକୁ ଓ ତୁମ ପୁଅକୁ କେହି ଖରାପ ବୋଲି କୁହନ୍ତୁ।' ଏକଥା ଶୁଣି ମାଳତୀ ଦେବୀ ମିକି ଆଖିରୁ ଲୁହ ପୋଛି ଦେଇ କହିଲେ, 'ମା ରେ ଲୋକମାନଙ୍କର ଗୁଣ ସେଇଆ। ତୁ ତାଙ୍କ କଥା ନଧରି ପାଠ ପଢ଼ ଓ ବହୁତ ଜଲଦି ଗୋଟେ ବଡ ଅଫିସର ହେଇ ଯା। ମୋର ଆଶୀର୍ବାଦ ସବୁବେଳେ ତୋ ଉପରେ ଅଛି।'

କିଛିଦିନ ପରେ ମିକି ସବୁ ପରୀକ୍ଷା ଦେଲା ଓ ପରୀକ୍ଷା ଫଳ ବାହାରିବାର ଅପେକ୍ଷାରେ ଥାଏ। ଚାହୁଁ ଚାହୁଁ ଆସିଯାଏ ପରୀକ୍ଷା ଫଳ ବାହାରିବାର ସମୟ। ମାଳତୀ ଦେବୀ ଭଗବାନଙ୍କ ଆଗରେ ପ୍ରାର୍ଥନା କରୁଥାନ୍ତି, ଭଗବାନ ମୁଁ ଆଜି ଯାଏଁ ଆପଣଙ୍କୁ କେବେ କିଛି ମାଗିନି। ଆଜି ଏତିକି ମାଗୁଛି କି ମୋ ବୋହୂକୁ ଆଇ.ଏ.ଏସ୍. ଅଫିସର କରିଦିଅ। ଭଗବାନଙ୍କୁ ଡାକିସାରି ଅଗଣାରେ ବସିଥାନ୍ତି ମାଳତୀ ଦେବୀ। ସାଙ୍ଗେ ସାଙ୍ଗେ ଆସି ପହଞ୍ଚିଲେ ମନୋଜ ଓ ମିକି। ମନୋଜ ମାଳତୀ ଦେବୀଙ୍କୁ ମିଠା ଦେଇ କହିଲା, 'ମା ମିକି ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ପାସ କରିଛି। କାଲିଠୁ ସେ ଅଫିସ୍ ଯିବ।' ଏକଥା ଶୁଣି ମାଳତୀ ଦେବୀ ସାଙ୍ଗେ ସାଙ୍ଗେ ମିକିକୁ ଜାବୁଡ଼ି ଧରି କହିଲେ, 'ମା ରେ, ତୁ ଆଜି ମୋ ନାଁ ରଖିଦେଲୁ। ଅତ୍ୟନ୍ତ ଖୁସି ହୋଇ ମାଳତୀ ଦେବୀଙ୍କ ଆଖିରେ ଲୁହ ଆସିଗଲା। ମିକି ପଚାରିଲା, 'ମା ଆପଣ କ'ଣ ପାଇଁ କାନ୍ଦୁଛନ୍ତି।' ମାଳତୀ ଦେବୀ କହିଲେ – 'ନାଇଁରେ ମାଆ, ଏଇ ଖୁସିର ଲୁହ।' ମିକି ମାଳତୀ ଦେବୀଙ୍କ ଆଖିରୁ ଲୁହ ପୋଛି ଦେଇ କହିଲା, 'ମା ଏସବୁ ସମ୍ଭବ ହୋଇଛି କେବଳ ଆପଣଙ୍କ ପାଇଁ। ଆପଣଙ୍କ ଭଲପାଇବା, ଆଶୀର୍ବାଦ ଓ ବିଶ୍ୱାସ ଆଜି ମତେ ଏ ଜାଗାରେ ପହଞ୍ଚେଇଛି। ଆପଣଙ୍କ ପରି ଜଣେ ଶାଶୂ ପାଇ ମୁଁ ନିଜକୁ ଗର୍ବିତ ମନେକରୁଛି। ଭାଗ୍ୟରେ ଥିଲେ ଏମିତିକା ଶାଶୂ ମିଳନ୍ତି।'

ଏସବୁ କଥା ଶୁଣି ମିକିର ବାପା ଓ ମା ତା'ପରଦିନ ସକାଳେ ଆସି ପହଞ୍ଚି ଯାଆନ୍ତି ମାଳତୀ ଦେବୀଙ୍କ ଘରେ। ମାଳତୀ ଦେବୀଙ୍କୁ ହାତଯୋଡି କହିଲେ – ଆପଣଙ୍କ ସହଯୋଗ ପାଇ ମୋ ଝିଅ ଆଜି ଆଇ.ଏ.ଏସ୍. ଅଫିସର ହୋଇପାରିଛି। ଆପଣଙ୍କୁ ଅଶେଷ ଅଶେଷ ଧନ୍ୟବାଦ। ଏମିତି କଥା କହୁ କହୁ ଘର ଆଗରେ ପହଞ୍ଚିଯାଏ ଗୋଟେ କାର। ସେ କାର୍‌ରୁ ବାହାରି ଆସେ ମିକି। ମାଳତୀ ଦେବୀ ଓ ତା'ର ବାପା ମାଆର ଆଶୀର୍ବାଦ ନେଇ ସମସ୍ତଙ୍କୁ ଧନ୍ୟବାଦ ଜଣାଏ। ଗାଁର ସବୁଲୋକ ଆସି ଦେଖୁଥାନ୍ତି ମିକିକୁ। ମାଳତୀ ଦେବୀ ପଚାରିଲେ – ମା ଆଜି ଆସିବାରେ ଡ଼େରି ହେଲା କ'ଣ ପାଇଁ। ମିକି କହିଲା ମା ମୁଁ ଆଜି ଗୋଟେ ମିଟିଙ୍ଗରେ ଥିଲି। ମୁଁ ନିଷ୍ପତ୍ତି ନେଇଛି କି, ଏ ଗାଁ ପକ୍କାରାସ୍ତା ହେବ ଓ ପାନୀୟଜଳର ବ୍ୟବସ୍ଥା ହେବ। ଏ ଗାଁର ଲୋକମାନେ କେହି ଆଉ ନଇ କି ପୋଖରୀରୁ ପାଣି ପିଇ ରୋଗଗ୍ରସ୍ତ ହେବେନି। ଏ କଥାଶୁଣି ଗାଁ ଲୋକମାନେ ସମସ୍ତେ ଖୁସି ହୋଇଗଲେ।

ମାଳତୀ ଦେବୀ ଖୁସି ହୋଇ କହିଲେ ଯେଉଁମାନେ କହୁଥିଲ ମୋ ବୋହୂ ଏଇ ସମୟରେ ରୋଷେଇ କରିବା କଥା ପାଠ କ'ଣ ପଢୁଛି। ମୁଁ ସେମାନଙ୍କୁ କହୁଛି ଆଜିଠୁ ମୋ ବୋହୂ ଗୋଟେ ହାତରେ ରୋଷେଇ କରିବ ଓ ଆଉ ଗୋଟେ ହାତରେ ଅଫିସ୍ କାମ କରିବ। ଏସବୁରେ ଖୁସି ହୋଇ ମାଳତୀ ଦେବୀ ଗାଁ ଲୋକଙ୍କୁ ଡାକି ଭୋଜି ଦେଲେ ଓ ସମସ୍ତଙ୍କୁ କହିଲେ ଝିଅମାନଙ୍କର କାମ ନୁହେଁ କି ଖାଲି ରୋଷେଇ କରିବା ସେମାନଙ୍କର ବି କିଛି ସ୍ୱପ୍ନ ଅଛି ସେ ସ୍ୱପ୍ନକୁ ସାକାର କରିବା ଉଚିତ। ମିକିର ସାହସ ଓ ଆତ୍ମବିଶ୍ୱାସକୁ ଦେଖି ଗାଁ ଲୋକମାନେ ମିକିର ପ୍ରଶଂସା କଲେ।

ନନ୍ଦିଗ୍ରାମ,
ନାଉଗାଁ, ଜଗତସିଂହପୁର
ମୋ-୯୬୬୮୮୧୫୩୬୯



କ୍ରୋଧରେ କ୍ଷମା, ଅଭାବରେ ଉଦାରତା ଏବଂ ଅଧିକାରରେ ସହିଷ୍ଣୁତା ଜୀବନରେ ସବୁବେଳେ ମନେରଖିବା ଉଚିତ୍।



# ଜୀବନ ଏକ ପରୀକ୍ଷା

**ଶରଚ୍ଚନ୍ଦ୍ର ମହାପାତ୍ର**

ଜୀବନ ଏକ ପରୀକ୍ଷା । ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଆମେ ଏ ସଂସାରକୁ ଆସିଅଛୁ । ଯଦି ଆମେ ଏହା ଲାଭ କରିପାରୁ ତେବେ ଆମେ ଅନୁଭବ କରିପାରିବୁ ଯେ ବହୁ ଭାବରେ ଆମ ଜୀବନ ସାର୍ଥକ ହୋଇଅଛି ଏବଂ ଶାନ୍ତି ଓ ସନ୍ତୋଷର ସହିତ ଆମେ ଏ ସଂସାରରୁ ବିଦାୟ ନେବୁ । ଜଣେ ବ୍ୟକ୍ତି ଜୀବନର ଲକ୍ଷ୍ୟ ସମ୍ପର୍କରେ ସଚେତନ ରହିଲେ ଏବଂ ଏକ ମହନୀୟ ଆଦର୍ଶଦ୍ୱାରା ପ୍ରଣୋଦିତ ହୋଇ ନିଜର କର୍ତ୍ତବ୍ୟ ନିଷ୍ଠାର ସହିତ ସମ୍ପନ୍ନ କରିପାରିଲେ ଅନ୍ୟମାନେ ତାହାଠାରୁ ପ୍ରେରଣା ଲାଭ କରିପାରିବେ । ଧ୍ରୁବତାରା ଦେଖି ଆମେ ଯେପରି ଦିଗ ନିର୍ଣ୍ଣୟ କରୁ ସେହିଭଳି ସେହି ବ୍ୟକ୍ତିର ଜୀବନାଦର୍ଶ ଆମକୁ ଦିଗ୍‌ଦର୍ଶନ ଦେଇଥାଏ । ମହାପୁରୁଷମାନଙ୍କ ଜୀବନୀ ଗ୍ରନ୍ଥ ଅଧ୍ୟୟନ କଲେ ଆମେ ଆମର ଜୀବନକୁ ସମୁଜ୍ଜ୍ୱଳ କରିବା ପାଇଁ ଯଥେଷ୍ଟ ପ୍ରେରଣା ଲାଭ କରିପାରିବା । ଯଥାର୍ଥରେ କୁହାଯାଇଛି "Lives of greatmen all remind us , we can make our lives sublime" ସମୟର ଦିଗନ୍ତ ବିସ୍ତାରୀ ବେଳାଭୂମି ଉପରେ ସେମାନଙ୍କ ପଦଚିହ୍ନକୁ ଅନୁସରଣ କରି ଆମେ ଲକ୍ଷ୍ୟପଥରେ ଅଗ୍ରସର ହୋଇପାରିବୁ । ଶଙ୍କରାଚାର୍ଯ୍ୟଙ୍କ ମତରେ ସମସ୍ତ ଜନ୍ତୁମାନଙ୍କ ମଧ୍ୟରେ ମନୁଷ୍ୟ ଜୀବନ ଦୁର୍ଲଭ କାରଣ ନିଜକୁ ଉପଯୁକ୍ତ ଭାବରେ ଗଢ଼ିବା ପାଇଁ ମନୁଷ୍ୟ ଯେଉଁ ସୁଯୋଗ ପାଇଥାଏ ଅନ୍ୟମାନଙ୍କ କ୍ଷେତ୍ରରେ ତାହା ସମ୍ଭବ ହୁଏ ନାହିଁ । ଆମେ ଏଭଳି ଏକ ଅକ୍ଷୟ କୀର୍ତ୍ତିସ୍ତମ୍ଭ ସ୍ଥାପନ କରିବା ଯାହା ଆଲୋକ ବର୍ତ୍ତିକା ସଦୃଶ ଅନ୍ୟମାନଙ୍କୁ ପଥ ଦେଖାଇ ଦେବ । ମରଦେହ ଧରି ଅମରତ୍ୱ ଲାଭ କରିଥିବା ମହାନ୍ ବ୍ୟକ୍ତିଙ୍କ ଜୀବନକୁ ଅନୁଧ୍ୟାନ କଲେ ଏ ସମ୍ପର୍କରେ ସ୍ପଷ୍ଟ ଧାରଣା ମିଳିଥାଏ ।

ପୁଣ୍ୟାତ୍ମା ଗୋପବନ୍ଧୁ ଦାସ ମାତ୍ର ୫୧ ବର୍ଷ ବୟସରେ ଏ ସଂସାରରୁ ବିଦାୟ ନେଇଥିଲେ । ଦାରୁଣ ଦୁଃଖରେ ପଣ୍ଡିତ ନୀଳକଣ୍ଠ ଦାଶ କହିଥିଲେ ଯେ ଜଣେ ଭାଗ୍ୟବାନ ପୁରୁଷ ତାଙ୍କୁ ଜୀବନର ଅସରନ୍ତି ପଥରେ ଏକାକୀ ଛାଡ଼ି ଚାଲିଗଲେ । ଗୋପବନ୍ଧୁ କେଉଁ ଦୃଷ୍ଟିରୁ ଜଣେ ଭାଗ୍ୟବାନ ପୁରୁଷ ଥିଲେ ? ଯିଏ ଜନ୍ମର ଅଳ୍ପଦିନ ଭିତରେ ନିଜର ମାଆଙ୍କୁ ହରେଇଥିଲେ । ସେ ଭାଗ୍ୟବାନ ପୁରୁଷ ହେଲେ କିପରି ? କିନ୍ତୁ ନିରପେକ୍ଷ ଭାବରେ ବିଚାର କଲେ ଜାଣିହୁଏ ଯେ ସେ ଯଥାର୍ଥରେ ଥିଲେ ଭାଗ୍ୟବାନ ପୁରୁଷ, କାରଣ ଯେଉଁ ମହାନ୍ ଉଦ୍ଦେଶ୍ୟ ନେଇ ସେ ଏ ଧରାଧାମକୁ ଆସିଥିଲେ ତାହା ପୂର୍ଣ୍ଣକରି ପାରିଥିଲେ । ଏକ ମହାନ୍ ଲକ୍ଷ୍ୟ ତାଙ୍କର ସୀମିତ ଜୀବନକାଳ ମଧ୍ୟରେ ସାଧିତ ହୋଇ ପାରିଥିଲା । ସୁତରାଂ ପଣ୍ଡିତ ନୀଳକଣ୍ଠଙ୍କ ଉକ୍ତି ଯଥାର୍ଥ ଥିଲା ।

ମନୁଷ୍ୟ ଲକ୍ଷ୍ୟଭ୍ରଷ୍ଟ ହୁଏ କାହିଁକି । ଉଚ୍ଚତର ସୋପାନରେ ଅଧିରୂଢ଼ ନ ହୋଇ ସେ କାହିଁକି ନିମ୍ନଗାମୀ ହୁଏ ? ପ୍ରଲୋଭନର ବଶବର୍ତ୍ତୀ ହୋଇ ସେ ଉଚ୍ଚ ଆଦର୍ଶ, ମୂଲ୍ୟବୋଧ, ପରମ୍ପରା, ସଂସ୍କାର ସବୁକିଛି ଭୁଲିଯାଏ । ଏଭଳି ହୁଏ କାହିଁକି ? ଗ୍ରୀକ ଦାର୍ଶନିକ ସକ୍ରେଟିସ୍‌ଙ୍କ ମତରେ ଅଜ୍ଞାତ ଏ ସବୁର କାରଣ । ଯାହାର ସତ୍ୟ ସମ୍ପର୍କରେ ଜ୍ଞାନ ରହିଅଛି ସେ ଅସତ୍ୟ ପଥରେ ଯାଇ ନ ପାରେ, କିନ୍ତୁ ସମାଲୋଚକଗଣ କହନ୍ତି ଯେ ସେକ୍ରଟିସ ନିଜ ଦୃଷ୍ଟିକୋଣରୁ ବିଚାର କରୁଥିଲେ । କାରଣ ସେ ଯାହା ସତ୍ୟ ବୋଲି ଜାଣୁଥିଲେ ତାହା ଅବଶ୍ୟ ପାଳନ କରୁଥିଲେ । ମାତ୍ର ସାଧାରଣ ମଣିଷ ସତ୍ୟ, ଧର୍ମ, ନ୍ୟାୟ ଜାଣି ମଧ୍ୟ ତାହା ପାଳନ କରିପାରେ ନାହିଁ । ସେ ଜାଣେ ଏହା ଧର୍ମ, ମାତ୍ର ତାର ସେଥିପ୍ରତି ପ୍ରବୃତ୍ତି ଆସେ ନାହିଁ । ସେ ଜାଣେ ଏହା ଅଧର୍ମ, ମାତ୍ର ସେଥିରୁ ନିବୃତ୍ତ ହୋଇପାରେ ନାହିଁ । ଏହାହିଁ ତାର ଦୁର୍ବଳତା । ଏଣୁ କୁହାଯାଇଛି–

"ଜାନାମି ଧର୍ମଂ ନଚମେ ପ୍ରବୃତ୍ତି
ଜାନାମ୍ୟଧର୍ମଂ ନଚମେ ନିବୃତ୍ତି
ତ୍ୱୟା ହୃଷୀକେଶ ହୃଦି ସ୍ଥିତେନ
ଯଥା ନିଯୁକ୍ତୋସ୍ମି ତଥା କରୋମି ।"

ତେବେ ଭଗବତ ଗୀତାରେ ଶ୍ରୀକୃଷ୍ଣ ଏ ପ୍ରଶ୍ନର ଉତ୍ତର ଦେଇଛନ୍ତି । ଅର୍ଜୁନଙ୍କ ପ୍ରଶ୍ନଥିଲା–

"ଅଥ କେନ ପ୍ରଯୁକ୍ତୋୟଂ ପାପଂ ଚରିତ ପୁରୁଷଃ
ଅନିଚ୍ଛନ୍ ଅପି ବାର୍ଷ୍ଣେୟ ବଳାଦିବ ବିମୋହିତଃ"

ଇଚ୍ଛା ନଥିଲେ ମଧ୍ୟ କାହାଦ୍ୱାରା ପ୍ରରେଦିତ ହୋଇ ମଣିଷ ପାପ କରିଥାଏ । କୌଣସି ବସ୍ତୁକୁ ଲାଭ କରିବା ପାଇଁ ମନରେ ପ୍ରବଳ କାମନା ଆସେ ଏବଂ କାମନା ପୂର୍ତ୍ତି ନ ହେଲେ ମନରେ କ୍ରୋଧ ଆସିଥାଏ । ଆମେ ଲକ୍ଷ୍ୟଭ୍ରଷ୍ଟ ହେଉ । ଏହି ଦୁଇଗୋଟି ଗୁଣର ବଶବର୍ତ୍ତୀ ହୋଇ ଏମାନଙ୍କୁ ଦମନ କରିବା କଠିନ । କିନ୍ତୁ ଅଭ୍ୟାସ ଓ ବୈରାଗ୍ୟ ଦ୍ୱାରା ଏହା ସମ୍ଭବ ହୋଇପାରେ । ମହାପୁରୁଷଗଣ ଏ କ୍ଷେତ୍ରରେ ଆମକୁ ଦିଗ୍‌ଦର୍ଶନ ଦେଇଥାଆନ୍ତି । ସେମାନେ ଜୀବନ ପରୀକ୍ଷାରେ ଉଚ୍ଚତମ ଆଦର୍ଶର ସମୁଜ୍ଜ୍ୱଳ ଦୃଷ୍ଟାନ୍ତ ଆମ ପାଇଁ ରଖି ଦେଇଥାଆନ୍ତି । ପ୍ରଲୋଭନର ବଶବର୍ତ୍ତୀ ନହୋଇ ସତ୍ୟ ନ୍ୟାୟ ଓ ଧର୍ମର ଯଥାର୍ଥ ମାର୍ଗକୁ ସେମାନେ ବାଛି ନିଅନ୍ତି । ଏଭଳି ଦୃଷ୍ଟାନ୍ତ ବିରଳ କିନ୍ତୁ ଆମ ପୁରାଣ ଓ ଇତିହାସ ଏଭଳି ଏକ ଉଚ୍ଚ ପରମ୍ପରାର ବାର୍ତ୍ତା ବହନ କରୁଅଛି ।

ରାମାୟଣରେ ଭରତଙ୍କ ଚରିତ୍ରକୁ ବିଚାରକୁ ନିଆଯାଉ । ପିତୃସତ୍ୟ ପାଳନ କରି ଶ୍ରୀରାମ ବନକୁ ଚାଲିଗଲେ । ସିଂହାସନ ପ୍ରାପ୍ତି ଭରତଙ୍କ ପାଇଁ ସ୍ୱାଭାବିକ ଭାବେ ଆସିଥିଲା । କିନ୍ତୁ ପ୍ରଲୋଭନର ବଶବର୍ତ୍ତୀ ସେ ହୋଇ ନ ଥିଲେ । ତାଙ୍କୁ ସିଂହାସନ ଯାଚି ଯାଇଥିଲା । ମାତ୍ର ସେ ଏହାକୁ ପ୍ରତ୍ୟାଖ୍ୟାନ କଲେ । ତାଙ୍କ ଚରିତ୍ରର ବୈଶିଷ୍ଟ୍ୟ ଏଥିରେ ପ୍ରମାଣିତ ହେଲା । ନିଜକୁ ଜ୍ୟେଷ୍ଠଭ୍ରାତାଙ୍କର ଜଣେ ସେବକ ମନେକରି ନନ୍ଦିଗ୍ରାମରେ ସନ୍ନ୍ୟାସୀ ଭଳି ଜୀବନଯାପନ କରି ଭାଇଙ୍କ



ଅଧିକ ପରିଶ୍ରମଦ୍ୱାରା ସ୍ୱାସ୍ଥ୍ୟ ଖରାପ ହୁଏନାହିଁ । ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାନ୍ତି ବ୍ୟସ୍ତତା, ଶୋକ, ଭୟ, ଚିନ୍ତା ଏବଂ ଅସନ୍ତୋଷ ।

କଠଉକୁ ପୂଜାକରି ରାଜ୍ୟ ଚଳାଇଥିଲେ । ଅଥଚ ସିଂହାସନ ପାଇଁ ଭ୍ରାତୃବିବାଦ ଓ ରକ୍ତପାତରେ ଅନେକ ଉଦାହରଣ ରହିଛି । ଆଉରଙ୍ଗଜେବ ଷଡ଼ଯନ୍ତ୍ର କରି ନିର୍ମମ ଭାବରେ ସିଂହାସନ ପାଇଁ ଭାଇମାନଙ୍କୁ ହତ୍ୟା କରିଥିଲେ । ଭରତଙ୍କ ଅନୁପମ ଭାତୃଭକ୍ତି ଯୁଗ ଯୁଗ ଧରି ଆମକୁ ପ୍ରେରଣା ଦେଇ ଆସିଅଛି । ଜୀବନ ପରୀକ୍ଷାରେ ଚରିତ୍ରର ଉତ୍କର୍ଷତା ପ୍ରମାଣିତ ହୁଏ ।

ମହାଭାରତରେ ଯୁଧିଷ୍ଠିରଙ୍କ ଚରିତ୍ରକୁ ବିଚାରକୁ ନିଆଯାଉ । ମହାଭାରତର ଅନ୍ତିମ ଅଧ୍ୟାୟ । ପାଣ୍ଡବମାନେ ଦ୍ରୌପଦୀଙ୍କ ସହିତ ହିମାଳୟ ଆରୋହଣ କରୁଥିଲେ ସ୍ୱଦେହରେ ସ୍ୱର୍ଗଲୋକ ଲାଭ କରିବା ପାଇଁ । ଜଣଙ୍କ ପରେ ଜଣଙ୍କର ପତନ ହେଲା । କେବଳ ଯୁଧିଷ୍ଠିର ନିଜର ଧର୍ମବଳ ଯୋଗୁଁ ହିମାଳୟର ଶୀର୍ଷସ୍ଥାନରେ ପହଞ୍ଚିଥିଲେ । ତେବେ ଗୋଟିଏ ଶ୍ୱାନ କେବଳ ତାଙ୍କର ସହଯାତ୍ରୀ ଭାବରେ ଶେଷପର୍ଯ୍ୟନ୍ତ ଯାଇଥିଲା । ସ୍ୱର୍ଗରୁ ଦିବ୍ୟଯାନ ଆସିଛି ଯୁଧିଷ୍ଠିରଙ୍କୁ ନେଇଯିବା ପାଇଁ । କିନ୍ତୁ ଶ୍ୱାନ ଅପବିତ୍ର ଅଟେ ଏଣୁ ସେ ଯାଇପାରିବ ନାହିଁ । କିନ୍ତୁ ଯୁଧିଷ୍ଠିର ତାଙ୍କର ଆଶ୍ରିତକୁ ଛାଡି ଯିବାପାଇଁ ଉଚିତ ମନେ କଲେ ନାହିଁ । ଯଦି ଏହି ଆଶ୍ରିତ ଓ ସହଯାତ୍ରୀ ଶ୍ୱାନପାଇଁ ତାଙ୍କୁ ସ୍ୱର୍ଗ ସୁଖରୁ ବଞ୍ଚିତ ହେବାକୁ ପଡ଼େ ତେବେ ସେ ସେଥିପାଇଁ ପ୍ରସ୍ତୁତ ଅଛନ୍ତି । କୌଣସି ପରିସ୍ଥିତିରେ ଆଶ୍ରିତକୁ ସେ ତ୍ୟାଗ କରିପାରିବେନି । ବସ୍ତୁତଃଏହା ଥିଲା ତାଙ୍କପାଇଁ ଏକ ପରୀକ୍ଷା । ଏବଂ ଜୀବନର ଶେଷ ପରୀକ୍ଷାରେ ମଧ୍ୟ ସେ ସଫଳ ହୋଇ ଧର୍ମର ପରାକାଷ୍ଠାକୁ ନିଜର ବାକ୍ୟ ଓ କର୍ମରେ ପ୍ରଦର୍ଶନ କଲେ । ପ୍ରମାଣ କରିଦେଲେ ଯେ ସେ ଥିଲେ ଧର୍ମର ଅବତାର ତଥା ଏ ଶ୍ୱାନଟି ଥିଲା ସାକ୍ଷାତ ଧର୍ମ ।

ଏସବୁ ପୁରାଣର ବିଷୟ । ଆମ ସମସାମୟିକ ଘଟଣାବଳୀରୁ ଗୋଟିଏ ଉଦାହରଣ ଦିଆଯାଉ । ସୁଭାଷ ବୋଷଙ୍କ ଜୀବନର ଅସୀମ ତ୍ୟାଗର ଗୋଟିଏ ଉଦାହରଣ ମନରେ ଗଭୀର ରେଖାପାତ କରେ । ସୁଭାଷ ବୋଷ ଛାତ୍ର ଜୀବନରୁ ବିପ୍ଳବୀ ଓ ସଂଗ୍ରାମୀ ଥିଲେ । କିନ୍ତୁ ସେ ଜଣେ ବିଚକ୍ଷଣ ଛାତ୍ର ମଧ୍ୟ ଥିଲେ । କଟକର ରେଭେନ୍‌ସା କଲିଜିଏଟ ସ୍କୁଲରେ ପଢୁଥିଲେ ଏବଂ ମାଟ୍ରିକ୍ୟୁଲେସନ ପରୀକ୍ଷାରେ ସମଗ୍ର ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ତାଙ୍କ ପିତାମାତା ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ବିଷୟରେ ଆଶାୟୀ ଥିଲେ । ଏଣୁ ଆଇସିଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ଉଦ୍ଦେଶ୍ୟରେ ଇଂଲଣ୍ଡ କେମ୍ବ୍ରିଜରେ ପଢ଼ିବା ପାଇଁ ତାଙ୍କୁ ପଠାଯାଇଥିଲା । ପରିଶେଷରେ ଆଇସିଏସ ପରୀକ୍ଷା ଦେଇ ସେ କୃତକାର୍ଯ୍ୟ ହୋଇଥିଲେ ଏବଂ ଏଥିରେ ସେ ଚତୁର୍ଥ ସ୍ଥାନ ମଧ୍ୟ ଅଧିକାର କରିଥିଲେ । ପ୍ରଥମେ ସେ ନିଜର ସଫଳତାର ବାର୍ତ୍ତାପାଇଁ ଆନନ୍ଦରେ ଅଧୀର ହୋଇ ଯାଇଥିଲେ । ମାତ୍ର ପର ମୁହୂର୍ତ୍ତରେ ମନର ଏ ଉତ୍ସାହ ଅପସରିଗଲା; ଯେତେବେଳେ ନିଜ ଜୀବନର ଆଦର୍ଶ କଥା ତାଙ୍କର ମନେପଡିଲା । ଜୀବନର ସକଳ ଆଦର୍ଶ ଓ ଦେଶଭକ୍ତିକୁ ଜଳାଞ୍ଜଳି ଦେଇ ବ୍ରିଟିଶ୍ ସରକାରର ସେ ଗୋଲାମ ହେବେ । ନିଜର ଅସମ୍ପୂର୍ଣ୍ଣ ଆତ୍ମଜୀବନୀ An Indian Pilgrim ପୁସ୍ତକରେ ନିଜର ମନୋଭାବକୁ ବ୍ୟକ୍ତକରି ଲେଖିଛନ୍ତି, I may become a commissioner if I stoop to make myself servile ଅନ୍ୟତ୍ର ଲେଖିଛନ୍ତି The Civil service can bring one all kinds of worldly comforts but are not these acquisitions made at the expence of ones soul ? ଜୀବନର ସକଳ ସୁଖ ସ୍ୱାଚ୍ଛନ୍ଦ୍ୟରେ ଜଳାଞ୍ଜଳି ଦେଇ ଏ ପ୍ରଲୋଭନକୁ ସେ ପ୍ରତ୍ୟାଖାନ କରି ତ୍ୟାଗ ଓ ବଳିଦାନର ଅସୀମ ପରାକାଷ୍ଠା ପ୍ରଦର୍ଶନ କଲେ ।

ଜୀବନ ପରୀକ୍ଷାରେ ପରୀକ୍ଷିତ ହୁଏ ବ୍ୟକ୍ତିର ସ୍ୱଭାବ ଓ ଚରିତ୍ର । ମହାକବି କାଳିଦାସ ଯଥାର୍ଥରେ କହିଛନ୍ତି, "ବିକାର ହେତୌ ସତି ବିକ୍ରିୟନ୍ତେ ଯେଷାଂନ ଚେତାଂସିତ ଏବ ଧୀରାଃ" - ସଂଯତ ବା ଧୀର ବ୍ୟକ୍ତି ସିଏ, ଯାହାର ମନ ବିକାର ବା ପ୍ରଲୋଭନର କାରଣ ଥାଇ ମଧ୍ୟ ସେଥିରେ ପ୍ରଭାବିତ ହୁଏ ନାହିଁ । କିନ୍ତୁ ଉଚ୍ଚପଦରେ ଅବସ୍ଥାପିତ ବ୍ୟକ୍ତିଗଣ ପ୍ରଲୋଭନର ବଶବର୍ତ୍ତୀ ହୋଇ କିଭଳି ଦୁର୍ନୀତିଗ୍ରସ୍ତ ହୋଇ ଯାଉଛନ୍ତି ତାହାର ପ୍ରମାଣ ପ୍ରତ୍ୟହ ଲୋକଲୋଚନକୁ ଆସୁଅଛି । ଏହା ଦୁଃଖ ଓ ଦୁର୍ଭାଗ୍ୟର ବିଷୟ । ଆମେ ସଂକଳ୍ପ କରିବା ଉଚିତ୍ ଯେ ସାଧୁତା, ସତ୍ୟନିଷ୍ଠା ଓ କର୍ତ୍ତବ୍ୟବୋଧର ଉଚ୍ଚ ପରମ୍ପରାକୁ ଆମେ ବଜାୟ ରଖିବା । ଏ କ୍ଷେତ୍ରରେ ଜୀବନର ପରୀକ୍ଷା ଯେତେ କଠିନ ହେଉ ଆମେ ତାହାର ଯଥାର୍ଥ ମୁକାବିଲା କରିପାରିବା । ଏହାହିଁ ହେଉ ଆମର ଲକ୍ଷ୍ୟ । ଏ ମହାନ ଜାତିର ଏହାହିଁ ଲକ୍ଷ୍ୟ । ଆମର ପୂର୍ବସୂରୀଗଣ ଏ କ୍ଷେତ୍ରରେ ଆମପାଇଁ ସମୁଜ୍ଜ୍ୱଳ ଦୃଷ୍ଟାନ୍ତ ରଖି ଦେଇଛନ୍ତି । ତାହାହିଁ ଆମକୁ ପ୍ରେରଣା ଦେଉ । ଆମ ସଙ୍କଳ୍ପରେ ଆମେ ଦୃଢ଼ ଓ ଅବିଚଳିତ ରହିବା ।

ମଙ୍ଗଳା ନଗର,ଖୋରଧା
ଫୋନ-୯୯୩୭୩୭୭୮୧୯

## ବୈଜ୍ଞାନିକ ସି ଭି ରମଣ

ତାମିଲନାଡୁର ଅୟନପେଟା ଗ୍ରାମରେ ୧୮୮୮ ମସିହା ନଭେମ୍ବର୍ ମାସ ୭ ତାରିଖରେ ତାମିଲନାଡୁର ଅୟନପେଟା ଗ୍ରାମରେ ୧୮୮୮ ମସିହା ନଭେମ୍ବର୍ ମାସ ୭ ତାରିଖରେ ଏକ କୁଳୀନ୍ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ପରିବାରରେ ଆର୍ଥିକ ସ୍ୱଚ୍ଛଳତା ନଥିବା ଯୋଗୁଁ ତାଙ୍କୁ କମ ବୟସରୁ ଚାକିରୀ କରିବାକୁ ପଡିଥିଲା । କିନ୍ତୁ ଧ୍ୟାନ ଥିଲା ଗବେଷଣାରେ । ଟିକେ ସମୟ ପାଇବା ମାତ୍ରେ ଗବେଷଣାରେ ମନନିବେଶ କରୁଥିଲେ । ଦର୍ପଣ, ଲେନ୍ସ୍, ରଙ୍ଗ ଛଦା କାଚ୍, ଥର୍ମୋ ଫ୍ଲାସ୍କ, ବେଞ୍ଜିନ୍ ଓ ଅତି କ୍ଷୁଦ୍ର ଦୂର ବିକ୍ଷ୍ୟନ୍ ଯନ୍ତ୍ର ଆଦି ଥିଲା ତାଙ୍କର ଗବେଷଣା ନିମିତ୍ତ ବୈଜ୍ଞାନିକ ଉପକରନ୍ ଓ ସରଞ୍ଜାମ୍ । ସ୍ୱଳ୍ପ ଖର୍ଚ୍ଚରେ ସେ ନିଜର ଗବେଷଣା କାର୍ଯ୍ୟ ଜାରି ରଖିଥିଲେ । ସି ଭି ରମଣ ତାଙ୍କର ରମଣ ଇଫେକ୍ଟ ବା ରମଣ ପ୍ରଭାବର ତଥ୍ୟ ୧୯୨୮ ମସିହା ଫେବ୍ରୁଆରୀ ୨୮ ତାରିଖ ରେ ସରକାରଙ୍କ ନିକଟରେ ଉପସ୍ଥାପିତ କରିଥିଲେ, ଯାହାକି ସ୍ୱୀକୃତି ଲାଭ କରିଥିଲା ଏବଂ ବିଶ୍ୱ ଦରବାରରେ ବି ସୁଖ୍ୟାତି ଲାଭ କଲା ।




ଯେପରି ବୃକ୍ଷରେ ବେଶି ପତ୍ର ହୋଇଗଲେ ଫଳ କମ୍ ହୁଏ, ସେହିପରି ଯେ ବେଶି କଥାବାର୍ତ୍ତା କରେ, ତା'ଦ୍ୱାରା କାମ ବହୁତ କମ୍ ହୁଏ ।

# ଧୂମକେତୁର ଜନ୍ମସ୍ଥାନ



ହିମାଂଶୁ ଶେଖର ଫତେସିଂହ



ଆମ ସୌରଜଗତରେ ୮ଟି ଗ୍ରହ, ୫ଟି ବାମନ ଗ୍ରହ, ସେମାନଙ୍କର ଉପଗ୍ରହ ଏବଂ ଅସଂଖ୍ୟ ଗ୍ରହାଣୁ ପିଣ୍ଡ ଅବସ୍ଥିତ। ଏହା ବ୍ୟତୀତ ଏହା ମଧ୍ୟରେ ଅସଂଖ୍ୟ ଧୂମକେତୁ ରହିଥିବାର ଜଣାଯାଏ ଗତ ୨୦୧୧ ମସିହା ଜାନୁୟାରୀ ମାସ ଶେଷ ସୁଦ୍ଧା ଆମ ସୌର ଜଗତରେ ସର୍ବମୋଟ ୪୧୮୫ ଟି ଧୂମକେତୁ ଆବିଷ୍କାର କରାଯାଇ ପାରିଛି। ତେବେ ଏହା ମଧ୍ୟରେ ଏକ ଲକ୍ଷ କୋଟି ଧୂମକେତୁ ରହିଥିବା ନେଇ ବୈଜ୍ଞାନିକମାନେ ମତ ଦିଅନ୍ତି। ଏହି ସବୁ ଧୂମକେତୁ କିପରି ସୃଷ୍ଟି ହୁଅନ୍ତି ? କେଉଁଠାରୁ ଆସନ୍ତି ? ଏହି ପ୍ରଶ୍ନ ବୈଜ୍ଞାନିକମାନଙ୍କୁ ବିଶେଷ ଆନ୍ଦୋଳିତ କରିଥିଲା। ନେଦରଲାଣ୍ଡର ଜ୍ୟୋତିର୍ବିଜ୍ଞାନୀ ଜାନ୍ ହେନ୍ଡ୍ରିକ୍ ଊର୍ଟ ଏ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ମତ ଦେଇଥିଲେ। ତାଙ୍କ ମତରେ ବାମନ ଗ୍ରହ ପ୍ଲୁଟୋର କକ୍ଷଠାରୁ ବହୁ ଦୂରରେ ଏକ ବିରାଟ ଘନ ବାଦଲର ବଳୟ ରହିଛି। ଏହା ସୂର୍ଯ୍ୟଠାରୁ ପ୍ରାୟ ୫୦,୦୦୦ଜ୍ୟୋତିଃ ଏକକ ଦୂରରେ ଅବସ୍ଥିତ। ଏହା ସୂର୍ଯ୍ୟଠାରୁ ପ୍ରାୟ ୨ଲକ୍ଷ ଜ୍ୟୋତିଃ ଏକକ ଦୂରତା ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏହା ଏକ ଗୋଲାକାର ବଳୟ। ଏହି ବଳୟଟି ସୂର୍ଯ୍ୟଠାରୁ ବହୁତ ଦୂରରେ ଅବସ୍ଥିତ ହୋଇଥିବାରୁ ଏଠାରେ ସୂର୍ଯ୍ୟାଲୋକ ପହଞ୍ଚିବା ପାଇଁ ପ୍ରାୟ ୧ବର୍ଷ ସମୟ ଲାଗିଯାଏ। ଏହି ବଳୟଟିର ତାପମାତ୍ରା ହାରାହାରୀ ପ୍ରାୟ-୨୪୦°ସେ. ରହିଛି। ତେଣୁ ଏହାର ସମସ୍ତ ଉପାଦାନ ଗ୍ୟାସ ଓ ବରଫ ଅବସ୍ଥାରେ ରହିଥାଏ। ଏହି ବଳୟଟିକୁ ଊର୍ଟଙ୍କ ନାମାନୁସାରେ ଊର୍ଟ ବାଦଲ କୁହାଯାଏ। ଏହି ବଳୟଟି ଧୂମକେତୁର ଜନ୍ମସ୍ଥାନ ରୂପେ ପରିଚିତ।

ସୌରଜଗତ ସୃଷ୍ଟି ହେବା ସମୟରେ ଊର୍ଟ ବାଦଲ ସୃଷ୍ଟି ହୋଇଥିବାର ଜଣାପଡ଼ିଛି। ସୌରଜଗତ ତିଆରି ହେବାପରେ ଯେଉଁ ସବୁ ବଳକା ବଳକି ପଦାର୍ଥ ରହିଯାଇଥିଲା ସେଗୁଡ଼ିକ ଘନୀଭୂତ ହୋଇ ସୌର ମଣ୍ଡଳର ଶେଷ ସୀମାରେ ଭାସି ବୁଲିଲା। ଏହାହିଁ ଊର୍ଟଙ୍କ ବାଦଲ ରୂପେ ପରିଚିତ ହେଲା। ଏଥିରେ ମୁଖ୍ୟତଃ ବରଫ, ଜଳ, ମିଥେନ, ଏମୋନିଆ ଆଦି ଗ୍ୟାସର ବରଫ ରହିଥାଏ। ଏହି ବଳୟରେ ରହିଥିବା ପିଣ୍ଡଗୁଡିକ ମଧ୍ୟ ସବୁବେଳେ ଗତିଶୀଳ ଥାଏ। ଏହି ପିଣ୍ଡଗୁଡ଼ିକ ସୂର୍ଯ୍ୟ ଚାରିପଟେ ଥରେ ଘୂରିବା ପାଇଁ ଲକ୍ଷ ଲକ୍ଷ ବର୍ଷ ଲାଗିଯାଏ। ଏହି ବଳୟଟି ଆମ ସୌରଜଗତ ସହ ହାଲୁକା ଭାବରେ ଲାଗିଯାଏ। ଏହି ବଳୟଟି ହେଉଛି ଧୂମକେତୁ ଗୁଡ଼ିକର ଏକ ଭଣ୍ଡାର। ଏଠାରେ ପ୍ରାୟ ଦଶ ହଜାର କୋଟିରୁ ଅଧିକ ଧୂମକେତୁ ରହିଥିବାର ଜଣାପଡ଼େ। ଏଗୁଡ଼ିକର ବ୍ୟାସ ୧କି.ମି.ରୁ ୨୦ କି.ମି. ପର୍ଯ୍ୟନ୍ତ ହୋଇଥାଏ। ଊର୍ଟବାଦଲରେ ଧୂମକେତୁଗୁଡ଼ିକ ସୁପ୍ତାବସ୍ଥାରେ ରହିଥାନ୍ତି। ଏଗୁଡ଼ିକ ଅନ୍ୟ କୌଣସି ନକ୍ଷତ୍ରର ମହାକର୍ଷଣ ଦ୍ୱାରା ପ୍ରଭାବିତ ହୋଇ ବୃହସ୍ପତି ବା ଶନି ଗ୍ରହର ମାଧ୍ୟାକର୍ଷଣ କ୍ଷେତ୍ର ମଧ୍ୟକୁ ଚାଲି ଆସନ୍ତି। ଏହା ପରେ ଧୂମକେତୁ ଗୁଡ଼ିକ ସୂର୍ଯ୍ୟ ଚାରିପଟେ ପରିକ୍ରମଣ କରନ୍ତି। ସୂର୍ଯ୍ୟ ଚାରିପଟେ ଧୂମକେତୁଟି କେତେ ଶହ ବା କେତେ ହଜାର ଥର ଘୁରି ଆସିବା ପରେ ତାହାର ବସ୍ତୁତ୍ୱ ଧୀରେ ଧୀରେ କମି କମି ଯାଏ। ଶେଷରେ ଏହା ଖଣ୍ଡ ବିଖଣ୍ଡ ହୋଇଯାଏ। ଊର୍ଟବାଦଲରୁ ସାଧାରଣତଃ ଦୀର୍ଘାବର୍ତ୍ତୀ ଧୂମକେତୁଗୁଡ଼ିକ ସୃଷ୍ଟି ହୋଇଥାଏ। ଏହି ଧୂମକେତୁଗୁଡ଼ିକ ହ୍ୟାଲେ ଶ୍ରେଣୀୟ ଧୂମକେତୁର ଅନ୍ତର୍ଭୁକ୍ତ।

କମ୍ ଆବର୍ତ୍ତନ କାଳ ବିଶିଷ୍ଟ ଧୂମକେତୁ ଗୁଡ଼ିକର ସୃଷ୍ଟି ସୌରଜଗତର ଆଉ ଗୋଟିଏ ବଳୟରୁ ହୋଇଥାଏ। ଏହି ବଳୟଟି ସମ୍ପର୍କରେ ପ୍ରଥମେ ୧୯୫୧ ମସିହାରେ ହଲାଣ୍ଡର ଜ୍ୟୋତିର୍ବିଜ୍ଞାନୀ "ଜିରାର୍ଡ୍ କୁଇପର" ଧାରଣା ଦେଇଥିଲେ। ତେଣୁ ତାଙ୍କ ନାମାନୁସାରେ ଏହାକୁ 'କୁଇପର ବଳୟ' କୁହାଯାଏ। ଏହି ବଳୟଟି ନେପଚ୍ୟୁନ ଗ୍ରହର କକ୍ଷ ବାହାରେ ଅବସ୍ଥିତ। ସୂର୍ଯ୍ୟଠାରୁ ଏହା ପ୍ରାୟ ୩୦ରୁ ୫୦ ଜ୍ୟୋତିଃ ଏକକ ଦୂରତା ମଧ୍ୟରେ ରହିଛି। ଏହା ଠିକ୍ ମଙ୍ଗଳ ଓ ବୃହସ୍ପତି ଗ୍ରହର କକ୍ଷ ମଧ୍ୟବର୍ତ୍ତୀ ଗ୍ରହାଣୁ ବଳୟ ସଦୃଶ୍ୟ ହୋଇଥାଏ। ମାତ୍ର ଗ୍ରହାଣୁ ବଳୟ ତୁଳନାରେ ଏହା ୨୦ଗୁଣ ଅଧିକ ଚଉଡ଼ା ଓ ୨୦ ରୁ ୨୦୦ଗୁଣ ଅଧିକ ଭାରୀ ହୋଇଥାଏ। ଏହା ମଧ୍ୟ ମିଥେନ, ଏମୋନିଆ,ଜଳ ଆଦିର ବରଫକୁ ନେଇ ଗଠିତ ହୋଇଥାଏ। ପ୍ରଥମେ ୧୯୯୨ ମସିହାରେ ଏହି ବଳୟରୁ ଗୋଟିଏ ପିଣ୍ଡ ଆବିଷ୍କୃତ ହୋଇଥିଲା। ଏହାର ବ୍ୟାସଥିଲା ପ୍ରାୟ ୨୪୦ କି.ମି.ଏହାର ନାମ ୧୯୯୨କ୍ୟୁବି୧ ରହିଥିଲା। ଆମେରିକାର 'ନାସା' ମହାକାଶକୁ ପଠାଇଥିବା ଦୂରବୀକ୍ଷଣ ଯନ୍ତ୍ର ଏହି ବଳୟରେ ଅନେକ ଧୂମକେତୁର ସନ୍ଧାନ କରିଛି। ଏହି ଅଞ୍ଚଳରେ ପ୍ରାୟ ୨୦କୋଟି ଧୂମକେତୁ ରହିଥିବାର ଆକଳନ କରାଯାଇଛି। ଏହି ଧୂମକେତୁ ଗୁଡ଼ିକର ଆବର୍ତ୍ତାକାଳ କମ୍ ହୋଇଥାଏ। ଏଠାରୁ ବାହାରୁଥିବା ଧୂମକେତୁ ଗୁଡ଼ିକର କକ୍ଷ ଗ୍ରହଗୁଡ଼ିକର କକ୍ଷତଳ ସହ ସମତଳରେ ରହିଥାଏ। ପୁଣି ଏହି ଧୂମକେତୁଗୁଡ଼ିକ ଗ୍ରହଗୁଡ଼ିକ ଗତି କରୁଥିବା ଦିଗରେ ସୂର୍ଯ୍ୟ ଚତୁଃପାର୍ଶ୍ୱରେ ପରିକ୍ରମଣ କରିଥାନ୍ତି।

ଇବ୍‌ଥର୍ମାଲ୍,
ଝାରସୁଗୁଡ଼ା
ପିନ୍-୭୬୮୨୩୪



ନାସ୍ତିକ, ଅନ୍ୟାୟ ଉପାର୍ଜିତ ଧନ, ଯୁବତୀ ସ୍ତ୍ରୀ ଏବଂ ଅନ୍ୟର ଖରାପ କାର୍ଯ୍ୟଠାରୁ ଦୂରେଇ ରହିବା ଭଲ।

# ମହାପ୍ରଳୟର ପରଦିନ

ସତ୍ୟନାରାୟଣ ସାମନ୍ତରାୟ (ସତ୍ୟକଞ୍ଜ)



But of that day or hour, no one knows neither the angels nor the Son, but only the Father. Be watchful ! Be alert ! You don't know when the time will come. ( Mark, 13: 32-33)

**ଯା**ହାହଉ ମୁଁ ବଞ୍ଚିଯାଇଛି !

ଦେଖିଲି ଘରେ ବି ସମସ୍ତେ ଠିକ୍‌ଠାକ୍ ଅଛନ୍ତି । ଟି.ଭି., ଫ୍ରିଜ୍, ଆଇନା, ଆଲମିରା ସବୁ ଯିଏ ଯାହା ଜାଗାରେ ବରାମତ ଅଛନ୍ତି । ଝରକା ଖୋଲି ଦେଖିଲି, ରାସ୍ତାଟା ଗଲାକାଲି ଯେମିତି ଥିଲା, ଆଜି ବି ଠିକ୍ ସେମିତି ଅଛି । ଦାଣ୍ଡଦୁଆରେ ଥିବା ବିରାଟ ଆମ୍ବଗଛଟା ସଦର୍ପେ ଠିଆ ହୋଇଛି ସେମିତି । ବାଡ଼ିବଗିଚା, ବିଲଗହିର, ଟାଙ୍ଗିଟୋକର ସବୁକୁ ଆଖି ପାଇଲା ଯାଏଁ ଦେଖିଲି, ସବୁ ସେଇମିତି ଅଛି ।

ସାଙ୍ଗ-ସାଥୀ, ଆତ୍ମୀୟ-ସ୍ୱଜନଙ୍କ କଥା ମନେପଡିଲା । ଫୋନ୍ କରି ବୁଝିଲି । ସମସ୍ତେ ଯିଏ ଯାହା ଜାଗାରେ ଠିକ୍ ଅଛନ୍ତି । ଯା ଭିତରେ ସୂର୍ଯ୍ୟ ପୂର୍ବଆକାଶକୁ ଜଡ଼େଇ ଧରିଲେଣି । ଶୀତୁଆ ପବନଟା ଦେହର ବହଳ ଘୋଡଣି ଭିତରକୁ ଧସେଇ ପଶିବାର ଚିରାଚରିତ ଉଦ୍ୟମ ଜାରିରଖିଛି । କାଉ, କୋଇଲି, ପାରା, କଙ୍କି, ପ୍ରଜାପତି ସକାଳର ଉଷୁମ ପାଇବାକୁ ଆନମନା ହୋଇ ଉଡ଼ିଯାଉଛନ୍ତି । ଗେଣ୍ଡୁ, ସେବତୀ, ହେନା, ଟଗର, ଚମ୍ପାଫୁଲର ମହକ ଅଳସ ସକାଳକୁ ଆଉଟିକେ ମତୁଆଲା କରୁଛି । ବୁଲା କୁକୁରଟି ଅଭ୍ୟାସବଶତଃ ଆରମ୍ଭ କରିଦେଇଛି ହୋଟେଲ ପଛର ଅଇଁଠା ଖଲିପତରରୁ ତାର ନିତିଦିନିଆ ଜୀବନଚର୍ଯ୍ୟା । ସବୁ ଠିକ୍‌ଠାକ୍ । କାଲି ଯାହାଥିଲା, ଆଜିଭିତରେ କିଛି ବି ଫରକ୍ ପଡ଼ିନି !

ନିଜକୁ ଚିମୁଟିଲି । ପତ୍ନୀଙ୍କୁ କହିଲି ମୋତେ ଚଟକଣିଟେ ମାର ! ଟିକିଏ ଥଙ୍ଗଥଙ୍ଗ ହେଲେ ସିନା, ବାଧ୍ୟବାଧକତାରେ ମୋର ବାଁ ଗାଲରେ ଚଟକଣାଟେ ଦେଲେ । ମଧୁରିଆ କଷ୍ଟଲାଗିଲା । ଅନୁଭବ କଲି ମୋର ଜୀବନଅଛି ଓ ମୁଁ ବଞ୍ଚିଛି ! ପ୍ରତିଦିନ ୨୦୧୨ର ଡିସେମ୍ବର ୨୧ ତାରିଖକୁ ଘୋଷୁଥିବା ମୁଁ ଓ ମୋଭଳି ବିଶ୍ୱର ଅନେକ ବ୍ୟକ୍ତି ସତରେ କେତେ ଉଶ୍ୱାସ ହେଉନଥିବେ ଆଜି !!!

ସେହିଦିନୁ ଭାବୁଥିଲି ମୃତ୍ୟୁ କେମିତି ଆସିବ ବୋଲି । ସମୁଦ୍ର ମାଡ଼ିଆସିବ, ଲୁଣିପାଣି ନାକରେ କାନରେ ପଶିଯିବ ବା ପୃଥିବୀ ଡୋ'କରି ଫାଟିଯିବ, ଯାହାଭିତରେ ମୁଁ ପଶିଯିବି । ଭୂମିକମ୍ପ ହେବ ଓ ଅଗ୍ନି ବାହାରିବ । ସେଥିରେ ଆଉଟୁପାଉଟୁ ହେଉହେଉ ଜୀବନ ଚାଲିଯିବ । କିମ୍ବା ଆକାଶରୁ ଉଲକା ପଡ଼ିବ । ହୁତୁହୁତୁହୋଇ ଜଳିଉଠିବ ମୋ ଚାରିପଟେ ଥିବା ଗଛବୃକ୍ଷ, ଘରଦ୍ୱାର, ବଣଜଙ୍ଗଲ, ପାହାଡ଼କାନ୍ତାର । ତା ଭିତରେ ମୁଁ ଓ ମୋଭଳି କେତେ କିଏ ଜଳିପୋଡ଼ି ନିମିଷକେ ନିଶ୍ଚିହ୍ନ ହୋଇଯିବେ । ପୃଥିବୀ ଜୀବଶୂନ୍ୟ ହୋଇଯିବ ଓ ସବୁଆଡେ ଘୋଟିଯିବ ସୃଷ୍ଟି ଆରମ୍ଭକାଳର ସେଇ ଆଦିମ ନିସ୍ତବ୍ଧତା । ସୃଷ୍ଟିର ଅନ୍ୟଏକ ନୂତନ ସଂସ୍କରଣ ପାଇଁ ପୃଥିବୀପୃଷ୍ଠରେ ମହାପ୍ରଳୟର ସୂତ୍ରପାତ ହୁଏତ ହେଉଛି ଏହି ମାୟା କ୍ୟାଲେଣ୍ଡରର ଶେଷଦିନଟିରେ !

୨୦୧୨ ଡିସେମ୍ବର ୨୧ ତାରିଖକୁ ନେଇ କେତେକ ବହି ଓ ସିନେମାରେ ଧ୍ୱଂସର ଯେଉଁ କରାଳ ବର୍ଣ୍ଣନା ବା ଦୃଶ୍ୟ, ସେସବୁକୁ ଆଖିଆଗକୁ ଆଣି ମୃତ୍ୟୁର ବିଭୀଷିକା କେତେ ଭୀଷଣ ହୋଇପାରେ ତାକୁ ହେଜିହେଜି ଦିନଗୁଡିକ କ୍ରମେ ଅସହଣି ହୋଇଯାଉଥିଲା । ତା ସାଙ୍ଗକୁ ଏହି ମହାପ୍ରଳୟରୁ ରକ୍ଷା ପାଇବାପାଇଁ କିଏ କୋଉଠି ବଙ୍କର ନିର୍ମାଣ କଲେଣି ତ କିଏ ଜୀବନର ସକଳ ରୋଜଗାରକୁ ଲଗେଇ ରକ୍ଷାକାରୀ ତରୀଟିଏ ତିଆରି କଲେଣି । ସେସବୁକୁ ଶୁଣିଲାବେଳେ ମୁଁ ମୋର ଅସହାୟପଣିଆ ପାଖରେ ମୁଣ୍ଡ ନୁଆଁଇବା ସହ ଆଗାମୀ ମହାପ୍ରଳୟ ପଖରେ ନିଜକୁ ଆତ୍ମସମର୍ପଣ କରିଦେଇଥିଲି ।

ତେବେ ଯାହାହେଉ ମୁଁ ବଞ୍ଚିଯାଇଛି ! ଏ ଧରା, ଏ ଆକାଶ, ଏ ପାତାଳ, ଏ ଫୁଲ ଓ ତାର ମହକ ସବୁକିଛି ସନ୍ତୁଳିତ ଅବସ୍ଥାରେ ଅଛନ୍ତି, ଅନ୍ତତଃ ଏତିକି ସାନ୍ତ୍ୱନା ଏବେପାଇଁ । ତେବେ ସତରେ କଣ ମୁଁ ବଞ୍ଚିଛି । ଆଜିଯାଏଁ ଡରିଡରି ବଞ୍ଚୁଥିବାକୁ କଣ ବଞ୍ଚିବା କୁହାଯାଏ ? ଯେଉଁ ବଞ୍ଚିବାରେ ଦମ୍ ନାହିଁ, ବଞ୍ଚିବାପାଇଁ ଯେଉଁଠି ଡରିବାକୁ ହୁଏ, ସେଇଟା କି ପ୍ରକାର ବଞ୍ଚିବା? ନା ସେଭଳି ଜୀବନକୁ ଜୀବନ କୁହାଯାଏ? ଆତ୍ମରକ୍ଷାର ପ୍ରବଣତା ମଣିଷର ଆଦିମପ୍ରବୃତ୍ତି ହୋଇପାରେ; ମାତ୍ର ଏହି ପ୍ରବଣତା ଅତ୍ୟଧିକ ମାତ୍ରାରେ ବୃଦ୍ଧି ପାଇଲେ ତାହା ଅସହାୟତାରେ ପରିଣତ ହୁଏ, ଏକଥା ଆମକୁ ବୋଧେ ମନେରଖିବାକୁ ହେବ ।

ମାୟା କ୍ୟାଲେଣ୍ଡର ! କୁହାଯାଏ ଖ୍ରୀ.ପୂ. ତିନିହଜାର ବର୍ଷ ପୂର୍ବେ ଏହା ରଚିତ ହୋଇଥିଲା । ଯଦି ଏହା ସତ୍ୟ ତେବେ ଲେଖା ଆଉ ବ୍ୟାଖ୍ୟା ମଧ୍ୟରେ କାଳେକାଳେ ସଂଘାତ ଘଟିଥିବା ହେତୁ ଲେଖାର ଅର୍ଥକୁ ଭିନ୍ନାର୍ଥରେ ବ୍ୟାଖ୍ୟାକରିବା ଓ ତାକୁ ନେଇ ସମାଜରେ ଭୀତିସଞ୍ଚାର କରେଇବା କିଛି ବ୍ୟକ୍ତିଙ୍କ ପାଇଁ ଜୀବନଧାରଣର ମାଧ୍ୟମ ପାଲଟିଛି । ଗୁଜବକୁ ପୁଞ୍ଜିକରି ବହିଲେଖିବା, ସିନେମା ତିଆରିକରିବା ଓ ସମାଜରେ ତାକୁ ପ୍ରଚାର କରିବାଦ୍ୱାରା ଜନଜୀବନ ଅସହାୟ ଅନୁଭବକରିବା ସ୍ୱାଭାବିକ । ଏଥିମଧ୍ୟରେ 'ନାସା' ପ୍ରାୟ ପାଞ୍ଚହଜାର ପ୍ରଶ୍ନ ତା' ୱେବ୍‌ସାଇଟରେ ପାଇଥିଲେ, ଯେଉଁଥିରେ ଲୋକେ ଜାଣିବାକୁ



ଯେଉଁ କାମ ତୁମେ ସ୍ୱୟଂ ଚାହୁଁନାହଁ, ତାହା ଅନ୍ୟପାଇଁ ମଧ୍ୟ କରନାହିଁ ।

ଚାହିଁଥିଲେ ଯଦି ମହାପ୍ରଳୟ ସତ୍ୟ, ତେବେ ସେମାନେ ଏବେଠାରୁ ସେମାନଙ୍କ ପରିବାରସହ ଆତ୍ମହତ୍ୟା କରିବେ । ତେବେ କୌତୂହଳର ବିଷୟହେଲା, ନିବିରୁ (Nibiru) ନାମକ ଯେଉଁ ଗ୍ରହ ପୃଥିବୀସହ ଧକ୍କାଖାଇ ମହାପ୍ରଳୟ ସଂଘଟିତ ହେବାର ଥିଲା, ତାହାର ଅସ୍ତିତ୍ୱ ସମ୍ବନ୍ଧରେ ଏବେଯାଏଁ ବି ବୈଜ୍ଞାନିକମାନେ ସନ୍ଦିହାନ !

ଅବଶ୍ୟ ମହାପ୍ରଳୟ ଆସିଲାନାହିଁ । ବିଶ୍ୱର ମହାଜାଗତିକ ମହାପ୍ରଳୟପାଇଁ ଆଉ କେଉଁ ତାରିଖ ଓ କେଉଁ ମହାଗୁଜବ କେବେ ପୁଣି ବିଶ୍ୱ ସାମନାକୁ ଆସିବ, ତାହା ଆମକୁ ଜଣାନାହିଁ । କିନ୍ତୁ ଗୋଟିଏ କଥା ଜଣାପଡ଼ିଲା, ମଣିଷ ଆତ୍ମରକ୍ଷାପାଇଁ ଯେତେ ବ୍ୟସ୍ତ ହୋଇପଡ଼େ, ଆତ୍ମରକ୍ଷାର ସାଧନସବୁ ତାଠାରୁ ସେତିକି ଦୂରେଇଯାଆନ୍ତି । ଆତ୍ମବିଶ୍ୱାସର ଆଧାରସବୁ କେବଳ ଫମ୍ପା ଆବାଜ ଭିନ୍ନ ଅନ୍ୟ କିଛିନୁହେଁ ବୋଲି ତାହା ପୁଣିଥରେ ସିଦ୍ଧ ହୋଇଗଲା ଯେମିତି । ତେଣୁ ହେ ମଣିଷ ! ମୃତ୍ୟୁ କେବେ ହେବ, ତାହା ଯେମିତି ଆପଣା ଆୟତ୍ତ ବାହାରେ, ସେମିତି ଏ ବିଶ୍ୱବ୍ରହ୍ମାଣ୍ଡରେ ମହାପ୍ରଳୟର ମହାସମ୍ଭାର କେବେ ହେବ, ତାହା ସେମିତି କଳନା କରାଯାଇନପାରେ । ତେବେ ଆମର କାର୍ଯ୍ୟକାରଣର ନକାରାତ୍ମକତା ଓ ପାର୍ଥିବ ଦିନଚର୍ଯ୍ୟାର ଦିଗହଜା ଓ ପଥହୁଡା ଜୀବନଶୈଳୀ ଯେ ଏକ ସମ୍ଭାବିତ ମହାପ୍ରଳୟ ଆଡ଼କୁ ଆଗେଇ ନେଉଛି ଏହା ନିଃସନ୍ଦେହ ! ନା କଣ କହୁଛନ୍ତି ?

ବେଗୁନିଆ, ଖୋରଧା,
୯୪୩୮୭୩୪୮

---

# ଭଗବାନ ଧନ୍ୱନ୍ତରୀ



ଆୟୁର୍ବେଦର ସ୍ରଷ୍ଟା ଭାବେ ଭଗବାନ ଧନ୍ୱନ୍ତରୀଙ୍କୁ ଗ୍ରହଣ କରାଯାଇଛି। ଆୟୁର୍ବେଦ ବିଶ୍ୱର ସର୍ବପୁରାତନ ଚିକିତ୍ସା ପଦ୍ଧତି ଭାବେ ଆୟୁର୍ବେଦ ଜନ କଲ୍ୟାଣରେ ନିୟୋଜିତ ହୋଇଆସୁଅଛି । ବୈଦିକ ଯୁଗରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ଜନମାନସରେ ଏହାର ଲୋକପ୍ରିୟତା ଅକ୍ଷୁଣ୍ଣ ରହିଛି ।

ଆଧୁନିକ ଯୁଗରେ ଔଷଧ ନିର୍ମାଣ, ବନୌଷଧୀ ଚୟନ, ଗବେଷଣା, ଔଷଧର ଗୁଣବତ୍ତା ବୃଦ୍ଧି ଏବଂ ସର୍ବୋପରି ଆୟୁର୍ବେଦ ଔଷଧର ଆଧୁନିକ ରୂପାନ୍ତର ଆଜି ବିଭିନ୍ନ କ୍ଷେତ୍ରରେ ଆୟୁର୍ବେଦ ଅଗ୍ରଗତି ଲାଭ କରିଛି ।

କାଶ ବଂଶରେ ଜନ୍ମିତ ଧନ୍ୱ ନାମକ ରାଜା ଭଗବାନ ବିଷ୍ଣୁଙ୍କର ଆରାଧନା କରିବାରୁ ଭଗବାନ ବିଷ୍ଣୁ ଧନ୍ୱନ୍ତରୀ ରୂପରେ ଜନ୍ମ ଗ୍ରହଣ କରିଥିଲେ । ତେଣୁ ଧନ୍ୱନ୍ତରୀଙ୍କୁ କାଶୀ ରାଜା ବା ବିଭୂଦାସ ନାମରେ ସମ୍ବୋଧନ କରାଯାଏ । ଭଗବାନ ଧନ୍ୱନ୍ତରୀଙ୍କ ପ୍ରଣୀତ ଆୟୁର୍ବେଦ ଶାସ୍ତ୍ର ଜନସାଧାରଣଙ୍କର ସ୍ୱାସ୍ଥ୍ୟ ରକ୍ଷା କରିବା ସହିତ ଦୁଃଖ ଦୂର କରି ମାନବକୁ ଦୀର୍ଘ ଓ ନିରାମୟ ଜୀବନ ଯାପନ କରିବାକୁ ସକ୍ଷମ ହୋଇଛ

# ପବିତ୍ର ଫଳ ନଡ଼ିଆ

**ଗୋବିନ୍ଦ ଚନ୍ଦ୍ର ମହାରଣା**



ଦେବତା ମଣିଷ ସଭିଙ୍କର ପ୍ରିୟ
ସୁମଧୁର ଫଳ ନଡ଼ିଆ,
ଆଦର କରନ୍ତି ସରବେ ତାହାକୁ
ଗରିବଠୁ ବଡ଼ିଆ ।

ହୋମ ଯଜ୍ଞ ପୂଜା ବିବାହ ବ୍ରତାଦି
ଶୁଭ କାର୍ଯ୍ୟେ ଖୋଜା ଶ୍ରୀଫଳ,
ନାମ ନାରିକେଳ ବାହାର କଠିନ
ଭିତରଟା ବଡ଼ କୋମଳ ।

ଫଳ ମଧ୍ୟରେ ସାର ଅଟଇ ନଡ଼ିଆ
ଅମୃତ ସମାନ ସୁମିଷ୍ଟ,
ମିଠା ମିଠା ଖିରି ଖେଚେଡ଼ି ତରକାରୀ
ନଡ଼ିଆ ସଂଯୋଗେ ସ୍ୱାଦିଷ୍ଟ ।

ଭକତ ଦାସିଆ ଭକ୍ତିରେ ନଡ଼ିଆ
ଶ୍ରୀକ୍ଷେତ୍ରକୁ ଥିଲା ପଠାଇ,
କଥା ଅଛି ତାହା ଶ୍ରଦ୍ଧାରେ ଶ୍ରୀଭୁଜେ
ତୋଳିନେଲେ କଳା ଗୋସାଇଁ ।

ନଡ଼ିଆର ପୂର୍ବ ରୂପଟି ପଇଡ
ଜଳଟି ତା'ର ସୁଆଦିଆ,
ଆମ ସ୍ୱାସ୍ଥ୍ୟପାଇଁ ବଡ଼ ଉପକାରୀ
ପୂର୍ଣ୍ଣକୁମ୍ଭରେ ହୁଏ ଥୁଆ ।

ନଡ଼ିଆ ସହିତ ଜଡ଼ିତ ଆମର
ଧର୍ମ ପରମ୍ପରା ସଂସ୍କୃତି,
ପବିତ୍ର ଏକ ଫଳ ଖାଦ୍ୟ ଓ ପାନୀୟ
ହୃଦୟେ ରହିଛି ସାଇତି ।

**ମଙ୍ଗଳାନଗର, ଲେନ୍ - ୧, ଖୋର୍ଦ୍ଧା**
**ମୋ - ୯୪୩୮୭୩୪୬୪**

# ସହରିଆଙ୍କ ସ୍ୱାସ୍ଥ୍ୟ ସମସ୍ୟା



ଡକ୍ଟର ମୁରାରି ମୋହନ ଦାଶ

ଆମ ଦେଶ ତଥା ରାଜ୍ୟର ବଡ଼ ବଡ଼ ସହରରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭାରି ଖରାପ। ବର୍ଷା ଋତୁରେ ପରିବେଶ ଅତ୍ୟନ୍ତ ଦୂଷିତ। ଏହି ସମୟରେ ନାଳ ନର୍ଦ୍ଦମାରେ ପଙ୍କ ଜମିବା କାରଣରୁ ସେଗୁଡ଼ିକ ଅବରୋଧ ହୁଏ। ବଡ଼ ସହରରେ ମ୍ୟାଲେରିଆ ଓ ଡେଙ୍ଗୁର ପ୍ରାଦୁର୍ଭାବ ଅଧିକ। ଲୋକମାନଙ୍କର ସ୍ୱାସ୍ଥ୍ୟରକ୍ଷା ଓ ସଫାସୁତୁରା ସମ୍ପର୍କରେ ଧାରଣା ସ୍ୱାର୍ଥପର ଓ ଅନୁନ୍ନତ ପ୍ରଥା ଦ୍ୱାରା ପରିଚାଳିତ। ସେମାନେ ଘରୁ ବାହାରିଗଲେ ସ୍ୱାସ୍ଥ୍ୟରକ୍ଷା କଥା ପୂରାମାତ୍ରାରେ ଭୁଲିଯାଆନ୍ତି, ଯେଉଁଠି ପାରେ ସେଇଠି ପରିସ୍ରା କରନ୍ତି, ଛେପପକାନ୍ତି, ଝାଡ଼ା ଫେରନ୍ତି ଓ ନାକରୁ ସିଙ୍ଘାଣି ସଫା କରନ୍ତି। ଏଥିରୁ ଜଣାଯାଏ ଯେ ସ୍ୱାସ୍ଥ୍ୟରକ୍ଷା ସମ୍ପର୍କରେ ଆମ ଲୋକମାନଙ୍କର ଧାରଣା ବହୁତ କମ୍। ସହରର ରାସ୍ତାରେ କୁଢ କୁଢ଼ ମଇଳା ଜମା ହୋଇଥାଏ। ପାଣି ଜମେ, ଜରିଲାଗି ନାଳ ଅବରୋଧ ହୁଏ ଓ ନାଳପାଣି ପିଇବା ପାଣି ସହିତ ମିଶେ।

ପରିଚ୍ଛନ୍ନତା, ନିର୍ମଳ ବାୟୁ, ଜଳ ଓ ଖାଦ୍ୟ ଉପରେ ଉତ୍ତମ ସ୍ୱାସ୍ଥ୍ୟ ନିର୍ଭରଶୀଳ। ସଫାସୁତୁରା ଅଭାବରୁ ପୃଥିବୀରେ ବହୁଲୋକ ମୃତ୍ୟୁ ମୁଖରେ ପଡ଼ନ୍ତି। ବସ୍ତିବାସିନ୍ଦାଙ୍କର ପିଲାମାନେ ସେଥିପାଇଁ ବହୁ- ସଂଖ୍ୟାରେ ପ୍ରଭାବିତ ହୋଇଥାନ୍ତି। ଗବେଷକଙ୍କ ମତରେ ବାହାରେ ଝାଡ଼ା ଫେରିବା ସହିତ ଅସୁସ୍ଥତା ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ମୈଳା ଗଦା ଓ ସ୍ଥିର ଜଳରେ କଲେରା, କାମଳ, ଟାଇଫଏଡ୍ , ଟିବି, ଡାଇରିଆ ଓ ରକ୍ତଝାଡ଼ା ଜୀବାଣୁ ବାସ କରନ୍ତି ଏବଂ ସେମାନେ ଖୁବ ଶୀଘ୍ର ବଂଶବୃଦ୍ଧି କରି ଲୋକମାନଙ୍କୁ ରୋଗଗ୍ରସ୍ତ କରିପାରନ୍ତି। ଜନ-ସଂଖ୍ୟା ବୃଦ୍ଧି, ବିପଦପୂର୍ଣ୍ଣ ଖାଦ୍ୟ, ଜଳ, ପରିଷ୍କାର ପରିଚ୍ଛନ୍ନତା, ବୁଲାପଶୁ, ଜୀବନଚର୍ଯ୍ୟାରେ ପରିବର୍ତ୍ତନ, ପ୍ରଭାବହୀନ ସରକାରୀ ନୀତି ଓ ଅବ୍ୟବହୃତ କଠିନ ବର୍ଜ୍ୟବସ୍ତୁକୁ ବିପଦପୂର୍ଣ୍ଣ ସ୍ୱାସ୍ଥ୍ୟପାଇଁ ଦାୟୀ କରାଯାଇଛି।

ଖୋଲାନାଳ ପ୍ରଦୂଷଣର ମୁଖ୍ୟ କାରଣ। ଏହା ଦ୍ୱାରା ସଂକ୍ରାମକ ରୋଗ ସଂକ୍ରମଣ କରିଥାଏ। ଲୋକମାନେ ମଧ୍ୟ ଖୋଲାନାଳରେ ଅଳିଆ ଆବର୍ଜନା ପକାଇଥାନ୍ତି। ସେଥିପାଇଁ ବର୍ଷାଦିନେ ନାଳ ଅବରୋଧ ହୋଇ ନାଳ ପାଣି ରାସ୍ତାକୁ ମାଡ଼ିଯାଏ। ନାଳରେ ମଶା, ମାଛି ଓ ଅନ୍ୟାନ୍ୟ ପୋକମାନେ ଡିମ୍ବ ଦେଇ ବଂଶ ବିସ୍ତାର କରନ୍ତି। ସିୱେରେଜର ନର୍ଦ୍ଦମା ପାଣି ବେଳେବେଳେ ପଟ୍‌ହୋଲ ଦେଇ ଉଚ୍ଛୁଳି ପଡ଼େ ଓ ରାସ୍ତାକୁ ପ୍ରଦୂଷିତ କରେ।

ବାହାରେ ଖାଲିସ୍ଥାନରେ ଝାଡ଼ା ପରିସ୍ରା କରିବା ଆମ ଲୋକମାନଙ୍କର ଏକ ବଦଭ୍ୟାସ। ଭାରତରେ ୫୦ ପ୍ରତିଶତ ଲୋକଙ୍କର ପାଇଖାନା ନାହିଁ। ସହରର ବସ୍ତି ଲୋକମାନେ ଏବଂ ଯେଉଁମାନେ ରାସ୍ତା କଡ଼ରେ ବା ଷ୍ଟେସନରେ ଆଶ୍ରୟ ନିଅନ୍ତି ସେମାନେ ରାସ୍ତା କଡ଼ରେ ଫୁଟପାଥ କଡ଼ରେ ବା ଖୋଲାନାଳରେ ଝାଡ଼ା ଫେରନ୍ତି। ସେମାନଙ୍କ ପାଇଁ ସର୍ବସାଧାରଣ ପାଇଖାନା ନାହିଁ। ଆଉ ଯେଉଁଠାରେ ସର୍ବସାଧାରଣଙ୍କ ପାଇଁ ଶୌଚାଳୟ ଅଛି ତାର ବ୍ୟବହାର ସେମାନେ ଜାଣନ୍ତି ନାହିଁ ଓ ସେଠାରେ ପାଣିର ଅଭାବ ଥାଏ। କେତେକ ସହରରେ ସର୍ବସାଧାରଣଙ୍କ ପାଇଁ ପରିସ୍ରାଗାର ନିର୍ମାଣ କରାଯାଇଛି କିନ୍ତୁ ସେଗୁଡ଼ିକ ଠିକ୍‌ଭାବେ ପ୍ରତିପାଳନ କରାଯାଉନାହିଁ। ସ୍କୁଲମାନଙ୍କରେ ପିଲାଙ୍କ ନିମିତ୍ତ ପରିସ୍ରାଗାର ଯେଉଁଠି ଅଛି ସେଗୁଡ଼ିକ ବ୍ୟବହାର ଅନୁପଯୋଗୀ। କାରଣ ସେଥିରୁ ଦୁର୍ଗନ୍ଧ ବାହାରୁଥାଏ। ଦୁଃଖର କଥା ଯେ ସହରର ରାସ୍ତାରେ ମହିଳାଙ୍କ ପାଇଁ ପରିସ୍ରା ଯିବାର କୌଣସି ସୁବିଧା ନାହିଁ।

ଆମ ଦେଶରେ ପିଇବା ପାଣିର ମାନ ଅତି ନିମ୍ନ। ସିୱେରେଜ ପାଣି କଳ ପାଣି ସହିତ କେବେକେବେ ମିଶିଯାଏ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡର ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ କିଛି ପ୍ରକଳ୍ପ ନାହିଁ। ଏଠାରେ କଳ-କାରଖାନାର ମୈଳା ଆବର୍ଜନା ପାଣି ନଦୀରେ ମିଶେ। ମୁନିସିପାଲିଟିର ଅଳିଆ ଖୋଲା ପଡ଼ିଆରେ ଜମା ହୁଏ। ପାନୀୟ ଜଳର ମାନ ନିର୍ଦ୍ଧାରଣ କରିବା ପ୍ରଣାଳୀ ଠିକ୍ ନଥାଏ।

ବୁଲା ଷଣ୍ଢ, ଗାଈ, କୁକୁର ସହରବାସୀଙ୍କ ପାଇଁ ବହୁ ସମସ୍ୟା ସୃଷ୍ଟି କରନ୍ତି। ଏମାନେ କେବଳ ଯେ ରାସ୍ତା ଅବରୋଧ କରି ଦୁର୍ଘଟଣା ଘଟାନ୍ତି ତାହା ନୁହେଁ ରାସ୍ତାରେ ମଳ ମୂତ୍ର ତ୍ୟାଗ କରି ପରିବେଶକୁ ଦୂଷିତ କରନ୍ତି।

**ମୁନିସିପାଲଟି କେଉଁ ବିଷୟ ପ୍ରତି ଧ୍ୟାନ ଦେବେ**

୧-ସହରର ରାସ୍ତା କଡ଼ରେ ୧ କିଲୋମିଟର ଅନ୍ତରରେ ଶୌଚାଳୟ ନିର୍ମାଣ।

୨-ଶୌଚାଳୟରେ ପାଣିର ବନ୍ଦୋବସ୍ତ ଓ ଝାଡୁଦାର ନିଯୁକ୍ତି

୩-ସହରର ଯେ-କୌଣସି ସ୍ଥାନରେ ଝାଡ଼ା/ପରିସ୍ରା କରିବାକୁ ଧର୍ତ୍ତବ୍ୟ ଅପରାଧ ଭାବରେ ଗଣନା କରିବା।

୪-ସହରରେ ଗାଈ, କୁକୁର ଆଦି ଜୀବ ରଖିବା ନିଷିଦ୍ଧ କରିବା

୫-ସହରର ନାଳରେ ମଇଳା ନ ପକାଇବା ପାଇଁ ସଚେତନତା ସୃଷ୍ଟି କରିବା।

୬-ସିୱେରେଜର ନିୟମିତ ମରାମତି କରିବା।

୭-ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା

୮-ଟିଫା ଯନ୍ତ୍ର ସାହାର୍ଯ୍ୟରେ କୃତ୍ରିମ କୁହୁଡ଼ି ସୃଷ୍ଟିକରି ମଶା ନିୟନ୍ତ୍ରଣ କରିବା ଓ ମଶାମରା ତେଲ ନାଳ ନର୍ଦ୍ଦମାରେ ନିୟମିତ ପକାଇବା।

ଉପରୋକ୍ତ ବିଷୟ ପ୍ରତି ଧ୍ୟାନ ଦେଲେ ସହରିଆଙ୍କ ସ୍ୱାସ୍ଥ୍ୟ ଅତୁଟ ରହିବ ଏବଂ ସେମାନେ ସଂକ୍ରାମକ ରୋଗର ଶିକାର ହେବ ନାହିଁ।

ମୁନିସିପାଲିଟିର କ୍ଷମତାର ଥିବା ବ୍ୟକ୍ତିମାନେ ଶୌଚାଳୟ ନିର୍ମାଣ

ସମୟରେ ଗୋଟିଏ କଥା ସବୁବେଳେ ଭୁଲିଯାନ୍ତି। ଶୌଚାଳୟ ନିର୍ମାଣ ପାଇଁ ଟଙ୍କାର ବ୍ୟବସ୍ଥା ହୁଏ କିନ୍ତୁ ତାକୁ କିପରି ପ୍ରତିପାଳନ କରାଯିବ ସେଥିପ୍ରତି କାହାର ନଜର ନଥାଏ। ତେଣୁ ନିର୍ମାଣ ପରେ ପରେ ପ୍ରତିପାଳନର ଅଭାବରୁ ସେଗୁଡ଼ିକ ଅବ୍ୟବହୃତ ଅବସ୍ଥାରେ ପଡ଼ିରହେ। ଶୌଚାଳୟ ନିର୍ମାଣ ସହିତ ସେଠାରେ ପାଣିର ବ୍ୟବସ୍ଥା ଓ ସଫା କରିବା ପାଇଁ ଝାଡୁଦାର ବନ୍ଦୋବସ୍ତ କରିବା ଉଚିତ। ତେବେ-ଯାଇ ସରକାରଙ୍କର 'ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟରକ୍ଷା ଅଭିଯାନ' ଯୋଜନା ସଫଳ ହେବ।

ଅବସରପ୍ରାପ୍ତ ପ୍ରାଧ୍ୟାପକ ଓ ଲୋକପ୍ରିୟ ବିଜ୍ଞାନ ସଂଚାରକ
ବି/ଏଲ-୧, ଭି.ଏସ.ଏସ୍.ନଗର, ଭୁବନେଶ୍ୱର-୭୫୧୦୦୭
୯୪୩୭୧୧୦୭୧୫(ମୋ)

# ଅସହାୟ କୁନିପରୀ

**ଡଃ ସ୍ମିତା ମିଶ୍ର**

କେତେ ସିଏ ଅସହାୟ ଆଖି.....
ତା'ଠୁ ବି ଅସହାୟ, ସେ ଆଖି ଯେ ନପାରିଲା ଦେଖି
କେତେ ସିଏ ଅଲୋଡ଼ା ଅନ୍ଧାର....
ଲୁଚିଗଲା ଯେଉଁଥିରେ ପ୍ରତିବାଦ ଅସହାୟତାର ।
କେତେ ସିଏ ଅଶୁଭ ମୁହୂର୍ତ୍ତ....
ସୃଷ୍ଟି ଆଖି ଅସହାୟ ମଣିଣ ଯେ ସାଜେ ମୃତ୍ୟୁ ଦୂତ
କେତେ ସିଏ ଅଶୁଣା କାନ୍ଦଣା.....
ସହାୟତାକୁ ଖୁମ୍ପି ଖାଉଥିଲେ ନୃଶଂସ ଶାଗୁଣା ।
କେତେ ଅସହାୟ ସେ ବେଦନା....
ବିନା ଦୋଷେ ସହିଗଲା ସବୁ ନିର୍ଯ୍ୟାତନା
କେତେ ଅବୁଝା ଓ ଅସହାୟ....
କୁନି ପରୀ ନିରବିଲା ମାନିଗଲା ତା'ର ପରାଜୟ
କେତେ ଇୟେ ଅନ୍ୟାୟ ବିଚାର......
କେତେ ଅସହାୟ ଆଜି କୁନି ପରୀ.....
ସବୁରି ଘରର...... ସବୁରି ଘରର..... ।

**ପ୍ରାକ୍ତନ ଅଧ୍ୟକ୍ଷା**
**ରାଧାନାଥ ଉଚ୍ଚତର ଶିକ୍ଷକ ଶିକ୍ଷା**
**ଗବେଷଣା ପ୍ରତିଷ୍ଠାନ, କଟକ**

# ପାରିବୁ ନାହିଁରେ ଉଡ଼ି



**ସଚ୍ଚି ମହାନ୍ତି**

ଉଡ଼ିବାକୁ ଯେତେ ଇଚ୍ଛା କଲେ ବନ୍ଧୁ
ତୁ'କି ପାରିବୁ ଉଡ଼ି,
ଡ଼େଣା ତଳେ ତୋର ଅମାପ ଯନ୍ତ୍ରଣା
ପାରିବୁ ନାହିଁରେ ଉଡ଼ି । ॥୧॥

ମୁଣ୍ଡ ଉପରେ ତୋ ଦୁଃଖର ପାହାଡ଼
ବସିଛି ମୁଣ୍ଡକୁ ମାଡ଼ି,
ଏତେ ବଡ ବୋଝ ମୁଣ୍ଡରେ ମୁଣ୍ଡେଇ
କେମିତି ଯିବୁରେ ଉଡ଼ି । ॥୨॥

ବଞ୍ଚିବାକୁ ଯେତେ ଇଚ୍ଛା ଥିଲେ ତୁ'କି
ସହଜେ ପାରିବୁ ବଞ୍ଚି,
ଚାରିପାଖେ ତୋର ଶାଗୁଣା ଛଞ୍ଚାଣ
ଭୋକରେ ବୁଲନ୍ତି ଉଡ଼ି । ॥୩॥

ମରିବାକୁ ଯେତେ ଇଚ୍ଛା କଲେ ବି ତୁ
ସହଜେ ନପାରୁ ମରି,
ମୋହ ମାୟା ଫାଶେ ବନ୍ଧା ପ୍ରାଣ ପକ୍ଷୀ
ଚାହିଁଲେ ନପାରୁ ଉଡ଼ି । ॥୪॥

କାଳ କହୁଛିରେ ତାଳ ମିଶେଇ ତୁ'
ତା' ସାଥେ ଚାଲିଲେ ମାଡ଼ି,
ତୋଷାମଦିଆଙ୍କୁ ତୋଷକଲେ ତୁ'
ଜହ୍ନ ଦେଶେ ଯିବୁ ଉଡ଼ି । ॥୫॥

ପାରିଲାନି ବୋଲି 'ସଚ୍ଚି' ଟା ବିଚାରୀ
ଘର କଣେ ଅଛି ପଡ଼ି,
ଛାଇ ଲେଉଟାଣି ବୟସ ହେଲାଣି
ଫୁର୍‌କିନା ଯିବ ଉଡ଼ି । ॥୬॥

**ନୂଆଗାଁ ଶାସନ, ଗୋବିନ୍ଦପୁର, କଟକ**

# ସମୁଦ୍ର ଜଳରେ ମାଙ୍କଡ଼ ଓ କୁକୁର



ଅଧ୍ୟାପକ ମନୋଜ ମହାପାତ୍ର

ସ୍ଥଳଭାଗରେ ମାଙ୍କଡ଼ ଓ କୁକୁର ବାସ କରନ୍ତି ବୋଲି ସମସ୍ତଙ୍କର ଏକ ଧାରଣା ରହଛି। ମାଙ୍କଡ଼ ଗଛରେ ରୁହେ ଓ ଗଛର ଗୋଟିଏ ଡ଼ାଳରୁ ଅନ୍ୟ ଏକ ଡାଳକୁ ଡେଇଁ ଡେଇଁ ଯିବା ଆସିବା କରେ। ମଣିଷ ହେଉଛି ମାଙ୍କଡ଼ ମାନଙ୍କର ବଂଶଧର। ସେହିପରି କୁକୁର ମଧ୍ୟ ଏକ ସ୍ଥଳଭାଗର ପ୍ରାଣୀ ଅଟେ। ମଣିଷ ସମାଜ ମଧ୍ୟରେ କୁକୁର ଚଳପ୍ରଚଳ କରିଥାଏ? ମାଙ୍କଡ଼ ଓ କୁକୁର ମଧ୍ୟରେ ଥିବା ଅହିନକୁଳ ସମ୍ପର୍କକୁ ନେଇ ଏକ ଗୀତ ରହିଛି।

ମାଙ୍କଡ଼ ଖାଏ କାଙ୍କଡ଼ କଷି
ବାଙ୍କବାବୁଙ୍କ ବାଡ଼ିରେ ପଶି
ତାଙ୍କ କୁକୁର ଆସିଲା ଧାଇଁ
ହନୁମାଙ୍କଡ଼ ଗଲା ପଳାଇ।

କିନ୍ତୁ ଏଠାରେ ଯେଉଁ ପ୍ରାଣୀମାନଙ୍କ ସମ୍ବନ୍ଧରେ ଆଲୋଚନା କରାଯାଉଛି, ଏମାନେ ସମସ୍ତେ ସମୁଦ୍ର ଜଳରେ ବାସ କରନ୍ତି।

ସମୁଦ୍ର ମାଙ୍କଡ଼ :

ସମୁଦ୍ର ଜଳରାଶିରେ ଏକ ପ୍ରକାର ମାଙ୍କଡ଼ ବାସ କରନ୍ତି। ତାହାର ନାମ ସମୁଦ୍ର ମାଙ୍କଡ। ଏହାର କାରଣ ଏହି ପ୍ରାଣୀଟି ମାଙ୍କଡ଼ ଆକୃତିର। ତେଣୁ ପ୍ରାଣୀ ବିଜ୍ଞାନୀମାନେ ଏହାର ନାମ ସମୁଦ୍ର ମାଙ୍କଡ଼ ବା ସମୁଦ୍ର ମର୍କଟ ନାମରେ ନାମିତ କରିଛନ୍ତି। ଏହା ଏକ ଅମେରୁଦଣ୍ଡୀ ଚିଙ୍ଗୁଡ଼ି ଜାତୀୟ ପ୍ରାଣୀ। ଏହାର ନାମ ହେଉଛି ଆର୍ଟେମିଆ। ଏମାନେ ଦେଖିବାକୁ ଛୋଟ ଚିଙ୍ଗୁଡ଼ି ପରି ପୃଥିବୀର ପ୍ରାୟ ସମସ୍ତ ସମୁଦ୍ରରେ ଏମାନେ ଦେଖାଯାଆନ୍ତି। ବିଶେଷକରି ଉଷ୍ଣ ଜଳବାୟୁରେ ରହିବାକୁ ପସନ୍ଦ କରିଥାନ୍ତି। ଛୋଟବେଳେ ଏମାନଙ୍କ ଦେହର ରଙ୍ଗ ହଳଦିଆ ଏବଂ ମୁହଁର ଆକୃତି ଠିକ୍ ମାଙ୍କଡ଼ ପରି। ଏମାନଙ୍କର ଜୀବନକାଳ ୬ ମାସରୁ ୧ ବର୍ଷ। ସ୍ତ୍ରୀ ପ୍ରାଣୀଟି ପୂର୍ଣ୍ଣତା ପ୍ରାପ୍ତି ହେବା ପରେ ପ୍ରତି ୫ ଦିନ ଅନ୍ତରରେ ତିନିଶହରୁ ଉର୍ଦ୍ଧ ଅଣ୍ଡା ଦେଇଥାନ୍ତି। ନଦୀର ମୁହାଣ ଓ ଅଳ୍ପଲୁଣିଆ ଜଳରେ ଅଣ୍ଡା ଦେଇଥାନ୍ତି। ଅଣ୍ଡାରୁ ଛୁଆ ବାହାରିଥାଏ। ପ୍ରାୟ ୧୫ ଦିନ ମଧ୍ୟରେ ଛୋଟ ଶାବକଟି ବଡ଼ ଅବସ୍ଥାକୁ ଆସିଥାଏ। ଛୁଆଗୁଡ଼ିକ ଲୁଣି ଓ ମଧୁର ପାଣିରେ ବଢ଼ିପାରନ୍ତି।

ସମୁଦ୍ର ମାଙ୍କଡ଼ ଏକ ସୁସ୍ୱାଦୁ ଖାଦ୍ୟରୂପେ ପୃଥିବୀର ଅଧିକାଂଶ ଦେଶର ଲୋକମାନେ ଖାଇଥାନ୍ତି। ଏମାନଙ୍କଠାରୁ ବହୁ ପରିମାଣରେ ପୁଷ୍ଟିସାର, ସ୍ନେହସାର ଓ ଫସ୍‌ଫରସ୍ ଖାଦ୍ୟ ପଦାର୍ଥ ମିଳିଥାଏ। ସମୁଦ୍ରମାଙ୍କଡକୁ ଶୁଖାଇ ଶୁଖୁଆ ରୂପେ ଲୋକମାନେ ଖାଇଥାନ୍ତି। ଆମେରିକା, ଜାପାନ, ଥାଇଲାଣ୍ଡ ଓ ଆମ ଦେଶର ରାଜସ୍ଥାନ, ତାମିଲନାଡୁ ଓ ମହାରାଷ୍ଟ୍ର ଆଦି ରାଜ୍ୟରେ ସମୁଦ୍ର ମାଙ୍କଡ଼ ଚାଷ କରାଯାଉଛି। ଏତଦ୍‌ବ୍ୟତୀତ ସମୁଦ୍ର ମାଙ୍କଡ଼ ଅଣ୍ଡାକୁ ବୈଜ୍ଞାନିକମାନେ ବିଭିନ୍ନ ପରୀକ୍ଷା ପାଇଁ ବ୍ୟବହାର କରନ୍ତି। ଅର୍ଥନୈତିକ ଓ ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହି ପ୍ରାଣୀର ଆବଶ୍ୟକତା ରହିଛି। ଏଣୁ ଏହି ପ୍ରାଣୀର ସୁରକ୍ଷା ଜରୁରୀ ଅଟେ।

ସମୁଦ୍ର କୁକୁର :

ସମୁଦ୍ର କୁକୁର ଏକ ମେରୁଦଣ୍ଡୀ ଓ ମାଛ ଜାତୀୟ ପ୍ରାଣୀ। ଏମାନଙ୍କର ଆକୃତି କୁକୁର ପରି ଦେଖିବାକୁ। ତେଣୁ ପ୍ରାଣୀବିଜ୍ଞାନୀମାନେ ଏମାନଙ୍କର ନାମ ସମୁଦ୍ରକୁକୁର ଦେଇଛନ୍ତି। ଏମାନଙ୍କର ବୈଜ୍ଞାନିକ ନାମ 'ସ୍କୋଲିଓଡ଼ନ'। ପୃଥିବୀର ପ୍ରାୟ ସମସ୍ତ ସମୁଦ୍ର ଜଳରାଶିରେ ଏମାନେ ବାସକରନ୍ତି। ଏମାନଙ୍କର ଶରୀର ବଡ଼ ଓ ଦୈର୍ଘ୍ୟ ୬୦ ସେ.ମି ରୁ ୧ ମିଟର। ଶରୀରରେ ଗୋଟିଏ ପାଖ ତଥା ଥୋମଣି ମୁନିଆଁ ହୋଇଥିବା ବେଳେ ଅନ୍ୟ ପାଖ ତଥା ଲାଞ୍ଜଟି ଓସାରିଆ ଯୋଗୁଁ ଏମାନଙ୍କୁ ସମୁଦ୍ର କୁକୁର କହନ୍ତି। ଶରୀର ତିନି ଭାଗରେ ଯଥା ମୁଣ୍ଡ ଗଣ୍ଡି ଓ ଲାଞ୍ଜ ଭାବ ବିଭକ୍ତ ହୋଇଛି। ଶରୀର ଉପରିଭାଗ ଧଳା ଓ ତଳଭାଗ ମାଟିଆ ରଙ୍ଗ ଅଟେ। ଶରୀରର ଠିକ୍ ମଝିରେ ଏକ ରେଖା ମୁଣ୍ଡଆଡ଼କୁ ଲମ୍ବିଛି ଏହାକୁ ମେରୁଦଣ୍ଡୀୟ ରେଖା କୁହାଯାଏ। ଏହି ରେଖା ଶରୀରକୁ ଦୁଇଭାଗରେ ବିଭକ୍ତ ହୋଇଛି। ପାଟିର ସାମନା ଭାଗଟି ବତକ ଥଣ୍ଟପରି ଓ ପାଟିଟି ଆଗକୁ ମୁନିଆଁ ବା ଗୋଜିଆ ଅଟେ। ପାଟିର ଦୁଇପଟେ ୨ ଗୋଟି ନାକପୁଡ଼ା ରହିଛି ଓ ଉପରେ ଦୁଇଗୋଟି ଆଖି ରହିଛି। ଆଖିର ତଳକୁ ୫ ଯୋଡ଼ା ଗାଲିସି ରନ୍ଧ୍ର ରହିଛି। ଅନ୍ୟ ମାଛମାନଙ୍କ ପରି ଏମାନଙ୍କର ପର ବା ପକ୍ଷ ଅଛି। ସେହି ପକ୍ଷଗୁଡ଼ିକ ହେଲା ସମୁଖ ପକ୍ଷ (Pectorial fin) ଓ ପାଶ୍ୱଦଗପକ୍ଷ (Pelvic fin)। ଲାଞ୍ଜଟି ଅସମାନ ଅଟେ ଓ ବିଭିନ୍ନ ପ୍ରକାରର ମାଂସପେଶୀରେ ଲାଞ୍ଜଟି ଗଠିତ। ସ୍ତ୍ରୀ ପ୍ରାଣୀ ଅଣ୍ଡା ଦେଇଥାନ୍ତି ଓ ଅଣ୍ଡାରୁଛୁଆ ଜନ୍ମନେଇଥାଏ। ଏମାନେ ପାଣିରେ ପହଁରି ପହଁରି ଛୋଟ ଛୋଟ ମାଛ ଓ ଜଳଜୀବ ମାନଙ୍କୁ ମାରି ଖାଇଥାନ୍ତି। ତେଣୁ ଏମାନେ ମାଂସ ଭୋଜୀ ପ୍ରାଣୀ ଅଟନ୍ତି।

ସମୁଦ୍ର କୁକୁର ପ୍ରାଣୀର ଯକୃତରେ ଅଧିକ ପରିମାଣରେ ତୈଳ ଅଂଶ ରହିଛି ଓ ଏହି ତୈଳରେ ଜୀବସାର (କ)(Vitamin-A) ପ୍ରଚୁର ପରିମାଣରେ ରହିଥାଏ। ତେଣୁ ଏମାନଙ୍କୁ ଧରି ଶିକାରୀମାନେ ତୈଳ ବାହାର କରନ୍ତି ବିକ୍ରୀ କରିଥାନ୍ତି। ଆଉ ମଧ୍ୟ ଏମାନଙ୍କ ଚମଡ଼ାରୁ ଅଳଙ୍କାର ରଖିବା ପାଇଁ ବାକ୍ସ ଓ ଖଣ୍ଡାର ହ୍ୟାଣ୍ଡେଲ ପ୍ରଭୃତି ତିଆରି କରାଯାଏ। ସମୁଦ୍ରକୁକୁରକୁ ଅନେକ ଦେଶରେ ଲୋକମାନେ ଖାଦ୍ୟରୂପେ ବ୍ୟବହାର କରିଥାନ୍ତି। ଅର୍ଥନୈତିକ ଦୃଷ୍ଟିକୋଣରୁ ଏହି ପ୍ରାଣୀର ଗୁରୁତ୍ୱ ରହିଛି। ତେଣୁ ପ୍ରାଣୀର ସୁରକ୍ଷା ପାଇଁ ଜନସାଧାରଣ ଦୃଷ୍ଟିଦେବା ଆବଶ୍ୟକ ଅଟେ।

ପ୍ରାଣୀବିଜ୍ଞାନ ବିଭାଗ,
ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ,
ବାଙ୍କୀ, କଟକ



ସର୍ବୋତ୍ତମ ଭଜନ ହେଉଛି ସେହି ଭଜନ, ଯେଉଁଥିରେ କୌଣସି କାମନା ନଥିବ। କେବଳ ଭଜନ ପାଇଁ ହିଁ ହେଉଥିବ।

# କିସ କଥା - ବ୍ୟାଙ୍କ୍ କଥା



ଘନ ବିହାରୀ ମହାରଣା

ଦୀପୁର ବାର୍ଷିକ ପରୀକ୍ଷାର ଆଜି ଶେଷ ଦିନ ଥିଲା।

ପରୀକ୍ଷା ତ ଭଲ ହେଇଛି, ହେଲେ ତା'ମନଟା ଭଲ ଲାଗୁନି। କାଲି ରାତିରେ ସାନ ମାମୁଁ ଆସିଥିଲେ, ସକାଳୁ ସକାଳୁ ବାହାରିଗଲେ। ମଜାଟା ଜମିଲାନି ।

ମାମୁଁ ବ୍ୟାଙ୍କ୍‌ରେ ଚାକିରି ପାଇଛନ୍ତି। କୋଉଠି ଗୋଟେ ଦୂର ପାହାଡ଼ିଆ ଗାଁ ରେ ସେ ଚାକିରିରେ ଯୋଗଦେବେ, ସେଥିପାଇଁ ତରତରରେ ବାହାରିଗଲେ।

ଦୀପୁ ପଚାରିଲା, ଜେଜେ!! ଏତେ ଦୂର ଗାଁରେ କ'ଣ ବ୍ୟାଙ୍କ୍ ଅଛି??

ଜେଜେ କହିଲେ, କାହିଁ??.... ସେଠିତ ପୁଣି ଲୋକବାକ ଅଛନ୍ତି! ହାଟ ବଜାର ଅଛି, ବେପାର ବଣିଜ ଅଛି। ସମସ୍ତଙ୍କର ସୁବିଧାପାଇଁ ତ ଆଜିକାଲି ଗାଁ ଗହଳି ସବୁଆଡ଼େ ବ୍ୟାଙ୍କ୍ ଖୋଲାଯାଇଛି। ବ୍ୟାଙ୍କ୍ ଜାତୀୟକରଣ ହେବାଫଳରେ ଦେଶର ସବୁ ଅଞ୍ଚଳର ଲୋକମାନଙ୍କ ପାଖରେ ବ୍ୟାଙ୍କ ସେବା ପହଞ୍ଚିପାରିଛି।

ଜାତୀୟକରଣ ପୁଣି କ'ଣ? ଦୀପୁ ପଚାରିଲା ।

ବସ୍ ଏଠି! ଶୁଣ, ଆଜି ଆମ ଦେଶର ବ୍ୟାଙ୍କମାନଙ୍କ ବିଷୟରେ ଗପ କରିବା।

ଆରଥରକ ତତେ କହିଥିଲି, ବ୍ୟାଙ୍କ୍ ସବୁ କେମିତି ତିଆରି ହେଲେ। ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ପରେ ଅନ୍ୟ କେତେକ ବ୍ୟାଙ୍କ୍ ବ୍ୟବସାୟ ଆରମ୍ଭ କଲେ। ଆହ୍ଲାବାଦ ବ୍ୟାଙ୍କ୍ (୧୮୬୫), ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍ (୧୮୯୪), ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (୧୯୦୬), ସେଣ୍ଟ୍ରାଲ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (୧୯୧୧) ଓ ଆହୁରି ଅନ୍ୟାନ୍ୟ ବ୍ୟାଙ୍କ୍ । କିନ୍ତୁ କେବଳ ମାତ୍ର ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ୧୯୫୫ରେ ଭାରତ ସରକାର ନିଜ ନିୟନ୍ତ୍ରଣକୁ ଆଣିଥିଲେ। ଆଉସବୁ ବ୍ୟାଙ୍କ୍ ଘରୋଇ ନିୟନ୍ତ୍ରଣରେ ରହି ବ୍ୟବସାୟ କରୁଥିଲେ।

ଘରୋଇ ବ୍ୟାଙ୍କ୍ କ'ଣ ଜେଜେ? ସେମାନେ କ'ଣ ନିଜ ଘରେ ବ୍ୟାଙ୍କ୍ ଖୋଲିଥିଲେ ??

ଜେଜେ ସାମ୍‌ନାରେ ଥୁଆ ହୋଇଥିବା ଚା'କପ୍‌ରୁ ଢ଼ୋକଟିଏ ନେଇ ହସିଦେଲେ..... କହିଲେ, ନାଇଁ ରେ! ଘରୋଇ ବ୍ୟାଙ୍କ୍‌ର ଅର୍ଥ ହେଲା, ବ୍ୟାଙ୍କର ମାଲିକ ଥିଲେ ବଡ ବଡ ବ୍ୟବସାୟୀ, ଶିଳ୍ପପତିମାନେ।

ସରକାର ଚିନ୍ତାକଲେ ବ୍ୟାଙ୍କ୍ ସରକାରଙ୍କ ନିୟନ୍ତ୍ରଣକୁ ଆସିଲେ ଦେଶର ସାଧାରଣ ଲୋକେ ବ୍ୟାଙ୍କ୍ ସେବା ପାଇପାରିବେ।

ଦେଶର ପ୍ରଧାନମନ୍ତ୍ରୀ ଥାଆନ୍ତି ଶ୍ରୀମତୀ ଇନ୍ଦିରା ଗାନ୍ଧୀ। ୧୯୬୯ ମସିହା ଜୁଲାଇ ୧୯ ତାରିଖରେ ଦେଶର ୧୪ଟି ବ୍ୟାଙ୍କକୁ ସରକାର ନିୟନ୍ତ୍ରଣକୁ ନେଲେ। ଏହି ପ୍ରକ୍ରିୟାକୁ ଜାତୀୟକରଣ କୁହାଯାଏ। ଆଉ ୬ଟି ବ୍ୟାଙ୍କ୍‌କୁ ୧୯୮୦ ମସିହାରେ ଜାତୀୟକରଣ କରାଗଲା। ଏମାନଙ୍କୁ ରାଷ୍ଟ୍ରାୟତ ବ୍ୟାଙ୍କ୍ ବା ଇଂରାଜୀରେ ନ୍ୟାସନାଲାଇଜଡ୍ ବ୍ୟାଙ୍କ୍ କୁହାଗଲା।

ଦୀପୁ ପଚାରିଲା, ଜେଜେ! ଏମିତି କରିବାଦ୍ୱାରା ନୂଆ ନୂଆ କଥା କ'ଣ ହେଲା ଯେ !! କ'ଣ ବ୍ୟାଙ୍କ୍‌ର ଅଫିସ୍ ଆହୁରି ବଡ ବଡ କୋଠାକୁ ଉଠିଗଲା??

ଜେଜେ ଦୀପୁର ପିଠି ଥାପୁଡ଼େଇ କହିଲେ, ତୁ କିଛି ଭୁଲ୍ କଥା କହିନୁ ରେ! କୋଠା ବଡ ହେଉ କି ନହେଉ, ଦେଶ ସାରା ବ୍ୟାଙ୍କ ଶାଖାମାନ ସଂଖ୍ୟାରେ ବହୁତ ବଢ଼ିଗଲା।

ପୂରା କଥାଟା ଶୁଣ। ବ୍ୟାଙ୍କ ଜାତୀୟକରଣ ପାଇଁ ଯେଉଁ କାରଣ ସବୁ ଥିଲା ତାକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ।

ଅର୍ଥନୈତିକ କାରଣ ଓ ସାମାଜିକ କାରଣ। ଆହୁରି ଟିକେ ସହଜରେ ବୁଝେଇ କହିଲେ ଗୋଟେ ହେଲା, "ଟଙ୍କା ପଇସା" କୁ ନେଇ, ଆଉ ଗୋଟେ ହେଲା "ଆମ ଚଳନି" କୁ ନେଇ ।

୧୯୬୦ ଦଶକରେ ଦେଶରେ ଦୁଇ ଦୁଇଥର ମରୁଡ଼ି ଉପସ୍ଥିତି ସୃଷ୍ଟିହେଲା। କୃଷକମାନଙ୍କ ହାତରେ ନଗଦ ପଇସାପତ୍ରର ଘୋର ଅଭାବ ଦେଖାଗଲା। ଗୋଟିଏ ବର୍ଷର ଫସଲରୁ ପଇସା ନଉଠିଲେ ଆସନ୍ତାବର୍ଷ ଚାଷ କରିବାକୁ ସେମାନେ ମୂଳଧନ କୋଉଠୁ ପାଇବେ। ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ବି ପଇସା କୋଉଠୁ ପାଇବେ? ହାତ ଉଧାରି କରଜ ଆଣିଲେ ଏବଂ ଚଢ଼ା ହାରରେ ସୁଧ ଗଣି ନୟାନ୍ତ ହେଲେ।

ଏ ଅବସ୍ଥା ସହିତ ଆହୁରି ଏକ ଖରାପ ଅବସ୍ଥା ଯୋଡ଼ି ହୋଇଗଲା।

ପଡ଼ୋଶୀ ଦେଶ ସହିତ ଯୁଦ୍ଧ ଲାଗିଲା। ଦେଶର ସୁରକ୍ଷା ସବୁଠାରୁ ବଡ଼ କଥା। ଏଣୁ ପ୍ରତିରକ୍ଷା ଖର୍ଚ୍ଚ ବଢ଼ିଗଲା। ଲୋକମାନଙ୍କ ହାତକୁ ପଇସା ଆସିବା କମିଯିବାରୁ ବଜାରରେ କାରବାର ମାନ୍ଦା ରହିଲା।

ଏଣୁ ସରକାର ଭାବିଲେ ବ୍ୟାଙ୍କଗୁଡ଼ିକୁ ସରକାରୀ ନିୟନ୍ତ୍ରଣକୁ ଆଣିଲେ ସେଗୁଡ଼ିକ ମାଧ୍ୟମରେ ଲୋକମାନଙ୍କ ହାତକୁ ପୁଞ୍ଜି ଯୋଗାଣ ହୋଇପାରିବ।

ଦୀପୁ ମୁଣ୍ଡ ଟୁଙ୍ଗାରି ହଁ ମାରୁଥାଏ। ପଚାରି ଦେଲା ପୁଣି, ଆମ



ନିଜର ଅଜ୍ଞତାକୁ ଯଦି ସାମାନ୍ୟ ବୋଲି ବିଚାରିଲ ତେବେ ବିପଦ ବଢ଼ିଲା।

ସାମାଜିକ ଚଳଣୀ କଥା କହୁଥିଲେ ଯେ ଜେଜେ। ଆମେ ତ ରହୁଛେ, ଖାଉଛେ, ପିଉଛେ.... ଦରକାର ପଡ଼ିଲେ ବାପା ବ୍ୟାଙ୍କରୁ ଟଙ୍କା ଉଠେଇ ଆମକୁ ଦେଉଛନ୍ତି।

ଠିକ୍ କହିଛୁ ଦୀପୁ। ଆମ ଗାଁ ପାଖରେ ସିନା ବ୍ୟାଙ୍କର ଶାଖାଟିଏ ଥିବାରୁ ଆମେ କାରବାର କରୁଛେ। ନଥିଲେ କ'ଣ କରନ୍ତେ ? ଦିନଟେ ସମୟ ଦେଇ, ଗାଡି ମଟରରେ ସହରକୁ ଦୌଡ଼ନ୍ତେ। ବ୍ୟାଙ୍କ ସବୁ ଯେତେବେଳେ ଘରୋଇ ମାଲିକାନାରେ ଥିଲେ, ସେତେବେଳେ କେବଳ ବଡ ବଡ ସହରରେ ସେମାନଙ୍କର କାରବାର ଥିଲା। ଗ୍ରାହକମାନେ ବି ଥିଲେ ପ୍ରାୟତଃ ଉଚ୍ଚ ଶ୍ରେଣୀର ଲୋକ। ତାକୁ କୁହାଯାଉଥିଲା କ୍ଲାସ୍ ବ୍ୟାଙ୍କିଂ..... ସହଜରେ ସାଧାରଣ ଲୋକଟିଏ ବ୍ୟାଙ୍କ ନିକଟରେ ପହଞ୍ଚିପାରୁନଥିଲା।

ଏଣୁ ସରକାର ଚାହିଁଲେ ବ୍ୟାଙ୍କ ଲୋକମାନଙ୍କ ପାଖକୁ ଘୁଞ୍ଚି ଘୁଞ୍ଚିଯାଉ। ଜନସାଧାରଣଙ୍କ ପାଇଁ ବ୍ୟାଙ୍କ ମାନେ କାମ କରନ୍ତୁ ଅର୍ଥାତ କ୍ଲାସ୍ ବ୍ୟାଙ୍କିଂରୁ ମାସ୍ ବ୍ୟାଙ୍କିଂ ଆଡ଼କୁ ଅବସ୍ଥା ପରିବର୍ତ୍ତିତ ହେଉ।

ଜାତୀୟକରଣ ପରେ ବ୍ୟାଙ୍କମାନେ ଛୋଟ ଛୋଟ ସହର ଏବଂ ଗାଁ ଅଞ୍ଚଳରେ ଶାଖାମାନ ଖୋଲିଲେ।

ସରକାର ଲୋକମାନଙ୍କ ପାଇଁ ବିଭିନ୍ନ ପ୍ରକାରର ଋଣ ଯୋଜନା ପ୍ରସ୍ତୁତ କଲେ। ଚାଷବାସ ପାଇଁ ବ୍ୟାଙ୍କରୁ କୃଷିଋଣ ମିଳିଲା। ଗାଁରେ ଲୋକମାନଙ୍କର ଯେଉଁ ଅନ୍ୟ ଧନ୍ଦା ସବୁ ଅଛି ସେଥିଲାଗି ପୁଞ୍ଜି ଲୋନ୍ ଆକାରରେ ମିଳିପାରିଲା। ସେଇ ପୁଞ୍ଜି ଖଟାଇ ଗାଁର ଲୋକମାନେ ଗୋପାଳନ, କୁକୁଡ଼ାପାଳନ, ଛେଳି ପାଳନ, ମାଛଚାଷ ଆଦି ବ୍ୟବସାୟ କଲେ। ସରକାରଙ୍କ ତରଫରୁ କିଛି ଛାଡ଼ ବି ମିଳିଲା। ଲୋକମାନଙ୍କ ହାତକୁ ପଇସା ଆସିଲା। ନିଜ ଖର୍ଚ୍ଚ ଯାହା କିଛି ପଇସା ବଳିଲା ତାକୁ ସେମାନେ ବ୍ୟାଙ୍କ୍‌ରେ ରଖିଲେ। ଆଗରୁ ଯାହାବି କିଛି ପଇସାପତ୍ର ଲୋକ ରଖୁଥିଲେ, ନିଜ ଘରେ ରଖୁଥିଲେ। ଚୋରି ଭୟ ଥିଲା, ନିଆଁ ପାଣିର ଡର ବି ଥିଲା। ଏବେ ପଇସା ବ୍ୟାଙ୍କମାନଙ୍କରେ ସୁରକ୍ଷିତ ରହିପାରିଲା। ଲୋକମାନଙ୍କ ସାମାଜିକ ଚଳଣିରେ ବହୁତ ଉନ୍ନତି ଦେଖାଗଲା। ବଜାରରୁ ଅନ୍ୟସବୁ ଜିନିଷ, ଯଥା ଘରପାଇଁ ଆସବାବ ପତ୍ର, ଲୁଗାପଟା, ସାଇକେଲ, ମଟର ସାଇକେଲ, ରେଡ଼ିଓ ଆଦି କିଣିବାକୁ ଲୋକେ ମନ ବଳେଇଲେ। ଫଳରେ ଧିରେ ଧିରେ ବଜାରର ମାନ୍ଦା ଅବସ୍ଥାରେ ସୁଧାର ଆସିଲା। ଦେଶର ଅର୍ଥନୈତିକ ପରିସ୍ଥିତି କ୍ରମେ ଭଲଆଡ଼କୁ ଆଗେଇଲା।

ଏହି ସବୁ ହେଲା ବ୍ୟାଙ୍କ୍ ଜାତୀୟକରଣର ସୁଫଳ ।

ଆଜି ଏତିକି। ଆଗକୁ ବ୍ୟାଙ୍କ୍ ବିଷୟରେ ଆହୁରି କେତେ କଥା ହେବା।

ମୋ -୯୪୩୭୩୦୪୫୦୩

# ଜନ୍ମ ଭୂମିଜୟ ଗୀତ

ବାବାଜୀ ଚରଣ ଜେନା



ଗାଅରେ ଗାଅରେ ଆଜି
ଜନ୍ମଭୂମି ଜୟ ଗୀତ
ଜାତୀୟତା ମହାମନ୍ତ୍ରେ
ଅଭିଷିକ୍ତ ହୋଇ ସାଥୀ
ବନ୍ଦେ ମାତରଂ ବନ୍ଦେ ମାତରଂ.... । ॥୦॥

ଏ ଦେଶକୁ ଯେଉଁମାନେ
ସ୍ୱାଧୀନତା ଦେଇଗଲେ
ଘର ପରିବାର ଛାଡ଼ି
ଦେଶପାଇଁ ଲଢ଼ିଥିଲେ
ସେଇ ସ୍ୱାଧୀନତାର ଟେକ.... ରଖିବାରେ ତା ମହତ
ଡାକୁଛି ଡାକୁଛି ଆଜି
ଆମ ଏଇ ଜନ୍ମମାଟି
ଗାଅରେ ଗାଅରେ ଆଜି.......... । ॥୧॥

ଦେଶ ମାତୃକାର ପାଇଁ
ସହୀଦ କେତେ ତ ହେଲେ
ଡରିଲେ ନାହିଁ ତ୍ରିରଙ୍ଗା
ପତାକା ଉଡ଼ାଇଲେ
ଉଠରେ ଉଠରେ ଉଠ...... ଯେତେ ଅଛ ଦେଶଭକ୍ତ
ଡାକୁଛି ଡାକୁଛି ଆଜି
ଆଉ ଏକ ନୂଆ କ୍ରାନ୍ତି
ଗାଅରେ ଗାଅରେ ଆଜି........... । ॥୨॥

ଅହଲ୍ୟା ନିବାସ
ପୋପରଡ଼ା, ନୂଆବଜାର, କଟକ
ମୋ - ୯୪୩୪୮୩୪୭୧୯



ଯିଏ ନିଜର ଅଜ୍ଞତା ବିଷୟରେ ସଚେତନ ନୁହେଁ, ବାହାରୁ ମିଳୁଥିବା ଜ୍ଞାନ ତାକୁ ବିଶେଷ କିଛି ସାହାଯ୍ୟ କରିପାରିବ ନାହିଁ।

## ବଡ଼ଙ୍କ ପିଲାଦିନ କଥା କଥାର କିମିଆ

**ଯଜ୍ଞଦତ୍ତ ସାମନ୍ତରାୟ**

ତୁମପରି ଛୋଟ ପିଲାଟିଏ । ଭଗବାନ ଗଢ଼ିଥିବା ଏହି ସୁନ୍ଦର ପ୍ରକୃତିକୁ ଦେଖିବାକୁ ତାକୁ ଭାରି ଭଲ ଲାଗୁଥାଏ । ସେଥିପାଇଁ ପିଲାଟି ତାଙ୍କ ଗାଁ ପାଖ ନଈକୂଳକୁ ନିତି ଚାଲିଆସେ ।


ଦିନକର କଥା । ସଂଜ ହୋଇ ଆସିଲାଣି । ଶୀତଳ ପବନ ବହୁଥାଏ । ପିଲାଟି ସଂଜର ମନୋରମ ଦୃଶ୍ୟ ଦେଖିବାକୁ ନଈକୂଳକୁ ଚାଲିଆସିଲା । ନଈକୂଳରେ ବସି ନୀଳ ଆକାଶକୁ ଚାହିଁ ଚାହିଁ କେତେବେଳେ ଯେ, ସମୟ ବିତିଗଲାଣି ତାହା ତାକୁ ଜଣାନାହିଁ । ଏତିକିବେଳେ ପଛରୁ କାହାର ପାଟି ଶୁଭିଲା – ଭାଇ ! ସଂଜ ହେଲାଣି । ଏଣିକି ଘରକୁ ଚାଲ । ପିଲାଟି ପଛକୁ ଚାହିଁ ଦେଖେ ତା' ବଡ଼ଭଉଣୀ । ସେ ଭାଇକୁ କହିଲେ – "ଆଜି ଖୁବ୍ ଥଣ୍ଡା ହେଉଛି । ଏଣୁ ମା' ତୋ ପାଇଁ ଏ ଗରମ ଚାଦରଟି ପଠାଇଛି । ନେଏ, ଘୋଡ଼େଇ ହୋଇପଡ ।"

ଛୋଟ ପିଲାଟି ସୁନା ପିଲା ଭଳି ବଡ଼ଭଉଣୀର କଥା ମାନି ଚାଦର ଘୋଡ଼େଇ ହୋଇ ଘରଆଡ଼କୁ ଯିବାକୁ ଯିବାକୁ ଲାଗିଲା । ଯାଉ ଯାଉ ବାଟରେ ପିଲାଟି ଦେଖିଲା, ଗରିବ ଭିକାରୀଟିଏ ଶୀତରେ ଥରୁଛି । ଲୋକଟି ଫଟା ଲୁଗାଟିଏ ପିନ୍ଧିଛି । ଭିକାରୀଟିର ଏମିତି ଖରାପ ଅବସ୍ଥା ଦେଖି ପିଲାଟିର ମନରେ ଦୟା ଆସିଲା । ସେ କ'ଣ କଲା ନା, ନିଜେ ଘୋଡି ହୋଇଥିବା ଚାଦରଟିକୁ ଭିକାରୀକୁ ଦେଇ କହିଲା – "ବାବା, ଈଶ୍ୱର ତୁମକୁ ହାତ ଗୋଡ଼ ଦେଇଛନ୍ତି । ତୁମେ କାମ କରୁନା । କାମ ନକରି ଏମିତି ଭିକ କାହିଁକି ମାଗୁଛ ? ? ଭିକ ମାଗିବା ଆଦୌ ଭଲକଥା ନୁହେଁ । ହଁ, ମନେରଖ ଏଣିକି ସେ କାମ ଆଉ କରିବନାହିଁ । ପରିଶ୍ରମ କରି ପେଟ ପୋଷିବ ।" ଛୋଟ ପିଲାଟିର ଏଇ କେଇପଦ କଥାରେ ଭିକାରୀଟି ତା'ଆଡ଼କୁ ଟିକେ ଚାହିଁଲା । ପିଲାଟି ଆଉ କିଛି ନକହି ତା'ବାଟରେ ସିଏ ଚାଲିଗଲା ।

ସତରେ ପିଲାଟି କଥାରେ କି କିମିଆ ଥିଲା କେଜାଣି ଭିକାରୀଟିର ମନ ବଦଳିଗଲା । ସେ ଭିକ ମାଗିବା ଛାଡ଼ିଦେଲା । ପରିଶ୍ରମ କରି ପେଟ ପୋଷିବାକୁ ଲାଗିଲା । ପିଲାଟି ଦିନରୁ ଭିକାରୀକୁ ଜୀବନର ଉତ୍ତମ ବାଟ ବତେଇଥିବା ସେହି ଛୋଟ ପିଲାଟି ବଡ ହୋଇ ଜଣେ ମହାନ ସନ୍ଥ ପାଲଟି ଗଲେ । ଭିକାରୀ ପରି ଏମିତି ବହୁ ଲୋକଙ୍କୁ ଜୀବନର ଉଚିତ ମାର୍ଗ ଦେଖାଇ ଜଣେ ସଦ୍‌ଗୁରୁ ପାଲଟିଥିବା ସେହି ସନ୍ଥଜଣକ ହେଉଛନ୍ତି ଶିଖ୍ ଧର୍ମର ଗୁରୁ "ଗୁରୁନାନକ" । ପିଲାଟି ଦିନରୁ ହିଁ ତୁଳସୀ ଦୁଇ ପତ୍ରରୁ ବାସିଲା ପରି ସେ ଜଣେ ମହାନ୍ ସନ୍ଥ ହେବାର ପରିଚୟ ଦେଇଥିଲେ ।

**ସଂପାଦକ "ଗୁଞ୍ଜନ",**
**କବିସୂର୍ଯ୍ୟନଗର, ଗଞ୍ଜାମ**
**ମୋ – ୯୩୩୭୪୪୯୨୪**

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କ୍ଷେତ୍ରମଣି ପାଢ଼ୀଙ୍କର ପରଲୋକ



ମଉଦା ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କ୍ଷେତ୍ରମଣି ପାଢ଼ୀଙ୍କର ୭୮ବର୍ଷ ବୟସରେ ତାଙ୍କ ନିଜ ବାସଭବନରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ପାଢ଼ୀ ପ୍ରଥମେ ମଧୁସୂଦନ ବିଦ୍ୟାପୀଠ ମଉଦାରେ ସହକାରୀ ଶିକ୍ଷକ ଓ ସାଲେପୁର ବ୍ଲକ୍ ରେବା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟକରି ଅବସର ନେଇଥିଲେ । ସେ ରେବା ବିଦ୍ୟାଳୟର ଜଣେ ପ୍ରାଣ ପ୍ରତିଷ୍ଠାତା ଥିଲେ । ଜଣେ ଆଦର୍ଶ ଶିକ୍ଷକ ଭାବରେ ତାଙ୍କର ଖ୍ୟାତି ଥିଲା । ଅତ୍ୟନ୍ତ ମିଷ୍ଟଭାଷୀ ଏବଂ ଦକ୍ଷ ପ୍ରଶାସକ ଭାବରେ ସେ ବିଦ୍ୟାଳୟର ସୁନାମ ବଜାୟ ରଖିଥିଲେ । ଆରମ୍ଭ ସମୟଠାରୁ ସେ ବିଦ୍ୟାଳୟର ଉନ୍ନତି ପାଇଁ କାର୍ଯ୍ୟକରି ତାକୁ ଏକ ପୂର୍ଣ୍ଣାଙ୍ଗ ରୂପ ଦେଇ ପାରିଥିଲେ । ସେ ଶିକ୍ଷାଦାନ ବ୍ୟତୀତ ଅନେକ ଧର୍ମାନୁଷ୍ଠାନ, ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ । ଆଞ୍ଚଳିକ କଲେଜ , ରେବାର ଗଠନରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବିଶେଷ କରି ସେ ମେଧାବୀ ଏବଂ ଗରିବ ଛାତ୍ରଛାତ୍ରୀଙ୍କୁ ସମସ୍ତ ସାହାଯ୍ୟ କରୁଥିଲେ । ଏପରି ଜଣେ ପରୋପକାରୀ ଭଲ ମଣିଷର ଦେହାନ୍ତ ଅତ୍ୟନ୍ତ ଦୁଃଖଦାୟକ । ତାଙ୍କର ଆତ୍ମାର ସଦଗତି ହେଉ ।



ଅଜ୍ଞ ବନ୍ଧୁ ବଡ଼ ବିପଜ୍ଜନକ, ବିଜ୍ଞ ଶତ୍ରୁ ବରଂ ଭଲ ।

# ବନ୍ଧା କୋବି



ଏହା ଏକ କ୍ଷାର ପ୍ରଧାନ ଶାଗ-କାରଣ ଏହି ପରିବାର ମୁଖ୍ୟ କାରଣ ହେଉଛି ପତ୍ର। ତେଣୁ କେହି କେହି ଏହାକୁ ପତ୍ରକୋବି ବୋଲି ମଧ୍ୟ କହିଥାଆନ୍ତି। ପ୍ରତି ୧୦୦ ଗ୍ରାମ ବନ୍ଧାକୋବିରୁ ଆମକୁ ୧.୮ ଗ୍ରାମ୍ ପୁଷ୍ଟିସାର, ୪.୬ ଗ୍ରାମ୍ ଶ୍ୱେତସାର,୦.୧ ଗ୍ରାମ୍ ସ୍ନେହସାର,୩୯ ମିଲିଗ୍ରାମ କ୍ୟାଲସିୟମ,୦.୮ମିଲିଗ୍ରାମ୍ ଲୌହ, ୩୦୦ମାଇକ୍ରୋଗ୍ରାମ୍ ଭିଟାମିନ୍-ଏ, ୦.୦୬ ମି.ଗ୍ରା ଭିଟାମିନ୍-ବି, ୧୨୪ ମି.ଗ୍ରା ଭିଟାମିନ୍-ସି ଏବଂ ୨୭ କାଲୋରୀ ମୂଲ୍ୟ ମିଳିଥାଏ। ଏହା ବ୍ୟତୀତ ତମ୍ବା, ପଟାସିୟମ୍, କ୍ଲୋରିନ୍, ଫସଫରସ୍ ଓ ଗନ୍ଧକ ଜାତୀୟ ପଦାର୍ଥ ମଧ୍ୟ ଏଥିରୁ ଯଥେଷ୍ଟ ପରିମାଣରେ ମିଳିଥାଏ।

ମଣିଷ ଶରୀରର ବିଭିନ୍ନ ପ୍ରକାର ରୋଗ ନିରାକରଣରେ ବନ୍ଧାକୋବି ସାହାଯ୍ୟ କରିଥାଏ। ଯେଉଁମାନଙ୍କର ଗଣ୍ଠିବାତ, ଦନ୍ତରୋଗ ଓ ରକ୍ତହୀନତା ରୋଗ ଅଛି ସେମାନେ ପ୍ରଚୁର ବନ୍ଧାକୋବି ଖାଇବା ଉଚିତ।

- ଯେଉଁମାନଙ୍କର କୋଷ୍ଠକାଠିନ୍ୟ ରୋଗ ଅଛି ସେମାନେ ଏହି କୋବି ପତ୍ରକୁ କଞ୍ଚା ସାଲାଡ୍ ଭାବେ ବ୍ୟବହାର କଲେ ଉପକାର ମିଳେ।
- ଆଖିର ବିଭିନ୍ନ ରୋଗର ସମସ୍ୟା ଦୂର କରିବା ପାଇଁ ପ୍ରଚୁର ବନ୍ଧାକୋବି ଖାଇବା ଉଚିତ୍।
- ବନ୍ଧାକୋବିରେ ପ୍ରଚୁର ପରିମାଣରେ ଫସ୍‌ଫରସ୍ ଥିବାରୁ ମସ୍ତିଷ୍କ ବିକାଶରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ।
- ଏହି କୋବିର ପତ୍ରର ରସକୁ ପିଇଲେ ପେଟ ଘାଆ ଭଲ ହୋଇଯାଏ।
- ଏଥିରେ ଆବଶ୍ୟକୀୟ ଗନ୍ଧକ ରହୁଥିବାରୁ-ଏହା ସେବନ କଲେ କେଶ ଓ ନଖର ଦୁର୍ବଳତା ଦୂର ହୁଏ। କେଶର ସମସ୍ତ ପ୍ରକାର ଯତ୍ନ ଏହି କୋବି ଦ୍ୱାରା ହୋଇ ପାରିଥାଏ।
- ଏଥିରେ ପ୍ରଚୁର କ୍ୟାଲସିୟମ୍ ଥିବାରୁ ଦାନ୍ତକୁ ଶକ୍ତକରେ, ଆଣ୍ଠୁ ଗଣ୍ଠିବାତକୁ ମଧ୍ୟ ଭଲ କରିବାରେ ସାହାଯ୍ୟ କରେ।
- ଏଥିରେ ପ୍ରଚୁର ଭିଟାମିନ 'ସି' ଓ 'ଏ'ଥିବାରୁ ଏହା ଶରୀରରେ ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି କରେ।
- ଦେହରେ ଏଲର୍ଜି ହୋଇ ଫଳିଗଲେ ଏହି କୋବି ପତ୍ରର ରସ ବୋଳିଦେଲେ ତୁରନ୍ତ ଆରାମ ମିଳେ।
- ଥଣ୍ଡା, କାଶ,ସର୍ଦ୍ଦି,ଶ୍ୱାସ ରୋଗ ପାଇଁ ଏହି କୋବି ପତ୍ରର ରସ ଭଲ କାମ କରେ।
- ବହୁମୂତ୍ର ରୋଗୀ ଓ ରକ୍ତହୀନତା ଭୋଗୁଥିବା ରୋଗୀ ଏହି କୋବି ଖାଇଲେ ଆଶାତୀତ ଫଳ ପାଇଥାନ୍ତି।

ଗୋଟିଏ କଥା ସର୍ବଦା ମନେ ରଖିବା ଉଚିତ। ବନ୍ଧା କୋବି ପତ୍ର ଦରସିଝା ବା କଞ୍ଚା ଖାଇଲେ ବେଶି ଉପକାର ମିଳେ। ସିଝାଇ ଖାଇଲେ ଉପକାର ପ୍ରାୟ ନଷ୍ଟ ହୁଏ।

# ଉପବାସ

କିଛି ସମୟ ପାଇଁ ନ ଖାଇବା ବା ଖାଦ୍ୟ ଗ୍ରହଣ ନକରିବାକୁ ଉପବାସ କୁହାଯାଏ।

**ଉପକାରିତା:**

୧. ଶରୀରର ହଜମ ପ୍ରକ୍ରିୟାକୁ ବିଶ୍ରାମ ମିଳିଥାଏ।
୨. ନିୟମିତ ଖାଦ୍ୟ ଖାଇବା ପ୍ରକ୍ରିୟାଠାରୁ ବିରତି ମିଳିଥାଏ।
୩. ଓଜନ ହ୍ରାସରେ ସାହାଯ୍ୟ କରିଥାଏ।
୪. ମାନସିକ ସ୍ଥିତିକୁ ସୁଦୃଢ଼ କରାଏ।
୫. କମ ଚର୍ବି ହେବାରେ ସାହାଯ୍ୟ କରିଥାଏ।

**ଅପକାରିତା:**

ଅଧିକ ଉପବାସ କଲେ ଶରୀରରୁ ପ୍ରୋଟିନ କମିଯାଏ। ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ।

# ହସକଥା

ମାଲିକ : କ'ଣ ଗରମ ଅଛି ଆଣ।

ଚାକର : ଚୁଲି ଗରମ ଅଛି, ନେବି ?



ଅତୀତ ପ୍ରତି ଯେଉଁଲୋକ ସମ୍ମାନ ଦେଖାଏ ବା ଗୁରୁତ୍ୱ ଆରୋପ କରେ ସେ ହିଁ ପ୍ରକୃତ ଶିକ୍ଷା ପାଇଛି ବୋଲି କୁହାଯିବ।

# କଲେ ସିନା ଜାଣିବ !

## ପ୍ରାଧ୍ୟାପକ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର

ପିଲାଟିଏ ବାଟରେ ଯାଉଥିଲା। ଆମ୍ବଗଛଟିଏ ପଡ଼ିଲା। ପ୍ରଚୁର କଷି ହୋଇଥାଏ। ତାର ପାଟିରୁ ଲାଳ ଗଡ଼ିଲା। କେମିତି ଦୁଇ ଚାରିଟା ଆମ୍ବ କଷି ତୋଳି ଖାଇବ ସେଇକଥା ଭାବିବାରେ ଲାଗିଲା। ତାକୁ ତ ଗଛ ଚଢ଼ି ଆସେ ନାହିଁ! ଆଙ୍କୁଡ଼ି ପାଖରେ ଥିଲେ ଅବା ବଢ଼ାଇ ଦେଇ ତୋଳି ଆଣନ୍ତା! ଏଇମିତି କଅଣ କରିବ କଅଣ କରିବ ହେଉଥାଏ ତା ସାଙ୍ଗଟିଏ କାହୁଁ ଆସି ପାଖରେ ଜୁଟିଗଲା। ସିଏ କହିଲା, "କିରେ ପାଖରେ ଏତେ ଟେକା ପଡ଼ିଛି, ଦି ଚାରିଟା ଗଛକୁ ମାରି ଦେଖୁନୁ।'' ପିଲାଟି କହିଲା, 'ଟେକା କଣ ଆମ୍ବରେ ବାଜିବ ?' ମତେ ତ ସେ ସବୁ ଆସେ ନାହିଁ। ଦ୍ୱିତୀୟ ପିଲାଟି ଯା ଭିତରେ ଆଠ ଦଶଟି ଗୋଡ଼ି ଗୋଟାଇ ତା ପକେଟରେ ପୂରାଇ ନେଇ କହିଲା, 'ଏଥର ଟେକା ମାରି ଦେଖତ!' ମାତ୍ର ପ୍ରଥମ ପିଲାଟି ପକେଟରେ ହାତ ପୂରାଇ କହିଲା "ମାରିବା ଯେ, କଅଣ ଆମ୍ବରେ ଗୋଡ଼ି ବାଜିବ !' ଦ୍ୱିତୀୟ ପିଲାଟି ଆଉ କିଛି ନକହି ନିଜେ ଦୁଇ ଚାରଟି ଟେକା ଆମ୍ବକୁ ଲକ୍ଷ୍ୟକରି ମାରିଲା। ଯାହାହେଉ ଦୁଇ ତିନୋଟି ଆମ୍ବ କଷି ଝଡ଼ି ତଳେ ପଡ଼ିଲା। ଦୁହେଁ ଖୁସି ମନରେ ଗୋଟାଇ ଖାଇଲେ।ଏମିତି ଅନେକ ଘଟଣା ଆମ ପ୍ରତ୍ୟେକଙ୍କ ଜୀବନରେ ଘଟେ। ଅସୁମାରୀ ସମ୍ଭାବନା ଜୀବନସାରା ପୂରି ରହିଥାଏ। ମାତ୍ର ଆମେ ତାହାର ଉପଯୋଗ ନକରି ପାରି ଚୁପ ହୋଇ ବସୁ। ବସିଲେ କିଛି ହୁଏନାହିଁ। ଚେଷ୍ଟା କରିବାକୁ ହୁଏ। ମନକଲେ ଅସାଧ ମଧ୍ୟ ବେଳେ ବେଳେ ସାଧନ ହୋଇଯାଏ। ସତକଥାଟିଏ ଗୋଟିଏ ଗାଁ ପାହାଡ଼ ପାଖରେ ଥିଲା। ଦୁର୍ଗମ ଅଞ୍ଚଳ। ପାହାଡ଼ିଆ ଅଞ୍ଚଳ ହୋଇ ଥିବାରୁ ଗମନାଗମନ ସୁବିଧା ନଥିଲା। ଆବଶ୍ୟକୀୟ ଜିନିଷପତ୍ର ପାଇଁ ଏବଂ ବେମାର ପଡ଼ିଲେ ଚିକିତ୍ସା ପାଇଁ ଗାଁ ଲୋକମାନଙ୍କୁ ପାହାଡ଼ ସେ ପାଖରେ ଥିବା ଗାଁକୁ ବହୁବାଟ ବୁଲି ବୁଲି ଯିବାକୁ ପଡୁଥିଲା। ଥରେ ଜଣେ ସ୍ତ୍ରୀ ଲୋକ ବେମାର ପଡ଼ିଲେ । ଗମନାଗମନର କିଛିତ ସୁବିଧା ନାହିଁ। ଖଟିଆରେ ଶୁଆଇ କାନ୍ଧେଇ ପରିବାର ଲୋକମାନେ ପାହାଡ଼ର ବୁଲାଣି ରାସ୍ତାରେ ଚିକିତ୍ସାପାଇଁ ସେଇ ଗାଁଟିକୁ ଗଲେ। ରୋଗୀର ଅବସ୍ଥା ସଂକଟାପନ୍ନ ଥିଲା। ଏତେବାଟ ଯିବା ଭିତରେ ତାର ପ୍ରାଣବାୟୁ ଉଡ଼ିଯାଇଥିଲା। ଏଇ ଘଟଣାର ଗଭୀର ପ୍ରଭାବ ସେଇ ସ୍ତ୍ରୀଲୋକଟିର ସ୍ୱାମୀ ଉପରେ ପଡ଼ିଲା। ସିଏ ସ୍ଥିରକଲା ପାହାଡ଼ କାଟି ରାସ୍ତାଟିଏ ବାହାର କଲେ ଆଉ ପାଖ ଗାଁ ସହିତ ଯିବା ଆସିବା କରିବା ସୁବିଧା ହେବ। ମଝିରେ ପ୍ରତିବନ୍ଧକ ହିଁ ସେଇ ପାହାଡ଼ର କିଛିଅଂଶ।

ଲୋକଟି ମନେ ମନେ ଏହା ସ୍ଥିର କରି ତା ପରଦିନଠାରୁ ନିହାଣ ଓ ମାର୍ତ୍ତୁଲ ଧରି ଏକା ଏକା ପାହାଡ଼ କାଟିବା ଆରମ୍ଭ କଲା। ଯିଏ ଦେଖିଲା ସିଏ ସବୁକଥା ତାଠାରୁ ଶୁଣି ଆଶ୍ଚର୍ଯ୍ୟ ହେଲା। ଲୋକେ କହିଲେ ପାଗଳ ନହେଲେ ଏପରି ଉଦ୍ଭଟ ଚିନ୍ତା କାହାମନକୁ ଆସିବ ନାହିଁ। କେହି କେହି ଟାହି ଟାପରା ମଧ୍ୟ କରିବା ପାଇଁ ପଛେଇଲେ ନାହିଁ। କେହି ଲୋକଟିର ମନକଥା ବୁଝିବାପାଇଁ ଆଗ୍ରହ ମଧ୍ୟ ପ୍ରକାଶ କଲେନାହିଁ। ସିଏ କିନ୍ତୁ କାହାକଥା ନ ଶୁଣି ନୀରବରେ ନିଜ କାମରେ ମନଦେଲା। ଦିନ ଆସିଲା ଅକ୍ଳାନ୍ତ ପରିଶ୍ରମ ପରେ ପାହାଡ଼ ସେପଟେ ଗାଁକୁ ସରୁ ରାସ୍ତାଟିଏ ଫିଟିପାରିଲା। ଗୋଟିଏ ମଣିଷର ଶ୍ରମରେ ପଥର ଫଟାଇ ରାସ୍ତା ହୋଇ ପାରିଲା।

ଆମ ମନକଥା। ଧର ସବୁବେଳେ ଚା ପିଉଥିବା ଲୋକଟି ଜଣେ ବନ୍ଧୁଙ୍କ ଘରକୁ ଯାଇ ଜଳଖିଆ ଖାଇଲା। ବନ୍ଧୁ ପତ୍ନୀ ଜଳଖିଆ ଦେଲାବେଳେ କହିଲେ, 'ଆପଣ ଖାଇ ସାରିଲେ ଗରମ କଫି ପିଇବେ।' ଲୋକଟି ତାହା ଶୁଣି ଖାଇବାରେ ଲାଗିଲା। ତା ଅଲକ୍ଷ୍ୟରେ କଫି ପିଇବାର ସୂଚନା ଲାଖି ରହିଲା। ସ୍ୱାଭାବିକ ଭାବରେ ଲୋକଟି ଜଳଖିଆ ପର୍ବ ସମାପ୍ତକଲା। ଏଣେ କଥା ନହସରେ କହି ଦେଇଥିବା କଥାଟି ବନ୍ଧୁଙ୍କ ପତ୍ନୀ ପାସୋରି ଦେଇଛନ୍ତି। ଖୁସି ଗପ ଭିତରେ ତାଙ୍କର ଆଉ ମନେ ନାହିଁ। ଲୋକଟିର କିନ୍ତୁ ମନେଅଛି। ମସ୍ତିଷ୍କରେ ଏମିତି ଛାପ ପଡ଼ିଛି ଯେ ତାର କଫି ପିଇବାକୁ ବାରମ୍ବାର ମନେ ପଡୁଛି। ଏଇଠି ଲୋକଟିର ଅସଲ ସମସ୍ୟା। ସିଏ କଫି କଥା ବନ୍ଧୁ ପତ୍ନୀଙ୍କୁ ମନେପକାଇ ଦେବ ନା ମନକୁ ବୁଝାଇ ଦେବ ଯେ ନା ଥାଉ ପରେ କଫି ପିଇଲେ ଚଳିବ। ଇଏ ଏକ ସନ୍ଧିକ୍ଷଣ। କଫିଖୋର ଲୋକଟିର ମୁଣ୍ଡ ମଧ୍ୟ ସେତେବେଳେ ଏପଟ ସେପଟ ହେବ। କଫି ମାଗିବା ଅଭଦ୍ରାମୀ ହେବ। ଏଣେ ମୁଣ୍ଡ ବଥାଇବାରୁ ମୁକ୍ତ ହେବାକୁ ପଡ଼ିବ। ଏଇଠି ଆବଶ୍ୟକ ମନର ସନ୍ତୁଳନ। ଲୋକଟିର ମନ ରହିଁଲେ କଫି ନ ପିଇବାରୁ ମସ୍ତିଷ୍କରେ ସୃଷ୍ଟି ହେଉଥିବା ଅସନ୍ତୁଳନ ଅବସ୍ଥାକୁ ସୁଧାରି ପାରିବ। ଏହା ଚେଷ୍ଟାକରି କଲେ ସେ ଜାଣିପାରିବ ଯେ କଫି ନ ପିଇଲେ ମଧ୍ୟ ଚଳିଯିବ। ଇଏ ହେଉଛି ଏକ ପ୍ରଶିକ୍ଷଣ। ମନର କାମ। ଶରୀର ଉପରେ ମନର ନିୟନ୍ତ୍ରଣ। ଯାକୁ ଜଣେ ଅନୁଭବ କଲେ ଜାଣି ପାରିବ। ଏଇମିତି ଛୋଟ ଛୋଟ କଥାରେ ଆମେ ଅନେକ ଜିନିଷ ଉପରେ ବିଜୟ ହାସଲ କରିପାରିବା। ନିଜ ଉପରେ ମଧ୍ୟ ଧୀରେ ଧୀରେ ନିୟନ୍ତ୍ରଣ ହେବ। ଆତ୍ମ ନିୟନ୍ତ୍ରଣ ବିନା କେହି କେବେ ଉପରକୁ ଉଠି ପାରିନାହିଁ ? ଜୀବନର ସକଳ କ୍ଷେତ୍ରରେ ନିଜେ ପ୍ରୟୋଗକରି ଶିଖିଲେ ଅନେକ କଥା ସମ୍ଭବ ହେବ। ଜ୍ଞାନ କେବଳ ବହି ଭିତରେ ନଥାଏ। ବହି ଆମକୁ ଅନେକ ସାହାଯ୍ୟ କରେ। ଅନେକ ଚିନ୍ତାର ଖୋରାକ ଯୋଗାଏ। ଧାରଣା ବଦଳେ। ନୂଆ ନୂଆ କଥା ଜାଣିବାକୁ ମିଳେ। ମନର ବିକାଶ କ୍ଷେତ୍ରରେ ଏସବୁ ଅପରିହାର୍ଯ୍ୟ। ମାତ୍ର ପ୍ରୟୋଗ ନକଲେ ଆମେ ଯଥାର୍ଥରେ ଶିକ୍ଷାଲାଭ କରିପାରିବା ନାହିଁ, ଜୀବନ ହେଉଛି ଯଥାର୍ଥରେ ପ୍ରୟୋଗଶାଳା। ନିତିଦିନିଆ ଜୀବନରେ ସମସ୍ୟା ସମୂହରେ ଉବୁଟୁବୁ ହେଉଥିବା ବେଳେ ଜଣେ ଇଚ୍ଛାକଲେ ଏହିପରି ଛୋଟ ବଡ଼ ପ୍ରୟୋଗ କରି ଆଗେଇ ପାରିବ। ଜ୍ଞାନ ବହିର ପୃଷ୍ଠା ଭିତରେ ସୀମିତ ହୋଇ ରହିଯିବ ନାହିଁ। ତତ୍ତ୍ୱମାନେ ତଳେ ଲାଗିବେ, ଅର୍ଥାତ ଜୀବନକୁ ସମୃଦ୍ଧ କରିବେ। ଜୀବନରେ ଅଭିଜ୍ଞତା ବଢ଼ିବ। ମଣିଷ ପୋଖତ ହେବ। ଏସବୁ କଲେ ସିନା ମଣିଷ ଜାଣିବ !

ବ୍ୟାଙ୍କ କଲୋନୀ, ରଥରୋଡ଼, ପୁରୁଣା ଭୁବନେଶ୍ୱର
ମୋ-୯୮୬୧୩୯୧୭୯୧



ଯାହା ଅନୁଚିତ ବୋଲି ସ୍ପଷ୍ଟ ଜଣାପଡୁଛି, ବାରବାର ସେହି କାମକରିବା ଗୋଟିଏ ରକମ ପାଗଳାମି।

# ପୁଣ୍ୟର ମନ୍ଦାକିନୀ

ରଶ୍ମିତା ନାୟକ

ଦୁଃଖ ଦେଇଛ ପ୍ରଭୁ ହେ
ସାନ୍ତ୍ୱନା ତମେ ଦିଅ
ଦୁଃଖ ମୁଁ ନପାରେ ସହି
ତୁମ କୋଳେ ତୋଳିନିଅ ।
ଅଭାବ ଦେଉଛ ଦିଅ
ତା'ସାଥେ ଦିଅ ସାହସ
ହେଲେ ତୁମଠାରେ ପ୍ରଭୁ
କରିବିନି ଅଭିମାନ ।
ଦୟା, କରୁଣାର ଭାବ
ହୃଦରେ ମୋ ଭରିଦିଅ
ସତ୍ୟ ସଙ୍ଗେ ଦିଅ ବାସ
ଅଧରେ ଫୁଟାଅ ହସ ।
ଚେତନା ଉଦ୍ୟାନେ ପ୍ରଭୁ
ରଜନୀ ଗନ୍ଧାର ବାସ
ଜୀବନ ଆକାଶେ ସଦା
ଝରିଯାଉ ସୋମରସ ।
ମାନବିକତାର ସ୍ୱର
ଜାଗିଉଠୁ ପ୍ରତିକ୍ଷଣେ
ପୁଣ୍ୟର ମନ୍ଦାକିନୀ
ବୋହିଯାଉ ପ୍ରତିକୋଣେ ।

ଜଟଣୀ

# ବରଷା ଭାବନା

ଚପଳା ପଣ୍ଡା

ବର୍ଷାକୁ କହୁଚି କିଏ ପ୍ରିୟତମା
କିଏ ସେ କହୁଚି ବୋହୂ,
କିଏ ସେ କହୁଚି ଖାଣ୍ଟି ଓଡ଼ିଆଣୀ
କିଏ ସେ କହୁଚି ରାହୁ,
ଯାହା ହେଲେ ବି ସେ ହେଉ
ମୁଁ କିନ୍ତୁ କହେ ଖରା ପରେ ବର୍ଷା
ଏଇମିତି ଝରୁଥାଉ ।

କିଏ କହେ ବର୍ଷା ଗୋଲାପୀ ରଙ୍ଗିଲା
କିଏ କହେ କବି ତୁଣ୍ଡ,
କିଏ ସେ କହୁଚି ସୃଷ୍ଟିର ନିୟମ
କିଏ କୋଡ଼ିଥାଏ ମୁଣ୍ଡ,
କାହା ପାଇଁ ଦିଏ ଦଣ୍ଡ,
ମୁଁ କିନ୍ତୁ କହେ ବରଷା ରାଣୀଟା
ଚଷୀ ପାଇଁ ମେରୁଦଣ୍ଡ ।
କିଏ ସେ କହୁଚି ବରଷା ପାଗଟା
ପ୍ରେମୀଯୁଗଳଙ୍କ ପାଇଁ,
କିଏ ପୁଣି କହେ ବରଷା ସାରିଲା
ରୋଗୀଙ୍କ ଦୁର୍ଦ୍ଦିନ ହୋଇ,
କାହା କଥା ଶୁଣ ନାହିଁ,
କାରଣଟା ହେଲା ବରଷା ନଥିଲେ
ବାଜିବନି ସାହାନାଇ ।

ସେବା ନିବୃତ୍ତ ଶିକ୍ଷୟିତ୍ରୀ,
ଖୋର୍ଦ୍ଧା

# ଆଦିବାସୀ

ହୃଷୀକେଶ ଜାଲି

ଠକି ହୋଇଯିବି
ଅପାଠୁଆ ବୋଲି
ଠକି ଦେଲେ ତୁଇ
ବେପାରର ମୂଳ
ସାହୁର ସାଉ
ନିକିତିର ନାପ
ମୁଇଁ କିଛି ଜାଣେ ନାଇଁ ।

ବଣ ପାହାଡ଼ରେ
ମୋ ମାଟି କୁଡ଼ିଆ
ସହରରୁ ବହୁ ଦୂରେ
ବହୁଥାଇ ଯହୁଁ ନଈ ।

ଜାଣି ନାଇଁ ମୁଇଁ
ମଣିଷକୁ କେବେ
ଦେବାକୁ ହୁଏ କଷଣ
ବନ ରାଇଜର
ପରଜା ପାଟକ ମୁଇଁରେ
ବିଶ୍ୱାସରେ ଦେଇପାରେ
ମୋ ଜୀବନ ।

ଚେରି ନାଇଁ, ହରି ନାଇଁ, ହାରି ନାଇଁ
ଡକେଇତି ଆମ ଜାତକରେ ନାଇଁ
ବଣ ରାଇଜର ମଣିଷ ଟିକକ
ଜନଜାତି ଆଦିବାସୀ ମୁଇଁ ।

ମୁନିଗଡ଼ା, ରାୟଗଡ଼ା, ଓଡ଼ିଶା



କଣା ମାଠିଆରେ ପାଣି ଭରିବା ଯାହା, ନିଜକୁ ସଂଶୋଧନ ନକରି କେବଳ ଅନୁତାପ କରିବା ସେଇଆ।

# ଅନ୍ଧ ଦୁନିଆ

ଅକ୍ଷୟ ମହାନ୍ତି

କଥା ଭାଷା ତାଙ୍କ
କେତେ ଯେ ମଧୁର
ପାଣିରେ ପକାନ୍ତି ସର,
କ୍ଷମତା ପାଇଲେ
ତାଙ୍କ କଥାଗୁଡ଼ା
ପାଣି ପରେ ହୁଏ ଗାର । ॥୧॥

ଭୋଟ ଖଣ୍ଡେ ପାଇଁ
ଘର ଘର ବୁଲି
କରିଥାନ୍ତି ନମସ୍କାର,
ଜିତିଯିବା ପରେ
କରିଥାନ୍ତି ସିଏ
ଦୂର୍ ଦୂର୍ ମାର ମାର । ॥୨॥

ତାଙ୍କ ଦପ୍ତରକୁ
ଯିବାକୁ ବି ମନା
ଚପରାସି ମୁତୟନ,
ଅନୁମତି ବିନା
ଯିବାକୁ ନିଷେଧ
ଚିରିକୁଟ ନେଣଦେଶ । ॥୩॥

ଏହିମାନେ ପୁଣି
ଅନିତୀ କରନ୍ତି
ଦୁର୍ନୀତିରେ ବିଜଡ଼ିତ,
ଯେତେ ନରହନ୍ତା
ଦଲାଲ ମାଫିଆ
ତାଙ୍କ ପାଶେ ଆତଯାତ । ॥୪॥

ତାଙ୍କରି ବଳରେ
ବଳୀୟାନ ଇଏ
ଦୁର୍ନୀତି କରନ୍ତି ନିତି,
ପ୍ରଶାସନ ଆଉ
ପୁଲିସ ଉପରେ
ଦେଖାନ୍ତି ସେ ହାକିମାତି । ॥୫॥

ତାଙ୍କରି ବୋଲରେ
ବୋଲକରା ସିନା
କହିପାରିବେନି କଥା,
ଯେତକ ଅନୀତି
ଦୁର୍ନୀତି କରନ୍ତି
କାମ କରେନାହିଁ ମଥା । ॥୬॥

ଆମେ ତ ସହଜେ
ଲାଞ୍ଜୁଆ ଭୋଟର
ପୂରା ଅନ୍ଧ ଆଉ କାଲା,
କିଛି ଦେଖୁ ନାହୁଁ
କିଛି ଶୁଣୁ ନାହୁଁ
ଯିଏ ଯେତେ କରୁ ହାଲ୍ଲା । ॥୭॥

ଲାଂଚ ନେଇ ଆମେ
ଭୋଟ ଦେଇଥାଉ
ଅନ୍ୟକୁ ଲାଞ୍ଜୁଆ କହୁ,
ନିଜ ଭୁଲଟାକୁ
ଅସ୍ୱୀକାର କରି
ଅନ୍ୟ ପରେ ଦୋଷ ଥାଉ । ॥୮॥

# ବନ୍ଦେ ଦେବୀ ମହାଲକ୍ଷ୍ମୀ

ସୌମ୍ୟେନ୍ଦ୍ର ମିଶ୍ର

ସାରଦା ସୁରଭି ସୁଧା ବସୁଧା ଇନ୍ଦିରା
ଆଦିତି ଅମଳା ଅର୍ଣ୍ଣା ଅମୀୟ ଅକ୍ଷରା ॥

ସମ୍ପଦା ସିନ୍ଧୁଜା ଶ୍ରେୟା ଭାର୍ଗବୀ ଶ୍ରୀଦେବୀ
କଲ୍ୟାଣୀ କମଳା କୁହୁ ଭାମା ଧନ୍ୟା ଦେବୀ ॥

ପଦ୍ମିନୀ ମଙ୍ଗଳା ଶାନ୍ତା ମାୟା ନେତ୍ରୀ ନିତ୍ୟା
ପଦ୍ମଜା ରାଗିଣୀ ରମା ପୁଷ୍ଟି ଜୟା ସତ୍ୟା ॥

ବିମଳା ବିଶ୍ୱରଜନୀ ଭାସ୍କରୀ ଅମ୍ରିତା
ଯଶସ୍ୱିନୀ ବସୁନ୍ଧରା ବିଷ୍ଣୁପତ୍ନୀ କାନ୍ତା ॥

ଜୀବିକା ଚନ୍ଦ୍ରବଦନା ଶ୍ରୀ କରୁଣା ଧୃତୀ
ବିଭା ବିଦ୍ୟା ବୁଦ୍ଧି ଦୀପ୍ତା ଚଞ୍ଚଳା ଜାଗୃତି ॥

ନମାମି ନମାମି ମାତା ସମୁଦ୍ରତନୟା
ଲୋକମାତ୍ରୀ ସୁପ୍ରସନ୍ନା ଚନ୍ଦ୍ରା ପଦ୍ମପ୍ରିୟା ॥



ଆଉ ପାପ ନକରିବାଟା ହେଉଛି ପ୍ରକୃତ ଅନୁତାପ।

# ହେ କରୁଣାମୟୀ ଗୋ ମାଆ ମୋର

ବାସୁଦେବ ସିଂ

ହେ କରୁଣାମୟୀ ଗୋ ମାଆ ମୋର
କେହିନାହିଁ ଏ ସଂସାରେ ସାହା ମୋର
ଶୁଣିବ କିଏବା ଏଇ ଦୁଃଖ ମୋର
ମୋତେ କରିନିଅ ତୁମେ ଆପଣାର
ହେ ଦୟାମୟୀ ଜନନୀ ଗୋ ମୋର ।

ବେଦ ପୁରାଣରେ ଯାହା ଅଛି ଲେଖା
ଦୁଃଖ, ବିପତ୍ତିରେ ତୁମେ ଦିଅ ଦେଖା
କେତେ ସୁମରିଲି କହି ମୋର ଦଶା
ହେଲେ ସପନ ସାନ୍ତ୍ୱନା, ସୁଖ ଆଶା
ଦୁଃଖ ଦରିଆରେ ବୁଡେ ନାଆ ମୋର
ମୋତେ ରକ୍ଷା କର ମାଆ ରକ୍ଷା କର ।

ଛଳ କପଟ ମୁଁ କିଛି ଜାଣେ ନାହିଁ
ଭକ୍ତି, ଅର୍ଚ୍ଚନା, ବନ୍ଦନା ଜ୍ଞାନ ନାହିଁ
ତୋର ମହତ ଭକତ ଜନ ସମ
ଜାଣେ ନାହିଁ ଅରପଣ ସେବା କର୍ମ
ତୁମ ସମ କେ ମମତାମୟୀ ନାହିଁ
ମୋତେ କରନ୍ତା ଉଦ୍ଧାର ସାହା ହୋଇ
ମୋର ଏ ଦୁର୍ଦ୍ଦଶା ଅନ୍ତ କର
ମୋତେ କରିନିଅ ମାଆ ଆପଣାର
ହେ ଦୟାମୟୀ ଜନନୀ ଗୋ ମୋର ।

ଟାଙ୍ଗୀ

# ଫୁଲ ବଉଳ ବେଣୀ

ବାସନ୍ତୀ ଦେଈ

କୁଆଁର ପୂନେଇ ଜହ୍ନ ଗୋ ଫୁଲ ବଉଳବେଣୀ
କୁଆଁରୀ ମନରେ ଅପୂର୍ବ ଆନନ୍ଦ
ପୁଚି ଖେଳିବାକୁ ମନ ଗୋ, ଫୁଲ ବଉଳବେଣୀ । ॥୧॥
ଷୋଡ଼ଶୀ କୁଆଁରୀ ଚନ୍ଦ୍ର ପୂଜୁଅଛି
ଆଖିରେ ଆଖିଏ ସ୍ୱପ୍ନ ଗୋ, ଫୁଲ ବଉଳବେଣୀ । ॥୨॥
ବାରମାସେ ତେର ପର୍ବର ପସରା
ଉତ୍କଳ ସଂସ୍କୃତି ପରା ଗୋ, ଫୁଲ ବଉଳବେଣୀ । ॥୩॥
ମନଲାଖି ବର ମନାସେ କୁଆଁରୀ
କୁମାର ପରିକା ବର ଗୋ, ଫୁଲ ବଉଳବେଣୀ । ॥୪॥
ଦୁହିତା ଅଟଇ ଦୁଇକୁଳ ହିତା
ଜନନୀ ଭଗିନୀ ଜାୟା ଗୋ, ଫୁଲ ବଉଳବେଣୀ । ॥୫॥
ପିତ୍ରାଳୟେ କନ୍ୟା ଭଗିନୀ ରୂପରେ
ସ୍ନେହ ଶ୍ରଦ୍ଧାକୁ ସାଉଁଟେ ଗୋ, ଫୁଲ ବଉଳବେଣୀ । ॥୬॥
ବଧୂବେଶେ ସ୍ତ୍ରୀ, ଜନନୀ ସ୍ୱରୂପେ
କର୍ତ୍ତବ୍ୟ ସେ କରୁଥାଏ ଗୋ, ଫୁଲ ବଉଳବେଣୀ । ॥୭॥
କନ୍ୟା ରତନକୁ କରିବା ଯତନ
କନ୍ୟାଟି ଅଟଇ ସୁନା ଗୋ, ଫୁଲ ବଉଳବେଣୀ । ॥୮॥
ଯୁଗେ ଯୁଗେ ନାରୀ ହୁଅଇ ପୂଜିତା
ନୁହେଁ ଅବଳା ଦୁର୍ବଳା ଗୋ, ଫୁଲ ବଉଳବେଣୀ । ॥୯॥
ପୁରୁଷଙ୍କୁ ନାରୀ ଦିଅଇ ସମ୍ମାନ
ପୁରୁଷ ପ୍ରଧାନ ଦେଶ ଗୋ, ଫୁଲ ବଉଳବେଣୀ । ॥୧୦॥
ନାରୀଙ୍କ ସମ୍ମାନ ରଖିଲେ ପୁରୁଷ
ଦେଶ ହେବ ରାମରାଜ୍ୟ ଗୋ,ଫୁଲ ବଉଳବେଣୀ ॥୧୧॥
ନାରୀ ଓ ପୁରୁଷ ନୁହେଁ ଭିନ୍ନାଭିନ୍ନ
ମୁଦ୍ରାର ଦୁଇଟି ପାର୍ଶ୍ୱ ଗୋ, ଫୁଲ ବଉଳବେଣୀ । ॥୧୨॥
ଦେଶ ଓ ଜାତିର ପ୍ରଗତି ହୋଇବ
କନ୍ୟାକୁ ଦେବା ସୁରକ୍ଷା ଗୋ,ଫୁଲ ବଉଳବେଣୀ ॥୧୩॥
ସ୍ତୁତି ଚିନ୍ତାମଣି କାବ୍ୟେ ଭୀମଭୋଇ
ଲେଖିଲେ ଅମୂଲ୍ୟ ବାଣୀ ଗୋ,ଫୁଲ ବଉଳବେଣୀ ॥୧୪॥
ପୁରୁଷଙ୍କୁ ନାରୀ ଜ୍ଞାନ ବତାଇଲେ
ସତ୍ୟଯୁଗ ଲେଉଟିବ ଗୋ, ଫୁଲ ବଉଳବେଣୀ । ॥୧୫॥

ଶିକ୍ଷୟିତ୍ରୀ, ଖୋର୍ଦ୍ଧା



ଶାସନର ଅନ୍ୟାୟ ପାଖରେ ମୁଣ୍ଡ ନୁଆଁଇ ଦେବାଟା ଅନୈତିକତା।

# ଗୋ ବରଷା ରାଣୀ

ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ



ବରଷା ରାଣୀର ଓଦା ଶାଢ଼ୀ ତଳେ
ଛପି ଛପି ଆସେ ଶିରାବଣ,
ନୀଳକୁ କରଇ ଘନନୀଳ
ଆଉ ମରଣରେ ଭରେ ଯଉବନ ।

ଉତ୍ତରା ମେଘର ଆବାହନୀ ଗାଏ
ମାଟି ତଳେ ଥିବା ଅଙ୍କୁର,
ସବୁଜ ବିପଣୀ ସଜାଏ ସୋହାଗେ
ମରୁକୁ କରେ ସେ ସୁନ୍ଦର ।

ସୋହାଗିନୀ ହୁଏ ଧରଣୀ ସୁନ୍ଦରୀ
ସୀମନ୍ତେ ଝଟକେ ବିଜୁଳି,
ଆବହ ସଙ୍ଗୀତ ଡାହୁକ କଣ୍ଠରେ
ବେଙ୍ଗୁଲୀ ଦିଏ ହୁଳହୁଳି ।

ବଉଦ ପାଟରେ ଫୁଟିଉଠେ କେତେ
ନୂଆ ଦିଶା ନୂଆ ନୀଳକଇଁ,
ଭୂମି ଓ ଭୂମାର ମିଳନ ମହକ
ଝଲିଯାଏ ପ୍ରୀତି ଛାତି ଛୁଇଁ ।

ଗୋ ବରଷା ରାଣୀ ତୁମେ ତ ଅପସରୀ
ଆସିବ ଧରାକୁ ଅବତରି,
ଜୀବନ ମରୁରେ ବସିଛି ସୁନ୍ଦରୀ
ତୁମରି ପଥକୁ ଅନୁସରି ।

ପୂର୍ବତନ ବିଧାୟକ, ଖୋର୍ଦ୍ଧା

# ଫେରିଯାଅ ବର୍ଷା

ସୁମତି ଦେଇ

ତୁ ଆସୁଥିଲୁ ହଁ ତୁ ଆସୁଥିଲୁ ପ୍ରତିବର୍ଷ
କଳା ଓଢ଼ଣୀରେ ଢାଙ୍କି
ତୋ ଉଜ୍ଜ୍ୱଳ ତନୁ
ମେଘରେ ଦୋଳିରେ ଧୀରେ ଝୁଲି ଝୁଲି
କରକାଖଣ୍ଡ ମୋ ପାଇଁ ଧରି ଉପହାର
ନିଃସର୍ତ୍ତରେ ଖେଳିଥିଲି ସାଥେ ତୋର
ତୋ ଫେରିବା ଯାଏଁ,
ପଙ୍କିଳକର୍ଦ୍ଦମଜଳେ ହୋଇ ଏକାକାର
ଖାତିର ନଥିଲା ସେଠି ବହି ବସ୍ତାନୀ
ଅବା କାହା ଆକଟର,
ବିବଶ କଲା ସମୟ
ବାଲ୍ୟ ସ୍ୱପ୍ନ ସବୁଙ୍କରି କାଗଜଡ଼ଙ୍ଗାରେ
ଭସାଇ ଦେବାକୁ ତା'ଖରସ୍ରୋତର
ଟୋପାଏ ସିନ୍ଦୂରର ପ୍ରତିବଦଳରେ ।

ଛଡ଼ାଇ ନେଲୁ ହାତ ତୋର
ମୋ ହାତ ମୁଠାରୁ,
ଆଷାଢ଼ ଶ୍ରାବଣ ସାଜିଲୁ
ମୋ ନୟନେ କୋଣେ
ମଥାପରେ ଢାଳି ଦେଲୁ
ନିଦାଘର ତାତି
ତପ୍ତବାଲୁକା ରାଶି ମଥା ପରେ ମୋର
ତଥାପି ମୁଣ୍ଡଟେକି ଶିଖିଲି ବଞ୍ଚିବା
ଜୀବନ ଇଏ,
ଖରା, ବର୍ଷା, ଶୀତ ସମାହାର
ଅଭିଶପ୍ତା ମୁଁ,
ଝଲିଛି ଝଲିବି ନେଇ କ୍ଷତାକ୍ତ ଶରୀର
କିନ୍ତୁ.... କିନ୍ତୁ ଏ କି ଉପହାସ ତୋର ??
କାହିଁକି ଫେରିଛୁ ପାଶେ ମୋର
ଆଜି ଏଇ କ୍ଳାନ୍ତ ଅପରାହ୍ନେ ???
ଅନ୍ଧକୁ ଦର୍ପଣ ପ୍ରାୟ ଅସହ୍ୟ ଲାଗେ
ତୋର ଉପସ୍ଥିତି,
ଫେରିଯାଅ, ତୁ ଫେରିଯାଅ ବର୍ଷା
ଲୋଡ଼ା ନାହିଁ ସାନ୍ନିଧ୍ୟ ତୋହର
ତୁ ଫେରିଯା....... ।



ଅନ୍ୟାୟ କରିବା ଅପେକ୍ଷା ଅନ୍ୟାୟକୁ ସହିଯିବାଟା ଅନେକ ସମୟରେ ଭଲ ।

## ହେ ଠାକୁରେ ! ସବୁକିଛି ଛାଡ଼ିଦେଲି ତୁମ ଉପରେ

ଶାନ୍ତନୁ କୁମାର ଷଡ଼ଙ୍ଗୀ

ଭଙ୍ଗା ଗଳିଆରେ ବିତୁଛି ଜୀବନ
ଆଖିର ଲୁହରେ ଭରା,
ଦୁଃଖର ରଜନୀ ପାହିତ ଯାଇନି
ଭୋଗୁଛି ସଂସାର କାରା ।
ଛିଣ୍ଡା ମଶିଣାରେ ପଡ଼ିଅଛି ପ୍ରଭୁ
ସାହାନାହିଁ ଏଠି କେହି,
ପୁଅ ପରା ମୋର ନିଖୋଜ ହୋଇଛି
କପାଳେ ଲେଖିଛି ବିହି ।
ଟଙ୍କ ତୋରାଣିରେ ବିତୁଛି ଜୀବନ
ପେଟକୁ ନମିଳେ ଦାନା,
କାହାକୁ କହିବି ମୋ ଜୀବନ ଦୁଃଖ
ପିଠିକୁ ନମିଳେ କନା ।
ସବୁ ଏଠି ପ୍ରଭୁ ଅଟନ୍ତି ଯେ ପର
ଲୁହ ମୋ ଅଟେ ନିଜର,
ଘର ପରା ଏଠି ପର ହୋଇଯାଏ
ପର ଏଠି ଆପଣାର ।
ମଶାଣି ଜାଣେନା ବାର ମାସ କିଛି
ମଶାଣି ଦିଏନା ଧ୍ୟାନ,
ମୋର ଦୁଃଖପରା ଗଲା ସୀମା ଟପି
ସହିଅଛି ଅପମାନ ।
ଯାହାକୁ ନିଜର କରିଥିଲି ସାଥୀ
ବାହୁଡ଼ି ଗଲା ସେ ପରା,
ମୋ ଜୀବନ ଏଠି ନର୍କରୁ ନିର୍ମାଲ୍ୟ
ଜୀବନ ଲୁହରେ ଭରା ।
ତୁମରି ହତାରେ ଛାଡ଼ିଦେଲି ପ୍ରଭୁ
ତୁମେତ ବିଚାର କର,
ମୋ ଜୀବନ ଏଠି ବନ୍ଧା ପଡ଼ିଅଛି
ଆପଣାର ଏଠି ପର ।
ଜଗତର ନାଥ ଆହେ ଜଗନ୍ନାଥ
ତୁମେ ଜଗତ କରତା,
ମୋ ଦୁଃଖକୁ ତୁମେ ନିଜର କରିବ
ତୁମେତ ଜଗତ ସତ୍ତା ।

ମହିଳୋ, କାଦୁଅପଡ଼ା, ଜଗତସିଂହପୁର
ମୋ - ୯୨୩୮୯୬୪୬୯୦

## ସ୍ୱନାମଧନ୍ୟ, ଶହୀଦ୍ ସୁଖଦେବ ॥

ଶ୍ରୀ ବ୍ରଜ କିଶୋର ଦାସ

ଯୌବନରେ ସବୁ ସୁଖ, ସମ୍ଭୋଗକୁ
ତୃଣବତ୍ ଫିଙ୍ଗି ଦେଇ,
ନିଜକୁ ପକାଇ ନର୍କରେ,
ସ୍ୱନାମଧନ୍ୟ ଶହୀଦ୍ ସୁଖଦେବ,
ସ୍ୱାଧୀନତା ସଂଗ୍ରାମ ଅଗ୍ନିରେ ଦେଇ ଝାସ,
ଫାଶିଖୁଣ୍ଟେ ଭୋଗିଲ ଅକାଳ ଦେହାନ୍ତ,
ଇତିହାସେ ରହିଗଲ ଅମର ଶହୀଦ ଦୃଷ୍ଟାନ୍ତ ॥

ଧନ୍ୟ ହେ, ଯୁବ ଶହୀଦ୍ କୀର୍ତ୍ତିବନ୍ତ,
ଧ୍ୱଂସ ହୋଇବି ଜୀବନ ଯୁଦ୍ଧରେ,
ହୋଇନଥିଲ ପରାସ୍ତ,
ଶହୀଦ୍ ଜୀବନର ଗଢ଼ି ଶାଶ୍ୱତ ଐତିହ୍ୟ,
ତୁମେ ଚିର ସ୍ମରଣୀୟ, ଚିର ମହନୀୟ ॥

ଏପରି ବୀର ଭୋଗ୍ୟା ବସୁନ୍ଧରା ସ୍ୱପ୍ନ ମୋର,
ତୁମଠାରୁ ଦୀକ୍ଷା ନେଇ ବିଶ୍ୱର ସମସ୍ତ ଯୁବକ,
ହୋଇପାରିଲେ ସାହସୀ, ମହାନ୍,
ସେ ଯୁବଶକ୍ତିରେ ବିଶ୍ୱ ହୋଇବ ସମୃଦ୍ଧ,
ସବୁଠି ବିକଶି ଉଠିବ,
ଆଦର୍ଶ ସମାଜନୀତି, ରାଜନୀତି,
ଶାସନର ବଦାନ୍ୟ ଅଧ୍ୟାୟ,
ବସୁଧୈବ କୁଟୁମ୍ବକମ୍ ମହା ଆଦର୍ଶରେ,
ହସିଉଠିବ ଏକବିଂଶ ଶତାବ୍ଦୀର ବିଶ୍ୱ,
ସତ୍ୟଯୁଗ ସମୃଦ୍ଧ ସ୍ୱପ୍ନରେ ॥

କଳଦିଆ, ନମୌଜା, କେନ୍ଦ୍ରାପଡ଼ା
ମୋ - ୯୭୭୭୭୩୩୦୪୪



ଅନ୍ୟାୟକୁ ପୋତିଦେଇ ଲୁଚାଇପାରିବା ନାହିଁ। ଦିନେ ନା ଦିନେ କେହି ତାକୁ ଖୋଜି ବାହାରକରିବ।

# ଉତ୍ତମ ଗୃହିଣୀ

ପଦ୍ମନାଭ ପାଣିଗ୍ରାହୀ



ସର୍ବଗୁଣା ଯୁକ୍ତା ମଧୁର ଭାଷିଣୀ
ବାକ୍‌ବାଣୀ ପ୍ରଶଂସନୀୟା
ସଦା ଶାନ୍ତି ଆନନ୍ଦ ପ୍ରଦାୟିନୀ
ବିଶ୍ୱରେ ମହନୀୟା ।।୧।।

କ୍ଲେଶ - ସନ୍ତାପରୁ ଦୂର କରୁଥାଏ
ଆଚାର ବ୍ୟବହାରରେ,
ଆତ୍ମୀୟତା, ଉଦାରତା, ସେବା ଭାବେ
ଜିଣନ୍ତି ଜନ ମନରେ । ।।୨।।

ଅନ୍ତର ସୌନ୍ଦର୍ଯ୍ୟ ବ୍ୟକ୍ତି ଆକର୍ଷଣେ
ସ୍ୱପରିବାର ପୋଷଣେ
ହୃଦୟ କୁସୁମ କୋମଳ ଶ୍ରଦ୍ଧାର
ନାରୀତ୍ୱର ନିଦର୍ଶନେ । ।।୩।।

ପରିବାର ପରିଜନ ସୁଖ ପାଇଁ
ନିଜ ସୁଖ ବଳି ଦେଇ
ଗୃହିଣୀ ସେ ସଦା ଆତ୍ମତୃପ୍ତି ଲଭେ
ଅନ୍ୟ ସଦସ୍ୟଙ୍କ ପାଇଁ । ।।୪।।

ଭୋଜନେ ଅତିଥି ପ୍ରସନ୍ନ କରାଏ
ବଧୂ ରୂପେ କାର୍ଯ୍ୟଭାର
ଶାଶୂ, ଶ୍ୱଶୁର, ନଣନ୍ଦ ଦିଅରେ
ଦିଅଇ ଅଗ୍ରାଧିକାର ।।୫।।

ଜନନୀ, ସନ୍ତାନ ଲାଳନ - ପାଳନେ
ନିଜ ସୁଖ ଜଳାଞ୍ଜଳି
ସ୍ନେହ, ପ୍ରୀତି, ପ୍ରେମ ପ୍ରେରଣାଦାୟିନୀ
କିଏ ବା ତା'ଠାରୁ ବଳି । ।।୬।।

ସହଯୋଗ ପ୍ରତିମୂର୍ତ୍ତି ଶୋଭନୀୟା
ସ୍ୱାମୀଙ୍କ ସହଗାମିନୀ
ବାତ୍ସଲ୍ୟ ପ୍ରେମର ଭଣ୍ଡାର ସେ ଯେ
ସଦା ସ୍ୱାମୀ ସୋହାଗିନୀ । ।।୭।।

ଚନ୍ଦ୍ର ବିମଳ ଜ୍ୟୋତ୍ସ୍ନା ଧବଳ
ଚରିତ୍ରର ନିଦର୍ଶନ
ସ୍ନେହ - ପ୍ରୀତି ପୂର୍ଣ୍ଣ ସ୍ନିଗ୍ଧ - ମଧୁର
ଶୀତଳତାର ପ୍ରଦାନ । ।।୮।।

ଆତ୍ମା ଜ୍ୟୋତିରେ ସଦା ପ୍ରକାଶିତା
ଈଶ୍ୱର ଉପାସନାରେ
ପ୍ରଦୀପ ସଦୃଶ ଗୃହ ପରିବାରେ
ଜ୍ୟୋତି ପ୍ରକାଶିତ କରେ । ।।୯।।

ବାରମାସେ ତେର ଓଷାବ୍ରତ କରେ
ସନ୍ତାନ ମଙ୍ଗଳ ପାଇଁ
ସଭିଙ୍କୁ ସ୍ନେହର ବନ୍ଧନରେ ବାନ୍ଧେ
ସୁଖେ, ଦୁଃଖେ ଭାଗୀ ହୋଇ ।।୧୦।।

ମହୀ ମହୀୟସୀ ସହନଶୀଳା ସେ
ସର୍ବଂସହା ମା' ଧରଣୀ
କୀର୍ତ୍ତିମୟୀ ଯଶସ୍ୱିନୀ ବନ୍ଦନୀୟା
ଶୂର - ବୀର - ପ୍ରସବିନୀ । ।।୧୧।।

ବନମାଳୀ କଲୋନୀ, ରାମଚନ୍ଦ୍ରପୁର, ଜଟଣୀ
ମୋ - ୯୩୩୮୨୨୧୩୭୪



ମନରେ ଯଦି ଅହଙ୍କାର ବସାବାନ୍ଧିଲା, ଲୋକର ଲେଖା ବା ବଚନରେ ସଂଯମ ରହେନାହିଁ।

# ଆକବରଙ୍କ ଆହ୍ବାନ

ଡାକ୍ତର ନିତ୍ୟାନନ୍ଦ ସ୍ବାଇଁ



ସମ୍ରାଟ ଆକବରଙ୍କ ରାଜଧାନୀ ଥିଲା ଉତ୍ତର ଭାରତରେ, ଆଗ୍ରା ନିକଟସ୍ଥ ଫତେପୁର ସିକ୍ରିରେ। ଶୀତଦିନେ ସେଠାରେ ଖୁବ୍ ଥଣ୍ଡାପଡ଼େ। ଆକବରଙ୍କୁ ଶୀତଦିନର ଶୀତଳ ପରିବେଶରେ ବୁଲିବାପାଇଁ ଖୁବ୍ ଭଲଲାଗେ। ଅତି ସକାଳୁ ଘୋଡ଼ାଚଢ଼ି ଗୁଡ଼ାଏ ବାଟ ବୁଲି ଆସିବାରେ ଖୁବ୍ ଆନନ୍ଦ ପାଇଥାନ୍ତି ସେ। ସକାଳର ଶୀତୁଆ ପବନ ଆଘ୍ରାଣ କରି ସେ ଖୁବ୍ ସତେଜ ଓ ସୁସ୍ଥ ଅନୁଭବ କରିଥାନ୍ତି।

ଏହିପରି ଏକ ସକାଳେ ଆକବର ଓ ତାଙ୍କ ଦେହରକ୍ଷୀମାନେ ପ୍ରଚଣ୍ଡ ଶୀତରେ ଘୋଡ଼ାଚଢ଼ି ବାହାରି ପଡ଼ିଲେ। ଏକ ସୁନ୍ଦର ଶାନ୍ତ ହ୍ରଦକୁ ଅତିକ୍ରମ କରି ସେମାନେ ଯିବାକଥା। ମାତ୍ର ହ୍ରଦଟିକୁ ଦେଖି ଆକବର ନିଜର ଲୋଭ ସମ୍ବରଣ କରିପାରିଲେନି। ସେ ଘୋଡ଼ାରୁ ଓହ୍ଲେଇପଡ଼ିଲେ। ପଶିଗଲେ ହ୍ରଦର ପ୍ରଚଣ୍ଡ ଥଣ୍ଡାଜଳ ଭିତରକୁ। ମାତ୍ର ଟିକିଏ ସମୟ ଜଳରେ ଠିଆ ହୋଇଛନ୍ତି କି ନାହିଁ, ତୁରନ୍ତ ଜଳ ଭିତରୁ ବାହାରି ଆସି ଚିତ୍କାର ଛାଡ଼ିଲେ, "ଓଃ! ଓଃ! କି ପ୍ରବଳ ଥଣ୍ଡା! ମୁଁ ଜଳ ଭିତରେ ମୁହୂର୍ତ୍ତଟିଏ ବି ଛିଡ଼ା ହୋଇପାରିଲିନି ।"

ଜଣେ ଦେହରକ୍ଷୀ ମୁରୁକି ହସି କହିଲା, "ମହାମାନ୍ୟ ଜାହାଁପନା, ରାତିରେ ହ୍ରଦର ଜଳ ଆହୁରି ବେଶୀ ଥଣ୍ଡା ହୋଇଯାଏ।" ଆକବର କହିଲେ, 'କଅଣ ହେଲା? ବର୍ତ୍ତମାନର ଥଣ୍ଡାଠାରୁ ଆହୁରି ବେଶୀ ଥଣ୍ଡା! ଏହା କଅଣ ସମ୍ଭବ?'

ହଠାତ୍ ଆକବରଙ୍କ ମନକୁ ଆସିଲା ଏକ ଧାରଣା। ସେ ଲୋକମାନଙ୍କ ନିକଟରେ ଆହ୍ବାନ ଉଭା କରେଇବାରେ ଖୁବ୍ ଆନନ୍ଦ ପାଉଥିଲେ। ସେ ବିଶ୍ବାସ କରୁଥିଲେ ଯେ, ଲୋକେ ଆହ୍ବାନର ସମ୍ମୁଖୀନ ହୋଇ ତାକୁ ଜୟ କରିପାରିଲେ ସେମାନଙ୍କଠାରେ ଶକ୍ତି ବୃଦ୍ଧିପାଏ।

ତା'ପରେ ସେ ଦେହରକ୍ଷୀମାନଙ୍କୁ କହିଲେ, "ତୁମେ ନଗରୀରେ ଗୋଟିଏ ଘୋଷଣା ପ୍ରଚାର କରିଦିଅ ଯେ, ଯେଉଁଲୋକ ରାତିବେଳା ହ୍ରଦଜଳରେ ବେକ ପର୍ଯ୍ୟନ୍ତ ବୁଡ଼େଇ ସକାଳ ହେବା ପର୍ଯ୍ୟନ୍ତ ଠିଆହୋଇ ରହିପାରିବ, ତାକୁ ପାଞ୍ଚହଜାର ସ୍ବର୍ଣ୍ଣ ମୁଦ୍ରା ଦିଆଯିବ ।"

ଦେହରକ୍ଷୀମାନେ ପ୍ରାସାଦକୁ ଫେରିଆସି ଉପରୋକ୍ତ ପ୍ରକାରେ ବିଜ୍ଞାପନଟିଏ ଲେଖି ଛକଜାଗାମାନଙ୍କରେ ବିଜ୍ଞାପନଟିକୁ ଲଟକେଇ ଦେଲେ ଓ ଏଇକଥା ଚାରିଆଡ଼େ ଘୋଷଣା ମଧ୍ୟ କରିଦେଲେ। ଏଇ ଖବର ପାଇ ଲୋକମାନେ ଖୁବ୍ କୌତୂହଳୀ ହୋଇଉଠିଲେ ସିନା, ଏହି ଆହ୍ବାନଟିକୁ ଗ୍ରହଣକରିବା ନିମନ୍ତେ କେହି ଆଗଭର ହେଲେନାହିଁ। କାରଣ, ପ୍ରଚଣ୍ଡ ଶୀତରେ ରାତିସାରା ହ୍ରଦଜଳରେ ବେକପର୍ଯ୍ୟନ୍ତ ବୁଡ଼େଇ ରଖିବାଦ୍ବାରା ମୃତ୍ୟୁ ସୁନିଶ୍ଚିତ ବୋଲି କାହାରି ମନରେ ସାମାନ୍ୟତମ ସନ୍ଦେହ ମଧ୍ୟ ନଥିଲା। ତେଣୁ ହ୍ରଦ ନିକଟରେ କାହାରି ଦେଖା ମିଳିଲାନି।

ହ୍ରଦ ପାଖରେ ରହୁଥିଲା ଧୋବାଟିଏ। ସେ ବର୍ଷସାରା ହ୍ରଦର ଜଳରେ ଲୋକମାନଙ୍କ ଲୁଗାମାନ କାଚୁଥିଲା। ସେ ଏହି ଆହ୍ବାନକୁ ଗ୍ରହଣକରିବା ନିମନ୍ତେ ମନସ୍ଥ କଲା। ସବୁଦିନେ ସକାଳେ ହ୍ରଦ ଜଳରେ ଠିଆହୋଇ ଲୁଗା କାଚିବା ଫଳରେ ଥଣ୍ଡାଜଳ ଓ ଶୀତ ଦେହସହା ହୋଇଯାଇଥିଲା ତା'ର। ହେଲେ ରାତିରେ ହ୍ରଦ ଜଳରେ ଠିଆହୋଇ ରହିବାର ଅଭିଜ୍ଞତା ନଥିଲା ତା'ଠାରେ। ପୁଣି ବେକ ପର୍ଯ୍ୟନ୍ତ ଥଣ୍ଡାଜଳରେ ବୁଡ଼େଇ ରଖିବାପାଇଁ ତା'ର ସାହସ ହେଉନଥିଲା। କିନ୍ତୁ ସେ ଭାବିଲା, "ମୁଁ ଯଦି ଆହ୍ବାନକୁ ଗ୍ରହଣକରି ହାରିଯାଏ, ତେବେ ଖୁବ୍ ଅସୁସ୍ଥ ହୋଇପଡ଼ି ହୁଏତ ମରିଯାଇପାରେ। ମାତ୍ର ମୁଁ ଯଦି ଜିତିଯାଏ, ତେବେ ପାଞ୍ଚହଜାର ସ୍ବର୍ଣ୍ଣମୁଦ୍ରାପାଇ ମୁଁ ମୋର ସବୁତକ ଋଣ ସୁଝିଦେଇପାରି ଋଣମୁକ୍ତ ହୋଇଯିବି ଏବଂ ମୋ ପରିବାର ଓ ମୁଁ ବେଶ୍ ଆରାମରେ ଅବଶିଷ୍ଟ ସମୟତକ କଟେଇ ଦେଇପାରିବୁ ।"

ତେଣୁ ସେ ତା'ପରଦିନ ସମ୍ରାଟ ଆକବରଙ୍କୁ ଦେଖା କରିବାପାଇଁ ଯାଇ ପହଞ୍ଚିଗଲା ଦରବାରରେ ଓ ନିଜର ନିଷ୍ପତ୍ତି କଥା ସମ୍ରାଟଙ୍କୁ ବଡ଼ ବିନୀତ ଭାବରେ ଜଣେଇଲା। ଅନ୍ୟକେହି ଆହ୍ବାନକୁ ଗ୍ରହଣ କରିବା ନିମନ୍ତେ ଆଗେଇ ଆସିନଥିବାରୁ ସମ୍ରାଟ ଧୋବାଟି ଉପରେ ଖୁବ୍ ପ୍ରୀତ ହୋଇଗଲେ। ସେ ଧୋବାକୁ କହିଲେ, "ତୁମେ ସତରେ ଖୁବ୍ ସାହସୀ। କିନ୍ତୁ ହ୍ରଦଜଳରେ ଥଣ୍ଡା ସହିନପାରି ତୁମର ଯେ ମୃତ୍ୟୁ ହୋଇଯାଇପାରେ, ଏହା ତୁମେ ଜାଣିଛ ନା ନାହିଁ?" ଧୋବା ଉତ୍ତର ଦେଲା, "ମଣିମା, ହ୍ରଦଜଳର ଥଣ୍ଡା ସହିନପାରି ମୁଁ ମରିଯାଇପାରେ ବୋଲି ଜାଣେ। ମୋ' ପରିବାର ଯେଉଁ ଦାରିଦ୍ର୍ୟ ଭିତରେ କାଳ କାଟୁଛନ୍ତି, ତାହା ତ ମୃତ୍ୟୁଠାରୁ ଆହୁରି ବେଶୀ ଭୟଙ୍କର। ମୋ'ର ଦୁଇଟି ପିଲା। ସମସ୍ତଙ୍କ ତୁଣ୍ଡରେ ସବୁଦିନ ଦାନା ଦେବା ମୋ'ପକ୍ଷେ ସମ୍ଭବ ହେଉଣି। ପରିବାରର ଖର୍ଚ୍ଚ ତୁଲେଇବାପାଇଁ ମୋ ପାଖରେ ଟଙ୍କା ପଇସା ନାହିଁ। ଯଦି ଈଶ୍ବରଙ୍କ କୃପାରୁ ମୁଁ ଜିତିଯାଏ, ତେବେ ସବୁଦିନପାଇଁ ମୋ ପରିବାରର ଅଭାବ ଦୂର ହୋଇଯିବ ଏବଂ ଅବଶିଷ୍ଟ ଜୀବନ ଆମର ବେଶ୍ ସୁରୁଖୁରୁରେ କଟିଯିବ ।"

ଆକବର ଉତ୍ତର ଦେଲେ, "ତୁମେ ନିଶ୍ଚିତ ଭାବରେ ଜଣେ ଖୁବ୍ ସାହସୀଲୋକ। ମୁଁ ତୁମକୁ କଥା ଦଉଚି ଯେ, ହ୍ରଦ ଜଳରେ ତୁମର ଯଦି ମୃତ୍ୟୁ ହୋଇଯାଏ, ତେବେ ତୁମର ସ୍ତ୍ରୀ ପିଲାଛୁଆଙ୍କୁ ମୁଁ ଭୋକରେ ମରିବାକୁ ଦେବିନି। ଆଜି ରାତିରେ ହିଁ ତୁମେ ହ୍ରଦଜଳରେ ପ୍ରବେଶ କରିବ ଓ ଆସନ୍ତାକାଲି ସକାଳେ ମୁଁ ନିଜେ ହ୍ରଦ ନିକଟରେ ପହଞ୍ଚି ତୁମକୁ ଜୀବିତ କିମ୍ବା ମୃତ ଅବସ୍ଥାରେ ଜଳରୁ ବାହାରକୁ ନେଇଆସିବି ।"



ଜଣେ ତୁମପ୍ରତି ଅବଜ୍ଞା କରୁଛି, ତାକୁ ଯଦି ତୁମେ ଅବଜ୍ଞା କରିଗଲ ତୁମର ଶକ୍ତି ବଢ଼ିଗଲା।

ସଂଧ୍ୟାପୂର୍ବରୁ ଧୋବାକୁ ନେଇ ପ୍ରହରୀମାନେ ହ୍ରଦ ନିକଟରେ ପହଞ୍ଚିଗଲେ। ସଂଧ୍ୟା ଉପସ୍ଥିତ ହେବାମାତ୍ରେ ଧୋବାଟି ହ୍ରଦର ଜଳ ଭିତରକୁ ଓହ୍ଲେଇଗଲା। ଜଳରେ ପଶିବାକ୍ଷଣି ତା'ର ଫୁଙ୍ଗୁଳା ଦେହରେ ପ୍ରଚଣ୍ଡ ଥଣ୍ଡାଜଳ ବାଜିବାରୁ ବରଫଭଳି ଥଣ୍ଡା ହୋଇଥିବା ଜଳକୁ ସହିନପାରି ଧୋବା ଚିତ୍କାର ଛାଡ଼ିଲା, "ହେ ଭଗବାନ! ଏହି କଷ୍ଟକୁ ସହିନେବାପାଇଁ ମୋତେ ଶକ୍ତି ଓ ସାହସ ଦିଅ।" ଦାନ୍ତକୁ ଜୋରରେ କାମୁଡ଼ି ସେ ଧୀରେ ଧୀରେ ଗଭୀର ଜଳକୁ ଯିବାରେ ଲାଗିଲା ଓ ଜଳ ତା'ର ବେକମୂଳକୁ ଛୁଇଁବାକ୍ଷଣି ସେଇଠି ଠିଆହୋଇ ବଡ଼ପାଟିରେ ଈଶ୍ୱରଙ୍କୁ ପ୍ରାର୍ଥନା କରିଚାଲିଲା। ହେଲେ ପ୍ରବଳ ଥଣ୍ଡାଯୋଗୁ ତା'ର ଦାନ୍ତକୁ ଦାନ୍ତ ବାଡ଼େଇ ହୋଇ ଠକ୍ ଠକ୍ ଶବ୍ଦ ବାହାରିଲା।

ହ୍ରଦ କୂଳରେ ଦୁଇଜଣ ପ୍ରହରୀ ତା'ଉପରେ କଡ଼ା ନିଘାରଖି ଠିଆ ହୋଇଥାନ୍ତି। ସକାଳ ହେବାପର୍ଯ୍ୟନ୍ତ ସେ ଯେପରି ହ୍ରଦଜଳରୁ ବାହାରକୁ ଚାଲି ନଆସେ, ଏହା ଦେଖିବା ଥିଲା ତାଙ୍କର ଦାୟିତ୍ୱ।

ପରଦିନ ସକାଳୁ ସକାଳୁ ଆକବର ବିଛଣାରୁ ଉଠିପଡ଼ିଲେ। ସାଙ୍ଗେ ସାଙ୍ଗେ ଧାଇଁଗଲେ ହ୍ରଦକୂଳକୁ। ଧୋବାଟି ସେ ପର୍ଯ୍ୟନ୍ତ ବଞ୍ଚି ରହିଥିବାର ଦେଖି ଆକରବଙ୍କ ବିସ୍ମୟର ସୀମା ରହିଲାନି। ପ୍ରବଳ ଥଣ୍ଡାଯୋଗୁ ସେ ଚେତାପଡ଼ିଯାଇଥିଲା। ତଥାପି ଆଖି ବନ୍ଦକରି ସେ ବଡ଼ପାଟିରେ ପ୍ରାର୍ଥନା ଜଣେଇ ଚାଲିଥିଲା ଭଗବାନଙ୍କୁ। ଆକବର ବଡ଼ପାଟିରେ ତାକୁ ଡାକ ପକେଇଲେ। କହିଲେ, ତୁମେ ଜିତିଯାଇଛ। ଏବେ ହ୍ରଦଜଳରୁ ବାହାରି କୂଳକୁ ଚାଲିଆସ ଏବଂ ଦରବାରରେ ପହଞ୍ଚି ନିଜର ପୁରସ୍କାର ଗ୍ରହଣକର। ତୁମେ ସତରେ ଜଣେ ଅତି ସାହସୀ ବ୍ୟକ୍ତି। ଧୋବାଟି ଶୀତରେ କମ୍ପୁଥାଏ। ପ୍ରହରୀମାନେ ତାକୁ ଜଳରୁ ଉଠେଇଆଣି ତା'ଉପରେ ମୋଟା କମ୍ବଳ ଘୋଡ଼େଇ ପକେଇଲେ।

ପରେ ପରେ ପୁରସ୍କାର ଗ୍ରହଣକରିବା ନିମନ୍ତେ ଧୋବାଟି ପହଞ୍ଚିଗଲା ସମ୍ରାଟଙ୍କ ଦରବାରରେ। ତାକୁ ଦେଖି ଆକବର ଘୋଷଣା କଲେ, "ଏବେ ଆସିଗଲେ ମୋ' ରାଜ୍ୟର ଜଣେ ଖୁବ୍ ସାହସୀ ବ୍ୟକ୍ତି। ସେ ମୋର ଆହ୍ୱାନ ଗ୍ରହଣ କଲେ ଏବଂ ବିଜୟ ଲାଭ କଲେ ମଧ୍ୟ। ସେ ପ୍ରମାଣ କରିଦେଲେ ଯେ, ସଫଳତା ପାଇବାପାଇଁ ପ୍ରବଳ ଇଚ୍ଛାଶକ୍ତି ଥିଲେ ମଣିଷ ଯେକୌଣସି ସମସ୍ୟାର ସମ୍ମୁଖୀନ ହୋଇ ସଫଳତା ପ୍ରାପ୍ତ ହୋଇପାରିବ ।"

ଆକବର ନିଜେ ଧୋବାକୁ ପୁରସ୍କାର ଦେବାପାଇଁ ଯିବାପୂର୍ବରୁ ହଠାତ୍ ଜଣେ ପାରିଷଦ ଠିଆ ହୋଇପଡ଼ି କହିଲେ, "ମଣିମା, ଆପଣ ତାକୁ ପୁରସ୍କାର ଦେବାପୂର୍ବରୁ ମୁଁ ତାକୁ ଗୋଟିଏ ପ୍ରଶ୍ନ ପଚାରିବାପାଇଁ ଚାହୁଁଛି ।"

ସେହି ପାରିଷଦ ଜଣକ ଥିଲେ ବଡ଼ ଅହଙ୍କାରୀ ଏବଂ ଈର୍ଷାଳୁ। ସମ୍ରାଟଙ୍କଠାରୁ ଏତେଗୁଡ଼ାଏ ସ୍ୱର୍ଣ୍ଣମୁଦ୍ରା ପୁରସ୍କାର ଭାବରେ ପାଇବାଟାକୁ ସେ ସହିପାରିଲେନି। ସେ ଧୋବାଟି ଆଡ଼କୁ ଚାହିଁ ପଚାରିଲେ, "ରାତିସାରା ଜଳ ଭିତରେ ଠିଆହୋଇ ତୁମେ କଅଣ କରୁଥିଲ ?" ଧୋବା ଉତ୍ତର ଦେଲା, "ମୁଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିଲି ଓ ଯେତେବେଳେ ପ୍ରାର୍ଥନା କରୁନଥିଲି, ସେତେବେଳେ ନଗରୀର ଆଲୋକକୁ ଅନେଇ ମୋ'ପରିବାର କଥା ଭାବୁଥିଲି ।"

ପାରିଷଦ ଜଣକ ଏହାଶୁଣି ହସି ପକେଇଲେ। କହିଲେ, "ଆଃ! ତୁମେ ତାହାହେଲେ ନଗରୀର ଆଲୋକମାଳାକୁ ଚାହିଁ ରହୁଥିଲ। ନଗରୀର ଆଲୋକମାନଙ୍କର ଉତ୍ତାପ ହିଁ ହ୍ରଦ ଜଳରେ ତୁମକୁ ଉଷୁମ ରଖୁଥିଲା। ଫଳରେ ତୁମେ ସକାଳ ପର୍ଯ୍ୟନ୍ତ ସହଜରେ ଜୀବିତ ରହିପାରିଲ। ତେଣୁ ତୁମେ ସମ୍ରାଟଙ୍କୁ ଠକିଛ ଓ ସେଥିପାଇଁ ପୁରସ୍କାର ପାଇବା ନିମନ୍ତେ ତୁମେ ହକ୍‌ଦାର ନୁହଁ।" ଏହାଶୁଣି ଧୋବାଟି କାନ୍ଦିକାନ୍ଦି କହିଲା, "ଆଜ୍ଞା, ନଗରୀଟିତ ହ୍ରଦଠାରୁ ଦୁଇମାଇଲ୍ ଦୂରରେ। ଏପରିସ୍ଥଳେ ସେଠାକାର ଆଲୁଅ ମୋତେ ଅବା ଉଷୁମ ରଖିପାରିବ କିପରି ? ଦୟାକରି ପୁରସ୍କାର ପାଇବାରୁ ମୋତେ ବଞ୍ଚିତ କରନ୍ତୁନି ଆଜ୍ଞା !"

ପାରିଷଦ ଜଣକ ସମ୍ରାଟଙ୍କୁ ଚାହିଁ କହିଲେ, "ଜାହାଁପନା, ଏହି ଲୋକଟି ଆପଣଙ୍କ ସହ ପ୍ରତାରଣା କରିଛି। ତେଣୁ ପୁରସ୍କୃତ କରିବା ନିମନ୍ତେ ଜେଲ୍‌ଖାନାରେ ଭର୍ତ୍ତି କରିଦେବା ଉଚିତ ହେବ।"

ଆକବର ହଠାତ୍ କିଛି ନିଷ୍ପତ୍ତି ନେଇ ନପାରି ପାରିଷଦବର୍ଗଙ୍କ ମତାମତ ଚାହିଁଲେ। ଧୋବାକୁ କାରାଦଣ୍ଡ ଦେଲେନି ସିନା, ପୁରସ୍କାର ନଦେଇ ଘରକୁ ଫେରିଯିବାପାଇଁ ଆଦେଶ ଦେଲେ। ଧୋବାଟି କାନ୍ଦୁଣି ମାନ୍ଦୁଣି ହୋଇ ନିଜ ଘରକୁ ବାହୁଡ଼ିଗଲା। ବୀରବଲ ସବୁ ଦେଖିଲେ ଓ ଶୁଣିଲେ। ଗରିବ ଧୋବାଟିକୁ ସାହାଯ୍ୟ କରି ପୁରସ୍କାର ଦିଆଇବା ନିମନ୍ତେ ନିଷ୍ପତ୍ତି ନେଲେ।

ସେହିଦିନ ସଂଧ୍ୟାରେ କ୍ଷୀରି ଖାଇବା ନିମନ୍ତେ ବୀରବଲ ନିମନ୍ତ୍ରଣ ଜଣାଇଲେ ସମ୍ରାଟ ଆକବରଙ୍କୁ ଓ ଆଉ କେଇଜଣ ପାରିଷଦଙ୍କୁ। ସଂଧ୍ୟାବେଳେ ସମ୍ରାଟ, ପାରିଷଦ ଓ ସେହି ଅହଙ୍କାରୀ ଈର୍ଷାଳୁ ପାରିଷଦ ମଧ୍ୟ ପହଞ୍ଚିଗଲେ ବୀରବଲଙ୍କ ଘରେ। ସେମାନେ ସମସ୍ତେ ଥିଲେ ଖୁବ୍ ଭୋକିଲା। ତେଣୁ ବଡ଼ ବ୍ୟଗ୍ର ଭାବରେ ଅପେକ୍ଷାକରି ବସି ରହିଲେ କ୍ଷୀରି ଖାଇବାପାଇଁ।

ବେଶ୍ କିଛି ଡେ଼ରିରେ ବୀରବଲ ଆସି ସେମାନଙ୍କ ପାଖରେ ପହଞ୍ଚିଲେ ଏବଂ କହିଲେ, "ସଜ୍ଜନମାନେ, କ୍ଷୀରି ହାଣ୍ଡି ନିଆଁରେ ବସିଛି। ଆଉ ଅଳ୍ପ ସମୟପରେ କ୍ଷୀରି ପ୍ରସ୍ତୁତ ହୋଇଯିବ।" ଏହାଭିତରେ ଘଣ୍ଟାଟିଏ ବିତିଗଲା। ସମସ୍ତେ ଅସ୍ଥିର ହୋଇପଡ଼ିଲେ। ସମ୍ରାଟ ମଧ୍ୟ ଖୁବ୍ ରାଗିଗଲେ। ସେ ବୀରବଲଙ୍କୁ ଡକେଇ ପଚାରିଲେ, "ବୀରବଲ, ଏସବୁ କଅଣ ଚାଲିଛି ? ସାମାନ୍ୟ କ୍ଷୀରିଟା ମଧ୍ୟ ଦୁଇଘଣ୍ଟା ଭିତରେ ପ୍ରସ୍ତୁତ ହୋଇପାରିଲାନି ? ରାନ୍ଧିବାପାଇଁ ଏତେ ଡେ଼ରି ହେଉଛି କାହିଁକି ?"

ବୀରବଲ ଉତ୍ତରଦେଲେ, "ମଣିମା, ମୁଁ ଭୁଲ ମାଗୁଛି। କ୍ଷୀରି କୌଣସିମତେ ରାନ୍ଧି ହେଉନାହିଁ। କଅଣ କରାଯିବ ମୋତେ କିଛି ବୁଦ୍ଧିବାଟ ଦିଶୁନି। ଆପଣ ଦୟାକରି ଆସି ଟିକିଏ ଦେଖିଯାଇପାରିବେ କି ?"

ସମ୍ରାଟ ଓ ପାରିଷଦମାନେ ବୀରବଲଙ୍କ ପଛେ ପଛେ ଚାଲିଲେ। ବାଡ଼ିପଟେ ଗୋଟିଏ ଗଛତଳେ ନିଆଁ ଜଳୁଥିଲା। ନିଆଁ ଉପରେ କ୍ଷୀରିର ପାତ୍ର ନଥାଇ କ୍ଷୀରି ପାତ୍ରଟି ଝୁଲୁଥିଲା ଗଛଟିର ସବା ଉପରେ ଡାଳରେ, ନିଆଁଠାରୁ ପ୍ରାୟ ଦଶଫୁଟ ଉଚ୍ଚରେ ।



ସମସ୍ତଙ୍କୁ ଅବିଶ୍ୱାସ କରିବାଟା କେବେହେଲେ ବୁଦ୍ଧିମାନର କାମ ନୁହେଁ - ବରଂ ତାକୁ ନିର୍ବୋଧତା ବୋଲି କୁହାଯିବ।

ଏହାକୁ ଦେଖିବାମାତ୍ରେ ସମ୍ରାଟ ଓ ଅନ୍ୟମାନେ ରାଗରେ ଫାଟିପଡ଼ିଲେ। ସମ୍ରାଟ ବଡ଼ ଚଡ଼ାଗଳାରେ ପଚାରିଲେ, "ବୀରବଲ, ତୁମେ କଅଣ ମୋ' ସାଙ୍ଗରେ ଖେଳୁଚ? ମୋତେ ବୋକା ବନେଇବାପାଇଁ ଚାହୁଁଛ?"

ପାରିଷଦ ବର୍ଗ ମଧ୍ୟ ଖୁବ୍ ରାଗିଗଲେ। ସେହି ଅହଙ୍କାରୀ ଈର୍ଷାଳୁ ପାରିଷଦ ଜଣକ କହିଲେ, "ନିଜକୁ ଏତେ ବୁଦ୍ଧିଆ ବୋଲି ଭାବନି ବୀରବଲ। ନିଆଁଁଟରୁ ଏତେ ଉଚ୍ଚରେ କ୍ଷୀରିର ପାତ୍ର ରହିଲେ କ୍ଷୀରିପାତ୍ରରେ ନିଆଁର ଧାସ ଟିକେ ବି ବାଜିବ ଭଲା। ତୁମେ କଅଣ ପାଗଳ ହୋଇଗଲଣି କି ବୀରବଲ?"

ବୀରବଲ ମୃଦୁହସି ତାଙ୍କୁ କହିଲେ, "ଆପଣମାନେ ମୋତେ ଠିକ୍ ଏଇଆ ପଚାରିବେ ବୋଲି ମୁଁ ଆଶା କରିଥିଲି। ଯଦି ନଗରୀର ରାସ୍ତାରେ ଜଳୁଥିବା ଆଲୁଅର ତାପ ଦୁଇମାଇଲ ଦୂରରେ ଥିବା ହ୍ରଦଟିର ଅତି ଥଣ୍ଡାଜଳରେ ଠିଆହୋଇଥିବା ଧୋବାକୁ ଉଷୁମ ରଖିପାରେ, ତେବେ ଜମା ୧୦ଫୁଟ ଉଚ୍ଚତା ଉପରେ ଥିବା ଝୁଲୁଥିବା ପାତ୍ରତଳର ନିଆଁର ତାପପାଇ ସେଥିରେ କ୍ଷୀରି ସିଝିପାରିବନି କାହିଁକି?"

ସମ୍ରାଟ ଓ ସବୁ ପାରିଷଦ ତୁରନ୍ତ ବୁଝିନେଲେ ଯେ, ବୀରବଲ ଏମାନଙ୍କୁ ଏକ ଉଚିତ ଶିକ୍ଷା ଦେଇଛନ୍ତି।

ସମ୍ରାଟ ଈଷତ୍ ହସିଦେଲେ ଏବଂ କହିଲେ, "ବୀରବଲ, ତୁମେ ଖୁବ୍ ବୁଦ୍ଧିଆ। ମୁଁ ଯେଉଁ ଭୁଲ୍ କରିଥିଲି, ତୁମେ ପୁଣି ମୋ'ଭୁଲ୍ ଦର୍ଶେଇ ଦେଇ ମୋ'ର ଆଖି ଖୋଲିଦେଲ। ତୁମେ ଠିକ୍ କହିଛ। ମୁଁ ସେହି ପାରିଷଦ ଜଣଙ୍କର କଥାକୁ ବିଶ୍ୱାସ କରିବାର ନଥିଲା। ସେହି ଗରିବ ଧୋବାଟି ପୁରସ୍କାର ପାଇବା ନିମନ୍ତେ ସଂପୂର୍ଣ୍ଣ ହକ୍‌ଦାର।"

ସମସ୍ତଙ୍କୁ ବୁଦ୍ଧି ଶିଖେଇସାରି ବୀରବଲ ଘରେ ପୂର୍ବରୁ ରନ୍ଧାହୋଇ ରଖାଯାଇଥିବା କ୍ଷୀରିରେ ସମସ୍ତଙ୍କୁ ଆପ୍ୟାୟିତ କରିଥିଲେ ଓ ସମସ୍ତେ ପେଟ ପୂରେଇ ଖାଇ ବାହୁଡ଼ି ଯାଇଥିଲେ ନିଜ ନିଜ ଘରକୁ।

ପରଦିନ ସକାଳେ ସମ୍ରାଟ ଧୋବାକୁ ଦରବାରକୁ ଡକେଇ ପଠେଇଲେ। ସେ ପହଞ୍ଚିବା ପରେ ତା'କୁ ପ୍ରଦାନ କଲେ ପାଞ୍ଚହଜାର ସ୍ୱର୍ଣ୍ଣମୁଦ୍ରାର ପୁରସ୍କାର ।

ଧୋବାଟି ବୀରବଲଙ୍କ ପାଦତଳେ ମୁଣ୍ଡିଆମାରି କହିଲା, "ମହାଭାଗ, ଭଗବାନ ଆପଣଙ୍କ ଭଳି ଲୋକଙ୍କୁ ବହୁ ସଂଖ୍ୟାରେ ଏହି ସଂସାରକୁ ପଠେଇ ପାରିଲେ ସଂସାରର ଅଶେଷ ମଙ୍ଗଳ ହୋଇପାରନ୍ତା!"

'ଅଭୀପ୍ସା'
ସେକ୍ଟର - ୬, ପ୍ଲଟ୍ ନଂ - ୧୧୩୧
ଅଭିନବ ନିବାସୀ,
କଟକ - ୭୫୩୦୧୪



# ସର୍ଦ୍ଦାର ବଲ୍ଲଭଭାଇ ପଟେଲ

ଲୌହମାନବ ଭାବେ ପରିଚିତ ସର୍ଦ୍ଦାର ପଟେଲ। ସେ ୧୮୭୫ ମସିହା ଅକ୍ଟୋବର ୩୧ ତାରିଖରେ ଗୁଜୁରାଟ ରାଜ୍ୟର ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ଦୃଢ଼ ସଂକଳ୍ପ ବଳରେ ଭାରତରେ ୫୬୫ଟି ସ୍ୱାଧୀନ ଗଡ଼ଜାତ ରାଜ୍ୟ ମିଶିଥିଲେ। ସର୍ଦ୍ଦାର ପଟେଲଙ୍କର ଦୁଇଟି ବିଶେଷତ୍ୱ ଥିଲା - ବିଶ୍ୱାସ ଏବଂ ସଚ୍ଚୋଟତା। ସେ ଜଣେ କୃଷକର ପୁତ୍ର ଥିଲେ। ରାଜସ୍ୱ ପ୍ରସଙ୍ଗକୁ ନେଇ ୧୯୨୮ରେ ସେ ବଦ୍ରୋଲି ଋଷୀ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଶେଷରେ ଚାଲିଥିବା ଆନ୍ଦୋଳନ ସଫଳ ହେଲା ଏବଂ ସରକାର ଚାପର ବଶବର୍ତ୍ତୀ ହୋଇ ରାଜସ୍ୱ କରରେ ପରିବର୍ତ୍ତନ କଲେ। ପଟେଲଙ୍କୁ ୧୯୯୧ ମସିହାରେ ମରଣୋତ୍ତର ଭାରତ ରତ୍ନ ଉପାଧିରେ ସମ୍ମାନିତ କରାଯାଇଥିଲା। ତାଙ୍କ ଜନ୍ମଜୟନ୍ତୀକୁ ରାଷ୍ଟ୍ରୀୟ ଏକତା ଦିବସ ରୂପେ ପାଳନ କରାଯାଉଛି। ଭାରତ ସରକାର ପଟେଲଙ୍କ ସମ୍ମାନରେ ପୃଥିବୀର ସବୁଠାରୁ ଉଚ୍ଚ ପ୍ରତିମା 'ଷ୍ଟେଚ୍ୟୁ ଅଫ୍ ୟୁନିଟି' (୧୮୨ ମିଟର ଉଚ୍ଚ) ଗୁଜୁରାଟ ରାଜ୍ୟର ନର୍ମଦା ଜିଲ୍ଲାରେ ସର୍ଦ୍ଦାର ସରୋବର ଡ୍ୟାମ୍ ସନ୍ନିକଟ ସାଧୁବେଟ୍ ନାମକ ଏକ ଦ୍ୱୀପରେ ନିର୍ମାଣ କରିଛନ୍ତି। ୧୯୫୦ ମସିହା ଡିସେମ୍ବର ୧୫ ତାରିଖ ଦିନ ଏଭଳି ଏକ ମହାନ୍ ନାୟକଙ୍କର ଦେହାବସାନ ଘଟିଥିଲା।



ଅତ୍ୟାଚାର ସହିବା ବରଂ ସହଜ, ଅପମାନ ସହିବା କଷ୍ଟ।

# ସ୍ୱଭାବ

ଅଜୟ କୁମାର ସାହୁ

"ପ୍ରକୃତିଂ ଯାନ୍ତି ଭୂତାନିଂ" ଅର୍ଥାତ ସ୍ୱଭାବ ବା ସିଦ୍ଧାନ୍ତକୁ ସମ୍ମୁଖରେ ରଖି ସମସ୍ତ କର୍ମ କରାଯାଏ (ଗୀତା - ୩/୩୩) । ସମସ୍ତପ୍ରାଣୀ ଏପରିକି ଜ୍ଞାନୀ ମହାପୁରୁଷ ମଧ୍ୟ ନିଜ ପ୍ରସ୍ତୁତି ଅନୁସାରେ କାର୍ଯ୍ୟରନ୍ତି । ସ୍ୱଭାବ ଦୁଇ ପ୍ରକାରର । ରାଗ ଦ୍ୱେଷ ରହିତ ଏବଂ ରାଗ ଦ୍ୱେଷ ମୁକ୍ତ । ରାସ୍ତାରେ ଗଲାବେଳେ କୌଣସି ବିଜ୍ଞାପନ ଆମ ଆଖିରେ ପଡ଼ିଲେ ଯଦି ଆମେ ତାହା ପଢ଼ିଲେ ତେବେ ସେହି ବିଜ୍ଞାପନକୁ ଆମେ ରାଗ ଦ୍ୱେଷ ବା ସିଦ୍ଧାନ୍ତ ଅନୁଯାୟୀ ପଢ଼ିନଥାଉ ବରଂ ରାଗ ଦ୍ୱେଷ ରହିତ ସ୍ୱଭାବ ଦ୍ୱାରା ସ୍ୱତଃ ପଢ଼ିଥାଉ । କୌଣସି ବନ୍ଧୁଙ୍କ ପତ୍ରପାଇ ଆମେ ଦ୍ୱେଷ ରହିତ ସ୍ୱଭାବରେ ପଢ଼ିଥାଉ କିନ୍ତୁ ଶତ୍ରୁଙ୍କ ପତ୍ର ପାଇଲେ ଦ୍ୱେଷ ପୂର୍ବକ ପଢ଼ିଥାଉ । ଏଣୁ ଏହି ପଢ଼ିବା କାର୍ଯ୍ୟ ରାଗ ଦ୍ୱେଷ ମୁକ୍ତ ସ୍ୱଭାବ ଦ୍ୱାରା ହେଲା । ଏହିଭଳି ଦେଖିବା, ଶୁଣିବା, ଶୁଙ୍ଘିବା, ସ୍ପର୍ଶ କରିବା ଆଦି ସମସ୍ତ କ୍ରିୟା ସ୍ୱଭାବ ଓ ସିଦ୍ଧାନ୍ତ ଅନୁସାରେ ହୁଏ । ରାଗ ଦ୍ୱେଷ ସ୍ୱଭାବ ଦୋଷାବହ ନୁହେଁ ବରଂ ରାଗ ଦ୍ୱେଷ ଯୁକ୍ତ ସ୍ୱଭାବ ଦୋଷାବହ । ରାଗ ଦ୍ୱେଷ ପୂର୍ବକ ଯେଉଁ କ୍ରିୟା ହୁଏ ତାହା ମନୁଷ୍ୟକୁ ବାନ୍ଧିଦିଏ, କାରଣ ଏହାଦ୍ୱାରା ସ୍ୱଭାବ ଅଶୁଦ୍ଧି ହୋଇଥାଏ । ଅପରପକ୍ଷେ ସିଦ୍ଧାନ୍ତ ପୂର୍ବକ ଯେଉଁ କ୍ରିୟା ହୁଏ ତାହା ଉଦ୍ଧାରକାରକ ହୋଇଥାଏ, କାରଣ ଏହାଦ୍ୱାରା ସ୍ୱଭାବ ଶୁଦ୍ଧ ହୋଇଥାଏ । ସ୍ୱଭାବ ଅଶୁଦ୍ଧି ହେବାରୁ ସଂସାର ସଙ୍ଗେ ଥିବା ସ୍ୱୀକୃତ ସମ୍ବନ୍ଧ ଛିନ୍ନ ହୁଏନାହିଁ, ସ୍ୱଭାବ ଶୁଦ୍ଧ ହେଲେ ସଂସାର ସହିତ ସ୍ୱୀକୃତ ସମ୍ବନ୍ଧ ସହଜରେ ଛିନ୍ନ ହୋଇଯାଏ ।

କର୍ତ୍ତୃତ୍ୱ -

କର୍ତ୍ତୃତ୍ୱାଭିମାନ ନଥିବାରୁ ଜ୍ଞାନୀ ମହାପୁରୁଷଙ୍କର ସମସ୍ତ କ୍ରିୟା ତାଙ୍କର ତଥାକଥିତ ଶରୀରଦ୍ୱାରା ସ୍ୱତଃ ହୁଏ । ଲୋଭୀ ପୁରୁଷ ଯେପରି ସର୍ବଦା କ୍ଷତି ପ୍ରତି ସାବଧାନ ଥାଏ, ସାଧକ ସେହିପରି ରାଗ ଦ୍ୱେଷ ପୂର୍ବକ କାର୍ଯ୍ୟପ୍ରତି ସାବଧାନ ଥାଏ । ଏପରି ସାବଧାନ ରହିଲେ ସାଧକର ସ୍ୱଭାବ ଖୁବ୍‌ଶୀଘ୍ର ଶୁଦ୍ଧ ହୁଏ । ପରିମାଣ ସ୍ୱରୂପ ସେ କର୍ମ ବନ୍ଧନରୁ ମୁକ୍ତ ହୋଇଯାଏ । ସମସ୍ତ କ୍ରିୟା ସ୍ୱାଭାବିକ ଭାବେ ପ୍ରକୃତିଦ୍ୱାରା ହେଉଥିଲେ ବି ଅଜ୍ଞାନ ପୁରୁଷ କ୍ରିୟାଗୁଡ଼ିକ ସହିତ ନିଜର ସମ୍ବନ୍ଧ ସ୍ୱୀକାର କରି ନିଜକୁ ସେହି କ୍ରିୟାଗୁଡ଼ିକର କର୍ତ୍ତା ମନେକରେ (ଗୀତା - ୩/୨୭) । ଯେଉଁ ସାଧକ ପ୍ରକୃତି ସହିତ ସମ୍ବନ୍ଧ ସ୍ୱୀକାର କରେନାହିଁ, ସେ ନିଜକୁ ସର୍ବଦା ଅକର୍ତ୍ତା ଦେଖେ । ପ୍ରାକୃତ ପଦାର୍ଥ ପ୍ରତି ରାଗ (ଆସକ୍ତି) ହିଁ ସ୍ୱଭାବର ପ୍ରଧାନଦୋଷ । ସ୍ୱଭାବରେ ରାଗ ଥିବା ପର୍ଯ୍ୟନ୍ତ ଅଶୁଦ୍ଧ କର୍ମ ହେଉଥାଏ ।

ଅନ୍ତଃକରଣରେ ରାଗ ଦ୍ୱେଷ ନଥିବାରୁ ଜ୍ଞାନୀ ମହାପୁରୁଷ ପ୍ରକୃତି ନିର୍ଦ୍ଦୋଷ ହୋଇଥାଏ ଏବଂ ସେ ପ୍ରକୃତିରେ ବଶୀଭୂତ ହୋଇନଥାନ୍ତି । ତଥାପି ନିଜ ପ୍ରକୃତି (ସ୍ୱଭାବ) ଅନୁସାରେ ସମସ୍ତ ଚେଷ୍ଟା କରନ୍ତି । ଯେଉଁ ମହାପୁରୁଷଙ୍କର ପ୍ରକୃତିରୁ ସମ୍ବନ୍ଧ ବିଚ୍ଛେଦ ହୋଇଯାଇଛି - ସେମାନଙ୍କଠାରେ ସ୍ୱଭାବଗତ ଭିନ୍ନତା ଥିଲେ ମଧ୍ୟ ପରବଶତା ନଥାଏ । କିନ୍ତୁ ଯେଉଁମାନଙ୍କର ପ୍ରକୃତିରୁ ସମ୍ବନ୍ଧ ବିଚ୍ଛେଦ ହୋଇନାହିଁ - ସେମାନଙ୍କଠାରେ ସ୍ୱଭାବଗତ ଭିନ୍ନତା ଓ ପରବଶତା ଉଭୟ ଥାଏ । ଯାହାଙ୍କର ସ୍ୱଭାବ ଅତୀବ ପବିତ୍ର ଓ ଶ୍ରେଷ୍ଠ ତାଙ୍କ କ୍ରିୟାଗୁଡ଼ିକ ଯଦି ନିଜ ସ୍ୱଭାବ ଅନୁସାରେ ହୁଏ ତେବେ ଅଶୁଦ୍ଧ (ରାଗ-ଦ୍ୱେଷ) ସ୍ୱଭାବମୁକ୍ତ ମନୁଷ୍ୟଙ୍କର କ୍ରିୟାଗୁଡ଼ିକ ପ୍ରକୃତି ଅନୁସାରେ ହେବା ସ୍ୱାଭାବିକ । ଯାହାର ଯେପରି ସ୍ୱଭାବ ତାକୁ ସେହି ଅନୁସାରେ କର୍ମ କରିବାକୁ ପଡ଼ିବ । ସ୍ୱଭାବ ଅଶୁଦ୍ଧ ଥିଲେ ତାହା ମନୁଷ୍ୟକୁ ଅଶୁଭ କର୍ମରେ ଲଗାଇଥାଏ ଏବଂ ଶୁଦ୍ଧ ଥିଲେ ଶୁଭ କର୍ମରେ ଲଗାଇଥାଏ ।

ପ୍ଲଟ୍ ନଂ - ଏନ୍ ୫/୨୨୩
ଆଇ.ଆଇ.ସି ଭିଲେଜ
ଭୁବନେଶ୍ୱର

## ବନ୍ଧା କୋବି ମାଂସ

ସୌମିତ୍ରା ହରିଚନ୍ଦନ

**ଆବଶ୍ୟକ ସାମଗ୍ରୀ :** ୫୦୦ ଗ୍ରାମ ମାଂସ (ଖାସି / କୁକୁଡ଼ା), ୧ ଗୋଟା ମଧ୍ୟମ ସାଇଜର ବନ୍ଧାକୋବି, ୨/୩ଟି ବଡ ପିଆଜ, ୨ଟି ରସୁଣ, ୧ ଖଣ୍ଡ ଅଦା, ୫/୬ ଟି ଲଙ୍କା, ୧ ଚାମଚ ଜିରା, ୧ ଚାମଚ ଧନିଆ, ୨/୩ଟି ତେଜ ପତ୍ର, ୧୦୦ ଗ୍ରାମ ସୋରିଷ ତେଲ, ୧ ଟେବୁଲ ଚାମଚ ଗୁଆ ଘିଅ, ୨ ଖଣ୍ଡ ଡାଲିଚିନି, ୩/୪ ଟି ଗୁଜୁରାତି ଓ ଦରକାର ମୁତାବକ ଲୁଣ ଓ ହଳଦୀ ।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ପିଆଜକୁ ପତଳା ୨ କରିକାଟି ରଖିବେ । ଅଦା, ଧନିଆ, ଜୀରା ଓ ଡାଳଚିନି କୁ ବାଟି ରଖିବେ । ରସୁଣକୁ ଛେଚି କି ରଖିବେ । ତାପରେ ଚୂଲୀରେ କଡାଇ ବସାଇ ତେଲ ଗରମ କରିବେ । ତେଲ ଗରମ ହୋଇ ଆସିଲେ ରସୁଣ ଛେଚା ପକାଇ ଭାଜିବେ । ଏହା ନାଲି ହୋଇଆସିଲେ ଏଥିରେ ପିଆଜ କଟା, ତେଜପତ୍ର, ମସଲା ବଟା ଓ ଆବଶ୍ୟକ ଅନୁସାରେ ଲୁଣ ଓ ହଳଦୀ ପକାଇ କଷିବେ । ମସଲା ଗୁଡିକ ଭାଜି ହୋଇଗଲେ ମାଂସ ପକାଇ କଷିବେ, ମଝିରେ ମଝିରେ ଏହାକୁ ଢାଙ୍କି ଦେଉଥିବେ । ମାଂସ ଅଧା କଷା ହୋଇଆସିଲେ ଏଥିରେ କଟା ବନ୍ଧାକୋବି ପକାଇ କଷିବେ, ଦେଖିବେ ମାଂସ ଓ ବନ୍ଧାକୋବି ସିଝି ଭଜା ଭଜା ହୋଇ ଆସିଲେ ଘିଅ ଓ ଗୁଜୁରାତି ଗୁଣ୍ଡ ପକାଇ ଘୋଡଣି ଦେଇଦେବେ ଏବଂ ଗ୍ୟାସ ବନ୍ଦକରି ଦେବେ । ଏବେ ଗରମ ଗରମ ଖାଇବା ଆରମ୍ଭ କରନ୍ତୁ । ଏହା ରୁଟି ରେ ଖାଇବାକୁ ବହୁତ ଭଲ ଲାଗେ ।



ଅପେକ୍ଷା କରି ରହିବାର କଳା ଯେଉଁ ଲୋକ ହାସଲ କରିଛି ସେ ଅନେକ କଥା ପାଇପାରିଛି ।

# ଆସ ମଣିଷ ହେବା

ତ୍ରିଲୋଚନ ମହାପାତ୍ର

କାହାଣୀଟିଏରୁ କଥାଟି ଆରମ୍ଭ କରିବା। ଜଣେ ଜମିଦାର ତୀର୍ଥକ୍ଷେତ୍ରକୁ ଯାଇ ଗୋଟିଏ ଧର୍ମଶାଳାରେ ଅବସ୍ଥାନ କରୁଥିଲେ। ସେଠାରେ ଗୋଟିଏ ମାତ୍ର ଶୌଚାଳୟ। ଜମିଦାର ଶୌଚ ହେବାକୁ ଯାଇ ବହୁତ ସମୟ ଅପେକ୍ଷା କରୁଥିଲେ। ତେଣୁ ସେ ଦିନେ ସେବକଙ୍କୁ କହିଲେ - ଶୌଚାଳୟ ନିକଟରେ କେତେ ମଣିଷ ଅପେକ୍ଷା କରିଛନ୍ତି ଦେଖି ଆସିଲୁ। ସେବକ ଦେଖି ଆସି କହିଲେ ଜଣେ ମାତ୍ର ମଣିଷ ଅଛନ୍ତି। ଜମିଦାର ସଙ୍ଗେ ସଙ୍ଗେ ଯାଇ ସେଠାରେ ପହଞ୍ଚି ଦେଖିଲେ - ଗୋଟିଏ ଲମ୍ବାଧାଡ଼ି। ବିରକ୍ତ ହୋଇ ସେ ସେବକଙ୍କୁ କହିଲେ - ଜଣେ ମଣିଷ ଅଛନ୍ତି ବୋଲି କହୁଥିଲୁ ନା, ଏଠି ତ ଲମ୍ବାଧାଡ଼ି। ସେବକ ଅତି ବିନୀତ ଭାବରେ କହିଲେ - ଆଜ୍ଞା ସେଠାରେ ଝାଡୁ ମାରୁଥିବା ବ୍ୟକ୍ତି ଜଣଙ୍କୁ ଦେଖନ୍ତୁ। ଆସିବା ଦିନରୁ ମୁଁ ଦେଖୁଛି ସେ ଶୌଚାଳୟ ଚାରିପଟ ଓ ପାଣିନାଳଟିକୁ ସଫା କରୁଛନ୍ତି। ସେହି ଜଣକ ହିଁ ମଣିଷ। ଅନ୍ୟ ସମସ୍ତ ଲୋକ।

ଜମିଦାର ସେବକର ପିଠି ଥାପୁଡ଼େଇ କହିଲେ - ଠିକ୍ କହିଛୁ। ସମସ୍ତେ ମଣିଷ ଜନ୍ମ ପାଇଛନ୍ତି ସତ, ହେଲେ ଏମାନଙ୍କ ମଧ୍ୟରୁ କେଉଁମାନେ ମଣିଷ ଏବଂ କେଉଁମାନେ ଲୋକ ଏହା ନିର୍ଣ୍ଣୟ କରିବାକୁ ପଡ଼ିବ।

ଆଜକୁ ଅଢ଼େଇ ହଜାରରୁ ଉର୍ଦ୍ଧ୍ୱ ବର୍ଷ ତଳର କଥା। ସମାଜରେ ହିଂସା, ଦ୍ୱେଷ, ଅଶିକ୍ଷା, ଅନ୍ଧବିଶ୍ୱାସ ଓ କୁସଂସ୍କାର ଭରି ରହିଥିଲା। ରାଜ୍ୟଗୁଡ଼ିକ ମଧ୍ୟରେ ଯୁଦ୍ଧ, ରକ୍ତପାତ ଲାଗି ରହିଥିଲା। ଏହା ବ୍ୟଥିତ କରିଥିଲା ଜଣେ ରାଜପୁତ୍ରଙ୍କୁ। ଏଥିରୁ ମୁକ୍ତି ପାଇବାର ମାର୍ଗ ଖୋଜିବା ଲାଗି ସେ ବାହାରିପଡ଼ିଲେ। ରାଜ୍ୟ, ରାଜସିଂହାସନ, ରାଜଭୋଗ, ମାତାପିତା, ସ୍ତ୍ରୀ ଓ କୋମଳ ଶିଶୁପୁତ୍ରର ମୋହ ତୁଟାଇଲେ। ବର୍ଷ ବର୍ଷଧରି ସାଧନାରେ ନିବିଷ୍ଟ ରହିଲେ। ବେଦ, ଉପନିଷଦ, ପୁରାଣ ଶାସ୍ତ୍ର ଅଧ୍ୟୟନ କଲେ। ମୁକ୍ତିପଥର ସଂଧାନ ମିଳିଲା। ସେ ସିଦ୍ଧାନ୍ତରେ ଉପନୀତ ହେଲେ ଯେ, ସତ୍ୟ, ଶାନ୍ତି, ଅହିଂସା, ଜୀବେଦୟା ଆଦି ମହତ କାର୍ଯ୍ୟଦ୍ୱାରା ସମାଜର ହିତସାଧନ ହୋଇପାରିବ। ଗୀତାର ମହତବାଣୀ - କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନକୁ ସେ ସରଳ ଭାବରେ ବୁଝାଇଦେଲେ - କାମନାର ବିନାଶରେ ଦୁଃଖର ବିନାଶ।

ମଣିଷ କଥା ପଡ଼ିଲେ ମନକୁ ଆସନ୍ତି ଉତ୍କଳଗୌରବ ମଧୁସୂଦନ ଦାସ। ଦିନେ ସେ ସକାଳ ବୁଲା ସାରି ଘରକୁ ଫେରିଲେ। ତାଙ୍କ ଦୁଆରେ କେତେଜଣ ମହିଳା ପିଲାଛୁଆ ଧରି ଠିଆ ହୋଇଥାନ୍ତି। ହାତରେ ମାଟିଘଡ଼ି। ସେବକ ମଦନକୁ ଏମାନେ ଆସିବାର କାରଣ ପଚାରିଲେ। ଲୁଚା ଘଟଣାଟି ଧରାପଡ଼ିଯାଇଥିବା ଭୟରେ ମଦନ ଅତମତ ହୋଇ କହିଲେ - ଆପଣଙ୍କର ପଇସାପତ୍ର ଅଭାବ। ଏମାନଙ୍କୁ କ୍ଷୀର ବିକି ମୁଁ ଗୋରୁଙ୍କ ପାଇଁ ଦାନା କିଣୁଛି। ମଧୁବାବୁଙ୍କୁ କଥାଟା ଭାରି ବାଧିଲା। ଗରିବ ଲୋକଙ୍କୁ ସେ କ୍ଷୀର ବିକିବେ! ସେମାନଙ୍କୁ ପ୍ରତିଦିନ ମାଗଣାରେ କ୍ଷୀର ଦେବାଲାଗି ମଦନଙ୍କୁ ନିର୍ଦ୍ଦେଶ ଦେଲେ।

ମନ୍ତ୍ରୀମାନେ ଜନତାର ସେବକ। ରାଜକୋଷରୁ ସେମାନେ ଦରମା ନେବା ଅନୁଚିତ। ତାଙ୍କର ଏହି ପ୍ରସ୍ତାବଟି ବିହାର - ଓଡ଼ିଶା ଆସେମ୍ବ୍ଲିରେ ଗୃହୀତ ନହେବାରୁ ସେ ମନ୍ତ୍ରୀପଦ ତ୍ୟାଗକଲେ।

ଅଂଧାର ରାତି, ଭୀଷଣ ବର୍ଷା। କଇଁ କଇଁ କାନ୍ଦ ଶୁଣି ଆଚାର୍ଯ୍ୟ ହରିହରଙ୍କ ନିଦ ଭାଙ୍ଗିଗଲା। ବାହାରକୁ ଆସିଲେ। ବିଜୁଳି ଆଲୁଅରେ ଦେଖିଲେ ଆପଣେ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ବାରଣ୍ଡା କାନ୍ଥକୁ ଆଉଜି ବସି କାନ୍ଦୁଛନ୍ତି। ଆଚାର୍ଯ୍ୟ ମହାଶୟ ପାଖରେ ବସି କାନ୍ଦିବାର କାରଣ ପଚାରିଲେ। ଆପଣେ କହିଲେ - କାଲି ବନ୍ୟାଞ୍ଚଅଞ୍ଚଳକୁ ଯାଇଥିଲି। ସେଠାରେ ଲୋକମାନେ ନଈବନ୍ଧରେ, ଖୋଲାଆକାଶ ତଳେ ପିଲାଛୁଆ, ଗୋରୁଗାଈ ଧରି ଆଶ୍ରୟ ନେଇଥିଲେ। ଏଇ ପ୍ରବଳ ବର୍ଷାଯୋଗୁ ସେମାନେ, ବିଶେଷକରି ପିଲାଛୁଆଗୁଡ଼ିକ କି କଷ୍ଟଭୋଗୁଥିବେ।

କୋହ ଉଠିଲା। ଆଉ କହିପାରିଲେନି। ଦରଦୀ ହୃଦୟର ସେହି ବିରଳ ମଣିଷଙ୍କ କାନ୍ଦରେ ଆଚାର୍ଯ୍ୟ ମହାଶୟଙ୍କ ଆଖି ଲୁହରେ ଭରିଗଲା।

ଅନ୍ୟ ଜଣେ ମଣିଷ ନବକୃଷ୍ଣ ଚୌଧୁରୀ। ୧୯୪୬ - ୪୮, ଦୁଇବର୍ଷ ରାଜସ୍ୱମନ୍ତ୍ରୀ, ୧୯୫୦ - ୫୬ ଛ'ବର୍ଷ ମୁଖ୍ୟମନ୍ତ୍ରୀ ଥିଲେ। ପଦତ୍ୟାଗ ବେଳକୁ ରାଜଧାନୀରେ ଘରଟିଏ କି ଜାଗା ଖଣ୍ଡିଏ ନଥିଲା। ଏମିତିକି ନିଜର ଗାଡ଼ିଟିଏ ନଥିଲା। ସମ୍ପତ୍ତି ବୋଇଲେ ଝୁଲାମୁଣିରେ କିଛି ତୁଳା ଓ ଅରଟ। ବସାରେ କେତୋଟି ଫୁଲକୁଣ୍ଡ ଓ ଗାଈ। ମୁଖ୍ୟସଚିବ ତାଙ୍କ ଗାଡ଼ିରେ ଆଣି ଭୁବନେଶ୍ୱର ଷ୍ଟେସନରେ ଛାଡ଼ିଲେ। ସେଠାରୁ ରେଳରେ ଢେଙ୍କାନାଳ, ସେଠାରୁ ବସ୍‌ରେ ଅନୁଗୁଳ, ବସ୍‌ଷ୍ଟାଣ୍ଡରୁ ଚାଲିଚାଲି କର୍ମକ୍ଷେତ୍ର ବାଜିରାଉତ ଛାତ୍ରାବାସ।

ଜଣେ କିଶୋର ନଦୀପାର ହେବାଲାଗି ନାଉରୀକୁ ଦେବାପାଇଁ ପାଖରେ ପଇସାଟିଏ ନଥିଲା। ପହଁରି ପହଁରି ପୂରନ୍ତା ନଈ ପାରହେଲେ। ନିଜର ନିଷ୍ଠା ଓ ସାଧନା ବଳରେ ସେ ହେଲେ ଆମ ଦେଶର ରେଳମନ୍ତ୍ରୀ ଏବଂ ପରେ ପ୍ରଧାନମନ୍ତ୍ରୀ - ଆମର ପ୍ରିୟ ଲାଲ ବାହାଦୂର ଶାସ୍ତ୍ରୀ ।

ଗୋଟିଏ ବଡ ରେଳ ଦୁର୍ଘଟଣା ଘଟିଲା। ବହୁଲୋକ ମୃତାହତ ହେଲେ। ରେଳ ବିଭାଗର ମନ୍ତ୍ରୀ ଭାବରେ ଏହାର ଦୋଷ ନିଜ ମୁଣ୍ଡକୁ ନେଇ ମନ୍ତ୍ରୀପଦରୁ ଇସ୍ତଫା ପ୍ରଦାନ କଲେ।

ବହୁ ମଣିଷଙ୍କ କୃତି ଓ କୀର୍ତ୍ତି ଆମ ଆଗରେ ରହିଛି। ଉଚ୍ଚାରଣରେ ଆମେ ତାଙ୍କ ଗୁଣଗାନ କରୁଛୁ। ଆସନ୍ତୁ, ସେସବୁକୁ ଆଚରଣରେ ପ୍ରତିଫଳିତ କରି ଆମେ ବି ମଣିଷ ହେବା ।

ଜଟଣୀ
ମୋ - ୯୯୩୮୯୯୪୮୨୨



ଅଭିଯୋଗଭରା ଜୀବନ କେବେହେଲେ ସନ୍ତୋଷ ଦିଏନାହିଁ।

# ସମ୍ବାଦ ବିଚିତ୍ରା

୧. ଆମେରିକାରୁ ଭାରତକୁ ୨୪୮ଟି ପ୍ରାଚୀନ କୀର୍ତ୍ତି (ମୂର୍ତ୍ତି ଓ କୀର୍ତ୍ତି) ପ୍ରାୟ ୧୫ ନିୟୁତ ଡଲାରର ଫେରସ୍ତ ହୋଇଛି।

୨. ୨୦୧୯ ତୁଳନାରେ ଓଡ଼ିଶାରେ ଆତ୍ମହତ୍ୟା ୨୧% ବୃଦ୍ଧି ପାଇଛି।

୩. ବିଶ୍ୱର ଜନସଂଖ୍ୟା ପାଖାପାଖି ୮୦୦ ଶହ କୋଟି।

୪. ଡକ୍ଟର ନାରାୟଣ ମହାନ୍ତି ଚଳିତବର୍ଷ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପ୍ରଭା ପଟେଲ ରମ୍ୟ ରଚନା ଓ ଲଳିତ ନିବନ୍ଧ ସମ୍ମାନ ପାଇବେ।

୫. ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ସାରଦା ସ୍କୁଲ ସଂଯୋଗ କାର୍ଯ୍ୟକ୍ରମ "ମୋବାଇଲ୍ ସ୍କୁଲ ଇନ୍ ଏ ଭ୍ୟାନ୍" କୁ ପତାକା ହଲାଇ ଶୁଭାରମ୍ଭ କରିଛନ୍ତି।

୬. କରୋନା ମହାମାରୀ ସଂକ୍ରମଣକୁ ରୋକିବାପାଇଁ ନଭେମ୍ବର ୩୦ ପର୍ଯ୍ୟନ୍ତ କୋଭିଡ୍ କଟକଣା ବୃଦ୍ଧି କରାଯାଇଛି।

୭. ଗ୍ରୀଡ୍ କୋ କୁ ରିଲାଏନ୍ସ କଂପାନୀ ୪୨୩୪ କୋଟି ଟଙ୍କାର କ୍ଷତିପୂରଣ ଦେବାପାଇଁ ରାଜି ହୋଇଛି।

୮. ଫେସ୍‌ବୁକ୍ ତା'ର ନାଁ ବଦଳାଇ "ମେଟା" ରଖିବା ପାଇଁ ସ୍ଥିର କରିଛି।

୯. କାନାଡ଼ାର ପ୍ରତିରକ୍ଷା ଗାଦୀ ସଂମ୍ଭାଳିବାରେ ପ୍ରଥମ ହିନ୍ଦୁ ମହିଳା ଅନୀତା ଆନନ୍ଦ ଇତିହାସ ସୃଷ୍ଟି କରିଛନ୍ତି।

୧୦.ଭୂପୃଷ୍ଠରୁ ଭୂପୃଷ୍ଠକୁ ଅଗ୍ନି - ୫ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ସଫଳତାର ସହିତ ଉତ୍‌କ୍ଷେପଣ କରାଯାଇଛି।

୧୧.ନଭେମ୍ବର ୧ ତାରିଖଠାରୁ ଶିମିଳିପାଳ ଅଭୟାରଣ୍ୟ ଖୋଲଛି।

୧୨.ଶ୍ରୀ ମନ୍ଦିର ଭିତରକୁ ପଶ୍ଚିମଦ୍ୱାର ଦେଇ ନଭେମ୍ବର ୧ ତାରିଖରୁ ପୁରୀ ପୌରାଞ୍ଚଳ ବାସୀ ଦେବ ଦର୍ଶନ କରିପାରିବେ।

୧୩. ଓଡ଼ିଶା ରାଜ୍ୟ ସରକାର ଡିସେମ୍ବର ମାସ ଭିତରେ ୧୬,୦୦୦ ଶିକ୍ଷକଙ୍କୁ ନିଯୁକ୍ତି ଦେବେ।

୧୪.କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନଶୁଖ୍ ମାଣ୍ଡବ୍ୟ, ନଭେମ୍ବରରୁ ଘର ଘର ବୁଲି କରୋନା ଟିକା ଦିଆଯିବ ବୋଲି ଘୋଷଣା କରିଛନ୍ତି।

୧୫.ନଭେମ୍ବର ୨୯ ରୁ ସଂସଦର ଶୀତକାଳିନ ଅଧିବେଶନ ଆରମ୍ଭ ହେବ।

୧୬."ଶ୍ରୀକ୍ଷେତ୍ରରୁ ସାହି ଯାତ" - କୁ ୬୭ ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ ନିର୍ମାତା ନିର୍ଦ୍ଦେଶକୁ ଆଶୁତୋଷ ପଟ୍ଟନାୟକ ପୁରସ୍କୃତ ହୋଇଛନ୍ତି।

୧୭.ପାରମିତା ଶତପଥିଙ୍କୁ ସାରଳା ପୁରସ୍କାର, ଜଗଦୀଶ କାନୁନ୍‌ଗୋ ଇଲା ବଂଶୀଧର ପଣ୍ଡା କଳା ସମ୍ମାନରେ ସମ୍ମାନୀତ କରାଯାଇଛି।

୧୮.ଓଡ଼ିଶା ରାଜ୍ୟର ୩୪ଟି ଶିଶୁ ଅନୁକୂଳ ପୋଲିସ୍ ଷ୍ଟେସନ୍ ଖୋଲାଯିବ ବୋଲି ସରକାର ଘୋଷଣା କରିଛନ୍ତି।

୧୯.୨୦୨୨ ଆଇ.ପି.ଏଲ୍. ରେ ଦଶଟି ଦଳ ଭାଗ ନେବେ ।

୨୦.କେନ୍ଦ୍ର ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ପ୍ରାର୍ଥୀମାନଙ୍କର ନିଜସ୍ୱ କ୍ୟାର୍ଡ଼ର ମନୋନୟନ କରିବାର କୌଣସି ଅଧିକାର ନାହିଁ ବୋଲି ସୁପ୍ରିମକୋର୍ଟ ମନ୍ତବ୍ୟ ଦେଇଛି।

୨୧.ଓଡ଼ିଶାରେ ତିନିବର୍ଷରେ ୨୫୧ ପୁଅ ଓ ୩୧୬ ଝିଅ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରାଯାଇଛି ଏବଂ "କାରା" ପୋର୍ଟାଲରେ ଦିନକୁ ଦିନ ଆହୁରି ଅଧିକ ଆବେଦନ ଆସୁଅଛି।

୨୨.ଓଡ଼ିଶାର ୧୯ ବର୍ଷରୁ କମ୍ ବି.ସି.ସି.ଆଇ ଦଳରେ ସୁଶୀଳ କୁମାର ବାରିକ୍ ସାମିଲ ହୋଇଛନ୍ତି।

୨୩.ପାଞ୍ଚ ସଂସଦୀୟ କମିଟି ପାଇଁ ଓଡ଼ିଶାର ୬ଜଣ ଲୋକସଭା ସଂସଦଙ୍କୁ ମନୋନୀତ କରାଯାଇଛି।

୨୪.ଫେସ୍‌ବୁକ୍ ଉପରେ ବ୍ରିଟେନ ୫୨୦ କୋଟି ଟଙ୍କାର ଜୋରିମାନା ଲଗାଇଲା।

୨୫.୨୦୨୧ ଅକ୍ଟୋବର ମାସର ବୃଷ୍ଟିପାତ ଗତ ୧୨୦ବର୍ଷର ସର୍ବାଧିକ ବୋଲି ପାଣିପାଗ ବିଭାଗ ପ୍ରକାଶ କରିଛି।

୨୬.ବିଶ୍ୱ କ୍ଷୁଧା ସୂଚକଙ୍କରେ ଭାରତ ୧୦୧ ତମ ସ୍ଥାନରେ ରହିଛି।

୨୭.୨୦୨୦ ରେ ଦଶଜଣ ଓଡ଼ିଆ ଏବଂ ୨୦୨୧ ରେ ୬ଜଣ ଓଡ଼ିଆଙ୍କୁ ମର୍ଯ୍ୟାଦାଜନକ ପଦ୍ମ ପୁରସ୍କାର ପାଇଁ ମନୋନୀତ କରାଯାଇଛି।

୨୮.ହରିୟାଣାର ଡ଼େରା ସଚ୍ଚା ସୌଦା ମୁଖ୍ୟ ରାମରହିମ୍‌ଙ୍କୁ ଆଜୀବନ କାରାଦଣ୍ଡାଦେଶ ଦିଆଯାଇଛି।

୨୯.ଇଂଜିନିୟରିଂ ଶିକ୍ଷାପାଇଁ ଓଡ଼ିଆରେ ପାଠ୍ୟପୁସ୍ତକ ପ୍ରସ୍ତୁତ କରିବେ AICTE ଏବଂ IOSR।

୩୦.ଦେଶର ୬୧ ଜିଲ୍ଲାରେ କୁଷ୍ଠରୋଗ ଏବେବି ଉଦ୍‌ବେଗ ଜନକ ସ୍ଥିତିରେ ଅଛି। ୨୦୩୦ ସୁଦ୍ଧା ଭାରତକୁ କୁଷ୍ଠରୋଗ ମୁକ୍ତ କରିବାପାଇଁ ଉଭୟେ କେନ୍ଦ୍ର ଏବଂ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି।

୩୧.ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପାଇଁ ୩ଜଣ ବିଚାରପତି , ମୃଗାଙ୍କ ଶେଖର ସାହୁ, ରାଧାକୃଷ୍ଣ ପଟ୍ଟନାୟକ ଏବଂ ଶଶୀକାନ୍ତ ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି।

୩୨.ଦିଲ୍ଲୀ ପ୍ରଦୂଷଣ ଯୋଗୁଁ ୭୫ ଭାଗ ଅଣନିଶ୍ୱାସୀ ଅନୁଭବ କରୁଛନ୍ତି ବୋଲି ଏକ ସର୍ଭେ ରିପୋର୍ଟ ପ୍ରକାଶ କରିଛି।

୩୩.ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଦେଶର ସର୍ବୋଚ୍ଚ ପଦ୍ମ ସମ୍ମାନରେ ୧୧୯ ଜଣ ପ୍ରତିଭାଙ୍କୁ ପୁରସ୍କୃତ କରିଛନ୍ତି।


୩୪.ଏଥର ୭ଜଣଙ୍କୁ ପଦ୍ମ ବିଭୂଷଣ, ୧୦ ଜଣଙ୍କୁ ପଦ୍ମ ଭୂଷଣ ଏବଂ ୧୦୨ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଉଛି। ଏଥର ୧୬ ଜଣଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଛି।



ଯାହାକିଛି ଆମ ଜୀବନରେ ଘଟୁଛି, ସବୁତକ ଭଗବାନଙ୍କ ନିର୍ଦ୍ଦେଶରେ ବୋଲି ଥରେ ମନକୁ ବୁଝାଇ ଦେଲେ ବହୁ ଅଶାନ୍ତିରୁ ଆମେ ରକ୍ଷାପାଇପାରିବା।



# ସାଧାରଣ ଜ୍ଞାନ



## (1) ABBREVIATION

1. AICTE -All India Council of Technical Education
2. AIIMS -All India Institute of Medical Sciences.
3. AIMPLB -All India Muslim Personal Law Board
4. BIMSTEC-Bangladesh, India, Myanmar, Sri Lanka, Thailand Economic Cooperation
5. DRDO-Defence Research and Development Organisation.
6. FICCI- Federation of Indian Chambers of Commerce & Industry
7. NCLAT- National Company Law Appellate Tribunal
8. PTC India Ltd. -Power Trading Corporation of India Limited
9. NABARD - National Bank for Agricultural and Rural Development.
10. MRTPC - Monopoly and Restrictive Trade Practices Commision

## (୨) ପୁସ୍ତକ ଓ ଲେଖକ

1. MODERN INDIA : For Civil Services and Other Competi tive Examinations - Poonam Dalal Dahiya
2. An Economist at Home and Abroad: A Personal Journey - Shankar Acharya
3. The Sage with Two Horns: Unusual Tales from Mythology - Sudha Murty
4. Kamala Harris: Phenomenal Woman - Chidanand Rajghatta
5. The Orig in Story of India's States - V S Srinivasan

୬. ଅଣାକାର ସଂହିତା - ନନ୍ଦ ଦାସ
୭. ହରିବଂଶ - ଅଚ୍ୟୁତାନନ୍ଦ ଦାସ
୮. ପ୍ରେମଶୀଳା - କୁଞ୍ଜବିହାରୀ ଭ୍ରମରବର
୯. ବଟ ଅବକାଶ - ବଳରାମ ଦାଶ
୧୦. ସୀତେଶ ବିଳାସ - ଭୁବନେଶ୍ୱର କବିଚନ୍ଦ୍ର

## (୩) ଦେହାନ୍ତ

| ନାମ | ପରିଚୟ | ବୟସ |
|---|---|---|
| ୧. ପୁନୀତ ରାଜକୁମାର | - କନ୍ନଡ଼ ଚଳଚିତ୍ର ଅଭିନେତା | - ୪୬ ବର୍ଷ |
| ୨. ଡ. ସାଲେନ୍ ନଞ୍ଜୁଦୟା ସୁବାରାଓ | - ବିଶିଷ୍ଟ ଗାନ୍ଧୀବାଦୀ ନେତା | - ୯୨ ବର୍ଷ |
| ୩. କୋନେରୁ ରାମକ୍ରୀଷ୍ଣ ରାଓ | - ପ୍ରାକ୍ତନ କୁଳପତି ଆନ୍ଧ୍ର ବିଶ୍ୱବିଦ୍ୟାଳୟ | - ୮୯ ବର୍ଷ |
| ୪. ଶିସିଲା ରବିନସନ୍ | - ଇଂଲିସ କ୍ରିକେଟ ଖେଳାଳୀ | - ୯୭ବର୍ଷ |
| ୫. ସୁନିଲ ଘୋଷ | - ଭାରତୀୟ କ୍ରିକେଟ ଆମ୍ପାୟାର | - ୮୭ ବର୍ଷ |

## (୪) ଭାରତ ସରକାରଙ୍କ ଯୋଜନା

| | ଭାରତ ସରକାରଙ୍କ ଯୋଜନା | ଆରମ୍ଭ ବର୍ଷ |
|---|---|---|
| ୧. | ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା | - ୨୦୦୭ |
| ୨. | ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା | - ୨୦୧୫-୧୬ |
| ୩. | ପରମ୍ପରାଗତ କୃଷି ବିକାଶ ଯୋଜନା | - ୨୦୧୫ |
| ୪. | ଜନ ଔଷଧି ଯୋଜନା | - ୨୦୦୮ |
| ୫. | ଭାରତ ନେଟ୍ ପ୍ରୋଜେକ୍ଟ | - ୨୦୧୧ |

## (୫) ରାଜ୍ୟ

୧. ରାଜ୍ୟର ନାମ - କର୍ଣ୍ଣାଟକ
୨. ରାଜ୍ୟପାଳ - ଥାୱାର ଚନ୍ଦ ଗେହଲଟ୍
୩. ମୁଖ୍ୟମନ୍ତ୍ରୀ - ବାସବରାଜ ବୋମାଇ
୪. ଗଠନ - ୦୧ ନଭେମ୍ବର ୧୯୭୩
୫. କ୍ଷେତ୍ରଫଳ - ୧୯୧,୭୯୧ବର୍ଗ.କିମି
୬. ରାଜଧାନୀ - ବାଙ୍ଗାଲୁର୍
୭. ଲୋକସଭା ସଭ୍ୟ ସଂଖ୍ୟା - ୨୮ , ୮. ରାଜ୍ୟସଭା ସଭ୍ୟ ସଂଖ୍ୟା- ୧୨
୯. ବିଧାନ ସଭା ସଭ୍ୟସଂଖ୍ୟା - ୨୨୪, ୧୦.ବିଧାନ ପରିଷଦ - ୦୦
୧୧. ମୁଖ୍ୟ ଭାଷା - କାନାଡ଼ା
୧୨. ଜନସଂଖ୍ୟା ସମୁଦାୟ - ୬୧,୧୩୦,୭୦୪(୨୦୧୧)
ପୁରୁଷ - ୩୧,୦୫୭,୭୪୨, ମହିଳା - ୩୦,୦୭୨,୯୬୨
୧୩. ଜନସଂଖ୍ୟା ବୃଦ୍ଧିହାର- ୧୫.୬୭ %, ୧୪.ଜନସଂଖ୍ୟା ଘନତ୍ୱ -୩୧୯/ବର୍ଗ କି.ମି
୧୫. ଶିଶୁ ଲିଙ୍ଗ ଅନୁପାତ - ୯୪୩ ଝିଅ/୧୦୦୦ ପୁଅ
୧୬. ଲିଙ୍ଗ ଅନୁପାତ - ୯୬୮ମହିଳା/୧୦୦୦ ପୁରୁଷ
୧୭. ସାକ୍ଷରତା ହାର - ୭୫.୬୦%,
ପୁରୁଷ-୮୨.୮୫ %, ମହିଳା-୬୮.୧୩%
୧୮. ଜିଲ୍ଲା - ୩୦, ୧୯. ଗ୍ରାମ - ୨୭,୪୧୮
୨୦. ସହର -୨୭୦ ୨୧. ଜଙ୍ଗଲ ଜମି - ୩୮,୭୨୪ବର୍ଗ କି.ମି.
୨୨. ପର୍ଯ୍ୟଟନ ସ୍ଥଳୀ - ହମ୍ପି, ହାଲେବିଦ୍, ଗୁଲବାର୍ଗ, ବଡ଼ାମି, ବିଦାର, ବିଜାପୁର, ବେଙ୍ଗାଲୁରୁ, ବେଲଗମ୍, ହାସାନ, ହସପେଟ, ମାଙ୍ଗାଲୋର, ମାଡ଼ିକେରୀ, ନଗରହୋଲ ଜାତୀୟ ପାର୍କ, ସୋମନାଥପୁର।

## (୬) ନିଯୁକ୍ତି

୧. ଆଦିତ୍ୟ କୁମାର ମହାପାତ୍ର - ବିଚାରପତି, ଓଡ଼ିଶା ଉଚ୍ଚ ନ୍ୟାୟାଳୟ, ଓଡ଼ିଶା
୨. ଅରୁଣ ଚାୱଲା - ଡାଇରେକ୍ଟର ଜେନେରାଲ, ଏଫ ଆଇ ସି ସି ଆଇ
୩. ଅଶୋକ ଭୁଷଣ - ଚେୟାର ପରସନ,ଏନ ସି ଏଲ ଏ ଟି
୪. ବଳଦେବ ପ୍ରକାଶ - ଏମଡି ଆଣ୍ଡ ସିଇଓ, ଜେ ଆଣ୍ଡ କେ ବ୍ୟାଙ୍କ
୫. ସିଦ୍ଧାର୍ଥ ରାୟ - ଏମଡି, ଆଇଚର ମୋଟରସ୍

## (୭)ନଦୀବନ୍ଧ ଯୋଜନା

| | | |
|---|---|---|
| ୧. ଇନ୍ଦ୍ର ସାଗର ଡ୍ୟାମ୍ | - ନର୍ମଦା ନଦୀ | - ମଧ୍ୟ ପ୍ରଦେଶ |
| ୨. ହୀରାକୁଦ ଡ୍ୟାମ୍ | - ମହାନଦୀ | - ଓଡ଼ିଶା |
| ୩. ଚେରୁଥୋନୀ ଡ୍ୟାମ୍ | - ଚେରୁଥୋନୀ | - କେରଳ |
| ୪. ବାଗ୍‌ଲି ହର ଡ୍ୟାମ | - ଚେନାବ | - ଜାମ୍ମୁ କାଶ୍ମୀର |
| ୫. ରଣଜିତ୍ ସାଗର ଡ୍ୟାମ୍ | - ରାବି | - ପଞ୍ଜାବ |



ନିଜ ଉପରେ ଅସନ୍ତୁଷ୍ଟ ହୋଇଗଲେ, ଲୋକକୁ ଦୁନିଆରେ ସବୁକିଛି ପିତାଲାଗେ।

## (୮) ଓଡ଼ିଶା

୧. ବିଶ୍ୱନାଥ ବେବର୍ତ୍ତା କେଉଁ ଗଡ଼ଜାତ ରାଜ୍ୟର ରାଜାଥିଲେ ?
(କ) ଆଠଗଡ଼(ଖ) ତିଗିରିଆ(ଗ) ଖଲିକୋଟ (ଘ) ଢ଼େଙ୍କାନାଳ

୨. ଉତ୍କଳ ସମ୍ମିଳନୀରେ ପ୍ରଥମ ଅଧିବେଶନରେ କିଏ ସଭାପତିତ୍ୱ କରିଥିଲେ ?
(କ) ଶ୍ରୀରାମଚନ୍ଦ୍ର ଭଞ୍ଜ (ଖ) ମଧୁସୂଦନ ଦାସ
(ଗ) କୃଷ୍ଣଚନ୍ଦ୍ର ଗଜପତି (ଘ) ଗୋପବନ୍ଧୁ ଦାସ

୩. ମହାରାଜ କୃଷ୍ଣଚନ୍ଦ୍ର ଗଜପତି କେବେ ଓଡ଼ିଶାର ପ୍ରଥମ ମନ୍ତ୍ରୀମଣ୍ଡଳ ଗଠନ କରିଥିଲେ ?
(କ) ୧୯୩୬ ଅପ୍ରେଲ ୧ (ଖ) ୧୯୩୭ ଏପ୍ରେଲ ୧
(ଗ) ୧୯୩୮ ଏପ୍ରେଲ ୧ (ଘ) ୧୯୩୯ ଏପ୍ରେଲ ୧

୪. କିଏ କଲିକତା ବିଶ୍ୱବିଦ୍ୟାଳୟରୁ ବି.ଏ ପାଶ୍ କରି ଓଡ଼ିଶାର ପ୍ରଥମ ସ୍ନାତକ ହୋଇଥିଲେ ?
(କ) ଫକୀର ମୋହନ ସେନାପତି (ଖ) ଗୋପବନ୍ଧୁ ଦାସ
(ଗ) ପ୍ୟାରିମୋହନ ଆଚାର୍ଯ୍ୟ (ଘ) ମଧୁସୂଦନ ଦାସ

୫. ଅନୁଗୁଳ ଜିଲ୍ଲାରେ କେତୋଟି ନିର୍ବାଚନ ମଣ୍ଡଳୀ ଅଛି ?
(କ) ୪ (ଖ) ୫ (ଗ) ୬ (ଘ) ୭

୬. ରାଜଗାଙ୍ଗପୁର ସିମେଣ୍ଟ କାରଖାନା କେଉଁ କଂପାନୀ ପ୍ରତିଷ୍ଠା କରିଛି ?
(କ) ଟାଟା (ଖ) ଡାଲମିଆ (ଗ) ବିରଳା (ଘ) ମହିନ୍ଦ୍ରା

୭. ଗୁଜୁରାଟର ଦାଣ୍ଡି ସହିତ ଓଡ଼ିଶାର କେଉଁ ସ୍ଥାନ ତୁଳନୀୟ ?
(କ) ଇରମ୍(ଖ) ଚୁଡ଼ାମଣି (ଗ) ବିଦେହିପୁର (ଘ) ଇଞ୍ଚୁଡ଼ି

୮. ସମ୍ବଲପୁର ବିଶ୍ୱବିଦ୍ୟାଳୟ କେଉଁ ମସିହାରେ ସ୍ଥାପିତ ହେଲା ?
(କ) ୧୯୬୫ (ଖ) ୧୯୬୭
(ଗ) ୧୯୬୯ (ଘ) ୧୯୭୨

୯. ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କେବେ ଭୁବନେଶ୍ୱର ଠାରେ ପ୍ରତିଷ୍ଠା ହୋଇଥିଲା ?
(କ) ୨୦୦୦ (ଖ) ୨୦୦୧
(ଗ) ୨୦୦୫ (ଘ) ୨୦୧୧

୧୦. ଓଡ଼ିଶା ଟେକ୍ସଟାଇଲ ମିଲିସ୍ ନାମରେ ଏକ ଲୁଗାକଳ କେଉଁଠାରେ ପ୍ରତିଷ୍ଠା କରାଯାଇଥିଲା ?
(କ) ଜଗତପୁର (ଖ) ବାରଙ୍ଗ
(ଗ) ସମ୍ବଲପୁର (ଘ) ଚୌଦ୍ୱାର

## (୯) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. ଶୂନ୍ୟସ୍ଥାନ ପୂରଣ କର । ୫,୭,୧୧,____,୩୫,୬୭
(କ)୧୯ (ଖ)୨୨
(ଗ)୨୮ (ଘ)୩୦

୨. CLEARଯଦି NXIJH କୋଡ ଦିଆଯାଏ ତେବେ REAL କୁ କେଉଁ କୋଡ ଦିଆଯିବ ?
(କ) HIJX (ଖ) HJIX
(ଗ) HIJN (ଘ) HNJX

୩. ପ୍ରଶ୍ନବାଚକ ଚିହ୍ନଟି କେତେ ?

| | | |
|---|---|---|
| ୬ | ୬ | ୮ |
| ୫ | ୭ | ୫ |
| ୪ | ୩ | ? |
| ୧୨୦ | ୧୨୬ | ୩୨୦ |

(କ)୪ (ଖ)୮(ଗ) ୧୨ (ଘ)୧୬

୪. ଆଜି ଅଶୋକର ଜନ୍ମଦିନ । ଆଜିଠାରୁ ଏକବର୍ଷ ପରେ ୧୨ବର୍ଷ ଆଗରୁ ତା'ର ଯାହା ବୟସ ଥିଲା ତାହା ଦୁଇ ଗୁଣ ହେବ । ତେବେ ଅଶୋକର ବୟସ ଆଜି କେତେ ?
(କ)୨୦ (ଖ)୨୨ (ଘ)୨୫ (ଘ)୨୭

୫. ଅଶୋକ ତା ବାପାଙ୍କ ବାହାଘରର ୨ବର୍ଷ ପରେ ଜନ୍ମ ନେଲା । ତାଙ୍କ ମା'ବାପାଙ୍କଠାରୁ ୫ବର୍ଷ ସାନ କିନ୍ତୁ ଅଶୋକଙ୍କ ଠାରୁ ତାଙ୍କ ମା' ୨୦ ବର୍ଷ ବଡ଼ ତେବେ ଅଶୋକଙ୍କ ବୟସ ୧୦ ବର୍ଷ ଥିବା ବେଳେ ଅଶୋକଙ୍କର ବାପା କେତେ ବର୍ଷରେ ବାହା ହୋଇଥିଲେ ?
(କ)୨୩ (ଖ)୨୫ (ଗ)୩୩ (ଘ) ୩୫

୬. ଅର୍ଥପୂର୍ଣ୍ଣ ଭାବରେ ସଜାଡ଼ି ଲେଖ ।
(୧) ପ୍ରଜାପତି (୨) କୋଷ (୩) ଅଣ୍ଡା (୪) ପୋକ (ସାଁବାଳୁଆ)
(କ)୧,୩,୪,୨ (ଖ)୧,୪,୩,୨ (ଗ)୨,୪,୧,୩ (ଘ)୩,୪,୨,୧

୭. ସାପ:ଫଣା::ମହୁମାଛି: ?
(କ)ମହୁ (ଖ) ମହୁଫେଣା (ଗ)ମହମ (ଘ) ନାହୁଡ଼

୮. ମୁଁ ଗୋଟିଏ କେନ୍ଦ୍ରବିନ୍ଦୁରୁ ଦକ୍ଷିଣ ଦିଗକୁ ୩୫କି.ମି ଯିବାପରେ ବାମକୁ ବୁଲି ୧୭କି.ମି ଗଲିଏବଂ ଶେଷରେ ପୁଣି ବାମକୁ ବୁଲି ୩୫କି.ମି ଯାଇ ଗୋଟିଏ ସ୍ଥାନରେ ପହଞ୍ଚିଲି । ତେବେ ବାହାରିଥିବା ସ୍ଥାନରୁ ପହଞ୍ଚିବା ସ୍ଥାନ ମଧ୍ୟରେ ଦୂରତ୍ୱ କେତେ ?
(କ)୫ (ଖ)୭ (ଗ)୧୭ (ଘ) ୩୫

୯. କେଉଁଟି ସମ୍ପୂର୍ଣ୍ଣ ରୂପେ ଗ୍ରୁପରୁ ଅଲଗା ଅଟେ ?
ହିନ୍ଦୀ, ସିନ୍ଧି, ଉର୍ଦ୍ଦୁ, ଓଡ଼ିଆ, ଗୁଜୁରାଟୀ
(କ)ହିନ୍ଦୀ (ଖ)ଉର୍ଦ୍ଦୁ (ଗ)ଗୁଜୁରାଟୀ (ଘ) ଓଡ଼ିଆ

୧୦. ଲକ୍ଷ୍ମୀ ଆଉ ମୀନା ପ୍ରଶାନ୍ତର ପତ୍ନୀ ଅଟନ୍ତି । ଶାଳିନୀ ମିନାର ସାବତ ଝିଅ ତେବେ ଲକ୍ଷ୍ମୀ ଓ ମୀନା ମଧ୍ୟରେ ସମ୍ପର୍କ କ'ଣ ?
(କ)ଭଉଣୀ (ଖ) ଶାଶୂ (ଗ) କନ୍ୟା (ଘ)ମାଆ

**ଉତ୍ତର**

୧.(କ) ଆଠଗଡ଼, ୨.(କ)ଶ୍ରୀରାମଚନ୍ଦ୍ର ଭଞ୍ଜ,୩.(ଖ) ୧୯୩୭ ଏପ୍ରେଲ ୧ ,୪.(ଘ) ମଧୁସୂଦନ ଦାସ,୫.(ଖ) ୫,୬.(ଖ) ଡ଼ାଲମିଆ,୭.(ଘ)ଇଞ୍ଚୁଡ଼ି,୮.(ଖ) ୧୯୬୭,୯.(ଖ) ୨୦୦୧,୧୦.(ଘ) ଚୌଦ୍ୱାର

୧.(କ)୧୯ ,୨. (କ)HIJX, ୩.(ଖ)୮, ୪.(ଘ)୨୭, ୫.(କ)୨୩, ୬.(ଘ)୩,୪,୨,୧, ୭.(ଘ) ନାହୁଡ଼(Sting) ,୮.(ଗ)୧୭,୯.(ଖ)ଉର୍ଦ୍ଦୁ (ଆଙ୍ଗ୍ଲୋଇଣ୍ଡିଆନ୍ ଭାଷା ନୁହେଁ),୧୦.(ଗ) କନ୍ୟା



ମନୁଷ୍ୟ ଯଦି କୌଣସି କଥାପାଇଁ ଲଜ୍ଜିତ ହେବା ଉଚିତ୍, ତାହା ହେଉଛି ତାହାର ଅଂହଭାବ ।

## (୧୦) ଇତିହାସ

୧. 'ଜାତିର ଉତ୍ପତ୍ତି' ବା 'ଅରିଜିନ୍ ଅଫ୍ ଦି ସ୍ପେସିସ୍' ପୁସ୍ତକର ରଚୟିତା କିଏ ?
(କ) ଆର ଜି କଲିଙ୍ଗଉଡ୍ (ଖ) ଚାର୍ଲସ୍ ଡ଼ାରଉଇନ୍
(ଗ) କାର୍ଲମାର୍କ୍ସ (ଘ) ଇ.ଏଚ. କାର୍

୨. 'ଫାରୋ' ଶବ୍ଦର ଅର୍ଥ କ'ଣ ?
(କ) ରାସ୍ତାର ଭିକାରୀ (ଖ) ଦୁର୍ଗର ଅଧିପତି
(ଗ) ବିଳାସ ପ୍ରାସାଦ ନିବାସୀ (ଘ) ପର୍ବତ ଶୃଙ୍ଗର ସମ୍ରାଟ

୩. ଗ୍ରୀକ୍ ଶବ୍ଦ 'ହିଷ୍ଟୋରିଆର' ଅର୍ଥ କ'ଣ ?
(କ) ଅନୁଶାସନ (ଖ) ଅନୁସନ୍ଧାନ
(ଗ) ଜିଜ୍ଞାସ (ଘ) ପରୀକ୍ଷା କରିବା

୪. ମିଶରର ରାଜାଙ୍କୁ କ'ଣ କୁହାଯାଏ ?
(କ) ସମ୍ରାଟ (ଖ) ଜାର
(ଗ) ଫାରୋ (ଘ) କାଇଜର

୫. କେଉଁ ଦେବୀଙ୍କ ନାମରେ ଏସିରୀୟମାନଙ୍କ ରାଜଧାନୀର ନାମ ନିନେଭ୍ ରଖାଯାଇଥିଲା ?
(କ) ନୀନା (ଖ) ନେଫେରଟିଟି
(ଗ) ସାସସ୍ (ଘ) ମାର୍ଡୁକ୍

୬. ଚୀନ୍‌ର ଶସ୍ୟ ଦେବତାଙ୍କର ନାମ କ'ଣ ?
(କ) ସି (ଖ) ଚି
(ଗ) ସାଙ୍ଗଟି (ଘ) ଲି

୭. କାହାକୁ ପାଶ୍ଚାତ୍ୟ ଦର୍ଶନର ଜନକ କୁହାଯାଏ ?
(କ) କ୍ଲେଇସ୍ଥିନିସ୍ (ଖ) ଡ୍ରାକୋ
(ଗ) ସୋଲୋନ୍ (ଘ) ପେରିକ୍ଲିସ

୮. ମୟୂରଭଞ୍ଜ ଓଡ଼ିଶା ସହ କେବେ ମିଶିଥିଲା ?
(କ) ୧୯୪୭ (ଖ) ୧୯୪୮
(ଗ) ୧୯୪୯ (ଘ) ୧୯୫୦

୯. ଖାରବେଳ କେଉଁ ବଂଶର ନରପତି ଥିଲେ ?
(କ) ଚେଦି (ଖ) ସୋମ
(ଗ) ଗଙ୍ଗ (ଘ) ସୂର୍ଯ୍ୟ

୧୦. କପିଳେନ୍ଦ୍ରଦେବ ପୁରୀ ଜଗନ୍ନାଥ ମନ୍ଦିରର କେଉଁ ଅଂଶ ନିର୍ମାଣ କରିଥିଲେ ?
(କ) ନାଟ ମନ୍ଦିର (ଖ) ଭୋଗମଣ୍ଡପ
(ଗ) ମେଘନାଦ ପାଚେରୀ (ଘ) ଜଗମୋହନ

## (୧୧) ବାଣିଜ୍ୟ

୧. ଜିଓ ଓ ଗୁଗୁଲ୍ ପକ୍ଷରୁ ମିଳିତ ଭାବେ କେଉଁ ଫୋନ୍ ଦୀପାବଳୀରେ ଉନ୍ମୋଚନ ହେବ ?
(କ) ଜିଓ ଫୋନ୍ (ଖ) ଜିଓ ଫୋନ୍ ନେକ୍ସଟ୍
(ଗ) ମାଇଁ ଜିଓ (ଘ) ଜିଓ ଫୋନ୍ ଅପ୍ ଟୁ

୨. ଚଳିତ ଆର୍ଥିକ ବର୍ଷ ପ୍ରଥମ ୬ ମାସରେ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ୍‌ରୁ କେତେ କୋଟି ଟଙ୍କାର ଟିକସ ସଂଗ୍ରହ କରିଛନ୍ତି ?
(କ) ୧ଲକ୍ଷ ୭୦ ହଜାର(ଖ) ୧.୨୮ ହଜାର କୋଟି
(ଗ) ୯୫.୯୩୦ କୋଟି (ଘ) ୨.୨୮ କୋଟି

୩. ନଭେମ୍ବର ୧ ତାରିଖରୁ ବ୍ୟବସାୟିକ ଏଲ୍.ପି.ଜି. ସିଲିଣ୍ଡରର ମୂଲ୍ୟ କେତେ ଟଙ୍କା ବୃଦ୍ଧି ପାଇଛି ?
(କ) ୨୫୦ଟଙ୍କା (ଖ) ୨୬୬ ଟଙ୍କା
(ଗ) ୨୮୦ ଟଙ୍କା (ଘ) ୩୦୦ ଟଙ୍କା

୪. ଟାଟାକୁ ବିକ୍ରି ହୋଇଯାଇଥିବା ଏୟାର୍ ଇଣ୍ଡିଆ ଉପରେ ତେଲ କଂପାନୀଗୁଡ଼ିକର କେତେ ହଜାର କୋଟି ଟଙ୍କା ବାକି ପଡ଼ିଛି ?
(କ) ୪୦୦୦ଟଙ୍କା (ଖ) ୫୦୦୦ ଟଙ୍କା
(ଗ) ୭୦୦୦ ଟଙ୍କା (ଘ) ୧୦,୦୦୦ ଟଙ୍କା

୫. ଫସଲ ବୀମା ରାଶି ପାଇବା ଲାଗି ଋଷୀମାନେ କରୁଥିବା ଦାବିରେ କେତେ ପ୍ରତିଶତ ହ୍ରାସ ହୋଇଛି ?
(କ) ୨୫% (ଖ) ୪୦% (ଗ) ୩୦% (ଘ) ୬୦%

୬. ୧୦୦ ଟଙ୍କା ପ୍ରେଟ୍ରୋଲ ଏବଂ ଡିଜେଲ୍‌ରେ ହାରାହାରି କେତେ ଟଙ୍କା ଟିକସ ଦେବାକୁ ପଡୁଛି ?
(କ) ୪୦ଟଙ୍କା (ଖ) ୫୦ଟଙ୍କା (ଗ) ୬୦ଟଙ୍କା (ଘ) ୭୦ଟଙ୍କା

୭. ରିଲାଏନ୍ସ ଜିଓ ଓ ଗୁଲ୍ଲ ପକ୍ଷରୁ ମିଳିତ ଭାବେ ପ୍ରସ୍ତୁତ ହୋଇଥିବା "ଜିଓ ଫୋନ୍ ନେକ୍ସଟ୍" ସ୍ମାର୍ଟ ଫୋନ୍‌ର ଦାମ୍ କେତେ ?
(କ) ୬୪୯୯ ଟଙ୍କା (ଖ) ୭୦୦୦ ଟଙ୍କା
(ଗ) ୫୫୫୦ ଟଙ୍କା (ଘ) ୭୮୦୦ ଟଙ୍କା

୮. ବି.ଏମ୍.ଡବ୍ଲୁ ର ଇଉନିଟ୍ ମିନି ଇଣ୍ଡିଆ, ଭାରତୀୟ ବଜାରରେ ଲଞ୍ଚ କରୁଥିବା ଅଲ୍ ଇଲେକ୍ଟ୍ରିକ୍ କାର ମିନି କପର୍ - ଏସ୍ - ଇ, କାର୍ ଥରେ ଋର୍ଜ କଲେ କେତେ କି.ମି ଯାଇପାରିବ ?
(କ) ୨୭୦ କି.ମି (ଖ) ୩୦୦ କି.ମି
(ଗ) ୪୦୦ କି.ମି (ଘ) ୫୦୦ କି.ମି

୯. ସୁନା ଗଚ୍ଛିତ ରକ୍ଷାରେ ଭାରତ ବିଶ୍ୱରେ କେତେ ତମ ସ୍ଥାନରେ ଅଛି ?
(କ) ୭ମ (ଖ) ୯ମ (ଗ) ୫ମ (ଘ) ୧୦ମ

୧୦. ଦୀପାବଳୀ ଅବସରରେ ସୁରାଟର ଆଲିଆନ୍‌ସ ଗ୍ରୁପ୍ କର୍ମଋରୀମାନଙ୍କୁ କି ପ୍ରକାରର ଉପହାର ପ୍ରଦାନ କରିଛନ୍ତି ?
(କ) କାର୍ (ଖ) ସ୍କୁଟର
(ଗ) ଇଲେକ୍ - ସ୍କୁଟର (ଘ) ଇଲେକ୍ଟ.ବାଇକ୍

**ଉତ୍ତର**

୧.(ଖ) ଚାର୍ଲସ୍ ଡ଼ାରଉଇନ୍, ୨.(ଗ) ବିଳାସ ପ୍ରାସାଦ ନିବାସୀ, ୩.(ଖ) ଅନୁସନ୍ଧାନ , ୪.(ଗ) ଫାରୋ , ୫. (କ) ନୀନା, ୬.(ଖ) ଚି,୭.(ଘ) ପେରିକ୍ଲିସ ,୮.(ଗ) ୧୯୪୯,୯ (କ) ଚେଦି.,୧୦. (ଗ) ମେଘନାଦ ପାଚେରୀ

**୧.(ଖ) ଜିଓ ଫୋନ୍ ନେକ୍ସଟ୍,୨.(କ) ୧ଲକ୍ଷ ୭୦ ହଜାର,୩.(ଖ) ୨୬୬ ଟଙ୍କା, ୪.(ଖ) ୫୦୦୦ ଟଙ୍କା, ୫.(ଘ) ୬୦%, ୬.(ଗ) ୬୦ଟଙ୍କା,୭.(କ) ୬୪୯୯ ଟଙ୍କା, ୮.(କ)୨୭୦ କି.ମି, ୯.(ଖ)୯ମ,୧୦.(ଗ) ଇଲେକ୍ - ସ୍କୁଟର।**



ସେ କଅଣ କହୁଥିଲେ ମୋତେ କୁହନାହିଁ, ସେ କ'ଣ କରୁଥିଲେ ସେତିକି ହିଁ କୁହ।

## (୧୨) ଅର୍ଥନୀତି

୧. ଜି.ଏସ୍.ଟି କ୍ଷତିପୂରଣ ବାବଦରେ ଅର୍ଥ ମନ୍ତ୍ରଣାଳୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳକୁ ଋଣ ସୁବିଧା ବିଧେୟକ ଅଧିନରେ କେତେ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି ?
(କ)୬୦ (ଖ)୬୫
(ଗ)୭୦ (ଘ)୭୨

୨. ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶ୍ରୀଯୁକ୍ତ ଶଶୀକାନ୍ତ ଦାଶଙ୍କୁ ସରକାର ଆଉ କେତେ ବଜେଟ୍ ପାଇଁ ପୁନଃ ନିଯୁକ୍ତି ଦେଇଛନ୍ତି ?
(କ) ୧ ବର୍ଷ (ଖ) ୨ବର୍ଷ
(ଗ) ୩ ବର୍ଷ (ଘ) ୪ବର୍ଷ

୩. ନିକଟରେ କେନ୍ଦ୍ର ସରକାର ଓଡ଼ିଶାକୁ କେତେ କୋଟି ଟଙ୍କାର ଜି.ଏସ୍.ଟି କ୍ଷତିପୂରଣ ଦେଇଛନ୍ତି ?
(କ) ୧୦୦ କୋଟି ଟଙ୍କା (ଖ)୨୮୬ କୋଟି ଟଙ୍କା
(ଗ) ୩୦୦ କୋଟି ଟଙ୍କା (ଘ)୪୦୦ କୋଟି ଟଙ୍କା

୪. ଦୀପାବଳୀରେ ପେଟ୍ରୋଲ ଦରର ଉତ୍ପାଦ ଶୁଳ୍କକୁ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ପାଇଁ ଯଥାକ୍ରମେ କେତେ ଟଙ୍କା ହ୍ରାସ କରିଛନ୍ତି ?
(କ) ୫.୧୦ (ଖ) ୪.୧୦
(ଗ) ୮.୧୦ (ଘ) ୯.୧୦

୫. କର୍ମସିଆଲ ଏଲ୍.ପି.ଜି ଦର ନଭେମ୍ବର ୨ ତାରିଖରେ କେତେ ଟଙ୍କା ବୃଦ୍ଧିପାଇଛି ?
(କ) ୨୫୦ ଟଙ୍କା (ଖ) ୨୬୬ ଟଙ୍କା
(ଗ) ୩୧୨ ଟଙ୍କା (ଘ) ୧୭୦ ଟଙ୍କା

୬. ଡିଜେଲ ଓ ପେଟ୍ରୋଲରୁ ଭାରତରେ ସମୁଦାୟ କେତେ କୋଟି ଟଙ୍କା ଆୟ ହୋଇଛି ?
(କ) ୩.୫୦ କୋଟି (ଖ) ୨.୧୨ କୋଟି
(ଗ) ୧.୫ କୋଟି (ଘ) ୧.୭ କୋଟି

୭. ଏୟାର ଇଣ୍ଡିଆ ଉପରେ ତୈଳ ବିଲ୍ ବାବଦରେ କେତେ କୋଟି ଟଙ୍କା ବାକି ଅଛି ?
(କ) ୫୦୦୦ କୋଟି ଟ. (ଖ) ୬୦୦୦ କୋଟି ଟ.
(ଗ) ୭୦୦୦ କୋଟି ଟ. (ଘ) ୮୦୦୦ କୋଟି ଟ.

୮. କଂପାନୀଗୁଡ଼ିକ ପାଣ୍ଠି ଯୋଗାଡ କରିବାପାଇଁ ପ୍ରଥମଥର ଲାଗି କେତୋଟି ଆଇ.ପି.ଓ ଷ୍ଟକ୍ ବଜାରରେ ପ୍ରବେଶ କରୁଛନ୍ତି ?
(କ) ୫ଟି (ଖ) ୬ଟି (ଗ) ୭ଟି (ଘ) ୮ଟି

୯. ବିମୁଦ୍ରାୟନକୁ ୫ ବର୍ଷ ପୁରିବା ସହ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ସତ୍ତ୍ୱେ ୨୦୨୧ ଅକ୍ଟୋବର ୨୯ ତା. ସୁଦ୍ଧା ଦେଶରେ ନେଗଦ ଅର୍ଥ କାରବାର କେତେ ପ୍ରତିଶତ ବୃଦ୍ଧି ପାଇଛି ବୋଲି ରିଜର୍ଭ ବ୍ୟାଙ୍କ ସୂତ୍ରରୁ ଜଣାପଡିଛି ?
(କ) ୧୫% (ଖ) ୬୪% (ଗ) ୨୦% (ଘ) ୪୬%

୧୦. କଳାଟଙ୍କା କାରବାର ରୋକିବାକୁ ୨୦୧୬ ଡିସେମ୍ବର କେତେ ତାରିଖ ଦିନ ସରକାର ହଠାତ୍ ୫୦୦ ଟଙ୍କିଆ ଓ ୧୦୦୦ ଟଙ୍କିଆ ନୋଟ୍ ଗୁଡ଼ିକୁ ଅଚଳ ଘୋଷଣା କରିଥିଲେ ।
(କ) ୮ ତାରିଖ (ଖ) ୯ତାରିଖ (ଗ) ୧୦ ତାରିଖ (ଘ) ୧୧ ତାରିଖ

## (୧୩) କ୍ରୀଡ଼ା

୧. ଦେଶର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାରର ନାମ କେଉଁ ବର୍ଷଠାରୁ ରାଜୀବ ଗାନ୍ଧୀ ଖେଳରତ୍ନ ବଦଳରେ ଧ୍ୟାନଚାନ୍ଦ ଖେଳରତ୍ନ କରାଯାଇଛି ?
(କ) ୨୦୧୮ (ଖ) ୨୦୧୯ (ଗ) ୨୦୨୦ (ଘ) ୨୦୨୧

୨. ସ୍ୱାଧୀନତା ପୂର୍ବରୁ ଧ୍ୟାନଚାନ୍ଦ କେତୋଟି ଅଲିମ୍ପିକ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ହକି ଦଳର ସଦସ୍ୟ ଥିଲେ ?
(କ) ୨ଟି (ଖ) ୩ଟି (ଗ) ୪ଟି (ଘ) ୫ଟି

୩. ହକିର ଯାଦୁକର ଭାବେ ପ୍ରସିଦ୍ଧ ଧ୍ୟାନଚାନ୍ଦ କେଉଁ ମସିହାର ଅଲିମ୍ପିକ୍‌ରେ ଭାରତୀୟ ହକି ଦଳର ଅଧିନାୟକ ଥିଲେ ?
(କ) ୧୯୨୮ (ଖ) ୧୯୩୨ (ଗ) ୧୯୩୬ (ଘ) ୧୯୪୦

୪. ଏ ବର୍ଷ ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର କେତେଜଣ କ୍ରୀଡ଼ାବିତଙ୍କୁ ପ୍ରଦାନ କରାଯାଇଛି ?
(କ) ୯ ଜଣ (ଖ) ୧୦ ଜଣ (ଗ) ୧୧ ଜଣ (ଘ) ୧୨ ଜଣ

୫. ଟୋକିଓ ଅଲିମ୍ପିକ୍ ଜାଭଲିନ୍ ଥ୍ରୋର ସ୍ୱର୍ଣ୍ଣ ବିଜୟୀ ନୀରଜ ଚୋପ୍ରାଙ୍କ ଭଳି ପାରା ଅଲିମ୍ପିକ୍‌ରେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଜିତିଥିବା କେଉଁ ଜାଭଲିନ୍ ଥ୍ରୋ ପ୍ରତିଯୋଗୀଙ୍କୁ ଏଥର ଖେଳରତ୍ନ ପୁରସ୍କାର ମିଳିଛି ?
(କ) ସୁମିତ ଅନ୍ତିଲ୍ (ଖ) ଦେବେନ୍ଦ୍ର ଝାଝରିୟା
(ଗ) ଶରଦ କୁମାର (ଘ) ସୁନ୍ଦର ସିଂହ ଗୁର୍ଜର୍

୬. ପାରା ଅଲିମ୍ପିକ୍‌ରେ ଦେଶପାଇଁ ଗୋଟିଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତିବା ସହିତ ଖେଳରତ୍ନ ପୁରସ୍କାର ହାସଲ କରିଥିବା ମହିଳା ତାରକା ଅବନୀ ଲେଖାରା କେଉଁ ଖେଳର ଜଣେ ଭିନ୍ନକ୍ଷମ ତାରକା ?
(କ) ପିସ୍ତଲ ଶୁଟିଂ (ଖ) ରାଇଫଲ ଶୁଟିଂ
(ଗ) ଅଥଲେଟିକ୍ସ (ଘ) ନୌଚାଳନା

୭. କେଉଁ କ୍ରିକେଟ ତାରକାଙ୍କୁ ୨୦୨୧ରେ ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ମିଳିଛି ?
(କ) ଝୁଲନ୍ ଗୋସ୍ୱାମୀ (ଖ) ରୋହିତ ଶର୍ମା
(ଗ) ମିତାଲୀ ରାଜ୍ (ଘ) ରବିଚନ୍ଦ୍ରନ ଅଶ୍ୱୀନ

୮. ପ୍ରମୋଦ ଭଗତଙ୍କ ସହିତ ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ହାସଲ କରିଥିବା ଅନ୍ୟ ଜଣେ ଭିନ୍ନକ୍ଷମ ବ୍ୟାଡ଼ମିଣ୍ଟନ ଖେଳାଳିଙ୍କ ନାମ କଣ ?
(କ) ସୁହାସ ଯତିରାଜ (ଖ) ମନୋଜ ସରକାର
(ଗ) କ୍ରିଷ୍ଣା ନାଗର (ଘ) ତରୁଣ ଧିଲ୍ଲନ୍

୯. ପାରା ଅଲିମ୍ପିକ୍‌ର ପିସ୍ତଲ ଶୁଟିଂରେ ସ୍ୱର୍ଣ୍ଣ ଜିତିବା ସହିତ ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପାଇଥିବା ଭିନ୍ନକ୍ଷମ ଶୁଟରଙ୍କ ନାମ କଣ ?
(କ) ସିଂହରାଜ ଆଧାନା (ଖ) ହରବିନ୍ଦର ସିଂହ
(ଗ) ମନୀଷ ନରୱାଲ୍ (ଘ) ପ୍ରବୀଣ କୁମାର

୧୦. ୨୦୨୧ରେ ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପାଇଥିବା ଆମ ଦେଶର ପ୍ରସିଦ୍ଧ ହକି ଖେଳାଳିଙ୍କ ନାମ କଣ ?
(କ) ପି. ଆର. ଶ୍ରୀଜେଶ (ଖ) ମନପ୍ରୀତ ସିଂହ
(ଗ) ରାନୀ ରାମପାଲ (ଘ) ସର୍ଦ୍ଦାର ସିଂହ

**ଉତ୍ତର**

**୧.** (କ) ୬୦, **୨.**(ଗ) ୩ ବର୍ଷ , **୩.**(ଖ)୨୮୬ କୋଟି ଟଙ୍କା, **୪.**(କ) ୫.୧୦ , **୫.**(ଖ) ୨୬୬ ଟଙ୍କା, **୬.**(ଘ) ୧.୭ କୋଟି, **୭.**(କ) ୫୦୦୦ କୋଟି ଟ. , **୮.** ((ଗ) ୭ଟି , **୯.**(ଖ) ୬୪%, **୧୦.** (କ) ୮ ତାରିଖ

**୧. (ଘ) ୨୦୨୧, ୨.(ଖ) ୩ଟି, ୩.(ଗ)୧୯୩୬, ୪.(ଗ) ୧୧ ଜଣ, ୫.(କ) ସୁମିତ ଅନ୍ତିଲ୍, ୬.(ଖ) ରାଇଫଲ ଶୁଟିଂ, ୭. (ଗ) ମିତାଲୀ ରାଜ୍, ୮.(ଗ)କ୍ରିଷ୍ଣା ନାଗର,୯.(ଗ)ମନୀଷ ନରୱାଲ,୧୦.(କ)ପି.ଆର. ଶ୍ରୀଜେଶ**



ନିଜକୁ ସମାଲୋଚନା କରିବାର କଳା ଯିଏ ଶିଖିଛି ସେ ଉନ୍ନତ ପଥରେ ନିଶ୍ଚୟ ଆଗେଇଯାଇଛି ।

## (୧୪) ସାହିତ୍ୟ, କଳା ଓ ସଂସ୍କୃତି

୧. ୨୦୨୧ରେ ସାହିତ୍ୟ କ୍ଷେତ୍ରରେ ନୋବେଲ ପୁରସ୍କାର ପାଇଥିବା ଅବଦୁଲ୍‌ରଜାକ୍ ଗୁରନାହ୍ କେଉଁ ଦେଶରେ ଜନ୍ମଗ୍ରହଣ କରିଥିଲେ ?
(କ) କେନିୟା (ଖ) ୟୁଗାଣ୍ଡା (ଗ) ତାଞ୍ଜାନିଆ (ଘ) ଘାନା

୨. ନୋବେଲ ବିଜେତା ପ୍ରସିଦ୍ଧ ସାହିତ୍ୟିକ ଅବଦୁଲ୍‌ରଜାକ୍ ଗୁରନାହ୍ ଏବେ କେଉଁ ଦେଶରେ ବସବାସ କରୁଛନ୍ତି ?
(କ) ଇଂଲାଣ୍ଡ (ଖ) ଫ୍ରାନ୍ସ (ଗ) ସ୍ୱିଡେନ୍ (ଘ) ଜର୍ମାନୀ

୩. ବର୍ଷ -୨୦୨୦ ପାଇଁ ଇମ୍ଫା ପକ୍ଷରୁ ପ୍ରଦାନ ପ୍ରଦତ୍ତ ସାରଳା ପୁରସ୍କାର ପାଇଁ ମନୋନୀତ ଓଡ଼ିଆ ଲେଖିକାଙ୍କ ନାମ କଣ ?
(କ) ଗାୟତ୍ରୀ ସରାଫ (ଖ) ପାରମିତା ଶତପଥୀ
(ଗ) ପ୍ରତିଭା ରାୟ (ଘ) ଯଶୋଧାରା ମିଶ୍ର

୪. ଅମ୍ରିତା ପ୍ରୀତମ କେଉଁ ଭାଷାର ଜଣେ ପ୍ରସିଦ୍ଧ ଲେଖିକା ?
(କ) ହିନ୍ଦୀ (ଖ) ଡୋଗ୍ରୀ (ଗ) ମାଲୟାଲମ (ଘ) ପଞ୍ଜାବୀ

୫. ୨୦୨୨ର ଓସ୍କାର ପୁରସ୍କାର ନିମନ୍ତେ କେଉଁ ଚଳଚିତ୍ରଟି ଔପଚାରିକ ଭାବେ ଭାରତୀୟ ଚଳଚିତ୍ର ଭାବେ ପ୍ରବେଶାଧିକାର ଲାଭ କରିଛି ?
(କ) କୁଝାଙ୍ଗଲ (ଖ) ସର୍ଦ୍ଦାର ଉଧମ ସିଂହ
(ଗ) ଅସୁରନ୍ (ଘ) ଶେରନୀ

୬. ସିନେମା ଜଗତର ସର୍ବଶ୍ରେଷ୍ଠ ସମ୍ମାନ ଭାବେ ଖ୍ୟାତ ଓସ୍କାର ପୁରସ୍କାର ଯୁକ୍ତରାଷ୍ଟ୍ର ଆମେରିକାର କେଉଁ ନଗରୀରେ ପ୍ରଦାନ କରାଯାଏ ?
(କ) ନ୍ୟୁ ୟର୍କ (ଖ) ମାୟାମି
(ଗ) ଲାସ୍ ଭେଗାସ୍ (ଘ) ଲସ୍ ଆଞ୍ଜଲସ

୭. ପ୍ରସିଦ୍ଧ ଅଭିନେତ୍ରୀ ଶବାନା ଆଜମୀ କେତେଥର ଜାତୀୟ ଚଳଚିତ୍ର ପୁରସ୍କାର ହାସଲ କରିଛନ୍ତି ?
(କ) ୩ ଥର (ଖ) ୪ ଥର (ଗ) ୫ ଥର (ଘ) ୬ ଥର

୮. ଆମର ଧାର୍ମିକ ମାନ୍ୟତା ଅନୁସାରେ ଦୀପାବଳି ଉତ୍ସବ ପ୍ରଥମେ କେଉଁଠାରେ ପାଳିତ ହୋଇଥିଲା ?
(କ) ବାରାଣସୀ (ଖ) ମଥୁରା (ଗ) ଅଯୋଧ୍ୟା (ଘ) ହସ୍ତିନା

୯. ପଶ୍ଚିମ ବଙ୍ଗ, ଓଡ଼ିଶା ଏବଂ ଆସାମରେ ଦୀପାବଳି ଅବସରରେ କେଉଁ ଦେବୀଙ୍କର ପୂଜା ଆରାଧନା କରାଯାଏ ?
(କ) ଦେବୀ ଜଗଧାତ୍ରୀ (ଖ) ମା ଭବାନୀ
(ଗ) ଦେବୀ ଦୁର୍ଗା (ଘ) ମା କାଳୀ

୧୦) ଉତ୍ତର ଭାରତର ଲୋକମାନେ ଦୀପାବଳି ଦିନ କେଉଁ ଦେବୀଙ୍କୁ ପୂଜା କରିଥାନ୍ତି ?
(କ) ମା ଭବାନୀ (ଖ) ମାତା ଲକ୍ଷ୍ମୀ
(ଗ) ମା କାଳୀ (ଘ) ସନ୍ତୋଷୀ ମା

## (୧୫) ଭୂଗୋଳ

୧. ଆରାବଳୀ ପର୍ବତମାଳା ଭାରତର କେଉଁ ରାଜ୍ୟରେ ଅବସ୍ଥିତ ?
(କ) ଗୁଜରାଟ (ଖ) ରାଜସ୍ଥାନ
(ଗ) ମଧ୍ୟପ୍ରଦେଶ (ଘ) ମହାରାଷ୍ଟ୍ର

୨. ଆୟତନ ଦୃଷ୍ଟିରୁ ପାକିସ୍ତାନର ବୃହତ୍ତମ ପ୍ରଦେଶର ନାମ କ'ଣ ?
(କ) ପଞ୍ଜାବ (ଖ) ନର୍ଥ-ୱେଷ୍ଟ ଫ୍ରଣ୍ଟିୟର୍ ପ୍ରୋଭିନ୍ସ
(ଗ) ସିନ୍ଧ (ଘ) ବେଲୁଚିସ୍ତାନ

୩. ପଶ୍ଚିମଘାଟ ପର୍ବତମାଳାରୁ ଉତ୍ପତ୍ତି ଲାଭ କରିଥିବା ତୁଙ୍ଗଭଦ୍ରା ନଦୀ କେଉଁ ନଦୀର ଉପନଦୀ ଅଟେ ?
(କ) ଗୋଦାବରୀ (ଖ) କ୍ରିଷ୍ଣା
(ଗ) ମହାନଦୀ (ଘ) ବୈତରଣୀ

୪. ଭାରତର ପ୍ରଥମ ଆଣବିକ କେନ୍ଦ୍ର କେଉଁଠାରେ ସ୍ଥାପିତ ହୋଇଥିଲା ?
(କ) ତାରାପୁର (ଖ) କାଇଗା (ଗ) ନରୋରା (ଘ) କଳ୍ପକମ୍

୫. ଗତବର୍ଷ ତାମିଲନାଡୁ ରାଜ୍ୟର କେଉଁ ସ୍ଥାନରେ ରୁଷ ସହାୟତାରେ ଆଣବିକ ଶକ୍ତି କେନ୍ଦ୍ର ସ୍ଥାପିତ ହୋଇଛି ?
(କ) କଳ୍ପକମ୍ (ଖ) ନଗରକୋଏଲ୍
(ଗ) ରାମେଶ୍ୱରମ (ଘ) କୁଡ଼ନ୍‌କୁଲମ୍

୬. ମିଆଁମାରର ଦକ୍ଷିଣ ପଶ୍ଚିମ ପାର୍ଶ୍ୱରେ ଥିବା ପର୍ବତଶ୍ରେଣୀର ନାମ କ'ଣ ?
(କ) ଆରାକାନ୍ ୟୋମା (ଖ) ୟୁରାଲ୍
(ଗ) ତିଏନ୍ ସାନ୍ (ଘ) ନାନ୍ ସାନ୍

୭. ଡାକାର୍ ନଗରୀଟି କେଉଁ ଆଫ୍ରିକୀୟ ଦେଶର ରାଜଧାନୀ ଅଟେ ?
(କ) ସେନେଗାଲ (ଖ) ମାଲି
(ଗ) ରୁଆଣ୍ଡା (ଘ) ମରୋକ୍କୋ

୮. ଏଥିମଧ୍ୟରୁ କେଉଁ ସାମୁଦ୍ରିକ ବନ୍ଦରଟି ଭାରତର ପଶ୍ଚିମ ଉପକୂଳରେ ଅବସ୍ଥିତ ?
(କ) ହଳଦିଆ (ଖ) ମଛଲିପଟନମ୍
(ଗ) ନାଭାସେଭା (ଘ) ତୁତିକୋରିନ୍

୯. ପ୍ରଶାନ୍ତ ମହାସାଗରରେ ଅବସ୍ଥିତ ଯୁକ୍ତରାଷ୍ଟ୍ର ଆମେରିକାର ଦ୍ୱୀପରାଜ୍ୟଟିର ନାମ କ'ଣ ?
(କ) ଇଣ୍ଡିଆନା (ଖ) ପୁଏର୍ଟୋ ରିକୋ
(ଗ) ବାହାମାଜ୍ (ଘ) ହାୱାଇ

୧୦. ପୃଥିବୀର ଗଭୀରତମ ସାମୁଦ୍ରିକ ଖାତ ମେରିଆନା ଟ୍ରେଞ୍ଚ୍ କେଉଁ ମହାସାଗରରେ ଅବସ୍ଥିତ ?
(କ) ଭାରତ ମହାସାଗର (ଖ) ଦକ୍ଷିଣ ମହାସାଗର
(ଗ) ଆଟଲାଣ୍ଟିକ ମହାସାଗର (ଘ) ପ୍ରଶାନ୍ତ ମହାସାଗର

**ଉତ୍ତର**

**୧. (ଗ) ତାଞ୍ଜାନିଆ, ୨.(କ) ଇଂଲାଣ୍ଡ, ୩. (ଖ) ପାରମିତା ଶତପଥୀ, ୪.(ଘ)ପଞ୍ଜାବୀ, ୫.(କ)କୁଝାଙ୍ଗଲ,୬.(ଘ) ଲସ୍‌ଆଞ୍ଜଲସ, ୭.(ଗ) ୫ଥର, ୮. (ଗ) ଅଯୋଧ୍ୟା, ୯.(ଘ) ମା କାଳୀ, ୧୦. (ଖ) ମାତା ଲକ୍ଷ୍ମୀ**

୧.(ଖ) ରାଜସ୍ଥାନ, ୨.(ଘ) ବେଲୁଚିସ୍ତାନ, ୩.(ଖ) କ୍ରିଷ୍ଣା, ୪.(କ) ତାରାପୁର, ୫.(ଘ) କୁଡ଼ନ୍‌କୁଲମ୍, ୬. (କ) ଆରାକାନ୍ ୟୋମା, ୭. (କ) ସେନେଗାଲ, ୮.(ଗ) ନାଭାସେଭା , ୯.(ଘ) ହାୱାଇ , ୧୦.(ଘ) ପ୍ରଶାନ୍ତ ମହାସାଗର ।



ନିଜକୁ ଅତି ନ୍ୟୂନ ବୋଲି ଭାବିବା ଯେତିକି ଭୁଲ୍, ନିଜକୁ ସମସ୍ତଙ୍କ ଉର୍ଦ୍ଧ୍ୱରେ ବୋଲି ବିଚାରିବା ମଧ୍ୟ ସେତିକି ଭୁଲ୍ ।

## (୧୬) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. କିଏ ଗ୍ରାମ ପଞ୍ଚାୟତର ଜଣେ ସ୍ଥାୟୀ ସଦସ୍ୟ ?
(କ) ୱାର୍ଡ଼ମେମ୍ବର (ଖ) ନାଏବ ସରପଞ୍ଚ
(ଗ) ସମ୍ପାଦକ (ଘ) ସରପଞ୍ଚ

୨. ଆମ ରାଜ୍ୟରେ କେତୋଟି ପଞ୍ଚାୟତ ସମିତି ଅଛି ?
(କ) ୩୦୦ (ଖ) ୩୧୦
(ଗ) ୩୧୪ (ଘ) ୩୧୫

୩. ଜିଲ୍ଲା ପରିଷଦର କାର୍ଯ୍ୟକାଳ କେତେ ବର୍ଷ ?
(କ) ୨ (ଖ) ୩
(ଗ) ୫ (ଘ) ୬

୪. ୧ଲକ୍ଷରୁ ଅଧିକ ଲୋକସଂଖ୍ୟା ଥିବା ସହରରେ କେଉଁଟି ଗଠନ କରାଯାଇଥାଏ ?
(କ) ମହାନଗର ନିଗମ (ଖ) ପୌରପାଳିକା
(ଗ) ଜିଲ୍ଲାପରିଷଦ (ଘ) ବିଜ୍ଞାପିତ ଅଞ୍ଚଳ ପରିଷଦ

୫. ଜିଲ୍ଲାପରିଷଦର ମୁଖ୍ୟଙ୍କୁ କ'ଣ କୁହାଯାଏ ?
(କ) ସରପଞ୍ଚ (ଖ) ମେୟର
(ଗ) ସମ୍ପାଦକ (ଘ) ଅଧ୍ୟକ୍ଷ

୬. ରାଜ୍ୟସଭା ସଦସ୍ୟ ହେବାପାଇଁ ସର୍ବନିମ୍ନ ବୟସ ସୀମା କେତେ ?
(କ) ୩୦ ବର୍ଷ (ଖ) ୩୧ ବର୍ଷ
(ଗ) ୩୨ ବର୍ଷ (ଘ) ୩୪ ବର୍ଷ

୭. କିଏ ସମଗ୍ର ଭାରତର ଐକ୍ୟର ପ୍ରତୀକ ଅଟନ୍ତି ?
(କ) ରାଷ୍ଟ୍ରପତି (ଖ) ପ୍ରଧାନମନ୍ତ୍ରୀ
(ଗ) ଉପରାଷ୍ଟ୍ରପତି (ଘ) ମନ୍ତ୍ରୀପରିଷଦ

୮. କିଏ ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କୁ ନିଯୁକ୍ତି ଦିଅନ୍ତି ?
(କ) ରାଷ୍ଟ୍ରପତି (ଖ) ଉପରାଷ୍ଟ୍ରପତି
(ଗ) ପ୍ରଧାନମନ୍ତ୍ରୀ (ଘ) ବାଚସ୍ପତି

୯. କେଉଁ ତାରିଖକୁ ପ୍ରତିବର୍ଷ ମାନବିକ ଅଧିକାର ଦିବସ ରୂପେ ପାଳନ କରାଯାଉଛି ?
(କ) ଜାନୁୟାରୀ ୧୦ (ଖ) ଜୁନ୍ ୧୫
(ଗ) ଅଗଷ୍ଟ ୧୧ (ଘ) ସେପ୍ଟେମ୍ବର ୧୧

୧୦. ଭାରତକୁ କ୍ୟାବିନେଟ୍ ମିଶନ କେବେ ଆସିଥିଲେ ?
(କ) ୧୯୪୬ (ଖ) ୧୯୪୭
(ଗ) ୧୯୪୮ (ଘ) ୧୯୫୦

## (୧୭) କମ୍ପ୍ୟୁଟର ଶିକ୍ଷା

୧. କେଉଁଟି ସିଆର ଓ CRO (Cathode Ray Oscilloscope) ଅଟେ ?
(କ) ମନିଟର (ଖ) ପ୍ରିଣ୍ଟର
(ଗ) ସ୍କାନର (ଘ) ଡ଼ିଜିଟାଲ କ୍ୟାମେରା

୨. କେଉଁ ସାଇନ୍‌ଟି ଫରମୁଲା ପାଇଁ ବ୍ୟବହାର କରାଯାଏ ?
(କ) = (ଖ) / (ଗ) * (ଘ) -

୩. ଗୋଟିଏ ପାଓ୍ୱାର ପଏଣ୍ଟ ପ୍ରେଜେନ୍‌ଟେସନ୍‌ର କେଉଁ 'କି' ବ୍ୟବହାର କଲେ ପ୍ରେଜେନ୍‌ଟେସନ୍ ଚାଲୁରହିଥାଏ ।
(କ) F2 (ଖ) F3
(ଗ) F4 (ଘ) F5

୪. କମ୍ପ୍ୟୁଟରରେ ହାର୍ଡ଼ଡ଼ିକ୍ସଟି କେଉଁ ଡ୍ରାଇଭରେ ଦେଖାଦିଏ ?
(କ) C (ଖ) D
(ଗ) H (ଘ) E

୫. 'FAT' କହିଲେ କ'ଣ ବୁଝାଯାଏ ?
(କ) ଫାଇଲ୍ ଆକ୍ଟିଭିଟି ଟେବୁଲ
(ଖ) ଫାଇଲ୍ ଆଲୋକେସନ୍ ଟେବୁଲ୍
(ଗ) ଫାଇଲ୍ ଆସେସ୍ ଟେପ୍
(ଘ) ଫାଇଲ୍ ଆକୋମୋଡ଼େସନ୍ ଟେବୁଲ୍

୬. କେଉଁଥିରେ ଆମେ ୱେବ୍ ପେଜେସ୍ ଦେଖିପାରିବା ?
(କ) ମୋଲ୍ କ୍ଲାଏଣ୍ଟ (ଖ) ବ୍ରାଉଜର୍
(ଗ) ଏଫଟିପି କ୍ଲାଏଣ୍ଟ (ଘ) ମେସେଞ୍ଜର

୭. କେଉଁ ସର୍ଟକର୍ଟ 'କି'ରେ ଆମେ ଡକୁମେଣ୍ଟକୁ ସେଭ୍ କରିଥାଉ ?
(କ) F1 (ଖ) F6
(ଗ) F12 (ଘ) Ctrl+S

୮. ପ୍ରିଣ୍ଟରଟି କେଉଁ ପ୍ରକାର ଡ଼ିଭାଇସ୍ ଅଟେ ?
(କ) ଇନ୍‌ପୁଟ୍ (ଖ) ଆଉଟପୁଟ୍
(ଗ) ପ୍ରୋସେସର (ଘ) ସଫ୍‌ଓ୍ୱାର

୯. 'ବିଟ୍' ଟର୍ମଟି କାହାର ସର୍ଟନାମ ଅଟେ ?
(କ) ମେଗାବାଇଟ୍ (ଖ) ବାଇନାରୀ ଲାଙ୍ଗୁଏଜ୍
(ଗ) ବାଇନାରୀ ଡ଼ିଜିଟ୍ (ଘ) ବାଇନାରୀ ନମ୍ବର

୧୦. ଡ୍ରଇଂ ଟୁଲ୍‌ବାରରେ କେତୋଟି ଡ୍ରଇଂ ଅବ୍‌ଜେକ୍ଟ ଅଛି ?
(କ) ୪ (ଖ) ୫
(ଗ) ୧୦ (ଘ) ୧୨

**ଉତ୍ତର**

୧.(ଗ) ସମ୍ପାଦକ, ୨.(ଗ) ୩୧୪, ୩.(ଗ) ୫ , ୪.(ଖ) ପୌରପାଳିକା, ୫. (ଘ) ଅଧ୍ୟକ୍ଷ, ୬.(କ) ୩୦ ବର୍ଷ, ୭.(କ) ରାଷ୍ଟ୍ରପତି, ୮.(କ) ରାଷ୍ଟ୍ରପତି, ୯.(କ) ଜାନୁୟାରୀ ୧୦, ୧୦. (କ) ୧୯୪୬

୧.(କ) ମନିଟର, ୨.(କ) =, ୩.(ଘ) F5, ୪.(ଖ) D, ୫. (ଖ) ଫାଇଲ୍ ଆଲୋକେସନ୍ ଟେବୁଲ, ୬.(ଖ) ବ୍ରାଉଜର, ୭.(ଘ) Ctrl+S, ୮.(ଖ) ଆଉଟପୁଟ୍, ୯.(ଗ) ବାଇନାରୀ ଡ଼ିଜିଟ୍, ୧୦.(ଗ) ୧୦



ଯେଉଁଲୋକ ନିଜକୁ ଆୟତ୍ତରେ ରଖିପାରିଛି, ସେ ହିଁ ଶକ୍ତିଶାଳୀ ।

## (୧୮) ଗାଣିତିକ ପ୍ରଶ୍ନାବଳୀ

୧. ଏକ ମିଲିମିଟର କେତେ କିଲୋମିଟର ଅଟେ ?
(କ)୧୦$^{-୪}$(ଖ)୧୦$^{୬}$(ଗ)୧୦$^{-୫}$ (ଘ) ୧୦$^{-୬}$

୨. ୯୮୭ରୁ କ୍ରମାନ୍ୱୟରେ ୩କୁ ଫେଡ଼ାଣକରି ଚାଲିଲେ ଶେଷକୁ କେଉଁ ସଂଖ୍ୟା ରହିବ ?
(କ) ୦ (ଖ) ୧ (ଗ) ୨ (ଘ) ୩

୩. ଗୋଟିଏ ଆମ୍ବର ବସ୍ତୁତ୍ୱ ଗୋଟିଏ ସେଓର ବସ୍ତୁତ୍ୱର ୩/୨ ଗୁଣ । ଯଦି ୨ଆମ୍ବର ବସ୍ତୁତ୍ୱ ୯୦୦ ଗ୍ରାମ୍ ହୁଏ, ତେବେ ୩ଟି ସେଓ ଏବଂ ୪ଟି ଆମ୍ବର ବସ୍ତୁତ୍ୱ ମିଶି କେତେ ଗ୍ରାମ୍ ?
(କ) ୨୧୦୦ (ଖ) ୨୫୫୦ (ଗ) ୨୭୦୦ (ଘ) ୩୮୨୫

୪. ଗୋଟିଏ ସମଘନାକାର ଖୋଲାକୁଣ୍ଡର ଭିତର ପାଖର ପ୍ରତ୍ୟେକ ବାହୁର ଦୈର୍ଘ୍ୟ ୨ମି. ହେଲେ ଏଥିରେ ଅତିବେଶୀରେ କେତେ ଲିଟର ପାଣି ଧରିବ ?
(କ) ୪୦୦୦ (ଖ) ୬୦୦୦ (ଗ) ୮୦୦୦ (ଘ) ୧୦,୦୦୦


୫. ନିମ୍ନସ୍ଥ କେଉଁ ଚିତ୍ରରେ କୌଣସି ପ୍ରତିସମ ଅକ୍ଷ ନାହିଁ ?
(କ) ବର୍ଗଚିତ୍ର (ଖ) ଆୟତଚିତ୍ର
(ଗ) ସାମନ୍ତରିକ ଚିତ୍ର (ଘ) ରମ୍ବସ

୬. ବୃତ୍ତଲେଖରେ କେଉଁ ପ୍ରକାରର ଚିତ୍ରଦ୍ୱାରା ତଥ୍ୟଗୁଡ଼ିକୁ ସୂଚିତ କରାଯାଏ ?
(କ) ବୃତ୍ତଖଣ୍ଡ(ଖ) ବୃତ୍ତକଳା (ଗ) ଅର୍ଦ୍ଧବ୍ୟାସ (ଘ) ଜ୍ୟା

୭. ୧୨ମିଟର ଲମ୍ବ, ୨ମିଟର ପ୍ରସ୍ଥ ଏବଂ ୮ମିଟର ଉଚ୍ଚତା ବିଶିଷ୍ଟ ଏକ କୋଠରୀରେ ସର୍ବାଧିକ କେତେ ମିଟର ଲମ୍ବର ଏକ ବାଡ଼ି ରହିପାରିବ ?
(କ) ୧୨ମିଟର(ଖ) ୧୩ମିଟର(ଗ) ୧୭ମିଟର (ଘ) ୨୯ମିଟର

୮. ପୁରୀରୁ କଲିକତା ୫୬୦କି.ମି ଘଣ୍ଟାପ୍ରତି ୭୦କି.ମି ବେଗରେ ଗତି କରୁଥିବା ଗୋଟିଏ ଟ୍ରେନ୍ ପୁରୀରୁ ସକାଳ ୯.୩୦ମିନିଟରେ ଛାଡ଼ିଲା ବାଟରେ ଷ୍ଟେସନରେ ମୋଟ ରହଣିର ଅବଧି ୨ଘ ୨୦ମିନିଟ୍ ହୋଇଥିଲେ ଟ୍ରେନ୍‌ଟି କେତେବେଳେ କଲିକତାରେ ପହଞ୍ଚିଲା ?
(କ) ସକାଳ ୬.୫୦ (ଖ) ସନ୍ଧ୍ୟା ୬.୫୦
(ଗ) ସକାଳ ୭.୫୦ (ଘ) ସନ୍ଧ୍ୟା ୭.୫୦

୯. ଦିଆଯାଇଥିବା ଚିତ୍ର ୧କୁ ନମୁନା ରୂପେ ନେଇ ଚିତ୍ର- ୨ରେ ଥିବା ?ଟି ପୂରଣ କର ।




ଚିତ୍ର-୧ ଚିତ୍ର-୨

(କ) ୧୫ (ଖ) ୨୦ (ଗ) ୨୫ (ଘ) ୩୦

୧୦.ଏକ ସଂଖ୍ୟାର ୫% ର ୫% = ୨ ତେବେ ସଂଖ୍ୟାଟି କେତେ ?
(କ) ୫୦ (ଖ) ୨୫ (ଗ) ୮୦୦ (ଘ) ୮୦

## (୧୯) ସାଧାରଣ ବିଜ୍ଞାନ

୧. ୧ ଗ୍ରାମ୍ ସ୍ନେହସାର ଖାଦ୍ୟରୁ କେତେ କ୍ୟାଲୋରୀ ଶକ୍ତି ମିଳେ ?
(କ) ୩ (ଖ) ୪
(ଗ) ୬ (ଘ) ୯

୨. କେଉଁ ଭିଟାମିନ୍ ଅଭାବରେ ସ୍କର୍ଭି ରୋଗ ହୁଏ ?
(କ) ଭିଟାମିନ୍- ଏ (ଖ) ଭିଟାମିନ୍ - ବି
(ଗ) ଭିଟାମିନ୍ - ଡ଼ି (ଘ) ଭିଟାମିନ୍ - ବି୬

୩. ଧାତୁସାର ଅଭାବରୁ କେଉଁରୋଗ ହୁଏ ?
(କ) ବେରିବେରି (ଖ) ଗଳଗଣ୍ଡ
(ଗ) ସ୍କର୍ଭି (ଘ) ମାରାସ୍‌ମସ୍

୪. କେଉଁଟି ଜୀବାଣୁ ଜନିତ ରୋଗ ?
(କ) ହାଡ଼ଫୁଟି (ଖ) ବସନ୍ତ
(ଗ) ପୋଲିଓ (ଘ) ହଇଜା

୫. କେଉଁଟି ମଣିଷ ଶରୀରର ବୃହତ୍ ଅନ୍ତଃଅଙ୍ଗ ?
(କ) ପାକସ୍ଥଳୀ (ଖ) ବୃକକ୍
(ଗ) ହୃତପିଣ୍ଡ (ଘ) ଯକୃତ

୬. କେଉଁଟି ବାୟୁକୁ ନିର୍ମଳ ରଖିଥାଏ ?
(କ) ପ୍ରାଣୀ (ଖ) କୃଷିକାର୍ଯ୍ୟ
(ଗ) ଉଦ୍ଭିଦ (ଘ) କଳକାରଖାନା

୭. ରକ୍ତରେ କ୍ୟାଲସିୟମର ଅଭାବ ହେଲେ କେଉଁ ରୋଗ ହୋଇଥାଏ ?
(କ) ଟିଟାନି (ଖ) ସ୍କର୍ଭି
(ଗ) ରିକେଟସ୍ (ଘ) ଆନିମିଆ

୮. ଶରୀର ଓଜନର କେତେ ପ୍ରତିଶତ ଜଳ ଅଟେ ?
(କ) ୫୦-୬୦ (ଖ) ୬୦-୭୦
(ଗ) ୬୦-୭୫ (ଘ) ୬୦-୮୦

୯. ରକ୍ତ ତିଆରି ଓ ନୂତନ ଜୀବକୋଷ ନିର୍ମାଣ ପାଇଁ କେଉଁ ଭିଟାମିନ୍‌ର ଆବଶ୍ୟକତା ଅଛି ?
(କ) ବି୬ (ଖ) ବାୟୋଟିନ୍
(ଗ) ନିଆସିନ୍ (ଘ) ଫଲିକ୍ ଏସିଡ଼୍

୧୦. କେଉଁ ଭିଟାମିନ୍ ଉଦ୍ଭିଦଜାତ ଖାଦ୍ୟରୁ ମିଳେନାହିଁ ?
(କ) ଏ (ଖ) ବି
(ଗ) ସି (ଘ) ଡ଼ି

### ଉତ୍ତର

୧.(ଘ) ୧୦$^{-୬}$ ,୨.(କ) ୦, ୩.(ଗ) ୨୭୦୦, ୪.(ଗ) ୮୦୦୦, ୫.(ଗ) ସାମନ୍ତରିକ ଚିତ୍ର ,୬.(ଖ) ବୃତ୍ତକଳା , ୭.(ଗ) ୧୭ମିଟର , ୮.(ଘ) ସନ୍ଧ୍ୟା ୭.୫୦, ୯.(ଘ) ୩୦, ୧୦.(ଗ) ୮୦୦

୧.(ଘ) ୯ ,୨.(ଖ) ଭିଟାମିନ୍ - ବି, ୩.(ଖ) ଗଳଗଣ୍ଡ, ୪.(ଘ) ହଇଜା, ୫.(ଘ) ଯକୃତ, ୬.,୭.(କ) ଟିଟାନି,୮.(ଗ) ୬୦-୭୫,୯.(ଘ) ଫଲିକ୍ ଏସିଡ଼୍,୧୦. (ଘ) ଡ଼ି



ଯେଉଁ ଲୋକ ଖୁସି ମନରେ ଥାଏ ସେ ନିଶ୍ଚୟ ଦୀର୍ଘାୟୁ ହେବ ।

## (୨୦) ଜିଲ୍ଲା

୧. ଜିଲ୍ଲାର ନାମ - ମାଲକାନାଗିରି
୨. ଗଠନ - ୨ ଅକ୍ଟୋବର, ୧୯୯୨
୩. କ୍ଷେତ୍ରଫଳ - ୫୭୯୧ବର୍ଗ.କି.ମି
୪. ଜନସଂଖ୍ୟା - ୬୧୨୭୨୭
(କ) ପୁରୁଷ - ୩୦୩୯୧୩
(ଖ) ମହିଳା - ୩୦୮୮୧୪
୫. ଉପଖଣ୍ଡ - ୧
୬. ତହସିଲ - ୭
୭. ପଞ୍ଚାୟତ ସମିତି କାର୍ଯ୍ୟାଳୟ (ବ୍ଲକ୍) - ୭
୮. ଗ୍ରାମ ପଞ୍ଚାୟତ - ୧୦୮
୯. ଗ୍ରାମ - ୧୦୫୫
୧୦. ଥାନା - ୧୨
୧୧. ପୌରସଂସ୍ଥା(ମ୍ୟୁନିସିପାଲିଟି) - ୧
୧୨. ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) -
୧୩. ବିଧାନ ସଭା ନିର୍ବାଚନ ମଣ୍ଡଳୀ - ୨
୧୪୬. ମାଲକାନାଗିରି(ST), ୧୪୭. ଚିତ୍ରକୋଣ୍ଡା(ST)
୧୪. ଶିଶୁ ଜନସଂଖ୍ୟା(୦-୬ ବର୍ଷ) - ୧୦୫୬୩୬(୯୭୯)
୧୫. ସାକ୍ଷରତା ହାର - ୪୯.୪୯%
୧୬. ପୁରୁଷ ସାକ୍ଷରତା ହାର - ୬୦.୨୯%
୧୭. ମହିଳା ସାକ୍ଷରତା ହାର - ୩୮.୯୫%
୧୮. ଜନସଂଖ୍ୟା ବୃଦ୍ଧି ହାର - ୨୧.୫୩%
୧୯. ଜନସଂଖ୍ୟା ଘନତ୍ୱ - ୧୦୬/ବର୍ଗ କି.ମି
୨୦. ୧୦୦୦ପୁରୁଷରେ ମହିଳା ସଂଖ୍ୟା - ୧୦୧୬
୨୧. ରାଜସ୍ୱ ନିରୀକ୍ଷକ ମଣ୍ଡଳ - ୨୨
୨୨. ନିଆଁଲିଭା କେନ୍ଦ୍ର - ୩
୨୩. ଲୋକସଭା ଆସନ ସଂଖ୍ୟା - ୧(ନବରଙ୍ଗପୁର)
୨୪. ଜଙ୍ଗଲ ଜମି - ୩୩୫୫.୮୮ ବର୍ଗ କି.ମି
୨୫. ହାରାହାରି ତାପମାତ୍ରା - ସର୍ବନିମ୍ନ ୧୨.୦°- ସର୍ବୋଚ୍ଚ ୪୭.୦°
୨୬. ସାଧାରଣ ବୃଷ୍ଟିପାତ - ୧୬୬୭.୬୨ ମି.ମି.
୨୭. ମୋଟର ଯାନ ପଞ୍ଜିକୃତ କୋଡ଼ - ଓ.ଡି. ୩୦
୨୮. ପର୍ଯ୍ୟଟନସ୍ଥଳୀ - ବାଲିମେଳା, ଚିତ୍ରକୋଣ୍ଡା, ମୋଟୁ, ରାଜାରାଣୀ ବନ୍ଧ, ସାତିଗୁଡ଼ା

## ପର୍ବପର୍ବାଣୀ

### ନଭେମ୍ବର,୨୦୨୧

| | ସୂର୍ଯ୍ୟୋଦୟ | ସୂର୍ଯ୍ୟାସ୍ତ |
|---|---|---|
| ତା.୧ | ଘ୫/୫୨ | ଘ୫/୦୯ |
| ତା.୧୦ | ଘ୫/୫୬ | ଘ୫/୦୫ |
| ତା.୨୦ | ଘ୬/୦୨ | ଘ୫/୦୩ |
| ତା.୩୦ | ଘ୬/୦୭ | ଘ୫/୦୨ |

ତା.୧ ରମା ଏକାଦଶୀ, ଉପବାସ, ଗୋବତ୍ସା ଦ୍ୱାଦଶୀ ଓ ହ.ନି
ତା.୩ ଧନ୍ୱନ୍ତରୀ ଜୟନ୍ତୀ, ନରକ ଚତୁର୍ଦ୍ଦଶୀ,ଶିବ ଚତୁର୍ଦ୍ଦଶୀ ଓ ବେଢ଼ା
ତା.୪ ଅମାବାସ୍ୟା, ଶ୍ୟାମାକାଳୀ ପୂଜା, ଦୀପାବଳୀ, ପୟାଶ୍ରାଦ୍ଧ, ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହଳ ନିଷେଧ
ତା.୫ ଗୋବର୍ଦ୍ଧନ ପୂଜା
ତା.୬ ଭ୍ରାତୃ ଦ୍ୱିତୀୟା ଓ ଚନ୍ଦ୍ର ଦର୍ଶନ
ତା.୮ ନାଗ ଚତୁର୍ଥୀ
ତା.୯ ଶରଣ ଆରମ୍ଭ
ତା.୧୧ ଗୋଷ୍ଠାଷ୍ଟମୀ ଓ ଷୋଳଶାସନ ଅମୃତ ମଣୋହି ଭୋଗ
ତା.୧୨ ଅଁଳା ନବମୀ, ଜଗଦ୍ଧାତ୍ରୀ ପୂଜା ଓ ଶ୍ରୀ ରାଧାଙ୍କ ପାଦଦର୍ଶନ
ତା.୧୩ ଶରଦ୍ୱାସା ଆରମ୍ଭ
ତା.୧୪ ଶିଶୁ ଦିବସ,ଜବାହାରଲାଲ ନେହେରୁଙ୍କ ଜୟନ୍ତୀ ଓ ଶରଣ ଶେଷ
ତା.୧୫ ଶ୍ରୀଜିଉଙ୍କର ନାଗାର୍ଜୁନ ବେଶ, ଦେବୁ୍ୟତ୍ଥାପନ (ବଡ଼) ଏକାଦଶୀ, ଭୀଷ୍ମ ପଞ୍ଚକ ବ୍ରତ, ହଳ ନିଷେଧ ଓ ମାସାନ୍ତ
ତା.୧୬ ବିଛା ସଂକ୍ରାନ୍ତି, କାର୍ତ୍ତିକେୟ ପୂଜା, ଗରୁଡ଼ ଦ୍ୱାଦଶୀ, ତୁଳସୀ ବିବାହ ଓ ହ.ନି
ତା.୧୭ ବଡ଼ଓଷା, ଶିବଉତ୍ଥାପନ, ବୈକୁଣ୍ଠ ଚତୁର୍ଦ୍ଦଶୀ ଓ ଗ୍ୟାରୁଁସରିଫ୍
ତା.୧୮ କେଦାର ବ୍ରତ ଓ ପୂର୍ଣ୍ଣିମାର ଚନ୍ଦ୍ରପୂଜା
ତା.୧୯ ରାସ ପୂର୍ଣ୍ଣିମା, ବାଲିଯାତ୍ରା ଓ କାର୍ତ୍ତିକେଶ୍ୱର ପୂଜା
ତା.୨୦ ଛାଡ଼ଖାଇ ଓ ରୋହିଣୀ ପ୍ରତିପଦ ସ୍ନାନ
ତା.୨୪ ସୀତା ବିବାହ ଓ ଶ୍ରୀକ୍ଷେତ୍ରେ ପରିକ୍ରମା
ତା.୨୫ ମାର୍ଗଶୀର ଗୁରୁବାର ଓଷା
ତା.୨୭ ପ୍ରଥମାଷ୍ଟମୀ
ତା.୨୮ କାଞ୍ଜିଅଁଳା ନବମୀ
ତା.୩୦ ଉତ୍ପନ୍ନା ଏକାଦଶୀ ଓ ହଳ ନିଷେଧ

**ବିବାହ : ତା. ୧/୨୬/୨୯/୩୦ ରିଖ**

### ଡିସେମ୍ବର,୨୦୨୧

| | ସୂର୍ଯ୍ୟୋଦୟ | ସୂର୍ଯ୍ୟାସ୍ତ |
|---|---|---|
| ତା.୧ | ଘ୬/୦୮ | ଘ୫/୦୨ |
| ତା.୧୦ | ଘ୬/୧୩ | ଘ୫/୦୪ |
| ତା.୨୦ | ଘ୬/୧୯ | ଘ୫/୦୮ |
| ତା.୩୧ | ଘ୬/୨୫ | ଘ୫/୧୪ |

ତା.୨ ମାଣବସା ଗୁରୁବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା
ତା.୩ ଚନ୍ଦ୍ରକ୍ଷୟ, ନିଶିପାଳନ, ଦେବ ଦୀପାବଳୀ ଆରମ୍ଭ ଓ ହଳ ନିଷେଧ
ତା.୪ ମହୋଦଧି ଅମାବାସ୍ୟା,ମଧ୍ୟ ଦେବ ଦୀପାବଳୀ ଓ ହଳ ନିଷେଧ
ତା.୫ ଦେବ ଦୀପାବଳୀ ସମାପ୍ତି ଓ ଚନ୍ଦ୍ର ଦର୍ଶନ
ତା.୬ ରମ୍ଭା ତୃତୀୟା
ତା.୭ ଶରଣ ଆରମ୍ଭ
ତା.୮ କୁରାଳ ପଞ୍ଚମୀ
ତା.୯ ଓଢ଼ଣ ପ୍ରାବରଣ ଷଷ୍ଠୀ
ତା.୧୧ ଶରଣ ଶେଷ
ତା.୧୪ ମୋକ୍ଷଦା ଏକାଦଶୀ ଓ ହ.ନି
ତା.୧୫ ବ୍ୟଞ୍ଜନ ଦ୍ୱାଦଶୀ ଓ ମାସାନ୍ତ
ତା.୧୬ ଧନୁ ସଂକ୍ରାନ୍ତି, ପହିଲି ଭୋଗ, ମାଣବସା ଶେଷ ଗୁରୁବାର, ଲକ୍ଷ୍ମୀ ନାରାୟଣ ପୂଜା, ଅନଙ୍ଗ ତ୍ରୟୋଦଶୀ ଓ ଗୀତା ଜୟନ୍ତୀ
ତା.୧୭ ପାଷାଣ ଚତୁର୍ଦ୍ଦଶୀ, ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ପରିକ୍ରମା
ତା.୧୮ ପଣ୍ଡୁ ଓଷା ଓ ପୂର୍ଣ୍ଣିମାର ଚନ୍ଦ୍ରପୂଜା
ତା.୧୯ ପଣ୍ଡୁ ପୂର୍ଣ୍ଣିମା
ତା.୨୦ ଦାଣ୍ଡ ପହଁରା ଓ ବାଟଓଷା
ତା.୨୫ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ (ବଡ଼ଦିନ)
ତା.୨୭ ସାମନ୍ତ ଚନ୍ଦ୍ରଶେଖରଙ୍କ ଜୟନ୍ତୀ
ତା.୩୦ ସଫଳା ଏକାଦଶୀ ଓ ହ.ନି
ତା.୩୧ ବର୍ଷ ଶେଷ

**ବିବାହ : ତା. ୧୨/୧୩/୧୪ ରିଖ**

## ବିଭିନ୍ନ ଦିବସ ପାଳନ

୧. ବିଶ୍ୱ କର୍କଟ ସଚେତନା ଦିବସ
୭. ନବଜାତ ଶିଶୁ ସୁରକ୍ଷା ଦିବସ
୯. ଲିଗାଲ ସର୍ଭିସ ଦିବସ
୧୦. ପରିବହନ ଦିବସ
୧୧. ଜାତୀୟ ଶିକ୍ଷା ଦିବସ
୧୨. ରାଷ୍ଟ୍ରୀୟ ପକ୍ଷୀ ଦିବସ
୧୪. ଶିଶୁ ଦିବସ, ବିଶ୍ୱ ମଧୁମେହ ଦିବସ, ଆନ୍ତର୍ଜାତୀକ ସହନଶୀଳତା ଦିବସ
୧୫. ବିର୍ସାମୁଣ୍ଡା ଜନ୍ମ ଦିବସ
୧୬. ଜାତୀୟ ପ୍ରେସ ଦିବସ
୧୭. ଗୁରୁ ନାନକ ଜନ୍ମ ଦିବସ ଆନ୍ତର୍ଜାତୀକ ଛାତ୍ର ଦିବସ
୧୯. ବିଶ୍ୱ ଶୌଚାଳୟ ଦିବସ
୨୦. ସାର୍ବଜନୀନ ଶିଶୁ ଦିବସ
୨୧. ବିଶ୍ୱ ଦୂରଦର୍ଶନ ଦିବସ, ହରେକୃଷ୍ଣ ମହତାବଙ୍କ ଜନ୍ମ ଦିବସ
୨୨. ଶହୀଦ ଲକ୍ଷ୍ମଣ ନାୟକ ଜନ୍ମ ଦିବସ
୨୩. ନବକୃଷ୍ଣ ଚୌଧୁରୀଙ୍କ ଜନ୍ମ ଦିବସ
୨୬. ଆଇନ ଦିବସ ୩୦.ପତକା ଦିବସ
୩୦. ପତାକା ଦିବସ, କଂପୁଟର ନିରାପତ୍ତା ଦିବସ

ତା୧ - ବିଶ୍ୱ ଏଡ଼ସ ଦିବସ
ତା୨ - ମହମ୍ମଦଙ୍କ ଜନ୍ମ ଦିବସ
ତା୩ - ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ
ତା୪ - ନୌବାହିନୀ ଦିବସ
ତା୫ - ଆନ୍ତର୍ଜାତୀକ ସ୍ୱେଛାସେବୀ ଦିବସ
ତା୭ - ପଦାତିକ ବାହିନୀ ପତାକା ଦିବସ
ତା୧୦ - ସାମନ୍ତ ଚନ୍ଦ୍ରଶେଖରଙ୍କ ଜୟନ୍ତୀ
ତା୧୦ - ବିଶ୍ୱ ମାନବାଧିକାର ଦିବସ
ତା୧୧ - ୟୁନିସେଫ୍ ଦିବସ
ତା୧୩ - ମହାପୁରୁଷ ମହମ୍ମଦଙ୍କ ଜନ୍ମ ଦିବସ
ତା୧୪ - ଜାତୀୟ ଶକ୍ତି ସଂରକ୍ଷଣ ଦିବସ
ତା୧୯ - ପଠାଣୀ ସାମନ୍ତ ଚନ୍ଦ୍ରଶେଖରଙ୍କ ଜୟନ୍ତୀ
ତା୧୭ - ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଜୟନ୍ତୀ
ତା୧୯ - ଗୋଆ ମୁକ୍ତି ଦିବସ
ତା୨୩ - କୃଷକ ଦିବସ
ତା୨୫ - ବଡ଼ ଦିନ (ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ)
ତା୨୬ - ମୁଷ୍ଟି ଯୁଦ୍ଧ ଦିବସ



ନିଜପାଇଁ କାମ କରିବାଟା ପ୍ରକୃତିର ନିୟମ ଏବଂ ପରପାଇଁ କାମ କରିବାଟା ଭଗବାନଙ୍କ ଆଶୀର୍ବାଦ।

# ଶିକ୍ଷାରେ ଡକ୍ଟରେଟ୍ ଉପାଧି



ରାୟଗଡ଼ ଜିଲ୍ଲାର ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷା ଅଧ୍ୟାପକ ଭାବେ କାର୍ଯ୍ୟରତ ଶ୍ରୀ ଭବାନୀ ଶଙ୍କର ଦାଶ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଶିକ୍ଷା ଶାସ୍ତ୍ରରେ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରାପ୍ତ ହୋଇଛନ୍ତି। ସେ ଅବସରପ୍ରାପ୍ତ ପ୍ରଫେସର (ଡକ୍ଟର) ଭାଗ୍ୟଶ୍ରୀ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "A study of Elementary Education Programme operated Under Sarva Shikshya Abhiyan in Rayagada District" ଶୀର୍ଷକ ଏକ ଗବେଷଣାତ୍ମକ ନିବନ୍ଧ ରଚନା କରି ଏହି ସର୍ବୋଚ୍ଚ ଉପାଧି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉକ୍ତ ସନ୍ଦର୍ଭଟି ପୂର୍ବତନ ପ୍ରଫେସର (ଡକ୍ଟର) ବିଣା ଦେଶମୁଖ, Sndt ମହିଳା ବିଶ୍ୱବିଦ୍ୟାଳୟ, ମୁମ୍ବାଇ ଓ ପୂର୍ବତନ ପ୍ରଫେସର (ଡକ୍ଟର) ସନ୍ତୋଷ କୁମାର ପଣ୍ଡା, IGNOU ନୂଆ ଦିଲ୍ଲୀଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଡକ୍ଟର ଦାଶ, ପୁରୀ ଜିଲ୍ଲାର କଣାସ ବ୍ଲକର ତ୍ରିଲୋଚନପୁର ଗ୍ରାମ ନିବାସୀ ଶ୍ରୀଯୁକ୍ତ କନ୍ଦର୍ପ ଦାଶ ଓ ଶ୍ରୀମତୀ ମମତା ଦାଶଙ୍କ ପୁତ୍ର ଓ ରାୟଗଡ଼ା ନିବାସୀ ପୂର୍ବତନ CDVO ଡାକ୍ତର ସୂର୍ଯ୍ୟନାରାୟଣ ତ୍ରିପାଠୀ ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶ୍ରୀମତୀ ସୁଜାତା ଦେବୀଙ୍କ ଜାମାତା। ତାଙ୍କର ଏହି ସଫଳତା ପାଇଁ ସେ ଡକ୍ଟର ପ୍ରମୋଦ ଚନ୍ଦ୍ର ଦାଶ, ପ୍ରଫେସର ଲକ୍ଷ୍ମୀଧର ବେହେରା, ଡକ୍ଟର ଅଜୟ କୁମାର ପ୍ରୁଷ୍ଟି, ପରିବାର ବର୍ଗ ତଥା ସହଧର୍ମିଣୀ ଶ୍ରୀମତୀ ଶାଶ୍ୱତୀ ତ୍ରିପାଠୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।


**AMARISATYA YouTube CHANNEL**

( PLEASE SUBSCRIBE / LIKE / SHARE)




















Valume- 12 I Issue No. - 5 I Monthly I November - 2021 I RNI Regn. No. ODI/ODI/2010250521 I Page-52

# ଦୀପାବଳିରେ ବନ୍ଧୁ ମିଳନ





Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post-P.N. College, Dist-Khordha, Printed at - Webline, D2/19, Mancheswar Industrial Estate, BBSR-10, Published From - "AMARISATYA", Mukunda Prasad Housing Board Colony, Post-P.N. College, Dist-Khordha, Pin-752057
Editor : Dr. Prasanna Kumar Jena
Founder : Dr. Pramod Chandra Dash